ବର୍ଷ-୫୧ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୧ ଫେବ୍ରୁଆରୀ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଶାରୀରିକ ଶ୍ରମ | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୮୬) | | | | |
| ଏକ ଆଦେଶ : ‘‘ସୁପରିଚିତ କଣ୍ଠସ୍ୱରରୁ’’ | ... | ମନୋଜ ଦାସ | ... | ୭ |
| ତୁମେ ତ କଲ୍ୟାଣମୟୀ (କବିତା) | ... | ଗଣେଶ ପ୍ରସାଦ କର ଶର୍ମା | ... | ୧୦ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| (ଊନବିଂଶ ଅଧ୍ୟାୟ) | | | | |
| ସମତା | ... | ଶେଖ ଅବଦୁଲ କାଶମ | ... | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୪) | ... | ... | ... | ୧୭ |
| ଲାଜକୁଳିଲତା | ... | ମନୋଜ ଦାସ | ... | ୨୨ |
| ମୁଁ ଖାଲି ତୁମର (କବିତା) | ... | ଜ୍ୟୋତ୍ସ୍ନାରାଣୀ ଦାଶ | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୩୯) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୫ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୭) | ... | ସାହାନା ଦେବୀ | ... | ୨୮ |
| ଘେନ ମୋ ପ୍ରଣାମ (କବିତା) | ... | ଗୋପାଳକୃଷ୍ଣ ପଟ୍ଟନାୟକ | ... | ୨୯ |
| ଭାବନାହିଁ ଭବିଷ୍ୟତ୍ | ... | ସୁଧିରାଜ ରାଉତ | ... | ୩୦ |
| ଯୋଗାନନ୍ଦ (୧୩) | ... | ... | ... | ୩୨ |
| ଭଗବାନଙ୍କୁ ଡାକ | ... | ସୁଶ୍ରୁତ | ... | ୩୫ |
| ଆମ ଶରୀର (୨୫) | ... | ଭୋଳେଶ୍ୱର ଭୂୟାଁ | ... | ୩୬ |
| ତୋତ୍ତୋ-ଚାନ୍ (୨୦) | ... | ତେତ୍ସୁକୋ କୁରୋୟାନାଗି | ... | ୪୦ |
| ଗୋଲାପ ବଗିଚାର ମାଳୀ | ... | ଦୌଲତ ପାଣ୍ଡେ | ... | ୪୪ |
| ସର୍ବରୂପମୟୀ ଦେବୀ (୩) | ... | କୁମାର ଚନ୍ଦ୍ର ମିଶ୍ର | ... | ୪୮ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୨ |
| ଯେଉଁ ପନ୍ଥା ଯନ୍ତ୍ରଣାରୁ ମୁକ୍ତି ଦିଏନା, | | | | |
| ବରଣ କରେ ଅଧିକ ଯନ୍ତ୍ରଣା | ... | ମନୋଜ ଦାସ | ... | ୫୫ |


❖

# ପ୍ରାର୍ଥନା

ହେ ପ୍ରଭୁ, ମୋର ଏକମାତ୍ର ଅଭୀପ୍ସା ହେଲା ତୁମକୁ ଜାଣିବା ଏବଂ ପ୍ରତ୍ୟହ ତୁମର ଅଧିକରୁ ଅଧିକ ସେବା କରିବା । ବାହାର ପରିସ୍ଥିତିସବୁରେ କ'ଣ ଯାଏ ଆସେ ? ପ୍ରତିଦିନ ସେମାନେ ମୋତେ ଅଧିକରୁ ଅଧିକ ବୃଥା ଏବଂ ପ୍ରପଞ୍ଚମୟ ମନେ ହୁଅନ୍ତି, ଏବଂ ବହିର୍ଜୀବନରେ ଆମ ପାଇଁ କ'ଣ ଘଟିବାକୁ ଯାଉଛି ସେଥିରେ ମୁଁ କ୍ରମାଗତ କମ୍ ଆଗ୍ରହ ଅନୁଭବ କରେ । କିନ୍ତୁ ମୁଁ ଅଧିକରୁ ଅଧିକ ତୀବ୍ରଭାବରେ ଆଗ୍ରହୀ ସେହି ଗୋଟିଏ ମାତ୍ର ବିଷୟରେ ଯାହା ମୋତେ ଗୁରୁତ୍ୱପୂର୍ଣ୍ଣ ମନେହୁଏ : ଅଧିକ ଉତ୍ତମ ରୂପେ ତୁମ ସେବା କରିବା ନିମନ୍ତେ ତୁମକୁ ଅଧିକ ଉତ୍ତମ ରୂପେ ଜାଣିବା । ଯାବତୀୟ ବହିର୍ବ୍ୟାପାର ଏହି ଲକ୍ଷ୍ୟ ଉପରେ ଏବଂ କେବଳ ମାତ୍ର ଏହି ଲକ୍ଷ୍ୟ ଉପରେ କେନ୍ଦ୍ରୀଭୂତ ହେବା ଚାହି; ଏବଂ ସେଥି ସକାଶେ ସେସବୁ ପ୍ରତି ଆମ ମନୋଭାବ କ'ଣ ତାହାରି ଉପରେ ସବୁ ନିର୍ଭର କରେ । ସର୍ବଦା ସବୁଥିରେ ତୁମକୁ ଖୋଜିବା, ପ୍ରତି ପରିସ୍ଥିତିରେ ତୁମକୁ ସର୍ବଦା ଅଧିକ ଉତ୍ତମ ରୂପେ ପ୍ରତିଭାତ କରିବାକୁ ଚେଷ୍ଟା କରିବା, ଏହି ମନୋଭାବରେ ନିହିତ ପରମ ଶାନ୍ତି, ପୂର୍ଣ୍ଣ ସଂହତ ସୌମନସ୍ୟ, ପ୍ରକୃତ ତୃପ୍ତି । ଏହିଥିରେ ଜୀବନ ହୁଏ ପ୍ରସ୍ଫୁଟିତ, ପ୍ରଶସ୍ତ, ଏମନ୍ତ ଗରିମାମୟ ତରଙ୍ଗ ଏମିତି ବୈଭବଦୀପ୍ତ ଭାବେ ପ୍ରସାରିତ ହୁଏ ଯେ ଝଞ୍ଜା ତେଣିକି ତାକୁ କରି ପାରେନା ବିକ୍ଷୁବ୍ଧ ।

ହେ ପ୍ରଭୁ, ତୁମେହିଁ ଆମର ସୁରକ୍ଷା ବର୍ମ, ଆମର ଏକମାତ୍ର ସୁଖ, ତୁମେହିଁ ଆମର ପ୍ରଜ୍ଜ୍ୱଳ ଆଲୋକ, ଆମର ବିଶୁଦ୍ଧ ପ୍ରେମ, ଆମର ଆଶା ଏବଂ ଆମର ଶକ୍ତି । ତୁମେହିଁ ଆମ ଜୀବନ, ଆମ ସତ୍ତାର ବାସ୍ତବତା !

ଏକ ଶ୍ରଦ୍ଧାପ୍ଲୁତ ଏବଂ ସାନନ୍ଦ ପୂଜାୟନ ସହକାରେ ମୁଁ ତୁମକୁ କରେ ପ୍ରଣାମ ।

ମାର୍ଚ୍ଚ ୧୨, ୧୯୧୪ — ଶ୍ରୀମା



## ୨୧ ଫେବ୍ରୁଆରୀ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

When you have nothing to do, you become restless, you run about, you meet friends, you take a walk, to speak only of the best; I am not referring to things that are obviously not to be done. Instead of that, sit down quietly before the sky, before the sea or under trees, whatever is possible ... and try to realise one of these things – to understand why you live, to learn how you must live, to ponder over what you want to do and what should be done, what is the best way of escaping from the ignorance and falsehood and pain in which you live.

– The Mother

ଯେତେବେଳେ ତୁମର କିଛି କାମ ନଥାଏ, ସେତେବେଳେ ତୁମେ ଅସ୍ଥିର ହୁଅ, ଏଣେତେଣେ ଯାଅ, ମିତ୍ରବର୍ଗଙ୍କୁ ଭେଟ, କୁଆଡ଼େ ବୁଲିବାକୁ ଯାଅ – ସବୁଠୁଁ ଭଲ ଯେତିକି ଯାହା କର ସେହି କଥା କୁହାଯାଉଛି । ଯାହାସବୁ କରିବା କଥା ନୁହେଁ ବୋଲି ସ୍ୱଭାବତଃ ଜଣା, ମୁଁ ସେସବୁର ଉଲ୍ଲେଖ କରୁ ନାହିଁ । ଏମିତି ନ କରି ଶାନ୍ତ ଭାବେ ବସି ରୁହ ଆକାଶକୁ ସାମନା କରି, ସମୁଦ୍ର ଆଗରେ ଅଥବା ତରୁଶ୍ରେଣୀ ତଳେ – ଯାହା ବି ସମ୍ଭବ... ଏବଂ ଏହିସବୁରୁ କୌଣସି ଗୋଟିଏ ଉପଲବ୍ଧି କରିବାକୁ ଚେଷ୍ଟା କର – ତୁମେ କାହିଁକି ଜୀବନ ଧାରଣ କରିଛ ତାହା ବୁଝିବାକୁ, କେମିତି ଜୀବନ ଯାପନ କରିବ ତାହା ଶିଖିବାକୁ, ତୁମେ କ'ଣ କରିବାକୁ ଚାହ ଏବଂ କ'ଣ କରାଯିବା ଉଚିତ, ଯେଉଁ ଅଜ୍ଞାନ ଓ ମିଥ୍ୟା ଏବଂ ଯନ୍ତ୍ରଣା ଭିତରେ ତୁମେ ଜୀବନ ଯାପନ କରୁଛ ସେଥିରୁ ନିଷ୍କୃତିର ସବୁଠାରୁ ଉତ୍ତମ ମାର୍ଗ କ'ଣ, ତାହା ପ୍ରଣିଧାନ କରିବାକୁ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

**(୯୩)**

## ଶ୍ରୀଅରବିନ୍ଦ

There in the stark identity lost by mind
He felt the sealed sense of the insensible world
And a mute wisdom in the unknowing Night.

ମନ ଯେଉଁଠାରେ ହରାଇ ବସିଥିଲା ତା'ର ଏକାନ୍ତ ସ୍ୱରୂପ ସେଠାରେ ସେ ଅନୁଭବ କଲେ ଅବବୋଧରହିତ ଜଗତର ଅବରୁଦ୍ଧ ବୋଧଶକ୍ତି ତଥା ଜ୍ଞାନହରା ରାତ୍ରି ଭିତରେ ଏକ ନିର୍ବାକ୍ ପ୍ରଜ୍ଞା ।

Into the abysmal secrecy he came
Where darkness peers from her mattress, grey and nude,
And stood on the last locked subconscient's floor
Where Being slept unconscious of its thoughts
And built the world not knowing what it built.

ସେ ଆସି ଉପନୀତ ହେଲେ ଅତଳ ଗୋପନୀୟତାର ଅଭ୍ୟନ୍ତରରେ ଯେଉଁଠି ଧୂସର ଓ ନଗ୍ନ ତମିସ୍ରା ତା'ର ଶଯ୍ୟା ଉପରୁ କଷ୍ଟକରି ଚାହୁଁଥିଲା, ଏବଂ ଦଣ୍ଡାୟମାନ ହେଲେ କୋଳପବଦ୍ଧ ଅବଚେତନାର ସର୍ବଶେଷ ତଳ ଦେଶରେ ଯେଉଁଠି ସତ୍‌ପୁରୁଷ ଆପଣାର ଚିନ୍ତାରାଜି ବିଷୟରେ ଅଚେତନ ରହି ନିଦ୍ରାମଗ୍ନ ହୋଇ ଯାଇଥିଲେ ଏବଂ କ'ଣ ସେ କରୁଛନ୍ତି ସେ କଥା ନ ଜାଣି ଜଗତ୍ ଗଠନ କରୁଥିଲେ ।

There waiting its hour the future lay unknown,
There is the record of the vanished stars.

ସେଠାରେ ଅଜ୍ଞାତ ଭାବରେ ଆପଣାର ମୁହୂର୍ତ୍ତକୁ ଅପେକ୍ଷା କରି ପଡ଼ି ରହିଥିଲା ଭବିଷ୍ୟତ୍ । ସେହିଠାରେ ହିଁ ଲିପିବଦ୍ଧ ହୋଇ ରହିଛି ବିଲୁପ୍ତ ତାରକାପୁଞ୍ଜର ଇତିହାସ ।

There in the slumber of the cosmic Will
He saw the secret key of Nature's change.

ସେଠାରେ ବିଶ୍ୱ-ସଂକଳ୍ପର ସୁପ୍ତି ଭିତରେ ସେ ଦେଖିବାକୁ ପାଇଲେ ପ୍ରକୃତି ପରିବର୍ତ୍ତନର ଗୁପ୍ତ କୁଞ୍ଚିକା ।

A light was with him, an invisible hand
Was laid upon the error and the pain
Till it became a quivering ecstasy,
The shock of sweetness of an arm's embrace.

ତାଙ୍କ ସହିତ ରହିଥିଲା ଏକ ଜ୍ୟୋତିଃ, ବିଭ୍ରାନ୍ତି ଓ ବେଦନା ଉପରେ ସେ-ଯାବତ୍ ସ୍ଥାପିତ ହୋଇଥିଲା ଏକ ଅଦୃଶ୍ୟ ହସ୍ତ ଯେ-ଯାବତ୍ ତାହା ଏକ ଶିହରିତ ଉଲ୍ଲାସରେ, ଏକ ନିବିଡ଼ ବାହୁ-ଆଲିଙ୍ଗନର ତୀବ୍ର ମଧୁର ପୁଲକରେ ପରିଣତ ନ ହୋଇଛି ।

He saw in Night the Eternal's shadowy veil,
Knew death for a cellar of the house of life,
In destruction felt creation's hasty pace,
Knew loss as the price of a celestial gain
And hell as a short cut to heaven's gates.

ରାତ୍ରି ମଧ୍ୟରେ ସେ ଦେଖିଲେ ଶାଶ୍ୱତଙ୍କର ଛାୟାମୟ ଅବଗୁଣ୍ଠନ, ମୃତ୍ୟୁକୁ ସେ ଜୀବନ ନିଳୟର ଏକ ଭୂଗର୍ଭ କୋଠରୀ ବୋଲି ଜାଣିଲେ, ଧ୍ୱଂସ ମଧ୍ୟରେ ସୃଷ୍ଟିର ତ୍ୱରିତ ଗତିବେଗକୁ ଅନୁଭବ କଲେ, କ୍ଷତିକୁ ସ୍ୱର୍ଗୀୟ ଲାଭର ମୂଲ୍ୟ ରୂପେ ଏବଂ ନରକକୁ ସ୍ୱର୍ଗ-ତୋରଣସକଳର ଏକ ସଂକ୍ଷିପ୍ତତମ ପଥ ବୋଲି ଅବହିତ ହେଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଶାରୀରିକ ଶ୍ରମ

## ଶ୍ରୀମା

### ବିନା କର୍ମରେ ଧ୍ୟାନ

ଯଦି ତୁମେ କୌଣସି କର୍ମ ନ କରି, କେବଳ ଧ୍ୟାନ-ଧାରଣାରେ ନିବିଷ୍ଟ ହୋଇ ରୁହ, ତା'ହେଲେ ତୁମେ ଅଗ୍ରଗତି କରୁଛ କି ନାହିଁ, ତାହା ଆଦୌ ଜାଣିପାରିବ ନାହିଁ । ତୁମେ ଗୋଟିଏ ଭ୍ରମ ଧାରଣାରେ ରହିଯାଇପାର ଯେ ତୁମର ଯଥେଷ୍ଟ ଆଧ୍ୟାତ୍ମିକ ଅଗ୍ରଗତି ହେଉଛି । କିନ୍ତୁ ତୁମେ ଯଦି କାର୍ଯ୍ୟ ଆରମ୍ଭ କର, ତୁମର ସେହିସବୁ କାର୍ଯ୍ୟ ସଂଲଗ୍ନ ସବୁକିଛି ପରିସ୍ଥିତି, ଲୋକମାନଙ୍କ ସହ ସମ୍ପର୍କ, ବାହ୍ୟ କର୍ମ ଓ ଜୀବିକା, ଏହି ସବୁକିଛି ହେଲା ତୁମ ଅନୁଭୂତିର ପରିସର, ଯାହା ଭିତରେ କି ତୁମେ ବୁଝିପାରିବ ଯେ ତୁମେ ଚେତନାରେ କେତେଦୂର ଅଗ୍ରଗତି କରିଛ ଏବଂ ଆଉ କେତେ ବାକି ଅଛି । ଯଦି ତୁମେ ନିଜ ଭିତରେ ନିଜକୁ ଆବଦ୍ଧ କରି ରଖ, କୌଣସି କାର୍ଯ୍ୟ ନ କର, ସେତେବେଳେ ତୁମେ ଗୋଟିଏ ସଂପୂର୍ଣ୍ଣ ଆତ୍ମ-କୈନ୍ଦ୍ରିକ ମାୟାଲୋକ ରଚନା କରି ତା' ଭିତରେ ମନକୁ ମନ ସନ୍ତୁଷ୍ଟ ହୋଇ ରହିଥାଅ । ଯେଉଁ ମୁହୂର୍ତ୍ତରେ ତୁମେ ବାହ୍ୟ ଜଗତର କର୍ମ ପରିସର ଭିତରକୁ ଓହ୍ଲାଇ ଆସ ଏବଂ ଅନ୍ୟମାନଙ୍କ ସଂପର୍କ ଭିତରକୁ ପ୍ରବେଶ କର, ଯେତେବେଳେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୁଅ, ଜୀବନର ବିଭିନ୍ନ ବିଷୟବସ୍ତୁ ତୁମ ଆଗରେ ଆସି ଠିଆ ହୁଏ, ସେଇସବୁ ଭିତରେ ତୁମେ ସଂପୂର୍ଣ୍ଣ ଭାବେ ଏକ ବାସ୍ତବ ଧାରଣା ପାଇଥାଅ ଯେ ତୁମେ ସତକୁ ସତ ଚେତନାରେ ଅଗ୍ରଗତି କରୁଛ କି ନାହିଁ । ତୁମେ ଅଧିକ ଶାନ୍ତ, ଅଧିକ ସଚେତନ, ଅଧିକ ଶକ୍ତିଶାଳୀ, ଅଧିକ ନିଃସ୍ୱାର୍ଥପର ହୋଇଛ କି ନାହିଁ; ତୁମ ମଧ୍ୟରେ କୌଣସି କାମନା, କୌଣସି ଅନୁଚିତ ପସନ୍ଦ ଅପସନ୍ଦର ଭାବ, କୌଣସି ଦୁର୍ବଳତା, କୌଣସି ଅବିଶ୍ୱସ୍ତତା ରହିଛି କି ନାହିଁ – କର୍ମ କରିବା ଦ୍ୱାରା ହିଁ ତୁମେ ଏସବୁ ବିଷୟରେ ସଚେତନ ହୋଇ ପାରିବ ।

### ଶରୀର କର୍ମ ଆବଶ୍ୟକ କରେ

ଶରୀର ପକ୍ଷରେ କର୍ମର ନିଶ୍ଚିତ ଆବଶ୍ୟକତା ରହିଛି : ତୁମେ ଯଦି ଶରୀରକୁ ସକ୍ରିୟ ନ କରାଇବ, ତେବେ ସେ ରୋଗ ବା ଅକ୍ଷମତା ଦ୍ୱାରା ବିଦ୍ରୋହ ପ୍ରକାଶ କରିବ । ଶରୀର କର୍ମ ଚାହେଁ, ଫୁଲଗଛ ଲଗାଇବା ହେଉ ବା ଘର ତିଆରି କରିବା ହେଉ ବା କୌଣସି ସ୍ଥୂଳ ବାସ୍ତବ କର୍ମ କରିବା ହେଉ, ପ୍ରକୃତରେ ଏହା ଏହିଭଳି ବାସ୍ତବ କିଛି କର୍ମକୁ ଚାହେଁ । ତୁମେ ଏହା ଅନୁଭବ କରିବା ଉଚିତ । କେତେକ ଲୋକ ବ୍ୟାୟାମ କରନ୍ତି, କେତେକେ ସାଇକେଲ ଚଢ଼ନ୍ତି ଏବଂ ଏହିଭଳି ଅସଂଖ୍ୟ ଶାରୀରିକ କର୍ମ ରହିଛି ... । ପ୍ରତ୍ୟେକ ବ୍ୟକ୍ତି ତା' ରୁଚି ଅନୁସାରେ କିଂବା ତା' ପ୍ରକୃତି ଓ ଆବଶ୍ୟକତା ଅନୁଯାୟୀ କର୍ମ କରିପାରେ; 'ଭାବନା'ରେ ରହିବା ଦ୍ୱାରା ନୁହେଁ । ଭାବନା ଭିତରେ ରହିବାଟା ବିଶେଷ କିଛି ଭଲ କଥା ନୁହେଁ । ଭାବନା ତୁମକୁ କେବଳ ଗୁଡ଼ାଏ ଆଗତୁରା ଧାରଣା ଦେଇଥାଏ । ଯଥା – ''ସେଇଟା ଭଲ କାମ, ଏ କାମଟା ମୋ ଲାଗି ଉପଯୁକ୍ତ ନୁହେଁ '', ଏବଂ ଆହୁରି ଯେତେ ବାଜେ କଥାକୁ ଆଣିଥାଏ । ମନ୍ଦକର୍ମ ବୋଲି କିଛି ନାହିଁ, କିନ୍ତୁ ମନ୍ଦକର୍ମୀ ଅଛନ୍ତି । ତୁମେ ଯଦି ଠିକ୍ ଭାବରେ କାମଟି କରି ଜାଣିବ, ତାହାହେଲେ ସବୁକାମ ଭଲ । ସବୁ କାମ । ଏହା ହେଉଛି ଏକ ପ୍ରକାର ସଂଯୋଗ ସ୍ଥାପନ । ସୌଭାଗ୍ୟବଶତଃ ତୁମେ ଯଦି ତୁମର ଭିତର ଆଲୋକ ସମ୍ପର୍କରେ ସଚେତନ ଥାଅ, ତେବେ ତୁମେ ଦେଖିବ ଯେ ତୁମର ଶାରୀରିକ ଶ୍ରମ ଭିତରେ ସତେ କି ତୁମେ ଭଗବାନଙ୍କୁ ବସ୍ତୁ ଭିତରକୁ ଡାକି ଆଣୁଛ; ସେତିକିବେଳେ ହିଁ ଈଶ୍ୱରଙ୍କ ସଙ୍ଗେ ତୁମର ମିଳନଟା ବସ୍ତୁଗତ ଭାବେ ଦୃଢ଼ ହୋଇଯାଏ । ଦେଖ ବହୁତ କଥା କରିବାକୁ ଅଛି, ସାରା ପୃଥିବୀକୁ ଆବିଷ୍କାର କରିବାକୁ ଅଛି, ଏହା ଖୁବ୍ ଚମତ୍କାର ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୬)

## ଏକ ଆଦେଶ : ''ସୁପରିଚିତ କଣ୍ଠସ୍ୱରରୁ''

## ମନୋଜ ଦାସ

''କାରାଗାରରୁ ମୁକ୍ତିଲାଭ ପରଠାରୁ ଶ୍ରୀଅରବିନ୍ଦଙ୍କ ନିକଟକୁ ଆସୁଥିଲା ବହୁ ସତର୍କ ବାର୍ତ୍ତା : ତିଳେ ମଧ ବିଶ୍ୱାସଯୋଗ୍ୟ ଅଭିଯୋଗ ନଥାଇ ତାଙ୍କୁ ଏକାଧିକବାର ଦଣ୍ଡିତ କରିବାକୁ ଚେଷ୍ଟା ହେଲାଣି, ସେମିତି ପୁଣି ହୋଇପାରେ । ସରକାରଙ୍କ ଦୃଷ୍ଟିରେ ଶ୍ରୀଅରବିନ୍ଦ ଜଣେ ଅନନୁତପ୍ତ ରାଜଦ୍ରୋହୀ ଓ ବିପ୍ଳବୀ । ସେ ଏଡ଼େ ବୁଦ୍ଧିମାନ୍ ଯେ ତାଙ୍କୁ ଆଇନ ଯୋଗେ ଆୟତ୍ତ କରିବା ଅସମ୍ଭବ । ପୁଣି 'କର୍ମଯୋଗୀନ୍' ଓ 'ଧର୍ମ' ଉଭୟ ପତ୍ରିକା ଆର୍ଥିକ ଦୃଷ୍ଟିରୁ ସଫଳ । ଯୁବ ସଂପ୍ରଦାୟ ଉପରେ ତାଙ୍କ ପ୍ରଭାବ ଅତୁଳନୀୟ । ପାକଳ ରାଜନୀତିବିଦ୍‌ମାନେ ମଧ ତାଙ୍କୁ ଶୁଣୁଥିଲେ ଗଭୀର ମନୋଯୋଗ ସହକାରେ । ସେ ଯାହା କରୁଥିଲେ, ଯାହା କହୁଥିଲେ, ତାହା ଥିଲା ସମ୍ବାଦ ! ସରକାରଙ୍କ ଉତ୍‌କଣ୍ଠା ଯେ କ୍ରମାଗତ ଭାବେ ବଢ଼ି ଚାଲିଥିବ, ସେଥିରେ ଅବା ବିସ୍ମୟ କ'ଣ ।''

— କେ. ଆର. ଶ୍ରୀନିବାସଆୟେଙ୍ଗାର[୧]

ପୂର୍ବରୁ ପରିବେଶିତ ତଥ୍ୟରୁ ଅନୁମାନ କରିହୁଏ, ଅତ୍ୟନ୍ତ ଗୋପନରେ ନୂଆଖାଲିର ଜମିଦାର ହେମଚନ୍ଦ୍ର ଦାସଙ୍କ ଭଳି କେତେକ ବ୍ୟକ୍ତିଙ୍କ ସାହାଯ୍ୟରେ ଶ୍ରୀଅରବିନ୍ଦ ବିକ୍ଷିପ୍ତ ବିପ୍ଳବୀ ଗୋଷ୍ଠୀ ସମୂହକୁ ଏକତାବଦ୍ଧ କରିବାକୁ ଚେଷ୍ଟା କରୁଥିଲେ ।

ସେ କର୍ମଧାରାର ବିବରଣୀ ହୁଏତ ଚିରଦିନ ରହସ୍ୟମୟ ରହିଯିବ । କିନ୍ତୁ ପ୍ରକାଶ୍ୟରେ ମଧ ମାତ୍ର ଏଗାର ମାସ ଭିତରେ ତାଙ୍କୁ ଯେତିକି କର୍ମ ସମାଧା କରିବାକୁ ପଡୁଥିଲା, ସେସବୁର ବୈଚିତ୍ର୍ୟ ଏବଂ ସେସବୁ ସକାଶେ ଅପରିହାର୍ଯ୍ୟ ଶ୍ରମ ଏବଂ ସମୟ କଥା ଚିନ୍ତା କଲେ ଅଭିଭୂତ ହେବାକୁ ପଡ଼େ । ସେ ପୂର୍ବବଙ୍ଗର ଦୂରଦୂରାନ୍ତର ଭ୍ରମଣ କଲେ — କେବେ ନୌକା, କେବେ ଶଗଡ଼ ସାହାଯ୍ୟରେ ତ ଅନ୍ୟ ବେଳେ କଣ୍ଟକାକୀର୍ଣ୍ଣ ଅଥବା କର୍ଦ୍ଦମମୟ ପଥ ଅଥବା ବାଲୁପ୍ରାନ୍ତର ପାଦ ଯୋଗେ ଅତିକ୍ରମ କରି । ଗୋଟାଏ ପରେ ଗୋଟାଏ ସଭାସମିତିରେ ସେ ଭାଷଣ ଦେଉଥିଲେ । ହୁଗୁଳି ସମ୍ମିଳନୀ ନିମନ୍ତେ ସେ ସଂଗଠନ କଲେ ବିରାଟ ଜାତୀୟବାଦୀ ସମାବେଶ; କିନ୍ତୁ କଂଗ୍ରେସର ଏକତା ରକ୍ଷା କରିବା ନିମନ୍ତେ ସେମାନଙ୍କୁ ନିଜ ଆୟତ୍ତରେ ରଖିଲେ । କହୁଥା'ନ୍ତି ଯେତେ ସମ୍ଭବ ଅଳ୍ପ କଥା; କିନ୍ତୁ ତା'ର ପ୍ରଭାବ ହେଉଥାଏ ମନ୍ତ୍ର ଭଳି । ଦୁଇ ଦୁଇଟି ସାପ୍ତାହିକ ପତ୍ରିକା ନିମନ୍ତେ ଲେଖୁଥିଲେ ଏମନ୍ତ ରଚନାମାନ, ଯାହା ଆଜି ଶାଶ୍ୱତ ଅବଦାନ ରୂପେ ପରିଗଣିତ । ସେହି ଅଳ୍ପ କାଳ ମଧରେ ବିଖ୍ୟାତ ଉତ୍ତରପଡ଼ା ଅଭିଭାଷଣ ସମେତ ସେ ଦେଇଥିଲେ ଅନ୍ତତଃ କୋଡ଼ିଏଟି ବକ୍ତୃତା । ସେ ପୁଣି ସନ୍ଧାନୀ ବ୍ୟକ୍ତି ବିଶେଷ, ଗୋଷ୍ଠୀ ଏବଂ ପତ୍ରପତ୍ରିକାକୁ ସାକ୍ଷାତ୍‌କାର ଦେଉଥିଲେ । ଲେଖୁଥିଲେ 'କାରାକାହାଣୀ' । ଦୁଇଟି ଯାକ ପତ୍ରିକାର ସ୍ଥୂଳ ସାଂଗଠନିକ ଦିଗସବୁ ପ୍ରତି ତାଙ୍କୁ ହିଁ ଦୃଷ୍ଟି ଦେବାକୁ ପଡୁଥିଲା; ନିଜେ ଶିଖୁଥିଲେ ତାମିଲ, ଅଧ୍ୟୟନ କରୁଥିଲେ ନାନାବିଧ ଗ୍ରନ୍ଥ, ତରୁଣ ସହକାରୀ ନଳିନୀକାନ୍ତଙ୍କୁ ଫରାସୀ ଭାଷା ଶିଖାଇବା ସଙ୍ଗେ ସଙ୍ଗେ ଅନ୍ୟ ସହକାରୀମାନଙ୍କୁ ଲିଖନ ଶୈଳୀ ଶିଖାଉ ଥିଲେ । ପୁଣି ସେ ରହୁଥିଲେ ଯେଉଁ ମଉସାଙ୍କ ସଦନରେ, ସେଠାରେ ଜଣେ ଆଜ୍ଞାବହ ସନ୍ତାନ ଭଳି ଆଚରଣ କରୁଥିଲେ । ମାଉସୀଙ୍କ ବରାଦ ମାତ୍ରେ କଲମ ଥୋଇ ଦେଇ ଭଦ୍ରମହିଳାଙ୍କୁ ଗଙ୍ଗାସ୍ନାନ ନିମନ୍ତେ ନେଇଯିବେ ! ଏ ସମସ୍ତ ସତ୍ତ୍ୱେ ସେ ସନ୍ଧ୍ୟା ବେଳେ ପତ୍ରିକା କାର୍ଯ୍ୟାଳୟରେ ମିତ୍ର ଓ ଅନୁଗତମାନଙ୍କ ସହ ''ସ୍ୱତଃ ଲିଖନ'' (Automatic writing) ଭଳି କୌତୂହଳ ପୂର୍ଣ୍ଣ ଅନୁଷ୍ଠାନରେ ଯୋଗ ଦେଉଥିଲେ । ନଳିନୀକାନ୍ତଙ୍କ ସ୍ମୃତିଚାରଣ (ସଂକ୍ଷେପିତ) :

''ସ୍ୱତଃ-ଲିଖନରେ ଜଣେ ନିଜେ ଲେଖେ ନାହିଁ । ତା' ହାତ ଆପଣାଛାଏଁ ଲେଖିଯାଏ । କୁହାଯାଏ ଅଶରୀରୀମାନେ ହିଁ ସେ ହାତକୁ ବ୍ୟବହାର କରନ୍ତି । କେହି କେହି କହନ୍ତି ତାହା ଅବଚେତନର କରାମତି । ତାହା ବିବାଦୀୟ ବିଷୟ । ...ଥରେ

ଶ୍ରୀଅରବିନ୍ଦ ଆମକୁ ସ୍ୱତଃ-ଲିଖନର ନୁହେଁ, ସ୍ୱତଃ-ଭାଷଣର ଦୃଷ୍ଟାନ୍ତ ଦେଖାଇ ଥିଲେ । ରାତି ଆଠଟା । ଆମେ ତାଙ୍କୁ ଘେରି ବସିଲୁଁ । ଆଲୁଅ ଲିଭାଇ ଦିଆଗଲା । ସବୁ ନିସ୍ତବ୍ଧ । ଆମେ କିଛି ସମୟ ନୀରବ ରହିଲୁଁ । ତା'ପରେ ଶ୍ରୀଅରବିନ୍ଦଙ୍କ ଠାରୁ ଭାସି ଆସିଲା ଏକ କଣ୍ଠସ୍ୱର । ତାହା କଦାପି ତାଙ୍କର ନୁହେଁ । ଅନେକ ପ୍ରକାର କଣ୍ଠସ୍ୱର ଆସିଲା । ପ୍ରତିଟି ଭିନ୍ନ କଣ୍ଠସ୍ୱର ହିଁ ଜଣାଉଥାଏ ତାହା କାହାର । ଥରେ ଏକ କଣ୍ଠସ୍ୱର ଶିକ୍ଷା, ସାହିତ୍ୟ ଏବଂ ସ୍ୱଦେଶ ସମ୍ପର୍କରେ ବହୁତ ସୁନ୍ଦର କଥାମାନ ଉଚ୍ଚାରଣ କଲା । ତାହା କାହାର କଣ୍ଠ ଜାଣିବାକୁ ଆମେ ଉଦ୍‌ଗ୍ରୀବ ହେଲୁଁ । ପ୍ରଥମେ ଏଡ଼ାଇ ଯାଇ ଅବଶେଷରେ ତାହା ବଙ୍କିମଚନ୍ଦ୍ରଙ୍କର ବୋଲି ପ୍ରକାଶ କଲା । ସେ କଣ୍ଠ ଏମିତି ଏକ ଇଂରାଜୀ ଶବ୍ଦ କହିଲା ଯାହାର ଅର୍ଥ ଆମେ ବୁଝିପାରିଲୁ ନାହିଁ । କଣ୍ଠ କହିଲା, 'ଆମ ସମୟରେ ଆମେ ଅପେକ୍ଷାକୃତ ଉତ୍ତମ ଇଂରାଜୀ ଜାଣିଥିଲୁ ।' ଆଉ ଥରେ ଭୟାବହ କଣ୍ଠଟିଏ ଘୋଷଣା କଲା, ''ମୁଁ ଦାଁତେ (Danton) । ଭୀଷଣ ! ଆତଙ୍କ !'' ଫରାସୀ ବିପ୍ଳବର ଆବଶ୍ୟକତା ସମ୍ପର୍କରେ ନାନା କଥା ଜଣାଇଲା ସେ ସ୍ୱର । ଆଉ ଏକ ସ୍ୱର ପ୍ରାଚୀନ ଗ୍ରୀସର ନେତା ଥେରାମିନିସ୍ ଭାବରେ ନିଜର ପରିଚୟ ଦେଇ ଶାନ୍ତ, ମୃଦୁ କଣ୍ଠରେ ଆମକୁ ରାଜନୀତି ଶିକ୍ଷା ଦେଲା...

''କିଏ ଏମାନେ ? ଅତିଭୌତିକ ସତ୍ତାମାନେ ଥା'ନ୍ତି ଏବଂ ମଣିଷ ଆଗରେ କ'ଣ ଏମିତି ଭାବରେ ନିଜକୁ ଉପସ୍ଥାପନ କରନ୍ତି ? ବଡ଼ ଜଟିଳ ବ୍ୟାପାର ! ଅତିଭୌତିକ ସତ୍ତାମାନେ ନିଶ୍ଚୟ ଅଛନ୍ତି । କିନ୍ତୁ ଅତିଭୌତିକ ଜଗତ୍ ଗୋଟାଏ ମାତ୍ର ନୁହେଁ । ଅତୀବ ସ୍ଥୂଳରୁ ସୂକ୍ଷ୍ମ, ସୂକ୍ଷ୍ମତମ ସ୍ତରର ବହୁ ଅତିଭୌତିକ ପୃଥିବୀ ବିଦ୍ୟମାନ ।... ଯେକୌଣସି ସ୍ତରରୁ ସତ୍ତାଟିଏ ନିଜକୁ ପ୍ରକଟ କରିପାରେ । କିନ୍ତୁ ତା'ର ପ୍ରୟୋଜନ ଏକ ମନ, ପ୍ରାଣ ଏବଂ ଦେହ । ଜଣେ ମାନୁଷୀ ଆଧାର ମଧ୍ୟ ଦେଇ ସେ ନିଜକୁ ଅଭିବ୍ୟକ୍ତ କଲା ବେଳେ ପ୍ରାୟତଃ ସେହି ଆଧାରର ବହୁ ଉପାଦାନ ବ୍ୟକ୍ତ ହୁଏ, ସେ ସତ୍ତାର କମ୍ ହୁଏ । ବିପରୀତ ମଧ୍ୟ ସମ୍ଭବପର । ସବୁ ନିର୍ଭର କରେ ଆଧାରର ଶକ୍ତି ଉପରେ ।...

''ବହୁ ସମୟରେ ଜଣେ ପରଲୋକଗତ ବ୍ୟକ୍ତିର ମନ ବା ପ୍ରାଣର କିୟଦଂଶ ଅତିଭୌତିକ ସ୍ତରରେ ବର୍ତ୍ତି ରହିଥାଏ । ତାକୁ ମାଧ୍ୟମ କରେ ଭିନ୍ନ ଏକ ଶକ୍ତି । କେବେ ଆଧାରର ବ୍ୟକ୍ତିତ୍ୱ ଏପରି ହୋଇଥାଏ, ଯାହା କେଉଁ ସତ୍ତାକୁ ଦୂରେଇ ରଖିବ, କେଉଁ ସତ୍ତାକୁ ପ୍ରଶ୍ରୟ ଦେବ ତାହା ନିଜେ ସ୍ଥିର କରିପାରେ । ଶ୍ରୀଅରବିନ୍ଦ, କହିବା ବାହୁଲ୍ୟ, ଥିଲେ ସେହି ପ୍ରକାର ବ୍ୟକ୍ତିତ୍ୱ ।

''ଆମେ ଜାଣୁ ଯେ ଏକଦା 'ଯୌଗିକ ସାଧନ' ନାମକ ବହି ଅନ୍ୟ ଏକ ସତ୍ତା ଶ୍ରୀଅରବିନ୍ଦଙ୍କ କରକୁ ମାଧ୍ୟମ କରି ଲେଖିଥିଲା । ତାହା ଲେଖା ହେଉଥିବା ବେଳେ ଶ୍ରୀଅରବିନ୍ଦ ରାମମୋହନ ରାୟଙ୍କ ଉପସ୍ଥିତି ଅନୁଭବ କରୁଥିବା ଦୃଷ୍ଟିରୁ ତାହା ରାମମୋହନଙ୍କ ଦ୍ୱାରା ଅନୁପ୍ରାଣିତ ଲେଖା ବୋଲି ଧରି ନିଆଯାଇପାରେ । ଆଲିପୁର କାରାଗାର ଭିତରେ ବିବେକାନନ୍ଦଙ୍କ ସୂକ୍ଷ୍ମ ସତ୍ତା ଆସି ତାଙ୍କୁ କିଛି ଦିଗ୍‌ଦର୍ଶନ ଦେବା କଥା ତ ଶ୍ରୀଅରବିନ୍ଦ କହିଛନ୍ତି ।''[୨]

ଶ୍ରୀଅରବିନ୍ଦଙ୍କ ସହ କଥାବାର୍ତ୍ତା ଏବଂ ତାଙ୍କ ଚିଠିପତ୍ରରୁ ସ୍ପଷ୍ଟ ଯେ ଏସବୁ ତାଙ୍କ ପାଇଁ ଏକ ପ୍ରକାର ହାଲୁକା କାଳକ୍ଷେପଣ ବ୍ୟତୀତ ଅଧିକ ଗୁରୁତ୍ୱପୂର୍ଣ୍ଣ ନଥିଲା । କିନ୍ତୁ ତାଙ୍କ କଣ୍ଠସ୍ୱରରେ ପରିବର୍ତ୍ତନ ଘଟୁଥିଲା କିପରି ? ବଙ୍କିମଚନ୍ଦ୍ର ବା ଦାଁତେ, ନହେଲେ ମଧ୍ୟ ସମତୁଲ କୌଣସି ଶକ୍ତି ଅବତରଣ କରୁଥିଲା କି ?

ହଠାତ୍ ଦିନେ ଏସବୁ ମଧୁର ସନ୍ଧ୍ୟା ଉପରେ ହେଲା ଯବନିକା ପତନ । 'କର୍ମଯୋଗୀନ୍' କାର୍ଯ୍ୟାଳୟରେ, ଦିନକର ସନ୍ଧ୍ୟାରେ ଜଣେ ସହଯୋଗୀ ଆସି ସମ୍ବାଦ ଦେଲେ କି ଶ୍ରୀଅରବିନ୍ଦ ଯେକୌଣସି ମୁହୂର୍ତ୍ତରେ ଗିରଫ ହେବା ଅବଧାରିତ । କିୟତ୍‌କ୍ଷଣ ଭିତରେ ସେ ମନ ସ୍ଥିର କରି ନେଲେ ଏବଂ ସିଧା-ସଳଖ ଗଙ୍ଗାକୂଳରେ ପହଞ୍ଚିଲେ । ଏ ସମ୍ପର୍କରେ କେତେ ବିଚିତ୍ର କାହାଣୀମାନ ଚାଲୁ ହୋଇଥାଏ । ଯଥା, ଶ୍ରୀଅରବିନ୍ଦ କୁଆଡ଼େ କାର୍ଯ୍ୟାଳୟ ଛାତ ଉପରୁ ଗୋଟାଏ ପରେ ଗୋଟାଏ ଛାତ ଉପରକୁ ଡେଇଁ ସମଗ୍ର ପଥ ଅତିକ୍ରମ କରି ଗଙ୍ଗା କୂଳରେ ଅବତରଣ କଲେ !

ତେବେ ଏ ସମ୍ପର୍କରେ ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି ଯେ ସେ ହଠାତ୍ ଶୁଣିଲେ ''ଉପରୁ ଏକ ଆଦେଶ'' : ''ଚନ୍ଦନନଗର ଚାଲିଯାଅ ।'' ଦଶ ମିନିଟ ଭିତରେ ସେ ଯାଇ ଘାଟରେ ନୌକାରୋହଣ କଲେ । ତାଙ୍କ ସହ ଗଲେ ବୀରେନ୍ ଘୋଷ ଏବଂ ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀ । ଅନ୍ଧକାର ଥାଉଁ ଥାଉଁ ନୌକା ଚନ୍ଦନନଗରରେ ପହଞ୍ଚିଲା । କିଛି ଦିନ ପରେ ସେହି ପ୍ରତ୍ୟାଦେଶ ମାନିନେଇ ସେ ଚନ୍ଦନନଗର ଛାଡ଼ି ୧୯୧୦ ଏପ୍ରିଲ ୪ ତାରିଖରେ ପଣ୍ଡିଚେରୀରେ ହେଲେ ଉପନୀତ ।

ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ ଆହୁରି ମଧ୍ୟ କହିଛନ୍ତି ଯେ ସୁରତ କଂଗ୍ରେସ ପରେ କେତେକ ସ୍ଥାନରେ ରହି କଲିକତା

ପ୍ରତ୍ୟାବର୍ତ୍ତନ କରିବା ପରଠାରୁ ସେ ଦିବ୍ୟାଦେଶ ବ୍ୟତୀତ କୌଣସି କର୍ମ କରୁ ନଥିଲେ ।[୩]

ଜଣେ ବିଶିଷ୍ଟ ଫରାସୀ ମନିଷୀ ପ୍ରଫେସର ଗାବ୍ରିଏଲ ମନୋ-ହାର୍ଜୋଁଙ୍କ ଏକ ଲେଖାରେ ଶ୍ରୀଅରବିନ୍ଦ ଦିବ୍ୟାଦେଶ ପାଇଲେ (reçut) ବୋଲି ଉଲ୍ଲେଖ ଥିଲା । ଶ୍ରୀଅରବିନ୍ଦ ତାକୁ ସଂଶୋଧନ କରି ଦେଇ ଥିଲେ – reçut ନୁହେଁ perçut । କେବଳ ଫରାସୀ ଭାଷାରେ ଯଥେଷ୍ଟ ବ୍ୟୁତ୍ପତ୍ତି ଥିବା ଲୋକେ ହିଁ ଏ ସୂକ୍ଷ୍ମ ପାର୍ଥକ୍ୟ ବୁଝିପାରିବେ, ଦ୍ୱିତୀୟ ଶବ୍ଦର ତାତ୍ପର୍ଯ୍ୟ ହେଲା ଦେଖିପାରିବା । ଅର୍ଥାତ୍ ସେ ଆଦେଶ ଶ୍ରୀଅରବିନ୍ଦଙ୍କର ନିର୍ଭୁଲ ଅନ୍ତର୍ବୋଧରେ ପ୍ରକଟିତ ହେଉଥାଏ ।[୪]

ଶ୍ରୀଅରବିନ୍ଦ ଠିକ୍ କେବେ କଲିକତା ତ୍ୟାଗ କରି ପ୍ରତ୍ୟୁଷରେ ଚନ୍ଦନନଗରରେ ପହଞ୍ଚିଲେ ସେ ବିଷୟ ଉପରେ ଗବେଷଣା ଓ ଯୁକ୍ତି-ପ୍ରତିଯୁକ୍ତି ଭିତ୍ତିରେ ପରିଚ୍ଛେଦଟିଏ ଲେଖା ଯାଇପାରେ । ତେବେ ସେ ଫେବ୍ରୁଆରୀ ୨୦ ତାରିଖ ରାତି ଦଶଟା ପୂର୍ବରୁ ନୌକାରୋହଣ କରିଥିବା ସଠିକ୍ ମନେ ହୁଏ । ତାହା ଥିଲା ଜହ୍ନ ରାତି ।

କାରାଗାରରେ ଥିବା ବେଳେ ଚାରୁଚନ୍ଦ୍ର ରାୟ ନାମକ ଚନ୍ଦନନଗରର ଜଣେ ବିଶିଷ୍ଟ ତଥା ବିତ୍ତବାନ୍ ବ୍ୟକ୍ତିଙ୍କ ସହ ଶ୍ରୀଅରବିନ୍ଦଙ୍କର ପରିଚୟ ହୋଇଥିଲା । ରାୟ ମହାଶୟ ବିପ୍ଳବୀ ମନୋଭାବସମ୍ପନ୍ନ ଥିଲେ ବୋଲି ଧାରଣା ଥିଲା ଏବଂ ରାଜସାକ୍ଷୀ ନରେନ୍ ଗୋସାଇଁ ପ୍ରଦତ୍ତ ବିବରଣୀ ଅନୁସାରେ ବ୍ରିଟିଶ-ଭାରତ ପୁଲିସ ତାଙ୍କୁ ଗିରଫ କରିଥିଲା । କିନ୍ତୁ ଫରାସୀ ସରକାର ପ୍ରତିବାଦ କରନ୍ତେ ତାଙ୍କୁ ଛାଡ଼ି ଦିଆ ଯାଇଥିଲା ।

ତାଙ୍କ ସୌଜନ୍ୟରୁ ଆଶ୍ରୟ ମିଳିପାରେ ବୋଲି ଶ୍ରୀଅରବିନ୍ଦ ତାଙ୍କ ପାଖକୁ ବୀରେନ୍ ଘୋଷଙ୍କୁ ପ୍ରେରଣ କଲେ । କିଞ୍ଚିତ୍ କାରାବାସ କିନ୍ତୁ ସେ ଭଦ୍ରଲୋକଙ୍କ ମନରୁ ବିପ୍ଳବବାଦ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରି ଦେଇଥିଲା ଏବଂ ସେ ଫରାସୀ ଉପନିବେଶର ଜଣେ ଶାନ୍ତଶିଷ୍ଟ ନାଗରିକ ଭାବରେ ଜୀବନ ଅତିବାହିତ କରିବାର ନିଷ୍ପତ୍ତି ନେଇଥିଲେ ।

ଶ୍ରୀଅରବିନ୍ଦଙ୍କ ଦୂତ ତାଙ୍କୁ ଭେଟିବା ମାତ୍ରେ ଆତଙ୍କିତ ଭଦ୍ରଲୋକ ଉପଦେଶ ଦେଲେ ଶ୍ରୀଅରବିନ୍ଦ ବରଂ ତତ୍କ୍ଷଣାତ୍ ଫ୍ରାନ୍ସ ଚାଲି ଯାଆନ୍ତୁ ! ସେ ବୋଧହୁଏ ଆଶା କରୁଥିଲେ ଫ୍ରାନ୍ସ ମୁକ୍ତି, ସାମ୍ୟ ଓ ମୈତ୍ରୀର ଦେଶ ବୋଲି ତାଙ୍କର ଏଭଳି ଉପଦେଶ ଶ୍ରୀଅରବିନ୍ଦଙ୍କୁ ମନେ ପକାଇଦେବ !

ସୁରେଶ ଚକ୍ରବର୍ତ୍ତୀ ଲେଖିଛନ୍ତି :

''ରାୟ ମହାଶୟ ବୋଧହୁଏ ଧରି ନେଲେ ଯେ ଶ୍ରୀଅରବିନ୍ଦ ବରାଦ କରିବା ମାତ୍ରେ ତାଙ୍କ ନିଃସଙ୍ଗ ନାବିକ ଜଣକ ଦୁଇ ବା ଅଢ଼େଇ ଘଣ୍ଟା ଭିତରେ ବଙ୍ଗୋପସାଗର, ଆରବ ସାଗର, ଲୋହିତ ସାଗର ଏବଂ ଭୂମଧ୍ୟ ସାଗର ପାରି କରି ଯାତ୍ରୀଙ୍କୁ ଏକ ଫରାସୀ ନଗରୀରେ ପହଞ୍ଚାଇ ଦେବ । କିନ୍ତୁ କଲିକତାର ବାଗ୍‌ବଜାର ଘାଟରୁ ଭଡ଼ାରେ ଆସିଥିବା ନୌକାଟିର ନାବିକ ସେଭଳି ଚମତ୍କାର ପ୍ରଦର୍ଶନ କରିପାରିବ ବୋଲି ଶ୍ରୀଅରବିନ୍ଦଙ୍କର ବିଶ୍ୱାସ ହେଲା ନାହିଁ । ସେ ତେଣୁ ଚୁପ୍ ରହିଲେ ।''[୫]

ରାୟ ମହାଶୟଙ୍କ ଆଚରଣ ଶ୍ରୀଅରବିନ୍ଦଙ୍କୁ ବିଚଳିତ କରିବାର ପ୍ରଶ୍ନ ନଥିଲା । ସେହି ସମୟରେ (୧୯୦୯-୧୯୧୦) କେବେ ଶ୍ରୀଅରବିନ୍ଦ ଲେଖିଥିବା ଏକ କବିତାର କିୟଦଂଶ ସ୍ମରଣୀୟ :

"Rejoice and fear not for the waves that swell,
The storms that thunder, winds that sweep;
Always our captain holds the rudder well,
He does not sleep."[୬]

(ମୁକ୍ତ ଅନୁବାଦ :
ରୁହ ପୁଲକିତ, କର ନାହିଁ ଭୟ ଚଣ୍ଡ ଲହରୀ ପ୍ରତି,
ହୁଅନା ଝଞ୍ଜା ବଜ୍ର ବାଆରେ ଭୀତ;
ଆମ କାଣ୍ଡାରୀ ହସ୍ତେ ମଙ୍ଗ ଅବିଚଳ ଦୃଢ଼ ଅତି,
ସେ ସଦା ନିଦ୍ରାତୀତ ।)

ନୌକାର ଛାଉଣୀ ତଳେ କାଠ ପଟା ଉପରେ ନୟନ ମୁଦ୍ରିତ କରି ଶୋଇଥା'ନ୍ତି ଶ୍ରୀଅରବିନ୍ଦ । ତାଙ୍କ ପରମ କାଣ୍ଡାରୀଙ୍କ ''ସୁପରିଚିତ କଣ୍ଠସ୍ୱର'' ତାଙ୍କୁ କଦାପି ଭୁଲ୍ ଦିଗ୍‌ଦର୍ଶନ ଦେଇ ପାରି ନଥା'ନ୍ତା ।

(କ୍ରମଶଃ) ❑

---

### ତଥ୍ୟ ନିର୍ଦ୍ଦେଶିକା

୧. Sri Aurobindo : A Biography and a History; Sri Aurobindo International Centre of Education.

୨. ''ଶ୍ୟାମା ପୁକୁର୍''; Nolini Kanta Gupta, Collected Works, Vol. - 5.

୩. Autobiographical Notes : CWSA, Vol. - 36.
୪. ପ୍ରଫେସର ଗ୍ରାବିଏଲ୍ ମୋନୋ-ହାଜୋଁ ଫ୍ରାନ୍ସର ଏକାଧିକ ବିଜ୍ଞାନ-ଭିତ୍ତିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ଥିଲେ । ଦ୍ୱିତୀୟ ମହାଯୁଦ୍ଧ ବେଳେ ସେ ନାଜି ଶକ୍ତି ବିରୁଦ୍ଧରେ ସଂଗଠନରେ କାର୍ଯ୍ୟରତ ଥିଲେ, ପରେ ଇଥିଓପିଆରେ ଫରାସୀ ରାଷ୍ଟ୍ରଦୂତ ଥିଲେ ।
୫. ରଚନା ସଂଗ୍ରହ (ବଙ୍ଗଳା) : ଶ୍ରୀଅରବିନ୍ଦ ଭବନ, କଲିକତା ।
୬. 'To R.' Collected Poems, CWSA, Vol. - 2. ❑

# ତୁମେ ତ କଲ୍ୟାଣମୟୀ

## ଗଣେଶ ପ୍ରସାଦ କର ଶର୍ମା

ନିରାଶାର ଘନଘୋର ଅନ୍ଧାର ଭିତରେ –
ତୁମେ ଦିବ୍ୟ ଆଲୋକର ଏକଇ ଦିଶାରୀ,
ତୁମେ ସ୍ନେହମୟୀ, ପ୍ରେମମୟୀ,
ଚିତ୍‌ମୟୀ, ମହାଭାବମୟୀ ।

ଅନନ୍ତ କୋଟି ବ୍ରହ୍ମାଣ୍ଡ ତୁମ ଅଞ୍ଚଳରେ ବନ୍ଧା;
ସ୍ଥାବର-ଜଙ୍ଗମ ତୁମ ପ୍ରେମ-ଡୋରେ ଛନ୍ଦା,
ଅକିଞ୍ଚନ ତୁମ ଶିଶୁ
ସେ ରହସ୍ୟ ନ ପାରନ୍ତି ଜାଣି,
ସବୁକିଛି ଜାଣିବାର ସ୍ପର୍ଦ୍ଧା କରି
ପଥହରା ହୁଅନ୍ତି ଜନନୀ ।



ସେହିପରି ମୁଁ ତୁମର ଅବୋଧ ସନ୍ତାନ ଜଣେ –
ଅହଂକାର ନିର୍ମୋକରେ ଢାଙ୍କି ଏ ଜୀବନ
ତନୁ-ମନ-ପ୍ରାଣ ଧରି ହୁଏ ଖାଲି ତୁଚ୍ଛା ହୀନିମାନ ।

ଅପାର କରୁଣାମୟୀ ହେ ଦିବ୍ୟଜନନି !
ସୁଖ ଓ ଦୁଃଖର ସଂଜ୍ଞା ଖୋଜୁଛି ମୁଁ
ଅନୁଦିନ ଜୀବନ ଜୀବନ ।

ପାଇଛି ମୁଁ ପାବକ ସନ୍ଧାନ
ତୁମର ସେ ଦିବ୍ୟ ପଦ ଦୁଇ,
ଯେଉଁଠି ଘଟିଛି ମୋ ଜୀବନ ଯାତ୍ରାର
ତ୍ରିବେଣୀ ସଙ୍ଗମ । ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଊନବିଂଶ ଅଧ୍ୟାୟ)

## ସମତା

**ଶେଖ ଅବଦୁଲ କାଶମ**

ବ୍ରହ୍ମ ହେଉଛନ୍ତି ଯଥାର୍ଥତଃ ସମଭାବାପନ୍ନ । ସକଳ ପରିବର୍ତ୍ତନ ଭିତରେ ସେ ସମତାପୂର୍ଣ୍ଣ ଭାବ ଏବଂ ଅବିଚଳ ସ୍ଥିରତା ମଧ୍ୟରେ ପ୍ରତିଷ୍ଠିତ ହୋଇ ରହିଛନ୍ତି । ମନୁଷ୍ୟ ମଧ୍ୟ ସାଧନା ଦ୍ୱାରା ଏପରି ଏକ ସ୍ଥିରତାକୁ ଅର୍ଜନ କରିବା ଆବଶ୍ୟକ ଯଦ୍ଦ୍ୱାରା ସେ ସଂସାରର ସମସ୍ତ ଆଘାତ, ଦ୍ୱନ୍ଦ୍ୱ ଓ ବିକ୍ଷୋଭର ସମ୍ମୁଖୀନ ହୋଇ ପାରିବ । ପୃଥିବୀରେ ପରିଦୃଷ୍ଟ ଅସଂଖ୍ୟ ପାର୍ଥକ୍ୟ ଓ ବୈଷମ୍ୟ ଭିତରେ ପରମ ଏକତ୍ୱ ପ୍ରଚ୍ଛନ୍ନ ରୂପେ ବିଦ୍ୟମାନ । ମନୁଷ୍ୟ ସେହି ଏକତ୍ୱକୁ ଉପଲବ୍ଧି କରିପାରିଲେ ତା' ଭିତରେ ସମତାଭାବ ସୃଷ୍ଟି ହୋଇ ପାରିବ । ଆତ୍ମାର ଭୂମିରେ ଉପଲବ୍ଧି କରାଯାଇଥିବା ସମତାହିଁ ଏକମାତ୍ର ଯଥାର୍ଥ ସମତା । ତେଣୁ ଜଣେ କର୍ମଯୋଗୀ ଆତ୍ମା ଓ ବ୍ରହ୍ମକୁ ଉପଲବ୍ଧି କରିବା ଦ୍ୱାରା ସମତାର ଯେଉଁ ଉଚ୍ଚତର ସ୍ଥିତି ଲାଭ କରିବ ତାହା ତାକୁ ସ୍ୱାଭାବିକ ରୂପେ ଶାନ୍ତି, ସ୍ଥିରତା ଓ ମୁକ୍ତିର ଅନୁଭବ ଆଣିଦେବ ।

ଗୀତା ଅନୁସାରେ ମୁକ୍ତ ଆତ୍ମାର ଲକ୍ଷଣ ହେଉଛି ଜ୍ଞାନ, ବାସନା-ହୀନତା, ନୈର୍ବ୍ୟକ୍ତିକତା, ସମତା, ଶାନ୍ତି, ଆନନ୍ଦ ଏବଂ ଗୁଣତ୍ରୟର ଅଧୀନତାରୁ ମୁକ୍ତି । କର୍ମଯୋଗୀର ଲକ୍ଷ୍ୟ ହେବା ଉଚିତ ଏହିସବୁ ଗୁଣ ଓ ଉପାଦାନକୁ ଅର୍ଜନ କରିବା ତଥା ସକଳ କର୍ମ ଭିତରେ ସେଗୁଡ଼ିକୁ ପ୍ରକାଶିତ କରିବା । କର୍ମଯୋଗର ଉପାଦାନମାନଙ୍କ ଭିତରେ ସମତାର ବିଶେଷ ଗୁରୁତ୍ୱ ରହିଛି । ଶ୍ରୀଅରବିନ୍ଦଙ୍କ ମତରେ ମୁକ୍ତ ଆତ୍ମା ଜଗତ୍ ସହିତ ଯେଉଁ ମୁକ୍ତ ସମ୍ପର୍କ ରଖିପାରେ ତାହାର ମୂଳ ଚାବି ହେଲା ସମତା [... it (equality) is the nodus of the free spirit's free relations with the world.] ।

ଯେତେଦିନ ପର୍ଯ୍ୟନ୍ତ ମୁକ୍ତ ବ୍ୟକ୍ତି ଆତ୍ମଜ୍ଞାନ, ଶାନ୍ତି, ଆନନ୍ଦ ଓ ନୈର୍ବ୍ୟକ୍ତିକତା ମଧ୍ୟରେ ଆତ୍ମସମାହିତ ହୋଇ ରହିଥାଏ ସେତେଦିନ ପର୍ଯ୍ୟନ୍ତ ତା' ପାଇଁ ସମତାର ପ୍ରୟୋଜନ ରହି ନଥାଏ । ମାତ୍ର ଯେତେବେଳେ ସେ ପ୍ରକୃତିର କ୍ରିୟାରେ ଅଂଶଗ୍ରହଣ କରିବାକୁ ଯାଇ ନାନା ବହୁତ୍ୱ, ନାନା ବ୍ୟକ୍ତିତ୍ୱ, ବୈଷମ୍ୟ ଓ ଭେଦର ସମ୍ମୁଖୀନ ହୁଏ ସେତେବେଳେ ସେ ତା'ର ମୁକ୍ତ ଅବସ୍ଥାର ଉପରୋକ୍ତ ଗୁଣଗୁଡ଼ିକୁ ସମତା ଭିତର ଦେଇ ହିଁ ଅଭିବ୍ୟକ୍ତ କରାଏ । ସୁତରାଂ ଗୀତାରେ ସମତା ଉପରେ ବହୁତ ଗୁରୁତ୍ୱ ଦିଆଯାଇଛି । ସମତା ବିନା ଜଣେ ସାଧକ ଜୀବନ ଓ ଯୋଗ ପଥରେ ଆସୁଥିବା ନାନା ଦ୍ୱନ୍ଦ୍ୱ ଓ ବିରୋଧକୁ ଅତିକ୍ରମ କରିପାରିବ ନାହିଁ ।

ପରମ ଅଦ୍ୱିତୀୟ ସତ୍ତା ଯିଏ କି ବିଶ୍ୱର ସକଳ ସତ୍ତା ଓ ବସ୍ତୁ ଭିତରେ ଅନ୍ତର୍ନିହିତ ହୋଇ ରହିଛନ୍ତି ତାଙ୍କରି ସହିତ ଏକତ୍ୱ ଉପଲବ୍ଧି କରିବା ହିଁ ଯଥାର୍ଥ ଜ୍ଞାନ । ଏହି ଜ୍ଞାନର ଅଧିକାରୀ ହୋଇଥିବା ଜଣେ ସାଧକ ତା'ର ବ୍ୟକ୍ତିଗତ ଓ ସାମୂହିକ ଜୀବନରେ ସକଳ ବ୍ୟକ୍ତି, ବସ୍ତୁ ଓ ପରିସ୍ଥିତି ପ୍ରତି ସମତାଭାବ ପୋଷଣ କରିପାରେ । ସାଧକ ପକ୍ଷରେ ଯେଉଁ ଦ୍ୱିତୀୟ ଗୁଣ ଆବଶ୍ୟକ ତାହା ହେଲା ନୈର୍ବ୍ୟକ୍ତିକତା । ଅର୍ଥାତ୍ ସେ ଜଗତରେ ବହୁ ବ୍ୟକ୍ତିତ୍ୱର ବିଭିନ୍ନତା ଭିତରେ ନିଜ ଆତ୍ମାର ଅପରିବର୍ତ୍ତନୀୟ ଉଚ୍ଚ ସ୍ଥିତିକୁ ବଜାୟ ରଖିବ । ସେ ସମସ୍ତଙ୍କ ପ୍ରତି ନିରପେକ୍ଷ ଓ ସମଭାବାପନ୍ନ ହୋଇ ରହିବ । ଅନ୍ୟମାନଙ୍କ ସହିତ ସମ୍ପର୍କ କ୍ଷେତ୍ରରେ ତା'ର କୌଣସି ବ୍ୟକ୍ତିଗତ ପ୍ରତିକ୍ରିୟା, ଆକର୍ଷଣ ବା ବିକର୍ଷଣ ରହିବ ନାହିଁ । ଗୀତାରେ ଶ୍ରୀକୃଷ୍ଣ ନିଜର ନୈର୍ବ୍ୟକ୍ତିକତା ପ୍ରକାଶ କରିବାକୁ ଯାଇ କହନ୍ତି – ''ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।'' ଅର୍ଥାତ୍ ''ସମସ୍ତଙ୍କ ପ୍ରତି ମୋର ସମଭାବ ରହିଛି, କେହି ମୋର ପ୍ରିୟ ନୁହନ୍ତି କି କେହି ଘୃଣାଭାଜନ ନୁହନ୍ତି ।''

ସାଧକର ଯେଉଁ ତୃତୀୟ ଗୁଣ ଆବଶ୍ୟକ ତାହା ହେଉଛି ବାସନା-ହୀନତା । ଅସୀମ ଆତ୍ମାର ଆନନ୍ଦମୟ ଉଚ୍ଚ ସ୍ଥିତିରେ ସେ ଅବସ୍ଥାନ କରିବ । ଫଳରେ ସେ କୌଣସି କାମ୍ୟ ବସ୍ତୁ ପ୍ରତି ଆକର୍ଷିତ ନ ହୋଇ ଏକ ସମତାପୂର୍ଣ୍ଣ ନିରପେକ୍ଷ ଉଦାସୀନତା ବା ଅନାସକ୍ତି ଭାବ ସହ ସବୁ କିଛିକୁ ଗ୍ରହଣ କରିବ । ସେ ନିଜ ସ୍ୱରୂପରେ ଅବିକ୍ଷୁବ୍ଧ ଓ ଅବିଚଳିତ ହୋଇ ରହିଥିବ ।

ତ୍ରୈଗୁଣାତୀତ୍ୟ ଅବସ୍ଥାକୁ ପ୍ରାପ୍ତ ହେବା ସାଧକର ଆଉ ଏକ ଆବଶ୍ୟକତା । ସେ ଆତ୍ମସ୍ୱରୂପରେ ପ୍ରତିଷ୍ଠିତ ହୋଇ

ପ୍ରକୃତିର ଗୁଣସମୂହର ଯେଉଁ ନିତ୍ୟ ଚଞ୍ଚଳ ଓ ଅସମ କ୍ରିୟା ରହିଛି ତାହାର ଊର୍ଦ୍ଧ୍ୱକୁ ଉଠିଯିବ । ଫଳରେ ସମସ୍ତ କର୍ମ, ସମସ୍ତ ଫଳ ଓ ସମସ୍ତ ଘଟଣା ପ୍ରତି ତା'ର ରହିବ ସମ୍ପୂର୍ଣ୍ଣ ନିରପେକ୍ଷ ସମଦୃଷ୍ଟି ।

ସମତାର ଶିକ୍ଷା ଯେ କେବଳ ଗୀତାରେ ଅଛି, ତାହା ନୁହେଁ । ବିଭିନ୍ନ ଦର୍ଶନରେ ତଥା ସାମାଜିକ ପଟ୍ଟଭୂମିରେ ମନ, ହୃଦୟ ଓ ଚିତ୍ତର ସ୍ଥିରତା ବା ସମତାକୁ ଏକ ବାଞ୍ଛନୀୟ ଗୁଣ ରୂପେ ସ୍ୱୀକାର କରାଯାଇଛି । ଯେଉଁ ଜ୍ଞାନୀବ୍ୟକ୍ତିମାନଙ୍କ ଭିତରେ ସ୍ୱାଭାବିକ ରୂପେ ସମତାଗୁଣ ପ୍ରକାଶିତ ହୋଇଥାଏ ସେମାନଙ୍କୁ ସମାଜ ବିଶେଷ ସମ୍ମାନ ଦେଇଛି, ପ୍ରଶଂସା କରିଛି । କିନ୍ତୁ ଗୀତାରେ ସମତାର ଆଦର୍ଶକୁ ଏକ ଉଚ୍ଚ ଆଧ୍ୟାତ୍ମିକ ସ୍ୱରୂପ ପ୍ରଦାନ କରାଯାଇଛି । ଏଥିରେ ଆମେ ସମତାର ଏକ ବ୍ୟାପକ ଓ ସାର୍ବଜନୀନ ତାତ୍ପର୍ଯ୍ୟ ଦେଖିବାକୁ ପାଉ । ବାସନାର ବିକ୍ଷୋଭରୁ ମୁକ୍ତ ହୋଇ ଆଧ୍ୟାତ୍ମିକ ଚେତନାର ଉଚ୍ଚତର ସ୍ତରକୁ ଉଠିଯିବା ନିମନ୍ତେ ତଥା ସାଧନାରେ ଗଭୀରତା ଓ ବହୁମୁଖୀ ପ୍ରସାରତା ଆଣିବା ସକାଶେ ସମତାଗୁଣର ଅର୍ଜନ ଓ ଆଚରଣ ଯେ ଏକାନ୍ତ ଅପରିହାର୍ଯ୍ୟ, ଏହାକୁ ଗୀତା ଦୃଢ଼ଭାବରେ ପ୍ରକାଶ କରିଛି ।

ସାଧାରଣ ଲୋକେ ସମତାକୁ ସହନଶୀଳତା ଅର୍ଥରେ ବୁଝନ୍ତି । ଯାହା ଅପ୍ରୀତିକର ଓ କଷ୍ଟଦାୟକ ତାହା ପ୍ରତି ପ୍ରତିକ୍ରିୟା ପ୍ରଦର୍ଶନ ନ କରି ସହ୍ୟ କରିଯିବା ହିଁ ଉତ୍ତମ ଚରିତ୍ରର ଲକ୍ଷଣ ବୋଲି ସେମାନେ ବିଚାର କରନ୍ତି । ଆତ୍ମକର୍ତ୍ତୃତ୍ୱ ଲାଭ ପାଇଁ କଠିନ ତପସ୍ୟା କରିବା ଏବଂ ତଜ୍ଜନିତ କଷ୍ଟସବୁକୁ ସହ୍ୟ କରିଯିବା – ଏହାକୁ ଷ୍ଟୋୟିକ୍ ସମତା (Stoic equality) ବୋଲି ଶ୍ରୀଅରବିନ୍ଦ କହିଛନ୍ତି । ଗ୍ରୀସ୍‌ର ଷ୍ଟୋୟିକ୍ ସମ୍ପ୍ରଦାୟର ଧାରଣା ଥିଲା ଯେ ସୁଖ-ଦୁଃଖବୋଧ ହେଉଛି ହୃଦୟର ଏକ ଦୁର୍ବଳତା, ତେଣୁ ମନର ଜୋର୍ ଦ୍ୱାରା ତା' ଉପରେ କର୍ତ୍ତୃତ୍ୱ ଲାଭ କରିବା ଆବଶ୍ୟକ ।

ଆଉ ଏକ ପ୍ରକାର ସମତା ବିଷୟରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି, ତାହା ହେଉଛି ଦାର୍ଶନିକ ସମତା (Philosophic equality) । ଜ୍ଞାନ, ଅନାସକ୍ତି ଓ ବୁଦ୍ଧିଯୁକ୍ତ ଉଦାସୀନତା ଦ୍ୱାରା ଏହା ଲାଭ କରାଯାଏ । ବ୍ୟକ୍ତି ନିଜ ବୁଦ୍ଧି ଖଟାଇ ଭାବେ ଯେ ପୃଥିବୀରେ ସବୁକିଛି ଅନିତ୍ୟ, ସୁଖ ଓ ସତ୍ୟର ପ୍ରାପ୍ତି ଏଠାରେ ସମ୍ଭବ ନୁହେଁ, ଅନ୍ୟ ଜଗତରେ ତାହା ମିଳିପାରେ । ସୁତରାଂ ଅନାସକ୍ତି ମାଧ୍ୟମରେ ଆତ୍ମକର୍ତ୍ତୃତ୍ୱ ଲାଭ କରି କୌଣସି ମତେ ଜୀବନଟି ବଞ୍ଚିଯିବାକୁ ସେ ଶ୍ରେୟସ୍କର ମନେ କରେ ।

ଏକ ଧର୍ମଭାବମୂଳକ ସମତା ବା ଖ୍ରୀଷ୍ଟିଆନ ସମତା (Christian equality) ବି ରହିଛି । ଏହାର ପଦ୍ଧତି ହେଲା ଭଗବାନଙ୍କ ଇଚ୍ଛା ନିକଟରେ ମଥା ନତ କରି ତାହାକୁ ଗ୍ରହଣ କରିନେବା, ସର୍ବଦା ତାଙ୍କ ପ୍ରତି ଅନୁଗତ ହୋଇ ରହିବା ।

ଉପରୋକ୍ତ ତିନିପ୍ରକାର ସମତା (ବୀରୋଚିତ ସହିଷ୍ଣୁତା, ଜ୍ଞାନୀସୁଲଭ ଉଦାସୀନତା ଓ ଧର୍ମଭାବାତ୍ମକ ଆନୁଗତ୍ୟ)କୁ ଯଥାକ୍ରମେ 'ତିତିକ୍ଷା', 'ଉଦାସୀନତା' ଓ 'ନତି' ବୋଲି ଗୋଟିଏ ଲେଖାଏଁ ପଦରେ ପ୍ରକାଶ କରାଯାଇପାରେ । ଦିବ୍ୟଶାନ୍ତି ଲାଭ ପାଇଁ ଏହି ପ୍ରତ୍ୟେକଟି ଗୋଟିଏ ଗୋଟିଏ ପ୍ରାଥମିକ ସୋପାନ । ଗୀତା ନିଜର ବିପୁଳ ସମନ୍ୱୟ ଭିତରେ ଏ ତିନୋଟି ଉପାୟକୁ ଗ୍ରହଣ କରିଛି, କିନ୍ତୁ ପ୍ରତ୍ୟେକକୁ ଏକ ଗଭୀରତର ଭିତ୍ତି ଓ ବ୍ୟାପକତର ତାତ୍ପର୍ଯ୍ୟ ପ୍ରଦାନ କରିଛି ।

ସମତାକୁ ସାଧକର ଏକ ପ୍ରଧାନ ଲକ୍ଷଣ ରୂପେ ବିବେଚନା କରାଯାଏ ଏବଂ ଏହି ସମତା ଦ୍ୱାରା ହିଁ ସାଧକର ସାଧନା-ସ୍ତର ନିର୍ଣ୍ଣୀତ ଓ ପରୀକ୍ଷିତ ହୋଇଥାଏ । ଯଦି ସାଧକ ତ୍ରିଗୁଣମୟୀ ପ୍ରକୃତିର ଅସମ ଖେଳା ଭିତରେ ବିବଶ ଓ ଅସହାୟ ହୋଇ ରହିଛି, ଯଦି ସେ ବାସନାର ଅବିରତ ଉତ୍ପୀଡ଼ନରୁ ନିଜକୁ ମୁକ୍ତ କରିପାରୁ ନାହିଁ, ଯଦି ସେ ହର୍ଷ-ବିଷାଦ, ସନ୍ତୋଷ-ଅସନ୍ତୋଷ ଆଦି ଦ୍ୱନ୍ଦ୍ୱର ଅଧୀନ ହୋଇ ରହିଛି ତାହାହେଲେ ଜାଣିବାକୁ ହେବ ଯେ ତା' ଭିତରେ ସମତା ପ୍ରତିଷ୍ଠିତ ହୋଇ ନାହିଁ । ଯଦି ଜଣେ ସର୍ବବ୍ୟାପୀ ଓ ସର୍ବସମନ୍ୱୟକାରୀ ବ୍ରହ୍ମର ଏକତ୍ୱକୁ ତଥା ବସ୍ତୁସକଳର ଏକତ୍ୱକୁ ଉପଲବ୍ଧି କରିନାହିଁ ତାହାହେଲେ ସେ ଯଥାର୍ଥ ଜ୍ଞାନରୁ ବିଚ୍ୟୁତ ହୋଇ ରହିଛି ଏବଂ ତାହା ପ୍ରମାଣ କରୁଛି ଯେ ତା'ର ଆତ୍ମା ଭିତରେ ଅସମତା ରହିଛି । ଅନ୍ୟ ପକ୍ଷରେ ଯଦି ଜଣେ ତା'ର ସକଳ କର୍ମ ଭିତରେ କେବେ ବି ଚାପଗ୍ରସ୍ତ ବା ଭାରାକ୍ରାନ୍ତ ଅନୁଭବ କରୁ ନାହିଁ ବରଂ ମୁକ୍ତି, ପ୍ରଫୁଲ୍ଲତା ଓ ଆନନ୍ଦ ଉପଲବ୍ଧି କରୁଛି ତାହାହେଲେ ସେପରି କର୍ମଯୋଗୀ ସମତାରେ ପ୍ରତିଷ୍ଠିତ ହୋଇଛି ବୋଲି କୁହାଯିବ ।

ସାଧାରଣ ମନୁଷ୍ୟ ଯେତେବେଳେ ଦୁଃଖ, ଯନ୍ତ୍ରଣା, ଦୁର୍ଭାଗ୍ୟ, ବିଫଳତା, ପରାଜୟ, ନିନ୍ଦା ଓ ଅପମାନ ପ୍ରଭୃତି ପ୍ରତିକୂଳ ଆଘାତର ସମ୍ମୁଖୀନ ହୁଏ ତା'ର ମନ ସ୍ୱାଭାବିକ ଭାବେ ସେଥିରୁ ପଛେଇ ଆସେ । ପୁଣି ଯେତେବେଳେ ସୁଖ,

ସୌଭାଗ୍ୟ, ସଫଳତା, ବିଜୟ, ଗୌରବ ଓ ପ୍ରଶଂସା ଭଳି ସୁଖକର ସ୍ପର୍ଶ ଲାଭ କରେ ସେଥିରେ ତା'ର ମନ ଉତ୍‌ଫୁଲ୍ଲିତ ହୋଇଉଠେ, ସେଥିପ୍ରତି ସେ ବ୍ୟଗ୍ରତା ସହିତ ଆକର୍ଷିତ ହୁଏ । ମନର ଏଇ ଦ୍ୱନ୍ଦ୍ୱ ସବୁର ପଶ୍ଚାତ୍‌ରେ ରହି ଆତ୍ମା କିନ୍ତୁ ସେଥିରୁ ଅବାରିତ ଭାବରେ ରସ ବା ଆନନ୍ଦ ଗ୍ରହଣ କରେ ।

ଏହା ମଧ୍ୟ ସତ୍ୟ ଯେ ସାଧାରଣ ମନୁଷ୍ୟ ପ୍ରତିକୂଳ ଆଘାତ ସବୁର ଅନୁଭବ ବାରଂବାର ପାଇ ସେଥିରେ ଏପରି ଅଭ୍ୟସ୍ତ ହୋଇଯାଏ ଯେ ସେ ସେଥିରୁ ଏକପ୍ରକାର ସୁଖ (Pleasure) ଲାଭ କରେ । ପ୍ରକୃତିର ଖେଳାରେ ଜଡ଼ିତ ମନୁଷ୍ୟ ଏପରି ନାନା ପ୍ରକାରେ ବିକ୍ଷୋଭସବୁରୁ ସୁଖ ପାଇଥାଏ । ସେ ପରାଜୟରୁ ମଧ୍ୟ ଏକପ୍ରକାର ସୁଖ ଓ ତୃପ୍ତି ଅନୁଭବ କରେ । ଜଣେ ଯୋଦ୍ଧାକୁ ଯୁଦ୍ଧର କ୍ଷତ ମଧ୍ୟ ଆଣିଦିଏ ଆନନ୍ଦ ଓ ଗର୍ବର ସ୍ମୃତି । ପରାଜିତ ସୈନିକଟିଏ ଭାବେ ଯେ ସେ ପରାଜିତ ହେଲେ କ'ଣ ହେଲା, ସେ ତ ବିକ୍ରମଶାଳୀ ପ୍ରତିପକ୍ଷ ବିରୋଧରେ ନିର୍ଭୟରେ ଯୁଦ୍ଧ କରି ପାରିଛି । ଏପରି ଯୋଦ୍ଧା ବି ଅଛନ୍ତି ଯେଉଁମାନେ ପରାଜୟ ଫଳରେ ମନରେ ସୃଷ୍ଟି ହୋଇଥିବା ଘୃଣା ଓ ପ୍ରତିହିଂସାର ଭାବରୁ ମଧ୍ୟ ଏକ ପ୍ରକାର ସୁଖ ଲାଭ କରନ୍ତି । ଅବଶ୍ୟ ଏହା ଏକ ଅନ୍ଧକାରମୟ କ୍ରୁର ନିମ୍ନସ୍ତରୀୟ ସୁଖ ।

ପ୍ରତିକୂଳ ଆଘାତସବୁ ପ୍ରତି ମନୁଷ୍ୟର ମନ ଯେଉଁ ବିରାଗ ଭାବ ପୋଷଣ କରେ ତାହା ହେଉଛି ଆତ୍ମରକ୍ଷାର ନୀତି ବା ଜୁଗୁପ୍‌ସା (Self-protecting Recoil)କୁ କାର୍ଯ୍ୟକାରୀ କରିବା ନିମିତ୍ତ ପ୍ରକୃତିର ଏକ କୌଶଳ । ଏହା ଦ୍ୱାରା ସତ୍ତାର ସ୍ନାୟବିକ ଶାରୀରିକ ଅଂଶସବୁ ଆତ୍ମବିନାଶର ପ୍ରବୃତ୍ତିରୁ ନିବୃତ୍ତ ହୁଅନ୍ତି । ଯଦି ଜଣେ ବ୍ୟକ୍ତି ଜୀବନ-ଯୁଦ୍ଧକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ନୁହେଁ ବା ଅସମର୍ଥ, ତା'ପାଇଁ ପ୍ରକୃତି ଏହି ଆତ୍ମରକ୍ଷାର ନୀତି, ସହନଶୀଳତା ବା ତାମସିକ ଉଦାସୀନତାର କୌଶଳ ନିର୍ଦ୍ଧାରିତ କରି ଦେଇଛି । ସେହିପରି ଯେତେବେଳେ ମନୁଷ୍ୟ ଅନୁକୂଳ ସ୍ପର୍ଶ ସବୁରୁ ସୁଖ ପାଏ ସେତେବେଳେ ମଧ୍ୟ ପ୍ରକୃତିର ଏକ କୌଶଳ କାର୍ଯ୍ୟ କରିଥାଏ । ଅର୍ଥାତ୍ ପ୍ରକୃତି ଏହି ରାଜସିକ ସୁଖର ପ୍ରଲୋଭନ ଦେଖାଇ ମନୁଷ୍ୟକୁ ଜଡ଼ତା ଓ ତାମସିକତା ଭିତରୁ ଉଠାଇ ଆଣେ ଏବଂ ତାକୁ କର୍ମ, ଉଦ୍ୟମ ଓ ସଂଗ୍ରାମ ଦିଗରେ ପ୍ରବୃତ୍ତ କରେ । ମନୁଷ୍ୟର ଅନ୍ତର୍ନିହିତ ଆତ୍ମା ଏହିସବୁ ସଂଗ୍ରାମ, ଉଦ୍ୟମ ଓ ଅଭିଯାନ ଭିତରୁ ଏକ ପ୍ରକାର ଆନନ୍ଦ ପାଏ, ଏପରିକି ବିପଦ ଓ ଦୁଃଖଭୋଗ ଭିତରୁ ମଧ୍ୟ ଏକ ପ୍ରକାର ଆନନ୍ଦ ପାଏ ।

ମନୁଷ୍ୟର ରାଜସିକ ବାସନାମୟ ଆତ୍ମା ଜୀବନର ସମସ୍ତ ଶ୍ରମ ଓ ସଂଗ୍ରାମ, କାମନା-ବାସନା, ସୁଖ-ଦୁଃଖ, ଆଶା-ଆକାଂକ୍ଷା ଓ ଜୟ-ପରାଜୟର ବୈଚିତ୍ର୍ୟମୟ ଖେଳାକୁ ଭଲ ପାଏ । ସେଥିରୁ ସେ ଆନନ୍ଦ ଗ୍ରହଣ କରେ । ବୈଚିତ୍ର୍ୟହୀନ ଜୀବନ ତାକୁ ସନ୍ତୋଷ ଦେଇପାରେ ନାହିଁ । ତାହା ତାକୁ ମନେ ହୁଏ ନୀରସ, କ୍ଲାନ୍ତିକର ଓ ଅରୁଚିକର । ପ୍ରକୃତରେ ଏହି ସୁଖ ହେଉଛି ଆପେକ୍ଷିକ, ଯାହା ନିର୍ଭର କରେ ତା'ର ବିପରୀତ ଦୁଃଖର ଅନୁଭୂତି ଉପରେ । ମାତ୍ର ସୁଖ-ଦୁଃଖରୂପୀ ଏହି ଦ୍ୱନ୍ଦ୍ୱର ଖେଳାରୁ ଆତ୍ମା ଯେଉଁ ଆନନ୍ଦ ଗ୍ରହଣ କରେ ତାହା ହିଁ ହେଉଛି ବୈଚିତ୍ର୍ୟମୟ ଜୀବନ ବଞ୍ଚିବାରେ ମନ ପାଉଥିବା ସୁଖର ଗୂଢ଼ ରହସ୍ୟ (The joy of the soul in the dualities is the secret of the mind's pleasure in living.) ।

ସାଧାରଣ ମନୁଷ୍ୟ ତା'ର ଚିର ପରିଚିତ ଓ ଚିର ଅଭ୍ୟସ୍ତ ଜୀବନଧାରାରୁ ଊର୍ଦ୍ଧ୍ୱକୁ ଉଠିବାକୁ ସହଜରେ ଚାହେଁ ନାହିଁ । କ୍ଷଣିକ ସୁଖ ପ୍ରାପ୍ତି ଓ ଆଶା-ଆକାଂକ୍ଷାର ପୂରଣ ନିମନ୍ତେ ସେ ଯେତିକି ଶ୍ରମ ଓ ସଂଗ୍ରାମ କରୁଛି, ଯେତିକି କଷ୍ଟ ସ୍ୱୀକାର କରୁଛି, ଆଧ୍ୟାତ୍ମିକ ପରିବର୍ତ୍ତନ ପାଇଁ ତା' ଅପେକ୍ଷା ତାକୁ ସେତିକି ସଂଗ୍ରାମ ବା କଷ୍ଟସ୍ୱୀକାର କରିବାକୁ ପଡ଼ିବ ନାହିଁ । ମାତ୍ର ମନୁଷ୍ୟ ବାସନାମୟ ଜୀବନରେ ଏପରି ମଜ୍ଜି ରହିଥାଏ ଯେ ସେ ଊର୍ଦ୍ଧ୍ୱସ୍ତରର ମୁକ୍ତି ଓ ଆନନ୍ଦ ପାଇବାକୁ କେବେ ଇଚ୍ଛା ପ୍ରକାଶ କରେ ନାହିଁ କି ସେପରି ଏକ ଉଚ୍ଚତର ସମ୍ଭାବନାକୁ ମଧ୍ୟ ବୁଝିପାରେ ନାହିଁ ।

ନିମ୍ନର ଅଶୁଦ୍ଧ ପ୍ରକୃତି ଯେଉଁ କ୍ଷଣସ୍ଥାୟୀ ସୁଖ ସନ୍ତୋଗ ପ୍ରଦାନ କରେ ତାହା ହେଉଛି ରାଜସିକ ସ୍ତରର । ତାମସିକ, ଅଜ୍ଞାନ ଓ ଜଡ଼ତାର ସ୍ତରରୁ ଉପରକୁ ଉଠି ଜଣେ ରାଜସିକ ସ୍ତରକୁ ଆସେ । ରାଜସିକ ସ୍ତରର ସ୍ଥିତିକୁ ଗୀତାରେ ମଧ୍ୟମା ଗତି ବୋଲି କୁହାଯାଇଛି । ଏହି ସ୍ତରରେ ଚିରକାଳ ରହିଗଲେ ମନୁଷ୍ୟର ଊର୍ଦ୍ଧ୍ୱାରୋହଣ ଯାତ୍ରା ଅସମାପ୍ତ ହୋଇ ରହିଯିବ । ପରମ ଜ୍ଞାନ, ପରମ ଶକ୍ତି ଓ ପରମ ଆନନ୍ଦ ପ୍ରାପ୍ତ କରିବା ପାଇଁ ମନୁଷ୍ୟ-ଆତ୍ମାର ପୂର୍ଣ୍ଣ ବିକାଶ ଆବଶ୍ୟକ । ତେଣୁ ରାଜସିକ ସ୍ତରରୁ ଊର୍ଦ୍ଧ୍ୱକୁ ଉଠି ସାତ୍ତ୍ୱିକ ସତ୍ତା ଓ ପ୍ରକୃତି ଭିତର ଦେଇ ତ୍ରିଗୁଣାତୀତ ଅବସ୍ଥାକୁ ଉଠିଯିବାହିଁ ପୂର୍ଣ୍ଣ ସିଦ୍ଧିଲାଭର ପଥ ।

ଆଧ୍ୟାତ୍ମିକ ସାଧନାର ମୂଳ ଭିତ୍ତି ହେଲା ମନର ଶାନ୍ତି ଓ ନୀରବତା । କିନ୍ତୁ ନିମ୍ନ ପ୍ରକୃତିରୁ ଜାତ କାମନା-ବାସନା ଓ ଅଜ୍ଞାନମୟ ନାନା ମିଥ୍ୟା ଗତିବୃତ୍ତି ସାଧକକୁ ବିକ୍ଷୁବ୍ଧ ଓ ବିଚଳିତ

କରି ପକାନ୍ତି, ଯାହା ଫଳରେ ତା'ର ଅଗ୍ରଗତି ବ୍ୟାହତ ହୁଏ । ସକଳ ବିକ୍ଷୋଭରୁ ବାହାରି ଆସିବା ପାଇଁ ଏକମାତ୍ର ନିଶ୍ଚିତ ସହାୟକ ପନ୍ଥା ହେଉଛି ସମତା – ମନରେ ସମତା, ଭାବାବେଗରେ ସମତା ଓ ଆତ୍ମାରେ ସମତା । ସାଧନାର ପ୍ରାରମ୍ଭିକ ପର୍ଯ୍ୟାୟରେ ସତ୍ତ୍ୱ, ରଜଃ ଓ ତମଃ ଏଇ ତିନିଗୁଣ ଭିତରୁ କୌଣସି ଗୋଟିକୁ ଆଶ୍ରୟ କରି ହିଁ ଆଗେଇବାକୁ ହୁଏ । ଅର୍ଥାତ୍ ସମତାର ଆରମ୍ଭ ସାତ୍ତ୍ୱିକ ହୋଇପାରେ, ରାଜସିକ ବା ତାମସିକ ମଧ୍ୟ ହୋଇପାରେ ।

ତାମସିକ ସମତା ହେଉଛି ଏପରି ଏକ ଅବସ୍ଥା ଯେଉଁଠି ଜୀବନର ଆନନ୍ଦ ଉପଭୋଗ ଲାଗି ମନୁଷ୍ୟ ଭିତରେ କୌଣସି ସ୍ପୃହା ବା ଆଗ୍ରହ ଦେଖାଯାଏ ନାହିଁ । ଜୀବନରେ ଆସୁଥିବା ଘାତ-ପ୍ରତିଘାତ ପ୍ରତି ସେପରି ମନୁଷ୍ୟ ସମ୍ପୂର୍ଣ୍ଣ ଜଡ଼ ଓ ନିଷ୍କ୍ରିୟ ହୋଇ ରହିଥାଏ । ଘଟଣା ଓ ପରିସ୍ଥିତିଗୁଡ଼ିକ ଅନୁକୂଳ ହେଉ କି ପ୍ରତିକୂଳ ହେଉ, ସେଥିପ୍ରତି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରେ ନାହିଁ, କାରଣ ତା'ର ବୋଧଶକ୍ତିର ଅଭାବ ଥାଏ ବା ବୋଧଶକ୍ତି ଆଦୌ ନଥାଏ । ଆଉ ଏକ ପ୍ରକାର ତାମସିକ ସମତା ବି ରହିଛି । ଅତ୍ୟଧିକ ଉପଭୋଗ ଯୋଗୁଁ ଭାବାବେଗ ଓ କାମନା-ବାସନାରେ କ୍ଳାନ୍ତି ଅନୁଭୂତ ହେଲେ ଏ ଅବସ୍ଥା ଆସେ । କିଂବା ଅପରପକ୍ଷେ ନୈରାଶ୍ୟ, ବିରକ୍ତି ଓ ଯନ୍ତ୍ରଣା ପ୍ରତି ଭୟ ଯୋଗୁଁ ମଧ୍ୟ ଏହି ତାମସିକ ସମତା ସୃଷ୍ଟି ହୁଏ । ଏହା ପ୍ରକୃତରେ ଏକ ମିଶ୍ରିତ ରଜୋତାମସିକ ଭାବ ଯେଉଁଥିରେ ନିମ୍ନ ତମୋଗୁଣର ହିଁ ପ୍ରାଧାନ୍ୟ ରହିଥାଏ । ପୁଣି ଏହି ତାମସିକତାକୁ ସାତ୍ତ୍ୱିକ ଭାବ ମଧ୍ୟ ପ୍ରଭାବିତ କରିପାରେ । ଯେତେବେଳେ ଜଣେ ବୁଦ୍ଧିର ପ୍ରୟୋଗ କରି ଚିନ୍ତା କରେ ଯେ ଜୀବନରେ କାମନା-ବାସନା କେବେ ବି ପୂରଣ ହେବ ନାହିଁ, ଜୀବନଟା ଦୁଃଖପୂର୍ଣ୍ଣ ଓ ଅନିତ୍ୟ, ଏଥିରେ ଯଥାର୍ଥ ସତ୍ୟ, ଆଲୋକ ଓ ଆନନ୍ଦର ସମ୍ଭାବନା ନାହିଁ, ସେତେବେଳେ ଏହାକୁ ସତ୍ତ୍ୱ ତାମସିକ ସମତା ବୋଲି କୁହାଯିବ । ପ୍ରକୃତରେ ଏହା ସମତା ପଦବାଚ୍ୟ ନୁହେଁ, ଯଦିଓ ସମତା ଦିଗରେ ଏହା ନେଇ ଯାଇପାରେ ।

ତାମସିକ ସମତାରେ ଥାଏ ସବୁକିଛି ପ୍ରତି ପରିତ୍ୟାଗର ଭାବ । ଏହା ଯନ୍ତ୍ରଣାଦାୟକ ବିଷୟର ପରିତ୍ୟାଗ କରୁ କରୁ ପ୍ରକୃତି ଅନ୍ତର୍ଗତ ସମଗ୍ର ଜୀବନକୁ ପରିତ୍ୟାଗ କରିବାର ପ୍ରମାଦ ଭିତରେ ଯାଇ ପଡ଼େ । ଫଳରେ ଅନେକ କ୍ଷେତ୍ରରେ ଆତ୍ମାର ଆନନ୍ଦ ପରିବର୍ତ୍ତେ ଯନ୍ତ୍ରଣା ଓ ଆତ୍ମପୀଡ଼ନହିଁ ଜୀବନର ସାରବସ୍ତୁ ବୋଲି ଭୁଲ୍ ଧାରଣା କରାଯାଏ ।

ତାମସିକ ସମତା ମୁକ୍ତି ଆଣିଦିଏ ନାହିଁ । ମାତ୍ର ଏହା ମୁକ୍ତି ଦିଗରେ ଏକ ପ୍ରାରମ୍ଭିକ ପଦକ୍ଷେପ ହୋଇପାରେ । ଭାରତୀୟ ବୈରାଗ୍ୟ ମାର୍ଗ ଏହି ନୀତିକୁ ଅନୁସରଣ କରିଛି । ଏହା ପ୍ରକୃତିର ଊର୍ଦ୍ଧ୍ୱରେ ଥିବା ଅକ୍ଷର ଆତ୍ମାର ଉପଲବ୍ଧି କରିବାକୁ ଯାଇ ତାମସିକ ସମତାକୁ ସାତ୍ତ୍ୱିକ ସମତାରେ ପରିଣତ କରିଛି । ମାତ୍ର ଏହା କର୍ମ ଓ ସାଂସାରିକ ଜୀବନକୁ ପରିତ୍ୟାଗ କରିଛି । ଅନ୍ୟ ପକ୍ଷରେ ଗୀତା ବାହ୍ୟ ସନ୍ନ୍ୟାସ ପରିବର୍ତ୍ତେ ଆନ୍ତର ତ୍ୟାଗ ଉପରେ ଜୋର୍ ଦେଇଛି । କିନ୍ତୁ ବୈରାଗ୍ୟ ମାର୍ଗକୁ ଏହା ସମ୍ପୂର୍ଣ୍ଣ ଖଣ୍ଡନ କରି ନାହିଁ । ଏହା କହିଛି ଯେ ଜନ୍ମ-ମୃତ୍ୟୁ-ଜରା-ବ୍ୟାଧି ଓ ଦୁଃଖ ଆଦିରେ ଦୋଷ ଦର୍ଶନ କରିବା ଦ୍ୱାରା ଯେଉଁ ବୈରାଗ୍ୟ ଭାବ ଆସେ ତାହାକୁ ମୋକ୍ଷ ପ୍ରାପ୍ତି ଦିଗରେ ପ୍ରାରମ୍ଭିକ ପଦକ୍ଷେପ ରୂପେ ନିଆଯାଇ ପାରିବ । ମାତ୍ର ଏହା ସହିତ ଏକ ଉଚ୍ଚତର ଅବସ୍ଥାର ସାତ୍ତ୍ୱିକ ଉପଲବ୍ଧି ମଧ୍ୟ ଆବଶ୍ୟକ । ଏଥିପାଇଁ ଭଗବାନଙ୍କଠାରେ ଆଶ୍ରୟ ଗ୍ରହଣ କରିବାକୁ ହେବ । ଭଗବାନଙ୍କ କୃପା ଓ ସହାୟତା ବଳରେ ଜଣେ ଗୁଣତ୍ରୟକୁ ଅତିକ୍ରମ କରି ଜନ୍ମ, ମୃତ୍ୟୁ, ଜରା ଓ ଦୁଃଖରୁ ମୁକ୍ତ ହୋଇପାରିବ ତଥା ଅମୃତତ୍ୱ ଲାଭ କରି ପାରିବ ।

ରାଜସିକ ସମତା ଜୀବନର ଆଘାତ ଓ ସୁଖଦୁଃଖର ବିକ୍ଷୋଭସବୁକୁ ସମ୍ମୁଖୀନ ହେବାକୁ ଚାହେଁ । ଜଣେ ଯୋଦ୍ଧା ଯୁଦ୍ଧକ୍ଷେତ୍ରରେ ପରାଜିତ ଓ ଆହତ ହେଲେ ମଧ୍ୟ ଯୁଦ୍ଧରୁ ପଳାୟନ କରିବାକୁ ଚାହେଁ ନାହିଁ । ଜୟ-ପରାଜୟ, ସଫଳତା-ବିଫଳତା ଏ ଶ୍ରେଣୀର ବ୍ୟକ୍ତି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ, ବରଂ ପ୍ରତିକୂଳ ଶକ୍ତି ଓ ପରିସ୍ଥିତି ବିରୋଧରେ ସଂଗ୍ରାମ କରିଯିବାରେ ହିଁ ସେ ସନ୍ତୋଷ ଲାଭ କରେ । ରାଜସିକ ସମତା ଆତ୍ମକର୍ତ୍ତୃତ୍ୱ ଓ ଆତ୍ମସଂଯମ ଉପରେ ଗୁରୁତ୍ୱ ଦିଏ । ଏହା ସୁଖଦୁଃଖ, ଖ୍ୟାତି-ଅଖ୍ୟାତି ଆଦି ଦ୍ୱନ୍ଦ୍ୱ ଓ ବିକ୍ଷୋଭଗୁଡ଼ିକୁ ସହ୍ୟ କରିବା ସହିତ ସେଗୁଡ଼ିକ ଉପରେ ଜୟଲାଭ କରିବାକୁ ଚେଷ୍ଟା କରେ । ଷ୍ଟୋୟିକ୍ ଆତ୍ମସାଧନାରେ ମଧ୍ୟ ଶାରୀରିକ ଓ ମାନସିକ ସ୍ତରର ସମସ୍ତ ଆଘାତକୁ ସହ୍ୟ କରାଯାଏ । ମାତ୍ର ଏହି ପ୍ରକାର ସାଧନାରେ ସେତେବେଳେ ପୂର୍ଣ୍ଣତା ଆସେ ଯେତେବେଳେ ମଣିଷ ତା'ର ପ୍ରକୃତିର ବିଜେତା ଓ ରାଜା ହୋଇପାରେ ।

ସମତା ସମ୍ପର୍କରେ ଗୀତା ଯେଉଁସବୁ ବର୍ଣ୍ଣନା ଦେଇଛି ସେଥିରୁ କେତୋଟି ଉଦାହରଣ ଏଠାରେ ବିଚାର ପାଇଁ ନିଆ-ଯାଇପାରେ –

''ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।।''

(୨/୫୬)

ଅର୍ଥାତ୍‌, ''ଯାହାର ମନ ଦୁଃଖରେ ଅବିଚଳିତ ଓ ସୁଖରେ ସ୍ପୃହାହୀନ, ଯାହା ଭିତରୁ ଆସକ୍ତି, କ୍ରୋଧ ଓ ଭୟ ଦୂର ହୋଇଯାଇଛି, ସେଇଭଳି ମୁନିଙ୍କୁ ସ୍ଥିତଧୀ କୁହାଯାଏ ।''

''ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।।''

(୨/୫୭)

ଅର୍ଥାତ୍‌, ''ଯେ ସର୍ବବିଷୟରେ ସ୍ନେହଶୂନ୍ୟ, କୌଣସି ଶୁଭ ବା ଅଶୁଭ ଆସିଲେ ଯେ ଆନନ୍ଦିତ ହୁଅନ୍ତି ନାହିଁ ବା ଦ୍ୱେଷ କରନ୍ତି ନାହିଁ, ତାହାଙ୍କର ବୁଦ୍ଧିହିଁ ଯଥାର୍ଥ ଜ୍ଞାନରେ ସୁପ୍ରତିଷ୍ଠିତ ।''

''ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ।।''

(୫/୨୩)

ଅର୍ଥାତ୍‌, ''ଏହି ମନୁଷ୍ୟ ଶରୀରରେ ଶରୀରାବସାନ ପୂର୍ବରୁହିଁ ଯେଉଁ ମନୁଷ୍ୟ କାମକ୍ରୋଧଜନିତ ବେଗକୁ ସହ୍ୟ କରିବାକୁ ସମର୍ଥ ହୁଏ ସେ ହିଁ ଯୋଗୀ ଓ ସେ ହିଁ ସୁଖୀ ଅଟେ ।''

''ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ।।''

(୨/୧୪)

ଅର୍ଥାତ୍‌, ''ହେ କୁନ୍ତୀନନ୍ଦନ ! ବାହ୍ୟବସ୍ତୁ ସହିତ ଇନ୍ଦ୍ରିୟର ସ୍ପର୍ଶହିଁ ହେଉଛି ଶୀତ, ଉଷ୍ଣ, ସୁଖ-ଦୁଃଖର କାରଣ; ଏଇ ସବୁ ସ୍ପର୍ଶ ଅନିତ୍ୟ, ଆସେ ଓ ଯାଏ, ଏଗୁଡ଼ିକୁ ସହ୍ୟ କରିବାକୁ ଶିକ୍ଷା କର ।''

ଉପରୋକ୍ତ ଶ୍ଲୋକଗୁଡ଼ିକରେ ଅର୍ଜୁନଙ୍କୁ ବୀରୋଚିତ ସାଧନା କରିବାକୁ ଉପଦେଶ ଦିଆଯାଇଛି । ଉପେକ୍ଷା, ନିସ୍ପୃହତା, ଉଦାସୀନତା ଓ ସହିଷ୍ଣୁତାର ଭାବ ନେଇ ବିକ୍ଷୋଭକାରୀ ଶକ୍ତିଗୁଡ଼ିକ ଉପରେ ବିଜୟ ଲାଭ କରିବାକୁ କୁହାଯାଇଛି । ଯିଏ ଜୀବନର ଘାତ-ପ୍ରତିଘାତକୁ ଭୟ ନ କରି ତା'ର ସମ୍ମୁଖୀନ ହୁଏ, ସୁଖ-ଦୁଃଖରେ ବ୍ୟଥିତ ନ ହୋଇ ସମତା ରକ୍ଷା କରେ, ସିଏ ହିଁ ମନୁଷ୍ୟମାନଙ୍କ ମଧ୍ୟରେ ପୁରୁଷସିଂହ (ପୁରୁଷର୍ଷଭ) ବା ପୁରୁଷଶ୍ରେଷ୍ଠ ବୋଲି ଗୀତା ପ୍ରକାଶ କରିଛି । ଏପରି ବ୍ୟକ୍ତି ଅମୃତତ୍ୱ ଲାଭ ପାଇଁ ଯୋଗ୍ୟ ହୁଏ । ସେ ହେଉଛି ମୁକ୍ତ ଆତ୍ମା; ପ୍ରକୃତିର ଦାସ ନ ହୋଇ ସେ ତା'ର ଅଧୀଶ୍ୱର, ସ୍ୱରାଟ୍ ଓ ସମ୍ରାଟ୍ ହୋଇପାରେ ।

ସମତା ସମ୍ପର୍କରେ ଗୀତାର ଉପରୋକ୍ତ ବର୍ଣ୍ଣନାସବୁରେ ଷ୍ଟୋୟିକ୍ ଦର୍ଶନ (Stoic philosophy)ର ସାଧନା ବା ଷ୍ଟୋୟିକ୍ ସମତା ଅନ୍ତର୍ଭୁକ୍ତ ହୋଇଛି । ଗୀତା ଷ୍ଟୋୟିକ୍ ସମତାକୁ ଏକ ଉପାଦାନ ହିସାବରେ ସ୍ୱୀକାର କରିଛି । ମାତ୍ର ସେଠାରେ ଅଟକି ନ ଯାଇ ସାଧନାର ଆହୁରି ଊର୍ଦ୍ଧ୍ୱକୁ ଉଠିବା ଲାଗି ଏହା ନିର୍ଦ୍ଦେଶ ଦେଇଛି । କାରଣ ଷ୍ଟୋୟିକ୍ ସାଧନା ଆଧ୍ୟାତ୍ମିକ ମୁକ୍ତି ଆଣିଦିଏ ନାହିଁ । ତାହା ହୃଦୟହୀନତା ଓ ନିଷ୍ଠୁର ଉଦାସୀନତା ଆଡ଼କୁ ନେଇଯାଏ । ନିବୃତ୍ତି ଓ ତାମସିକ ବୈରାଗ୍ୟ ତଥା ସଂଗ୍ରାମ ଓ ବିଜୟର ରାଜସିକ ଗତିବୃତ୍ତି ଉଭୟର ଯଥାର୍ଥତା ରହିଛି, ମାତ୍ର ସେହି ସ୍ତରରେ ରହି ନ ଯାଇ ଜଣେ ସାତ୍ତ୍ୱିକତା ଭିତର ଦେଇ ଆତ୍ମଜ୍ଞାନ ଓ ଆତ୍ମୋପଲବ୍ଧି ଆଡ଼କୁ ଅଗ୍ରସର ହେବା ଆବଶ୍ୟକ । ସୁତରାଂ ଗୀତାର ସମତା ଭଗବତ୍ ପ୍ରକୃତି ଲାଭ କରିବା ନିମିତ୍ତ ତଥା ଉଚ୍ଚତର ଆତ୍ମିକ ସ୍ଥିତିରେ ପ୍ରତିଷ୍ଠିତ ହେବା ପାଇଁ ଆମକୁ ଶିକ୍ଷା ଦିଏ ।

ଆଦର୍ଶ ଦାର୍ଶନିକ ଓ ସାଧୁବ୍ୟକ୍ତିମାନେ ସାତ୍ତ୍ୱିକ ସମତାରୁ ସାଧନା ଆରମ୍ଭ କରନ୍ତି । ସେମାନେ ଜଗତର ଅନିତ୍ୟତା ଓ ଅପୂର୍ଣ୍ଣତା ଲକ୍ଷ୍ୟ କରି ବୁଝିପାରନ୍ତି ଯେ ସାଂସାରିକ ଜୀବନରେ ବାସନାର ଯଥାର୍ଥ ତୃପ୍ତି ସମ୍ଭବ ନୁହେଁ । କିନ୍ତୁ ତଥାପି ସେମାନଙ୍କ ଭିତରେ ଦୁଃଖ, ଭୟ ବା ନିରାଶା ସୃଷ୍ଟି ହୁଏ ନାହିଁ । ସେମାନଙ୍କ ବୁଦ୍ଧି ଜାଗ୍ରତ୍ ହୋଇଥିବାରୁ ବାହ୍ୟବସ୍ତୁର ସ୍ପର୍ଶ ପ୍ରତି ତଥା ଭୌତିକ ସୁଖଭୋଗ ପ୍ରତି ସେମାନେ ଅନାସକ୍ତ ହୋଇଥା'ନ୍ତି । ଗୀତା ସାତ୍ତ୍ୱିକ ସମତା ବିଷୟରେ ବର୍ଣ୍ଣନା କରିବାକୁ ଯାଇ କହିଛି ଯେ ଜ୍ଞାନୀବ୍ୟକ୍ତି ନିଜ ଭିତରେ ହିଁ ଆନନ୍ଦର ସନ୍ଧାନ କରିଥାଏ । ସେ ବୁଝିଥାଏ ଯେ ମନୁଷ୍ୟ ନିଜେ ହିଁ ନିଜର ଶତ୍ରୁ ଏବଂ ନିଜେ ହିଁ ନିଜର ବନ୍ଧୁ । ଆନ୍ତର ଶକ୍ତି ବଳରେ କାମକ୍ରୋଧାଦି ନିମ୍ନ-ଗତିବୃତ୍ତିରୁ ଜଣେ ନିଜକୁ ଉଦ୍ଧାର କରି ପାରିବ (ଉଦ୍ଧରେଦାତ୍ମାନମ୍) । ଯିଏ ନିମ୍ନତର ସତ୍ତା ଉପରେ ଜୟଲାଭ କରିଥାଏ ସିଏ ତା'ର ଉଚ୍ଚତର ସତ୍ତାକୁ ପରମବନ୍ଧୁ ରୂପେ ଲାଭ କରେ । ସେ ଇନ୍ଦ୍ରିୟସମୂହର ପ୍ରଭୁ ହୁଏ ।

ସାତ୍ତ୍ୱିକ ସମତା ସାଧକକୁ ଯୋଗୀର ଆସନରେ ଆରୂଢ଼ କରେ । ସେଥିପାଇଁ ଗୀତା କହିଛି – ''ସମତ୍ୱଂ ଯୋଗ ଉଚ୍ୟତେ'' । ଏପରି ବ୍ୟକ୍ତି ଶୀତ ଓ ଉଷ୍ଣରେ, ସୁଖ ଓ ଦୁଃଖରେ, ମାନ ଓ ଅପମାନରେ ସମଭାବାପନ୍ନ ଓ ପ୍ରଶାନ୍ତ

ହୋଇ ରହିଥା'ନ୍ତି । ତାଙ୍କ ଦୃଷ୍ଟିରେ ମୃତ୍ତିକା, ପ୍ରସ୍ତର ଓ ସୁବର୍ଣ୍ଣର ସମାନ ମୂଲ୍ୟ ବା ମହତ୍ତ୍ୱ ରହିଛି । ସମାଜର ସବୁ ଶ୍ରେଣୀର ଲୋକଙ୍କ ପ୍ରତି ତାଙ୍କର ସମଭାବ ରହିଥାଏ ।

ଦାର୍ଶନିକର ସାତ୍ତ୍ୱିକ ସମତା ବୁଦ୍ଧି ଓ ବିଚାରଶକ୍ତି ଉପରେ ନିର୍ଭରଶୀଳ । ଏହାର ଭିତ୍ତି ସୁଦୃଢ଼ ନୁହେଁ । ନିମ୍ନ-ପ୍ରକୃତିର ଆକ୍ରମଣ ଦ୍ୱାରା ସାତ୍ତ୍ୱିକ ମଣିଷ ଯେକୌଣସି ମୁହୂର୍ତ୍ତରେ ପରାଭୂତ ହୋଇପାରେ । ଗୀତା କହିଛି –

''ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥''
(୨/୬୦)

ଅର୍ଥାତ୍, ''ହେ କୁନ୍ତୀନନ୍ଦନ ! ସିଦ୍ଧିଲାଭ ପାଇଁ ଯତ୍ନଶୀଳ ଏପରି ଜ୍ଞାନୀବ୍ୟକ୍ତିର ମନକୁ ମଧ୍ୟ ପ୍ରବଳ ଇନ୍ଦ୍ରିୟମାନେ ବଳପୂର୍ବକ ହରଣ କରି ନିଅନ୍ତି ।''

ସୁତରାଂ ଗୀତା ସାତ୍ତ୍ୱିକ ସମତାଠାରୁ ଏକ ବୃହତ୍ତର ସମତା ଉପରେ ଅଧିକ ଗୁରୁତ୍ୱ ଦେଇଛି । ଏହାର ମତରେ, ସମ୍ପୂର୍ଣ୍ଣ ନିରାପଦ ହେବାକୁ ହେଲେ ସତ୍ତ୍ୱଗୁଣ ଓ ବୌଦ୍ଧିକ ବିଚାରଶକ୍ତି ଅପେକ୍ଷା ଉଚ୍ଚତର କିଛି ଉପରେ ନିର୍ଭର କରିବାକୁ ହେବ, ତା' ହେଉଛି ଆତ୍ମା – ଏ ଆତ୍ମା ଦାର୍ଶନିକର ବୁଦ୍ଧିଗତ ଆତ୍ମା ନୁହେଁ, ଏ ହେଉଛି ଦିବ୍ୟଋଷିର ଆଧ୍ୟାତ୍ମିକ ଆତ୍ମା, ଯାହାକି ତ୍ରିଗୁଣାତୀତ ।

ସମତା ସମ୍ପର୍କରେ ଗୀତାର ଶିକ୍ଷା ଆଧ୍ୟାତ୍ମିକ ବୈଦାନ୍ତିକ ଐକ୍ୟ ଜ୍ଞାନ ଉପରେ ହିଁ ପ୍ରତିଷ୍ଠିତ । ବ୍ୟକ୍ତି ପ୍ରଗାଢ଼ ସାଧନା ଦ୍ୱାରା ଏକ ଉଚ୍ଚତର ଅଧ୍ୟାତ୍ମ-ପ୍ରକୃତି ଭିତରେ ଦିବ୍ୟଜନ୍ମ ଲାଭ କରିବ । ସେ ନିଜ ଭିତରେ ତଥା ସମସ୍ତ ସତ୍ତାଙ୍କ ଭିତରେ ଭଗବାନଙ୍କୁ ଦର୍ଶନ କରିବ, ''ବାସୁଦେବଃ ସର୍ବମିତି''ର ଜ୍ଞାନ ଲାଭ କରିବ । ସେ ସମସ୍ତଙ୍କ ସହିତ ଆଧ୍ୟାତ୍ମିକ ଐକ୍ୟ ଉପଲବ୍ଧି କରିବ । ଗୀତା କହିଛି –

''ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥''
(୬/୨୯)

ଅର୍ଥାତ୍, ''ଯେଉଁ ମନୁଷ୍ୟର ଆତ୍ମା ଯୋଗଯୁକ୍ତ ହୋଇଥାଏ ସେ ସମସ୍ତ ପ୍ରାଣୀଙ୍କ ଭିତରେ ନିଜର ଆତ୍ମାକୁ ଦର୍ଶନ କରେ ଏବଂ ନିଜ ଆତ୍ମା ଭିତରେ ସମସ୍ତ ପ୍ରାଣୀଙ୍କୁ ଦର୍ଶନ କରେ । ସେ ସର୍ବତ୍ର ସମସ୍ତଙ୍କୁ ସମଦୃଷ୍ଟିରେ ଦେଖେ ।''

ଏହି ଐକ୍ୟ ଜ୍ଞାନ ଫଳରେ ମନୁଷ୍ୟ ଯେଉଁ ସମତା ଲାଭ କରିବ ତାହା ହେବ ସହାନୁଭୂତି ଓ ଐକ୍ୟରେ ପରିପୂର୍ଣ୍ଣ । ଏପରି ବ୍ୟକ୍ତି ସମତାଭାବ ସହ ଅନ୍ୟମାନଙ୍କର ସୁଖଦୁଃଖର ବୋଝ ବହନ କରିପାରେ । ସେ ବ୍ୟକ୍ତିଗତ ମୁକ୍ତିରେ ସନ୍ତୁଷ୍ଟ ହୋଇ ରହେ ନାହିଁ । ଗୀତା କହିଛି ଯେ ସିଦ୍ଧଜ୍ଞାନୀ ଏକ ବ୍ୟାପକ ସମତାର ଭାବ ନେଇ ସମସ୍ତଙ୍କର ମଙ୍ଗଳସାଧନରେ ନିଯୁକ୍ତ ରହେ (ସର୍ବଭୂତହିତେରତାଃ) । ସେ ଉଭୟ ଅନାସକ୍ତି ଓ ପ୍ରେମଭାବ ସହ ଜଗତର ମଙ୍ଗଳ ନିମିତ୍ତ ବହୁମୁଖୀ, ନାନାବିଧ କର୍ମରେ ରତ ରହେ (ଯୁକ୍ତଃ କୃତ୍ସ୍ନକର୍ମକୃତ୍) । ଗୀତା ''ଲୋକସଂଗ୍ରହ'' ଉପରେ ଗୁରୁତ୍ୱ ଦେଇଛି । 'ଲୋକସଂଗ୍ରହ' କହିଲେ ସମାଜ ସେବାକୁ ବୁଝାଏ ନାହିଁ । ଏହାର ପ୍ରକୃତ ଅର୍ଥ ହେଉଛି ବ୍ୟକ୍ତିଗତ ଆଧ୍ୟାତ୍ମିକ ଉପଲବ୍ଧି ଭିତରେ ନିଜକୁ ଅବରୁଦ୍ଧ ନ କରି ଉପଲବ୍ଧ ହୋଇଥିବା ସତ୍ୟ ଓ ଜ୍ଞାନକୁ ଜଗତରେ ବିସ୍ତାରିତ କରିବା ।

ଗୀତାର 'ସମତା'ରେ ଯେ ଏକ ବିଶେଷ ମହତ୍ତ୍ୱ ରହିଛି ତାହା ପ୍ରତିପାଦନ କରିବାକୁ ଯାଇ ଶ୍ରୀଅରବିନ୍ଦ ପ୍ରବନ୍ଧର ଶେଷ ବାକ୍ୟରେ କହିଛନ୍ତି –

"The equality of the Gita is a large synthetic equality in which all is lifted up into the integrality of the divine being and the divine nature."

(Essays on the Gita, p. 199)

ଅର୍ଥାତ୍, ''ଗୀତାର ସମତା ହେଉଛି ଏକ ବ୍ୟାପକ ସମନ୍ୱୟର ସମତା ଯେଉଁଥିରେ କି ସବୁକିଛି ଭଗବତ୍ ସତ୍ତା ଓ ଭଗବତ୍ ପ୍ରକୃତିର ପୂର୍ଣ୍ଣତା ଭିତରକୁ ଉତ୍ତୋଳିତ ହୁଏ ।''

❑❑❑

ସକଳ ଆନ୍ତରିକ ପ୍ରାର୍ଥନା ପୂର୍ଣ୍ଣ ହୁଏ, ସକଳ ଆହ୍ୱାନର ଉତ୍ତର ଦିଆଯାଇଥାଏ ।
– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୪)

### 'ଶ୍ରୀମାଙ୍କ ରନ୍ଧନଶାଳା', 'ପ୍ରସାଦ ହାଉସ୍' ଏବଂ 'ବାଲ୍‌କୋନି ଦର୍ଶନ'

ଆମର ନିଶ୍ଚୟ ସ୍ମରଣରେ ଥିବ ୨୪ ଏପ୍ରିଲ ୧୯୨୦ର ନମ୍ରକମ୍ର ସକାଳରେ 'ଦ୍ୟୁପ୍ଲେ' ଜାହାଜରୁ ତିନିଜଣ ଯାତ୍ରୀ ପଣ୍ଡିଚେରୀ ବନ୍ଦରରୁ ଓହ୍ଲାଇ ଶ୍ରୀଅରବିନ୍ଦଙ୍କୁ 'ଗେଷ୍ଟ ହାଉସ୍'ରେ ସାକ୍ଷାତ୍ କରିଥିଲେ । ସେତେବେଳେ ମା'ଙ୍କ ସହିତ ଥିଲେ ଡ଼ରୋଥି ହଡ୍‌ସନ୍ (Dorothy Hodgson)* । ଶ୍ରୀଅରବିନ୍ଦ ଏହି ଭଦ୍ର ମହିଳାଙ୍କର ନୂତନ ନାମକରଣ କରିଥିଲେ 'ଦତ୍ତା' । କଥାଛଳରେ ଦତ୍ତା ତାଙ୍କର ଅନ୍ତରଙ୍ଗ ବନ୍ଧୁ ଓ ଆଶ୍ରମର ସହକର୍ମୀ ସ୍ୱର୍ଣ୍ଣଙ୍କୁ ନିଜ ସମ୍ବନ୍ଧେ କହିଥିବା ସ୍ମୃତିକଥାରୁ କିଛି :

''...ଜାପାନରେ ଥିବା ବେଳେ ମୁଁ ନିତି ଚେରୀପୁଷ୍ପ ଶୋଭିତ ଏକ ବିଶାଳ ବଗିଚାକୁ ବୁଲି ଯାଉଥିଲି । ଶ୍ରୀମା ମଧ ସେହି ବଗିଚାକୁ ବୁଲି ଯାଉଥିଲେ ଏବଂ ସେ ନିଜେ ଜଣେ ଶିଳ୍ପୀ ଥିବାରୁ ଚିତ୍ରାଙ୍କନରେ ନିମଜ୍ଜିତ ରହୁଥିଲେ । ଏହି ବଗିଚାରେ ହିଁ ଆମ ଦୁଇଜଣଙ୍କ ଭିତରେ ଏକ ମଧୁର ସମ୍ପର୍କର ସୂତ୍ରପାତ ହୋଇଥିଲା ।

''ବିଶ୍ୱଯୁଦ୍ଧ ସମାପ୍ତ ହେବାରୁ ଶ୍ରୀମା ଜାପାନରୁ ଭାରତକୁ ଫେରି ଆସିବାକୁ ଯୋଜନା କରୁଥିଲେ । ଦିନେ ସେ ମୋତେ ପଚାରିଲେ, 'ମୁଁ ଭାରତକୁ ଯାଉଛି, ତୁମେ ମୋ ସହିତ ଆସିବ କି ?' ମୁଁ ଅତ୍ୟନ୍ତ ଖୁସୀ ହୋଇ କହି ଉଠିଲି, 'ହଁ' । ଏବଂ ତାଙ୍କ ସହିତ ଆଶ୍ରମକୁ ଆସିଲି ।

''ଶ୍ରୀମା ଜାପାନରେ ଥିବା ବେଳେ ଖୁବ୍ କମ୍ ଖାଉଥିଲେ; ଏଠାରେ ଯେମିତି କମ୍ ଖାଉଛନ୍ତି । ଜାପାନରେ ମୁଁ ନିତି ତାଙ୍କ ସକାଶେ ପରିମିତ ପରିମାଣର 'ସାଲାଡ୍' ତିଆରି କରି ତାଙ୍କୁ ଖାଇବାକୁ ଦେଉଥିଲି ଏବଂ ସେ ତାହା ତୃପ୍ତ ମନରେ ଖାଉଥିଲେ ।...

''ଏଠାରେ (ଆଶ୍ରମରେ) ବି ମୁଁ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ସକାଶେ 'ସାଲାଡ୍' ପ୍ରସ୍ତୁତ କରିବାରେ ଲାଗିଛି ।...''

ଏବେ ସ୍ୱର୍ଣ୍ଣ ନିଜ ଅନୁଭୂତିରୁ କହୁଛନ୍ତି : ''ଦତ୍ତା ଯେ କେବଳ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସକାଶେ 'ସାଲାଡ୍' ପ୍ରସ୍ତୁତ କରୁଥିଲେ ସେତିକି ନୁହେଁ, ସେଥିସହ ସେ ମା'ଙ୍କର ସମସ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସହାୟତା କରୁଥିଲେ, ଯେମିତି ତାଙ୍କର ବ୍ୟବହାର୍ଯ୍ୟ ଜିନିଷପତ୍ରର ସଂଗ୍ରହ ତଥା ସଂରକ୍ଷଣ କରିବା, ଦୈନନ୍ଦିନ କାର୍ଯ୍ୟରେ ଶ୍ରୀମାଙ୍କୁ ସହାୟତା କରିବା ଇତ୍ୟାଦି...। ଦତ୍ତାଙ୍କୁ 'ଲାଇବ୍ରେରି ହାଉସ୍'ର ଉପର ମହଲାରେ 'ଓ୍ୱାର୍ଡ୍ରୋବ୍'ରେ ରହିବାକୁ ଦିଆ ଯାଇଥିଲା (ବର୍ତ୍ତମାନ ଆଶ୍ରମ ଅନ୍ତେବାସୀ ପ୍ରତି ମାସ ପହିଲାରେ ଶିଡ଼ି ପାହାଚ ଚଢ଼ି 'ପ୍ରସ୍ପରିଟି' ଆଣିବାକୁ ଗଲା ବେଳେ ଶିଡ଼ି ପାହାଚର ଠିକ୍ ଉପରେ ବାମ ପଟକୁ ଥିବା ଘର) । ଏହି ଘରକୁ ଲାଗି ଭିତରେ ଆଉ ଗୋଟିଏ ଘର, ତା'ପରେ ଖୋଲା ବଡ଼ ବାରଣ୍ଡା ଆଉ ବାରଣ୍ଡାର ଅନ୍ୟ ପାଖରେ ସ୍ନାନାଗାର ଏବଂ ମା'ଙ୍କ ଲୁଗାପଟା ପରିଷ୍କାର କରି ଶୁଖାଇବାର ସ୍ଥାନ । ମା'ଙ୍କର ପୋଷାକପତ୍ର ସବୁ ଇସ୍ତ୍ରୀ କରିବା ସକାଶେ ବାରଣ୍ଡାରେ ଗୋଟିଏ ପାର୍ଶ୍ୱରେ ବଡ଼ ଟେବୁଲଟିଏ ଥିଲା । (ସେ ସମୟରେ ଲାଇବ୍ରେରି ହାଉସ୍‌ରେ ଦତ୍ତାଙ୍କ ଘରକୁ ଲାଗି ପୂର୍ବ ପଟକୁ ମା'ଙ୍କ ରୁମ୍ ଥିଲା ।) ।

''ପ୍ରଥମ କକ୍ଷଟିରେ ଦତ୍ତା ବସବାସ କରୁଥିଲେ, ଦ୍ୱିତୀୟ

---

* ଡରୋଥି (Dorothy Mary Hodgson) ଇଂଲଣ୍ଡର ସିଡେନ୍‌ହାମଠାରେ ୨ ସେପ୍‌ଟେମ୍ବର ୧୮୮୪ରେ ଜନ୍ମ ଗ୍ରହଣ କରିଥିଲେ । ଯୌବନାବସ୍ଥାରେ ବିଭିନ୍ନ ଘାତ-ପ୍ରତିଘାତରେ ମ୍ରିୟମାଣ ହୋଇ ସେ କିଛି କାଳ ସକାଶେ ଜାପାନକୁ ବୁଲି ଆସିଥିଲେ । ଜାପାନରେ ଶ୍ରୀମା'ଙ୍କ ସହିତ ତାଙ୍କର ସାକ୍ଷାତ୍ ହେବା ପରଠାରୁ କହିବାକୁ ଗଲେ ସେ ଏକ ନବଜନ୍ମ ଲାଭ କରିଥିଲେ ଏବଂ ତାଙ୍କର ଅବଶିଷ୍ଟ ଜୀବନ ଶ୍ରୀମାଙ୍କ ସହ ଅବିଚ୍ଛେଦ୍ୟ ସୂତ୍ରରେ ବନ୍ଧା ହୋଇ ଯାଇଥିଲା । ସେ ହୋଇ ଉଠିଥିଲେ ଶ୍ରୀମା'ଙ୍କର ସହଗାମିନୀ ଓ ଅନୁଗତ ସହଚରୀ । ଅଗଷ୍ଟ ୧୯୪୯ରେ ଶ୍ରୀଅରବିନ୍ଦ ଆଶ୍ରମରେ ତାଙ୍କର ଦେହାନ୍ତ ହୋଇଥିଲା ।

କକ୍ଷଟି ଶ୍ରୀମା'ଙ୍କ ଖାଦ୍ୟ ପ୍ରସ୍ତୁତି ପାଇଁ ରନ୍ଧନଶାଳା ହିସାବରେ ବ୍ୟବହାର କରା ହେଉଥିଲା । ବାରଣ୍ଡାର ଗୋଟିଏ କୋଣରେ ଦୁଇଟି ଆଲମାରି ଥିଲା, ସେଥିରେ ଖାଦ୍ୟ ସାମଗ୍ରୀସବୁ ରଖା ଯାଉଥିଲା । ମୋତେ ଯେତେବେଳେ ପ୍ରଥମ କାମ ଦିଆଗଲା ସେତେବେଳେ ମୁଁ ଶ୍ରୀମା'ଙ୍କର ପୋଷାକପତ୍ର ଶୁଖାଇବା ଘରେ ହିଁ କାମ କରୁଥିଲି ।...

''...ଆମେ ଦତ୍ତାଙ୍କ ପାଖରୁ ଜାଣିବାକୁ ପାଇଥିଲୁ ଯେ ସେ ସମୟରେ ଶ୍ରୀମାଙ୍କର ଆହାର ଗ୍ରହଣ କରିବାକୁ ଯଥେଷ୍ଟ ସମୟ ନଥିଲା । କୌଣସି କାର୍ଯ୍ୟର ତଦାରଖ କରିବାକୁ ଡାକରା ଆସିବା ମାତ୍ରେ ସେ ନଖାଇ ବା ଅଧା ଖାଇ ତା' ଦେଖିବାକୁ ଚାଲି ଯାଉଥିଲେ । ଚିନ୍ମୟୀ[୧] ନିତି ମା'ଙ୍କର ଭୋଜନ କରିବା ସମୟ ହୋଇଯିବାର ଅବ୍ୟବହିତ ପୂର୍ବରୁ ଭୋଜନ-ଦ୍ରବ୍ୟକୁ 'ହିଟର୍'ରେ ଉଷୁମ କରି ରଖୁଥିଲେ ।... କେବେ କେବେ କାମ ପାଇଁ ଅଧା ଖାଉ ଖାଉ ବାହାରକୁ ଚାଲିଗଲେ ଚିନ୍ମୟୀ ବଳକା ଖାଦ୍ୟକୁ ପୁଣି ଉଷୁମ କରି ଛୋଟ ପାତ୍ରରେ ରଖି ମା'ଙ୍କ ପାଇଁ ଅପେକ୍ଷା କରୁଥିଲେ ।... କେବେ କେବେ ବାକୀ ଖାଦ୍ୟ 'ପ୍ରସାଦ' ହିସାବରେ ପାଖରେ ଥିବା ସେବକ-ସେବିକାମାନଙ୍କୁ ବଣ୍ଟନ କରା ଯାଉଥିଲା ।...

''ମା ଏହି ସମୟରେ କଳ୍ପନାତୀତ ଭାବରେ କାମରେ ବ୍ୟସ୍ତ ରହୁଥିଲେ ।... ସେତେବେଳେ ମା ଘରର ଛାତ ଉପରେ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଏକାକୀ ଏକାଗ୍ରତାର ସହିତ ପଦଚାରଣ କରୁଥିଲେ । ଏହି ଅବସରରେ ଅନ୍ତେବାସୀଗଣ ତଳେ ବିଭିନ୍ନ ସ୍ଥାନରେ ଏକତ୍ର ହୋଇ ତାଙ୍କୁ ଦର୍ଶନ କରିବାକୁ ଅଭିଳାଷୀ ଥିଲେ । ମାତ୍ର ଶ୍ରୀମାଙ୍କର ଏହି ଏକାନ୍ତ ମୁହୂର୍ତ୍ତରେ ବ୍ୟାଘାତ ସୃଷ୍ଟି ନ କରିବା ପାଇଁ ଶ୍ରୀଅରବିନ୍ଦ ସାଧକମାନଙ୍କୁ ଏକ ଚେତାବନୀ ଦେଇଥିଲେ ।''

ଶ୍ରୀଅରବିନ୍ଦଙ୍କ ବକ୍ତବ୍ୟ ଥିଲା, ''ମା ଚାହାନ୍ତି ଯେ ଯେତେବେଳେ ସେ ଛାତ ଉପରେ ପଦଚାରଣ କରୁଥା'ନ୍ତି, ସେତେବେଳେ କେହି ଯେପରି ତାଙ୍କ ଆଡ଼େ ଅନାଇ ନ ରହନ୍ତି । କାରଣ ସେ ନିଜ ଉପରେ ଏକାଗ୍ର ହେବାର ତାହା ହିଁ ଏକମାତ୍ର ସମୟ – ତା'ଛଡ଼ା ସ୍ୱାସ୍ଥ୍ୟ ଦୃଷ୍ଟିରୁ କିଛିଟା ପଦଚାଳନ କରିବା ଓ ଶୀତଳ ସମୀରଣ ସେବନ କରିବାର ପ୍ରୟୋଜନୀୟତା ରହିଛି । ତାଙ୍କୁ ଯଦି ଏତେଗୁଡ଼ିଏ ଲୋକଙ୍କର ଚାହିବା ଅନୁଯାୟୀ ଦୃଷ୍ଟି ଦେବାକୁ ପଡ଼ିବ ତେବେ ତାହା ହୋଇପାରିବ ନାହିଁ ।...''

('ନିଜ ସମ୍ବନ୍ଧେ...', ପୃ. ୪୭୨ - ୭୩)

ତିରିଶ ଦଶକର ପ୍ରାରମ୍ଭକାଳର କଥା । ପବିତ୍ର ଯେତେବେଳେ 'ପୁରୁଣା ସେକ୍ରେଟେରୀଏଟ୍'ର ଉପର ମହଲା କୋଠରିରେ ରହୁଥିଲେ; ମୃତ୍ୟୁଞ୍ଜୟ[୨] ପବିତ୍ରଙ୍କ ସମ୍ବନ୍ଧେ କହିବାକୁ ଯାଇ ଉଲ୍ଲେଖ କରିଥିଲେ : ''...ସେତେବେଳେ ପବିତ୍ର ନିତି ଶ୍ରୀମାଶ୍ରୀଅରବିନ୍ଦଙ୍କ ସକାଶେ 'ସାଲାଡ୍' ପ୍ରସ୍ତୁତ କରୁଥିଲେ । (ଦତ୍ତା ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ) । ସେ ବିଭିନ୍ନ କିସମର ଖାଣ୍ଟି ଫରାସୀ ସାଲାଡ୍ ପ୍ରସ୍ତୁତ କରିବାରେ ପାରଙ୍ଗମ ଥିଲେ ।... ଦ୍ୱିପ୍ରହରରେ ଶ୍ରୀମା ଯେକୌଣସି ମୁହୂର୍ତ୍ତରେ ତାଙ୍କ କକ୍ଷକୁ ପ୍ରବେଶ କରିବେ, ତେଣୁ ସେ ବେଶ୍ ଏକାଗ୍ର ମନରେ କର୍ମତତ୍ପର ରହୁଥିଲେ । ପ୍ରାୟ ଗୋଟାଏ ବେଳେ, ଶ୍ରୀମା ତାଙ୍କ କକ୍ଷକୁ ପ୍ରବେଶ କରି ସ୍ମିତହାସ୍ୟର ସହ କର୍ମରତ ପବିତ୍ରଙ୍କୁ ଦେଖି ବେଶ୍ ଆପ୍ୟାୟିତ ହେଉଥିଲେ । ପବିତ୍ର ତା'ପରେ ଶ୍ରୀଅରବିନ୍ଦଙ୍କର ମଧାହ୍ନ ଭୋଜନର ସମସ୍ତ ବ୍ୟଞ୍ଜନକୁ (ଚାରିଟି କି ପାଞ୍ଚୋଟି ଟିଫିନ୍ କ୍ୟାରିଅର) ଦୁଇ ହାତରେ ଧରି ଶ୍ରୀମାଙ୍କ ସହ ପ୍ରଭୁଙ୍କ କକ୍ଷର ଦରଜା ପର୍ଯ୍ୟନ୍ତ ଯାଉଥିଲେ ।...''

ଏବେ ଦ୍ୟୁମାନ୍‌ଙ୍କ ସ୍ମୃତିକଥାରୁ : ''ପ୍ରଥମେ ଦତ୍ତା ତାଙ୍କ

---

୧. ସାଧକ ଦାରାଙ୍କର ଭଉଣୀଙ୍କର ନାମ ଥିଲା ମେହ୍‌ଦି ବେଗମ୍ । ଶ୍ରୀଅରବିନ୍ଦ ତାଙ୍କର ନାମ ଦେଇଥିଲେ 'ଚିନ୍ମୟୀ' । ସେ ୧୯୨୭ରେ ୨୦ କିଂବା ୨୧ ବର୍ଷ ବୟସରେ ଆଶ୍ରମକୁ ଆସି ଶ୍ରୀମାଶ୍ରୀଅରବିନ୍ଦଙ୍କର ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିଥିଲେ । ଜଣେ ଦକ୍ଷ ଓ ନିଖୁଣ ସେବିକା ହିସାବରେ ଦତ୍ତାଙ୍କ ସଦୃଶ ସେ ମା'ଙ୍କର ବ୍ୟକ୍ତିଗତ କାର୍ଯ୍ୟରେ ସହାୟତା କରୁଥିଲେ । ୧୯୫୩ରେ କର୍କଟ ରୋଗରେ ପୀଡ଼ିତ ହୋଇ ସେ ଆଶ୍ରମରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

୨. ମୃତ୍ୟୁଞ୍ଜୟ ମୁଖୋପାଧ୍ୟାୟ (୨୧ ଫେବ୍ରୁଆରୀ ୧୯୦୮ରେ ଶିବପୁର, ହାଓଡ଼ାରେ ଜନ୍ମ) ପ୍ରଥମେ ୨୬ ଜୁନ୍ ୧୯୨୯ରେ ଆଶ୍ରମକୁ ଆସି ଅନୁମତି ପ୍ରାପ୍ତ ହୋଇ ଶେଷ ଜୀବନ ପର୍ଯ୍ୟନ୍ତ ଆଶ୍ରମରେ ରହିଥିଲେ । ସେ ପ୍ରଥମରୁହିଁ ପବିତ୍ରଙ୍କର ପ୍ରଧାନ ସହକର୍ମୀ ହିସାବରେ 'ଇଲେକ୍‌ଟ୍ରିକ୍ ସର୍ଭିସ୍'ରେ କାର୍ଯ୍ୟ କରୁଥିଲେ । ଆଶ୍ରମକୁ ରେକର୍ଡ଼ିଂ ମେସିନ୍ ଆସିବା ପୂର୍ବରୁ ମା'ଙ୍କର କଥୋପକଥନରେ କୁହାଯାଇଥିବା ତାଙ୍କର ସମସ୍ତ ଗଳ୍ପକୁ ଲେଖି ରଖି ପରେ 'ଶୁଣାର୍ ଗଳ୍ପ ଶୁନ୍‌ତେ ଚାଓ' ନାମକ ପୁସ୍ତକ ପ୍ରକାଶ କରିଥିଲେ ।

ରନ୍ଧନଶାଳାରେ ପନିପରିବା ସିଦ୍ଧ କରି ଶ୍ରୀମାଶ୍ରୀଅରବିନ୍ଦଙ୍କ ସକାଶେ ସାଲାଡ୍ ପ୍ରସ୍ତୁତ କରୁଥିଲେ । ତା'ପରେ ପବିତ୍ର ସେସବୁଥିରେ ଅଲିଭ୍ ତେଲ ଇତ୍ୟାଦି ଦେଇ ସୁସ୍ୱାଦୁ କରି ଦେଉଥିଲେ (dress them up) । ପରେ ପରେ କେତେକ ସାଧିକା ଶ୍ରୀଅରବିନ୍ଦଙ୍କ ସକାଶେ ନିଜ ନିଜ ଘରେ ଭୋଜନ ପ୍ରସ୍ତୁତ କରି ପଠାଇବାକୁ ଲାଗିଲେ । ବେଳେ ବେଳେ ଭୋଜନ ପ୍ରସ୍ତୁତ କରିବା ସମୟରେ ସେମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରୁ ନଥିଲେ । ତେଣୁ ଧୀରେ ଧୀରେ ଦତ୍ତାଙ୍କ ରନ୍ଧନଶାଳା ଅଧିକ କ୍ରିୟାଶୀଳ ହୋଇ ଆଶ୍ରମ ବାଲ୍‌କୋନି ରାସ୍ତାର ଅନ୍ୟ ପାର୍ଶ୍ୱରେ ଥିବା ଗୃହରେ 'ଶ୍ରୀମାଶ୍ରୀଅରବିନ୍ଦଙ୍କ ରନ୍ଧନଶାଳା' ଏବଂ ସଂକ୍ଷେପରେ 'ଶ୍ରୀମାଙ୍କ ରନ୍ଧନଶାଳା'ର ଆରମ୍ଭ ହେଲା । ତାରା ଏବଂ ଲୀଳା (ପୂର୍ବରୁ ଆଶ୍ରମ ଭୋଜନାଳୟରେ ଭୋଜନ ପ୍ରସ୍ତୁତ କରିବାର ଭାର ନେଇଥିବା ଦୁଇ ସାଧିକା) ଏହାର ଦାୟିତ୍ୱ ନେଲେ । ପରେ ନିର୍ମଳା ଆସି ଏଦୁହିଁଙ୍କୁ ସାହାଯ୍ୟ କଲେ । (ନିର୍ମଳା ଘୋଷ, ୧୯୧୫ରେ ଚିଟ୍ଟାଗଙ୍ଗର ଶଙ୍ଖପଟାରେ ଜନ୍ମ । ୧୯୩୨ରେ ଆଶ୍ରମକୁ ଆସିଥିଲେ ।) ।...''

*

ଆଶ୍ରମର ପ୍ରଧାନ ଅଟ୍ଟାଳିକାର ଉତ୍ତର ପାର୍ଶ୍ୱ (ରୁ୍ୟ ସାଁଆ ଜିଲ୍)ରେ ରହିଛି ଚାରିଟି ବାସଭବନ : ପଶ୍ଚିମ ପଟ କୋଣରେ ଏକ ବାସଭବନ, ତା'ପରେ 'Prasad House' ('ପ୍ରସାଦ ହାଉସ୍') ଫଳକ ଥିବା ଦ୍ୱିତୀୟ ବାସଭବନ ଏବଂ ତୃତୀୟଟି ୧୯୩୦ ଦଶକରୁ କହିବାକୁ ଗଲେ ସତୁରି କି ପଞ୍ଚସ୍ତରୀ ବର୍ଷ ପର୍ଯ୍ୟନ୍ତ 'ମଦର୍‌ସ୍ କିଚେନ୍' (ଶ୍ରୀମାଙ୍କ ରନ୍ଧନଶାଳା) ଥିଲା । ଅଧୁନା ସେହି ଅଟ୍ଟାଳିକାଟି 'Grace' (ମା'ଙ୍କ ହସ୍ତଲିଖିତ) ନାମରେ ପରିଚିତ ।

ବର୍ତ୍ତମାନ ଆମେ 'ପ୍ରସାଦ ହାଉସ'ର ପ୍ରାରମ୍ଭକାଳର ଇତିବୃତ୍ତ ସମ୍ବନ୍ଧେ ସଂକ୍ଷେପରେ ବର୍ଣ୍ଣନା କରିବୁ । ପ୍ରଭାକର ବାଟ୍ଟୀଙ୍କର ରଚନାରୁ ଉଦ୍ଧୃତି :

''ମୃଦୁ-ଦି (ମୃଦୁଭାଷିଣୀ) ୧୯୦୧ରେ ବେଙ୍ଗଲର ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ତଦାନୀନ୍ତନ ସାମାଜିକ ସଂସ୍କାର (ବାଲ୍ୟ-ବିଧବା)ର ଶିକାର ହୋଇ ଅତ୍ୟନ୍ତ ଅପ୍ରୀତିକର ଅନୁଭୂତିରେ ବ୍ୟାକୁଳ ହୋଇ ଉଠୁଥିଲେ । ଅବଶେଷରେ ୧୯୩୦ରେ ପରମ ପ୍ରଭୁଙ୍କ କୃପା ଲାଭ କରି ପଣ୍ଡିଚେରୀକୁ ଆସିଲେ ଏବଂ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଚରଣରେ ନିଜକୁ ସମର୍ପଣ କରି ସ୍ୱର୍ଗସୁଖର ଆସ୍ୱାଦନ କଲେ ।

''ମୃଦୁ-ଦି ବାଲ୍ୟକାଳରୁ ଏକ ସୁନିପୁଣା ରାନ୍ଧୁଣୀ ଥିଲେ । ତେଣୁ ସେ ଆଶ୍ରମରେ ରହିବାର ଠିକ୍ ପର ମୁହୂର୍ତ୍ତରେ ଗୁରୁଦେବଙ୍କୁ ପ୍ରାର୍ଥନା ଜଣାଇଥିଲେ ଯେ ତାଙ୍କ ଭୋଜନ ପ୍ରସ୍ତୁତ କରିବା ପାଇଁ ମୃଦୁଙ୍କୁ ସଦୟ ଅନୁମତି ମିଳୁ । ଅନୁମତି ପ୍ରାପ୍ତ 'ମୃଦୁ' ସେଇଦିନୁ ସରଳ ଭକ୍ତିପୂତ ହୃଦୟରେ ଏକାଦିକ୍ରମେ ଷୋହଳ ବର୍ଷ ଧରି ଶ୍ରୀଅରବିନ୍ଦଙ୍କ ସକାଶେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଚାଲିଥିଲେ । ପ୍ରତ୍ୟହ ଗୁରୁଦେବଙ୍କ ନିମନ୍ତେ କ'ଣ ସବୁ ରନ୍ଧାରନ୍ଧି କରିବେ, ତାହା ସେ ସ୍ୱୟଂ ନିର୍ବାଚନ କରୁଥିଲେ ଏବଂ ଭକ୍ତବତ୍ସଳ ପରମ କାରୁଣିକ ଗୁରୁଦେବ ବିନା ଦ୍ୱିଧାରେ ସେସବୁକୁ ଗ୍ରହଣ କରୁଥିଲେ । ଅନ୍ତତଃପକ୍ଷେ ସେସବୁକୁ ଚାଖି ପ୍ରଭୁ ମନ୍ତବ୍ୟ ଦେବେ — ଏହାହିଁ ଥିଲା ମୃଦୁଙ୍କର ପ୍ରତ୍ୟାଶା, ତାଙ୍କ ସାଧନାର ବୀଜ-ମନ୍ତ୍ର ।

''ଥରେ ଏମିତି ହୋଇଛି ଯେ ଗୁରୁଦେବ ମୃଦୁ-ଦି'ଙ୍କର କୌଣସି ଗୋଟିଏ ବ୍ୟଞ୍ଜନ ଚାଖିବାକୁ ଭୁଲି ଯାଇଛନ୍ତି; ଆଉ ଏହି ମର୍ମାନ୍ତିକ ଖବର ତାଙ୍କ କାନକୁ ଗଲା । ଗୁରୁଦେବଙ୍କର ଜନୈକ ବ୍ୟକ୍ତିଗତ ସେବକ ଖାମଖିଆଲି ଭାବରେ ମୃଦୁ-ଦି'ଙ୍କୁ ଉପହାସ ଛଳରେ ସେହି କଥାଟି କହି ଦେଇଛନ୍ତି । ମୃଦୁ-ଦି'ଙ୍କର ଦୁଃଖ କହିଲେ ନସରେ ! ସୁସ୍ପଷ୍ଟ ଓ ଦୃଢ଼ ଭାବରେ (କହିବା ବାହୁଲ୍ୟ ଶ୍ରୀଅରବିନ୍ଦଙ୍କ କକ୍ଷର ଠିକ୍ ତଳେ ବାଲ୍‌କୋନି ରାସ୍ତାରେ ଛିଡ଼ା ହୋଇ କାନ୍ଦ କାନ୍ଦ ସ୍ୱରରେ ଇଲାକା କମ୍ପାଇ) ଗୁରୁଦେବଙ୍କୁ ଅଭିଯୋଗ କରିବାକୁ ଲାଗିଲେ । ଗୁରୁଦେବଙ୍କର ମନୋଯୋଗ ଆକର୍ଷିତ ହେବା ମାତ୍ରେ ସେ ସମସ୍ତ କଥା ଅବଗତ ହେଲେ ଏବଂ ମୃଦୁ-ଦି'ଙ୍କୁ ଉପରୋକ୍ତ ଖବର ଦେଇଥିବା ସାଧକଙ୍କୁ ତାଙ୍କ ସ୍ୱଭାବସିଦ୍ଧ ଭଙ୍ଗୀରେ କହିଲେ, 'ଯେତେବେଳେ ତୁମେ ଜାଣିଥିଲ ଯେ ସେଇ ଭୋଜନ ପାତ୍ରଟି ମୃଦୁର ଥିଲା, ସେତେବେଳେ ତୁମର ଏ ବିଷୟରେ ନୀରବ ରହିବା ଉଚିତ ଥିଲା ।' ସ୍ୱୟଂ ଗୁରୁଦେବଙ୍କୁ ବ୍ୟକ୍ତିଗତ ଭାବରେ ମୃଦୁ-ଦି'ଙ୍କୁ ସାନ୍ତ୍ୱନା ଦେବାକୁ ହୋଇଥିଲା, ଯେମିତି ଛୋଟ ଶିଶୁଟିକୁ ତା'ର ମାତାପିତା ସାନ୍ତ୍ୱନା ଦେଇଥା'ନ୍ତି । ପୁନଶ୍ଚ ଅନ୍ୟ ଏକ ଘଟଣା : ପରିସ୍ଥିତିର ଚାପରେ ପଡ଼ି ମୃଦୁ-ଦି ଗୁରୁଦେବଙ୍କୁ ଖବର ପଠାଇ ଦେଇ ଆତ୍ମହତ୍ୟା କରିବାକୁ ବାହାରି ଗଲେ । ଗୁରୁଦେବ ଅନନ୍ୟୋପାୟ ହୋଇ ତୁରନ୍ତ ତାଙ୍କ ଜନୈକ ବ୍ୟକ୍ତିଗତ ସେବକଙ୍କୁ ଏହି ମର୍ମରେ କହି ପଠାଇଲେ ଯେ 'ନା, ନା, ନା, ମୃଦୁ ତୁମେ ଏମିତି କରନି; ତୁମେ ଏମିତି କଲେ ମୋତେ ଲୁଚି କିଏ କରିଦେବ ?' ମୃଦୁ-ଦି'ଙ୍କର ତୁରୀୟ ସିଦ୍ଧାନ୍ତ ମୁହୂର୍ତ୍ତକ

ମଧ୍ୟରେ କୁଆଡ଼େ ଉଭେଇଗଲା । ସେ ଭକ୍ତିପୂତ ହୃଦୟ ଓ ଆନନ୍ଦାଶ୍ରୁଭରା ମୁଖମଣ୍ଡଳରେ ଗୃହାଭିମୁଖ ହେଲେ ।

''ଗୁରୁଦେବଙ୍କ ସାମନାରେ ମୃଦୁ ତାଙ୍କ ପ୍ରସ୍ତୁତ ଭୋଜନ ସାମଗ୍ରୀ ଅର୍ପଣ କରି ଶ୍ରୀପାଦପଦ୍ମରେ ପ୍ରଣତି ଜଣାଇ ମିନତି କରୁଥିଲେ ପ୍ରଭୁଙ୍କ ପାଦ ପ୍ରଣତ ମସ୍ତକ ଉପରେ ରଖିବା ପାଇଁ । ମଧୁର ସ୍ମିତହାସ୍ୟ ସହ ଗୁରୁଦେବ ତାଙ୍କର ଇଚ୍ଛା ପୂରଣ କରୁଥିଲେ ।...

''ଆଶ୍ରମକୁ ଆସି ମୃଦୁ-ଦି ପ୍ରଥମେ ଲାଲ୍‌ଜୀ ଭାଇଙ୍କର ବାସଭବନ (ଏବେ 'ହୁତା-ହାଉସ୍')ର ନିକଟବର୍ତ୍ତୀ କୌଣସି ଏକ ଘରେ ରହୁଥିଲେ । ୧୯୩୨ ମସିହାରେ ତାଙ୍କୁ ବାଲ୍‌କୋନି ରାସ୍ତାର ଉପରୋକ୍ତ 'ପ୍ରସାଦ ହାଉସ୍'ରେ ରହିବାକୁ ଅନୁମତି ମିଳିଲା । ସେତେବେଳେ ଏହା ଏକ ମହଲା ବିଶିଷ୍ଟ କ୍ଷୁଦ୍ର ପୁରୁଣା ବାସଭବନଟିଏ ଥିଲା । ସେଇ ଘରକୁ ଜଣେ ପ୍ରବେଶ କଲେ ଲକ୍ଷ୍ୟ କରିବ – ବାର, ତେରଟି ଷ୍ଟୋଭ୍ ସହିତ ରନ୍ଧାରନ୍ଧିର ଆସବାବପତ୍ର, ଯେଉଁଥିରେ ସେ ଗୁରୁଦେବଙ୍କ ସକାଶେ 'ମହାପ୍ରସାଦ' ପ୍ରସ୍ତୁତ କରୁଥିଲେ । ...ଏବଂ କାନ୍ଥରେ ଝୁଲୁଥିଲା ତାଙ୍କ ନିକଟକୁ ଆସିଥିବା ଶ୍ରୀଅରବିନ୍ଦଙ୍କ ସ୍ୱହସ୍ତ ଲିଖିତ ଚିଠିସବୁ ସଯତ୍ନେ ଫ୍ରେମ୍‌ରେ ବନ୍ଧେଇ ହୋଇ । ଏହି ସମୟରେ ଆଶ୍ରମକୁ ପିଲାମାନଙ୍କର ଆଗମନ ହୋଇ ସାରିଥାଏ । ସେତେବେଳେ ମୃଦୁ-ଦି ଦ୍ୱିପ୍ରହର ସମୟରେ ତାଙ୍କର ତାଲିକାଭୁକ୍ତ ପିଲାମାନଙ୍କୁ ଧାଡ଼ିରେ ଛିଡ଼ା କରାଇ ଶ୍ରୀମା କିଂବା ଶ୍ରୀଅରବିନ୍ଦଙ୍କ ନିକଟରୁ ଆସିଥିବା ବଳକା ଭୋଜନ-ଦ୍ରବ୍ୟକୁ 'ପ୍ରସାଦ' ରୂପେ ବିତରଣ କରୁଥିଲେ । ତେଣୁ ସମୟକ୍ରମେ ଏହି ଗୃହଟିର ନାମ ସ୍ୱତଃ ହୋଇ ଉଠିଥିଲା 'ପ୍ରସାଦ ହାଉସ୍' । ଏବେ ବି ସେଇ ନାମଟି ସେମିତି ରହିଛି, ସେଇ ପୁରୁଣା ଦିନର ଅଭୁଲା ସ୍ମୃତିଚିହ୍ନ ସ୍ୱରୂପ ।

''ଥରେ 'ହର୍‌ପାଗନ୍ ୱାର୍କସପ୍'ର ପରିବର୍ଦ୍ଧନ ସକାଶେ ଏହାର ସଂଲଗ୍ନ 'ପ୍ରସାଦ ହାଉସ୍'କୁ ଅନ୍ତର୍ଭୁକ୍ତ କରିନେବାର ସିଦ୍ଧାନ୍ତ ନିଆଗଲା । ଏ ଖବର ପାଇ ମୃଦୁ-ଦିଙ୍କର ବାର ବାର ତୀବ୍ର ଓ କର୍କଶ ସ୍ୱରରେ ହୃଦୟ-ବିଦାରକ ଆପତ୍ତି ସତ୍ତ୍ୱେ କାମ ଆରମ୍ଭ ହେବା ଉପରେ । ଅର୍ଥାତ୍ ଏହି ଗୃହଟିରେ ଆବଶ୍ୟକ ପରିବର୍ତ୍ତନ କରି, ଦରକାର ପଡ଼ିଲେ କିଛିଟା ଭାଙ୍ଗି ଦେଇ ନୂଆ କରି ନିର୍ମାଣ କରାଯିବ । ତାଙ୍କର ଆପତ୍ତି ଶୁଣେ କିଏ ? ମୃଦୁ-ଦିଙ୍କର ତୀବ୍ର ବିରୋଧ ସତ୍ତ୍ୱେ ସେମାନେ ଆଗକୁ ମାଡ଼ି ଆସିଲେ । ଅବଶ୍ୟ ଅନ୍ତର୍ଯାମୀ ନୀରବରେ ସବୁ ଶୁଣୁଥିଲେ । ଠିକ୍ ସେହି ମୁହୂର୍ତ୍ତରେ ଆନ୍ତର ପ୍ରେରଣାରୁ ମୃଦୁ-ଦି ତାଙ୍କର ବହୁମୂଲ୍ୟ ସମ୍ବଳ ବାକ୍ସଟି ଖୋଲିଲେ । ସେଥିରୁ ସେ ଖୋଜି ଖୋଜି ପାଇଲେ ତାଙ୍କର ଆରାଧ୍ୟ ଦେବତା ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ସ୍ୱହସ୍ତ ଲିଖିତ ଚିଠିଟିଏ : "Prasad House is Mridu's." (''ପ୍ରସାଦ ହାଉସ୍‌ଟି ହେଉଛି ମୃଦୁର ।'') ଏହି କାଗଜ ଖଣ୍ଡିକ ମୃଦୁ-ଦି'ଙ୍କ ହାତରେ ଦେଖି ସମସ୍ତେ ଶୁଷ୍କ ହସରେ ବାଧ୍ୟ ହୋଇ ପଛଘୁଞ୍ଚା ଦେଇ କହିଉଠିଲେ, 'ବେଶ୍, ବେଶ୍, ଚମତ୍କାର !'...ପରବର୍ତ୍ତୀ କାଳରେ ଏହାର କଳେବରର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟି ଆଶ୍ରମର ଆୟବ୍ୟୟର ହିସାବ (Accounts) ବିଭାଗ ଗଢ଼ି ଉଠିଛି । ଅବଶ୍ୟ ଏହା ହୋଇଛି ମୃଦୁ-ଦିଙ୍କର ଦେହାବସାନ ପରେ । କିନ୍ତୁ ଏବେ ବି ମୁଖ୍ୟ ଦରଜା ନିକଟରେ 'ପ୍ରସାଦ ହାଉସ୍' ଫଳକଟି ସେମିତି ରହିଛି ।''

ଏହି 'ପ୍ରସାଦ ହାଉସ୍'କୁ ମୃଦୁ-ଦି ସ୍ଥାନାନ୍ତରିତ ହେବା ପରେ ତାଙ୍କ ହୃଦୟରେ ଦିନେ ଏକ ଦିବ୍ୟାନୁଭୂତିର ଉଦ୍ରେକ ହେଲା ଯେ ନିତି ସକାଳେ ଶ୍ରୀମା'ଙ୍କ ଦର୍ଶନ ବ୍ୟତୀତ ସେ ଅନ୍ନ-ଜଳ ସ୍ପର୍ଶ କରିବେ ନାହିଁ । କରୁଣାମୟୀ ଦିବ୍ୟ-ଜନନୀ ତାଙ୍କର ଏହି ଅନୁରୋଧରେ ସମ୍ମତି ଦେଇ 'ବାଲ୍‌କୋନି'ରେ ଆସି ଆବିର୍ଭୂତା ହେଲେ ଏବଂ ମୃଦୁ-ଦି ତାଙ୍କ ଘରର ଝରକା-ପାଖରେ ଛିଡ଼ା ହୋଇ ଭକ୍ତିପୂତ ହୃଦୟରେ ପ୍ରଣତି ଜଣାଇଲେ । ଏଇ ଘଟଣାରୁ ଏକ ଯୁଗାନ୍ତକାରୀ ଐତିହାସିକ ଘଟଣାର ସୂତ୍ରପାତ ହେଲା – ମା'ଙ୍କର 'ବାଲ୍‌କୋନି ଦର୍ଶନ' । ୧୯୩୮ରୁ ଆରମ୍ଭ ହୋଇ ଏହା ୧୯୬୨ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଚାଲୁ ରହିଥିଲା । ପ୍ରତ୍ୟହ ପ୍ରାତଃକାଳରେ ଅନ୍ତେବାସୀ ତଥା ଆଗନ୍ତୁକ ଭକ୍ତବୃନ୍ଦଙ୍କର ସୁଅ ବହି ଆସୁଥିଲା ବାଲ୍‌କୋନି ତଳ ରାସ୍ତାକୁ । ସହସ୍ରାଧିକ ଭକ୍ତବୃନ୍ଦ ବର୍ଷ ବର୍ଷ ଧରି ଏହି ଅପରୂପ 'ଦିବ୍ୟ ଦର୍ଶନ'ର ସୌଭାଗ୍ୟ ଲାଭ କରିଥିଲେ । ସାଧାରଣତଃ ଏହାର ସମୟ ଥିଲା ସକାଳ ଛ'ଟାରୁ ଛ'ଟା ପନ୍ଦର ମିନିଟ; କେବେ କେବେ ମା'ଙ୍କର ବ୍ୟସ୍ତତାପୂର୍ଣ୍ଣ କର୍ମଧାରାରେ ଏହାର ପରିବର୍ତ୍ତନ ଘଟିଛି ଏବଂ କତିପୟ ଭକ୍ତ ମଧ୍ୟ ବିଳମ୍ବ ଦର୍ଶନ ନିମିତ୍ତ ରାସ୍ତାରେ ବା ରାସ୍ତା କଡ଼ରେ ନୀରବରେ ଅପେକ୍ଷା କରୁଥିଲେ ।...

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

### ତଥ୍ୟ ନିର୍ଦ୍ଦେଶିକା :


୧. ସ୍ୱର୍ଣ୍ଣ : 'An Interview with Swarna Sarcar' : Mother India : Sept. 2019

୨. ବାଙ୍ଗୀ : 'Among the Not so Great' : Chinmayee, Mridubhashini (Mridu-di)

୩. ଦ୍ୟୁମାନ୍ : How They came to Sri Aurobindo and the Mother, 'Dyuman – The Luminous One'

୪. ମୃତ୍ୟୁଞ୍ଜୟ : 'Glimpses of Pavitra', Mother India, Jan, 1989

୫. The Story : 'Sri Aurobindo Ashram : The Story of the Main Building'


ମୋର ପ୍ରୟୋଜନ ଏପରି ଏକ ଆଶ୍ରୟସ୍ଥଳ ଯେଉଁଠାରେ ମୋର ଯୋଗ ସାଧନାକୁ ଅବାଧରେ ପୂର୍ଣ୍ଣ କରିପାରିବି ଏବଂ ମୋର ଚାରିପଟର ବ୍ୟକ୍ତିମାନଙ୍କୁ ଗଢ଼ିତୋଳି ପାରିବି । ମୋର ବୋଧ ହେଉଛି ପଣ୍ଡିଚେରୀହିଁ ସେହି ସ୍ଥାନ ଯାହା ଊର୍ଦ୍ଧ୍ୱସ୍ଥ ସତ୍ତାମାନଙ୍କ ଦ୍ୱାରା ନିର୍ଦ୍ଧାରିତ, କିନ୍ତୁ ତୁମେ ଜାଣ ଜଡ଼ଜଗତରେ ଯାହା ଉଦ୍ଦିଷ୍ଟ ହୋଇଥାଏ ତାହାକୁ ପ୍ରତିଷ୍ଠିତ କରିବା ପାଇଁ କେତେ ଉଦ୍ୟମ ପ୍ରୟୋଜନ ।...

ଜଡ଼ ସ୍ତରରେ ଅଧ୍ୟାତ୍ମକୁ ଓହ୍ଲାଇ ଆଣିବା ପାଇଁ ଯେଉଁ ଶକ୍ତିର ପ୍ରୟୋଜନ ମୁଁ ତାହାର ବିକାଶ ସାଧନ କରୁଛି ଏବଂ ମୁଁ ବର୍ତ୍ତମାନ ଲୋକମାନଙ୍କ ଭିତରେ ମୋ ନିଜକୁ ସ୍ଥାପିତ କରିବା ପାଇଁ ଏବଂ ଅନ୍ଧକାର ବିଦୂରଣ-ପୂର୍ବକ ଆଲୋକ ଆନୟନ କରି, ଏକ ନୂତନ ହୃଦୟ ଓ ନୂତନ ମନ ପ୍ରଦାନ କରି ସେମାନଙ୍କୁ ପରିବର୍ତ୍ତିତ କରିବା ପାଇଁ ସକ୍ଷମ ।...

ମୁଁ ବର୍ତ୍ତମାନ ଯାହା ସ୍ପଷ୍ଟରୂପେ ଦେଖି ପାରୁଛି ତା' ହେଉଛି ମୋ ଯୋଗର ପ୍ରଧାନ ଉଦ୍ଦେଶ୍ୟ ହେଲା ସମସ୍ତ ଭୁଲ୍‌ଭ୍ରାନ୍ତି ଓ ଫଳପ୍ରଦହୀନତାର ପ୍ରତ୍ୟେକଟି ସମ୍ଭାବ୍ୟ ଉତ୍ସକୁ ପୂର୍ଣ୍ଣ ଓ ସମଗ୍ର ଭାବରେ ଦୂରୀଭୂତ କରିବା । ଭୁଲ୍‌ଭ୍ରାନ୍ତିକୁ ଦୂର କରିବା – ଯାହାଫଳରେ ମୁଁ ଯେଉଁ ଦିବ୍ୟସତ୍ୟକୁ ଲୋକମାନଙ୍କୁ ପ୍ରଦର୍ଶିତ କରିବାକୁ ଯାଉଛି ତାହା ଯେପରି ପୂର୍ଣ୍ଣ ଓ ନିଖୁଣ ହୁଏ ଏବଂ ଫଳପ୍ରଦହୀନତାକୁ ଦୂର କରିବା ଯାହାଫଳରେ ପୃଥିବୀକୁ ପରିବର୍ତ୍ତିତ କରିବା ଦିଗରେ ମୁଁ ଯେତେଟା ସହାୟତା କରିବି ତା ଯେପରି ସାମଗ୍ରିକ ଭାବରେ ବିଜୟୀ ଓ ଅପ୍ରତିହତ ହୁଏ । ...

୧୨.୦୭.୧୯୧୧

*

ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ **ମୋର ତପସ୍ୟାର ଗୁହା**, – ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।

– ଶ୍ରୀଅରବିନ୍ଦ

କାହାଣୀ :

# ଲାଜକୁଳିଲତା

## ମନୋଜ ଦାସ

ପୌଷ ନିଶୀଥର ଅନ୍ତରଙ୍ଗ ଅନ୍ତିମ ମୁହୂର୍ତ୍ତରେ ଯେତେବେଳେ ଟେଲିଫୋନଟି କ୍ରମାଗତ ବାଜି ଚାଲିଲା, ସେତେବେଳେ ପ୍ରମଥ ବାବୁ ଅତ୍ୟଧିକ ବିରକ୍ତିଜନିତ କିଂକର୍ତ୍ତବ୍ୟବିମୂଢ଼ତାରୁ ତାକୁ ଦୁଇ ଚାରିଥର ଫୁଙ୍କି ପକାଇଲେ – ଶବ୍ଦଟା ଯଦି ଲିଭିଯାଆନ୍ତା !

''ହେଲ୍ଲୋ, ହେଲ୍ଲୋ ! ଶଃ ହେଲ୍ଲୋ...ଆଁ ! ଆରେ, ରିଏଲି ? ଗୋଇଂ ଗୋଇଂ !''

ଚାକିରି ଜୀବନର ପ୍ରଥମ ପର୍ଯ୍ୟାୟରେ ଏଭଳି ଏକ ପରିସ୍ଥିତି ହୃତ୍‌ସ୍ପନ୍ଦନରେ ଯେଭଳି ବିପର୍ଯ୍ୟୟ ସୃଷ୍ଟି କରୁଥିଲା, ଅଭିଜ୍ଞତାରେ ବିଗତ ପନ୍ଦର ବର୍ଷର ଗତାନୁଗତିକତା ଦ୍ୱାରା ସେ ବିପର୍ଯ୍ୟୟ ବିସ୍ମୃତ ହୋଇଯିବା ଉତ୍ତାରୁ ଅଦ୍ୟ ପ୍ରଭାତରେ ପୁନରାୟ ତା'ର ଉଜ୍ଜୀବନ ଘଟିଲା । ପ୍ରମଥବାବୁ ଗୋଟିଏ ମିନିଟରେ ପଲଙ୍କରୁ ଡେଇଁପଡ଼ି ନିଜକୁ ୟୁନିଫର୍ମ ଭିତରକୁ ଠେଲିପେଲି ଭର୍ତ୍ତି କରି ବାହାରି ଗଲେ ।

ସହର ପ୍ରାନ୍ତର ନିଛାଟିଆ ବିସ୍ତୃତ ଢିପଟିର ଅଦୂରରେ ସେତେବେଳକୁ ସାଦା ପୋଷାକରେ ସି.ଆଇ.ଡ଼ି. ଇନ୍‌ସ୍‌ପେକ୍‌ଟର ପଟେଲ, ତାଙ୍କର ତିନି ଜଣ ସହକାରୀ ଓ ଚାରି ଜଣ ସିପାହୀ ମହଜୁଦ ହୋଇ ସାରିଥା'ନ୍ତି । ଗୋଟାଏ ପରିତ୍ୟକ୍ତ କୁଡ଼ିଆ ଆଢୁଆଳରେ ଠିଆ ହୋଇ ଇଙ୍ଗିତରେ ପ୍ରମଥବାବୁ ପଟେଲଙ୍କୁ ଡାକିଲେ । ପଟେଲଙ୍କ ଆଖିରେ ଗଭୀର ଉତ୍ତେଜନା । ପ୍ରମଥବାବୁଙ୍କ ନିର୍ଦ୍ଦେଶରେ ଇତିମଧ୍ୟରେ ଆସି ପହଞ୍ଚି ଯାଇଥିବା ଆଠ ଜଣ ସଶସ୍ତ୍ର ପୋଲିସ ଢିପଟିର ଚାରି ଦିଗକୁ ଆକଟ କରି ରହିଗଲେ ।

ପଟେଲଠାରୁ ପକେଟ-ଦୂରବୀକ୍ଷଣଟି ନେଇ ପ୍ରମଥ ବାବୁ ଆଖିରେ ଲଗାଇଲେ । ଢିପ ଉପରେ ଧୀରେ ଧୀରେ ଟହଲୁଥିବା ବିଶାଳବପୁ ବ୍ୟକ୍ତିଟି – ଆପାଦକଣ୍ଠ ଯାହାର ଓଭରକୋଟରେ ଓ ଆଚିବୁକ ଶିର ଯାହାର ମୋଟା ମଫ୍‌ଲରରେ ଆବୃତ – ସେ ବାସ୍ତବିକ ପୋଲିସ ବାହିନୀର ବହୁ ଅଭୀପ୍‌ସିତ ଆତ୍ମଗୋପନକାରୀ ସୁବିଖ୍ୟାତ ଅପରାଧୀଟି ହୋଇଥିବା ରୀତିମତ ସମ୍ଭବପର ।

ସମ୍ଭବପର କାହିଁକି – ନିଶ୍ଚିତ । ନଚେତ୍ ସେ କାହିଁକି ଏଭଳି ଦୋଦୋପାଞ୍ଚ ହୋଇ ପଦଚାରଣା କରୁଥା'ନ୍ତା ? ଗତଥର ଯେତେବେଳେ ପୋଲିସ ତା' ଉପରେ ଚଢ଼ଉ କରିଥିଲେ ସେତେବେଳେ ସେ ଅତ୍ୟନ୍ତ ମୂଲ୍ୟବାନ୍ ଏକ ବସ୍ତୁ ଏଇ ଢିପ ଉପରେ କେଉଁଠି ହେଲେ ଲୁଚାଇ ଦେଇ ପାର୍ଶ୍ୱବର୍ତ୍ତୀ ନଦୀକୁ ଡେଇଁ ପଡ଼ିଥିଲା । ଗତ ଛଅ ମାସ ଧରି ଏଇ ଢିପ ଉପରେ ଦିବାନିଶି ଗୋପନରେ ସତର୍କ ଦୃଷ୍ଟି ରଖିବାର ବ୍ୟବସ୍ଥା ପ୍ରମଥବାବୁ ଓ ପଟେଲ କରିଥିଲେ । ସେମାନେ ଦୁର୍ବୃତ୍ତଟିକୁ ଉତ୍ତମ ରୂପେ ଜାଣିଥିଲେ । ସେମାନେ ଜାଣିଥିଲେ ଯେ ଦିନେ ନା ଦିନେ ସେ ତା'ର ସମ୍ପତ୍ତିକୁ ଉଦ୍ଧାର କରିବା ପାଇଁ ସେଠାରେ ଆସି ପହଞ୍ଚିବ । ଢିପ ଉପର ଦେଇ ଯାଇଥିବା ରାସ୍ତାର ପଥିକମାନଙ୍କ ଭିତରୁ ହୁଏତ ଭୁଲ୍‌ବଶତଃ ପୂର୍ବରୁ ଜଣେ ଦୁଇଜଣଙ୍କୁ ସନ୍ଦେହ କରାଯାଇ ଥାଇପାରେ; କିନ୍ତୁ ଆଜି ଅବଶେଷରେ ସମସ୍ତ ଧୈର୍ଯ୍ୟ ଓ ଆୟାସ ସାର୍ଥକ ହୋଇଛି ନିଶ୍ଚୟ । ଦୁର୍ବୃତ୍ତର ଦୀର୍ଘ ଚେହେରା ଓ ଏଇ ଟହଲକାରୀ ଲୋକଟିର ଚେହେରା ହିଁ ଯେ ଏକ, ସେତିକି ନୁହେଁ, ଏ ଲୋକଟିର ଗତିବିଧି ହିଁ ତା'ର ସ୍ୱରୂପ ସ୍ପଷ୍ଟ କରି ଦେଉଛି ।

ପଟେଲ ଓ ପ୍ରମଥବାବୁ ଅତି ସନ୍ତର୍ପଣରେ ବୁଦାଟିମାନ ତଳେ ତଳେ ହାମୁଡ଼ି ହାମୁଡ଼ି ଆଗକୁ ଚାଲିଥା'ନ୍ତି । ପତଳା କୁହୁଡ଼ି ବ୍ୟାପ୍ତ ହୋଇ ରହିଛି । ଢିପ ଉପରର ରାସ୍ତା ଦେଇ ଜଣେ ଅଧେ ଲୋକ ଯିବା ଆସିବା ଆରମ୍ଭ କଲେଣି । ଦୁର୍ବୃତ୍ତ ନିଶ୍ଚୟ ଅଚିରେ ତା'ର କାର୍ଯ୍ୟ ସମାପନ କରି ଚମ୍ପଟ ଦେବ । ଅଫିସରଦ୍ୱୟ ପ୍ରାୟ ତଳେ ଶୋଇପଡ଼ି ଆହୁରି ଆଗେଇ ଗଲେ । ପଟେଲବାବୁଙ୍କ ଆଣ୍ଠୁ ପାଖରେ ଫୁଲପ୍ୟାଣ୍ଟ୍ ଛିଡ଼ିଗଲା – ଆଉ ଛିଡ଼ିଗଲା ପ୍ରମଥବାବୁଙ୍କ ଅସଲ ଆଣ୍ଠୁ । ଯାଉ, ଚୂଡ଼ାନ୍ତ ମୁହୂର୍ତ୍ତ ଆସନ୍ନ । ଲୋକଟି ଇତସ୍ତତଃ ଅନାଇ, ନଇଁପଡ଼ି ତଳୁ ଗୋଟାଏ କିଛି ତୋଳି ନେବାକୁ ଚେଷ୍ଟା କରୁଛି – କିନ୍ତୁ ଜଣେ ପଥଚାରୀ ତା'ର ନିକଟବର୍ତ୍ତୀ ହୋଇ ଆସିବାରୁ ସେ ପୁଣି ସ୍ୱାଭାବିକ ଭାବରେ ଛିଡ଼ା ହୋଇଗଲା । ପଥଚାରୀ ଅଦୃଶ୍ୟ ହୋଇଯିବା ପରେ ପୁନରାୟ ଲୋକଟି ତଳକୁ ନଇଁ ପଡ଼ିଲା; କିନ୍ତୁ

ଏତିକିବେଳେ ଗୋଟାଏ ଚଇନ୍‌ଫିଟ୍ ଟୋକା ସେଇ ଢିପ ଉପର ଦେଇ ଦଦରା ସାଇକେଲଟିଏ ପ୍ରାଣାନ୍ତକ ଜିଦିରେ ପ୍ୟାଡ଼େଲ୍ କରି କରି ଆବିର୍ଭୂତ ହେବାରୁ ଲୋକଟା ପୁନଶ୍ଚ ସିଧା ହୋଇ ଠିଆ ହୋଇ ପଡ଼ିଲା । ତା'ର କୁଞ୍ଚିତ କପାଳରେ ଯେଉଁ ସୈତାନୀ କ୍ରୋଧର ଲିପି ଅଫିସର ଦୁହେଁ ପଢ଼ିଲେ, ଲୋକଟାର ପରିଚୟ ସମ୍ପର୍କରେ ତତ୍ପରେ ସେମାନଙ୍କର ଆଉ କୌଣସି ସନ୍ଦେହ ରହିଲା ନାହିଁ ।

ପଟେଲ ତାଙ୍କ ପକେଟରୁ ରିଭଲଭର ଓ ହୁଇସିଲ ବାହାର କରି ପ୍ରସ୍ତୁତ ହୋଇ ରହିଲେ । ଲୋକଟି ଯେତେବେଳେ ତଳୁ ଜିନିଷ ଉଠାଇବା ପାଇଁ ପୂରା ନଇଁ ପଡ଼ିଥିବ, ସେତିକିବେଳେ ପ୍ରମଥବାବୁ ତା' ଉପରକୁ ଡେଇଁପଡ଼ି ତାକୁ ଅକ୍ତିଆର କରିବେ । ପରସ୍ପର ଅଭ୍ୟସ୍ତ ଇଙ୍ଗିତରେ ଏଇ ବ୍ୟବସ୍ଥା କରି ନେଲେ ।

ଲୋକଟି ଥରେ ରାସ୍ତାର ଦୁଇ ପ୍ରାନ୍ତକୁ ନିରୀକ୍ଷଣ କରି ଦେଖି ନେଲା – ହୁଏତ ନିଶ୍ଚିତ ହେଲା ଯେ ଆପାତତଃ କେହି ପଥ ଅତିକ୍ରମ କରିବାକୁ ନାହାନ୍ତି ।

ତତ୍ପରେ –

ଲୋକଟି ନଇଁ ପଡୁଛି । ଅବରୁଦ୍ଧ ନିଶ୍ୱାସରେ ପ୍ରମଥବାବୁ ମାତ୍ର ଦଶ ହାତ ଦୂରରୁ ବିସ୍ଫାରିତ ନୟନରେ ଦେଖୁଛନ୍ତି । ଲୋକଟି ବସି ପଡ଼ିଲା; କିନ୍ତୁ କାହିଁ – କିଛି ଉଠାଇ ନେବା ପରିବର୍ତ୍ତେ ସେ କିଛି ଗୋଟାଏ ଆଉଁସୁଛି ଯେମିତି । ପ୍ରମଥବାବୁ ସାପ ଫଣା ଟେକିଲା ଭଳି ମୁଣ୍ଡ ଯଥାସାଧ୍ୟ ଉଠାଇ ଦେଖିଲେ : ଲାଜକୁଳିଲତା ! ଲୋକଟି ଲାଜକୁଳିଲତାଟିଏର ଗୋଟିଏ ପ୍ରାନ୍ତ ଛୁଇଁଦେବା ମାତ୍ରେ ସମଗ୍ର ଡାଳଟି ଯେମିତି ନିମୀଳିତ ହୋଇ ଯାଇଛି, ସେଥିରେ ତା' ମୁହଁରେ ଚହଟି ଉଠୁଛି କୋମଳ, ସଲଜ୍ଜ ହସ । ପୁଣି ପ୍ରାୟ ନୃତ୍ୟ ଭଙ୍ଗିମାରେ ହସ୍ତ ଚାଳନା କରି ଲୋକଟି ଆଉ ଗୋଟିଏ ପ୍ରାନ୍ତ ଛୁଇଁ ଦେଉଛି ଓ ସ୍ମିତହସରେ ଉଜଳି ଉଠୁଛି ।

ସେ ହସର ଗୋଟିଏ ଲହରୀ ଲୋକଟିର ସମଗ୍ର ଚେହେରା ବଦଳାଇ ଦେବାକୁ ଯଥେଷ୍ଟ । କ୍ଷଣକ ପୂର୍ବରୁ କୁଞ୍ଚିତ-କପାଳ ଅବସ୍ଥାରେ ସେ ଦୁର୍ବୃତ୍ତଟିର ଯେତିକି ନିକଟବର୍ତ୍ତୀ ଦେଖା ଯାଉଥିଲା, ବର୍ତ୍ତମାନ ସ୍ମିତ-ହସିତ ଅବସ୍ଥାରେ ତା'ଠାରୁ ସେତିକି ଦୂରବର୍ତ୍ତୀ ଦେଖାଗଲା ।

ଏ ହସ ଅଥଚ ଅତି ପରିଚିତ; କିନ୍ତୁ ସେ ନେଇ ଭାବିବାର ମାନସିକ ଅବସ୍ଥା ପ୍ରମଥବାବୁଙ୍କର ନଥିଲା । ସେ ଏତେ ବିରକ୍ତ ହୋଇ ଯାଇଥିଲେ, ଏଡ଼େ ପର୍ବତପ୍ରମାଣ ଭୀମଦର୍ଶନ ବ୍ୟକ୍ତି ଗୋଟାକ ଯେ ଏଡ଼େ ପିଲାଳିଆ କଥାଟାଏ କରିବା ପାଇଁ ଏଇ ପୌଷ ପ୍ରତ୍ୟୁଷରେ ଏତେ ସମୟ ଛକିଥିବ, ଏକଥା କିଏ କେମିତି ଭାବନ୍ତା ? ''ଧୁତ୍ତେରେ !'' – କହି ପ୍ରମଥବାବୁ ହଠାତ୍ ଛିଡ଼ା ହୋଇ ପଡ଼ି ଦେହରୁ ଧୂଳି ଝାଡ଼ିଲେ । ପଟେଲ ମଧ୍ୟ ଦୀର୍ଘ ନିଃଶ୍ୱାସ ଛାଡ଼ି ଉଠି ପଡ଼ିଲେ । ଏଇ ଆକସ୍ମିକ ଆବିର୍ଭାବରେ ଚମକିତ ହୋଇ ସେଇ ଭୀମଦର୍ଶନ ବ୍ୟକ୍ତିଟି ମଧ୍ୟ ଛିଡ଼ା ହୋଇ ପଡ଼ିଲା ଏବଂ ହଠାତ୍ ସେ ଯେଉଁ ଅଭାବନୀୟ ବାକ୍ୟଟି ଉଚ୍ଚାରଣ କଲା, ସେଥିରେ ପଲକରେ ପ୍ରମଥବାବୁଙ୍କ ଧମନୀ-ଶ୍ରେଣୀରେ ଚମକିଗଲା ବିଦ୍ୟୁତ୍ ଭଳି ଏକ ଶିହରଣ । ସେ ଆଟେନ୍‌ସନ୍ ହୋଇ ସାଲ୍ୟୁଟ୍ ବଜାଇଲେ ।

ଲୋକଟି କହି ଉଠିଥିଲା, ''ଷ୍ଟାଣ୍ଡ୍ ଅପ୍ ଅନ୍ ଦି ବେଞ୍ଚ୍ !''

ପଚିଶ ବର୍ଷ ପରେ ମଧ୍ୟ ସେଇ ମୋଟା ଉଲ୍‌ର ଆବରଣ ତଳୁ, ସେ କଣ୍ଠସ୍ୱର ଆଚମ୍ବିତେ ପ୍ରମଥବାବୁଙ୍କ ଆଗରେ ତାଙ୍କର ଦୁର୍ଦ୍ଦାନ୍ତ ପ୍ରତାପୀ ହେଡ଼ମାଷ୍ଟର ଧୃତରାଷ୍ଟ୍ର ବାବୁଙ୍କୁ ଚିହ୍ନାଇ ଦେଇଥିଲା । ଧୃତରାଷ୍ଟ୍ର ବାବୁ ରାଗିଯିବା ମାତ୍ରେ ବା ଚମକି ପଡ଼ିବା ମାତ୍ରେ ''ଷ୍ଟାଣ୍ଡ୍ ଅପ୍ ଅନ୍ ଦି ବେଞ୍ଚ୍'' କହିବାରେ ଏଡ଼େ ଅଭ୍ୟସ୍ତ ଥିଲେ ଯେ, କଥିତ ଅଛି, ଏକଦା ସେ ଅନ୍ୟମନସ୍କ ଥିଲାବେଳେ ତାଙ୍କ ସ୍ତ୍ରୀ ଛିଙ୍କି ଦେଇଥିବା ଯୋଗୁଁ ମଧ୍ୟ ସେ ସେହି ଆଦେଶ ଦେଇ ପକାଇଥିଲେ ।

''ସାର୍ ସାର୍... ଆପଣ କେମିତି ?''

''ଆରେ, ଆରେ, ପରିମଳ... ପଞ୍ଚାନନ... ପ୍ରପଞ୍ଚ... କ'ଣଟି... ହଁ... ପ୍ରମଥ, ମୁଁ, ମୁଁ ଏବେ ଆସିଛି ମୋ ନାତୁଣୀ-ଜୁଆଁଇ ଘରକୁ । ଆଉ ତୁମେ ? ଓହୋ, ଏଇଠି ଅଫିସର ଅଛ ପରା ! ମର୍ଣ୍ଣିଂ ୱାକ୍ କରୁଛ ବୋଧହୁଏ ! ବାଃ, ବାଃ, ମୁଁ ମୋର ସବୁ ପିଲାଙ୍କୁ ଶିଖାଇଥିଲି, ଶରୀରମାଦ୍ୟମ୍ ! ତୁମେ ଦେଖୁଛି ବେଶ୍ ମନେରଖି ସେମିତି କାମ କରୁଛ । ପ୍ରୀତ ହେଲି, ଚାଲ, ଫଲୋ ମି – ଏଇ ପ୍ରଭାତ ସମୟଟା ବଡ଼ ଚମତ୍କାର । ମୋ ବୟସ ଆସି ପଞ୍ଚସ୍ତରି ହେଲାଣି, ତେବେ ବି ମୁଁ ମର୍ଣ୍ଣିଂ ୱାକ୍ ଛାଡ଼ି ନାହିଁ । ଭୋରକୁ ମୁଁ ବରାବର ଭଲପାଏଁ – ଯେମିତି ୱାର୍ଡ଼ସୱାର୍ଥ ବୟସ ନିର୍ବିଶେଷରେ 'ରେନ୍‌ବୋ'କୁ ଭଲ ପାଉଥିଲେ । ମନେଅଛି ତ ସେ ପଦ୍ୟ ?''

''ହଁ ସାର୍ ! ମାନେ, ମାଇ ହାର୍ଟ ଲିପ୍‌ସ୍ ଅପ୍ ହୁଏନ୍ ଆଇ ସି... ।''

''ନନ୍‌ସେନ୍‌ସ । ଏଡ଼େ ବଡ଼ କବି କ'ଣ 'ସି' କରିବାଠୁଁ ଆଉ ଉତ୍ତମ କିଛି କରିପାରି ନଥା'ନ୍ତେ ? ମାଇ ହାର୍ଟ ଲିପ୍‌ସ୍ ଅପ୍ ହୁଏନ୍ ଆଇ ବିହୋଲ୍‌ଡ଼ – ଆଉ ଭୁଲିବ ନାହିଁ ।''

''କଦାପି ନୁହେଁ, ସାର୍ ।'' ପ୍ରମଥବାବୁଙ୍କ ହାତ ଆପେ ଆପେ ତାଙ୍କ ନିଜସ୍ୱ କାନ ଆଡ଼କୁ ଚାଲି ଯାଇଥିଲା । ସେମାନେ ତିନିହେଁ ଢିପ ଅତିକ୍ରମ କଲାବେଳକୁ ସାଦା ପୋଷାକ ତଥା ୟୁନିଫର୍ମ ପରିହିତ ଉଜନାଧିକ ଛୋଟ ବଡ଼ ପୋଲିସ କର୍ମଚାରୀ ବିସ୍ମୟ ସହକାରେ ସେମାନଙ୍କୁ ଅନାଇ ରହିଥା'ନ୍ତି । ପ୍ରମଥବାବୁ ନୀରବରେ ସେମାନଙ୍କୁ କିଛି ଗୋଟାଏ ଇଙ୍ଗିତ ଦେଲେ । ସେମାନେ ବୁଝିଲେ କି ନାହିଁ, ତାଙ୍କୁ ଅନୁସରଣ କରି ଚାଲିଲେ ।

ଧୃତରାଷ୍ଟ୍ରବାବୁଙ୍କ ନେତୃତ୍ୱରେ ମର୍ଣିଂ ୱାକ୍ ଶୋଭାଯାତ୍ରା ଏମନ୍ତ ପ୍ରକାରେ ଆଗେଇ ଚାଲିଲା । ବହୁଦିନ ପରେ ପ୍ରମଥବାବୁ ମୁକ୍ତ ପବନର ସ୍ୱର୍ଶ ଅନୁଭବ କରୁଥିଲେ ଯେମିତି । ହାତ ମଳି ମଳି ଧୃତରାଷ୍ଟ୍ରବାବୁଙ୍କ ପଛରେ ଚାଲୁ ଚାଲୁ ତାଙ୍କ ହୃଦୟ କୃତଜ୍ଞତାରେ ଭରପୂର ହୋଇ ଉଠିଥାଏ ।

❑❑❑

# ମୁଁ ଖାଲି ତୁମର

## ଜ୍ୟୋସ୍ନାରାଣୀ ଦାଶ

କେତେ କରୁଣାରେ କରୁଣାମୟୀ ମା
ହୃଦୟେ କରିଛ ଘର,
କେତେ ଅଜ୍ଞତାରେ କିଳି ଦେଇଛି ମୁଁ
ସେଇ ହୃଦୟ ଦୁଆର ।

ସମର୍ପଣ ମୋର ନୁହେଁ ସର୍ବାଙ୍ଗୀଣ
ଅହଂ, କାମନାରେ ଭରା,
ମୋ ପ୍ରାଣର ଜିଦ୍ ସବୁଠି ପ୍ରଚ୍ଛନ୍ନ
ଆସ୍ପୃହା ମୋର ଅଧୁରା ।

କେମିତି କହିବି ମନ, ପ୍ରାଣ ଦେଇ
ପାଉଛି ତୁମକୁ ଭଲ,
କେତେ କରୁଣାରେ କରୁଣାମୟୀ ମୋ
ହୃଦୟେ କରିଛ ଘର ।

କାଉଁରି ପରଶେ କିଏ ଛୁଇଁ ଦିଏ
ତୁମ ପାଶେ ଦିଏ ଧରା,
ନିମିଷେ ପୁଣି ମୁଁ ଖୋଜି ହେଉଥାଏ
ସବୁ କି ଅନ୍ଧାର କାରା !



ପ୍ରତି ମୁହୂର୍ତ୍ତରେ ଦେଖି ଚାଲିଛି ମୁଁ
ଛାଇ ଆଲୁଅର ଖେଳ,
କେମିତି କହିବି ହୃଦୟ ଖୋଲି ମା
ମୁଁ ପରା ଅଟେ ତୁମର !

ଅଜ୍ଞାନ ଅଶୁଭ ଯେତେ ଯାହା ଥାଉ
ମୁଁ ତ ତୁମ ହାତ ଗଢ଼ା,
ଏତିକି ବୁଝିବା ପାଇଁ ଦିଅ ଶକ୍ତି
ଆଉ କିଛି ନାହିଁ ଲୋଡ଼ା ।

କୃପା କରି ମାଆ ସଚେତ କରାଅ
କରିନିଅ ତୁମ ଯନ୍ତ୍ର,
ଅବିରାମ ଘୋଷୁ ହୃଦୟଟି ମୋର
'ମାଆ' 'ମାଆ' ମଧୁ-ମନ୍ତ୍ର ।

ପ୍ରତି ପଦପାତେ ହାତ ଧରି ନିଅ
ଅବୁଝା ଏ ମନ ମୋର,
ହୃଦୟ ଖୋଲି ମୁଁ କହିପାରେ ଥରେ
ମୁଁ ଖାଲି ମାଆ ତୁମର । ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୯)

## ମହେନ୍ଦ୍ରନାଥ ସ୍ୱାଇଁ

### ଦିବ୍ୟାନନ୍ଦ ଜ୍ୟୋତିଃ ଶିଖା

ଜୁନ୍ ୧୭, ୧୯୧୩ରେ ମା ଯେଉଁ ପ୍ରାର୍ଥନାଟି ଲେଖିଛନ୍ତି ତାହା ଛୋଟ ହେଲେ ମଧ ତା'ର ଅନ୍ତଃସ୍ରୋତରେ ନିଃସ୍ୱାର୍ଥପରତା ଏବଂ ସାହସର ଦିବ୍ୟ-ଭାବ ସତତ ପ୍ରବାହିତ । ଏହି ପ୍ରାର୍ଥନାଟି ପାଠ କଲା ପରେ ପାଠକମାନେ ବୁଝିପାରିବେ ଯେ ଆମ ପୃଥିବୀ ଏତେ ପ୍ରକାର ଦୁଃଖ, କଷ୍ଟ, ଯନ୍ତ୍ରଣାରେ ଜର୍ଜରିତ ହେଉ ଥିଲେ ମଧ କିପରି ଦୃଢ଼ ଭାବରେ ମସ୍ତକ ଉତ୍ତୋଳନ ପୂର୍ବକ ଦଣ୍ଡାୟମାନ । କେହି ଜଣେ ଅଛନ୍ତି; ଲୁକ୍କାୟିତ ଭାବରେ ରହିଛନ୍ତି, ସବୁ ଦେଖୁଛନ୍ତି, ସମସ୍ତଙ୍କୁ ଧାରଣ କରିଛନ୍ତି ଓ ଆମ୍ଭମାନଙ୍କର ମସ୍ତକ ଉପରେ ହସ୍ତ ପ୍ରସାରଣ ପୂର୍ବକ ସୁରକ୍ଷା ତଥା ଅଭୟ ପ୍ରଦାନ କରୁଛନ୍ତି । ନହେଲେ ସାଧାରଣ ମଣିଷ ଜୀବନରେ ଆସୁଥିବା ଲକ୍ଷ ଲକ୍ଷ ସଂଖ୍ୟକ ଆଘାତ-ପ୍ରତିଘାତଜନିତ ହୃଦୟ ବିଦାରକ କଷ୍ଟ, ଯନ୍ତ୍ରଣା, ଅନ୍ୟାୟ ଏବଂ ଭାଗ୍ୟର ବିଡ଼ମ୍ବନାକୁ ସେ କିପରି ସହ୍ୟ କରିପାରୁଛି ଏବଂ ପରକ୍ଷଣରେ ପୁନଶ୍ଚ ଅଣ୍ଟା ସଳଖ କରି ଠିଆ ହୋଇ ପାରୁଛି !

ଆମ ବାହ୍ୟ ଦୃଷ୍ଟିକୁ ଦେଖାଯାଉ ନଥିବା ଏକ ଦୟା, କୃପା ଓ କରୁଣାରେ ଭରପୂର – ସ୍ୱପ୍ନିଳ, ବିସ୍ମୟ, ପ୍ରେମବୋଳା ଏବଂ ଦିବ୍ୟାନନ୍ଦରେ ଛଳଛଳ ଦୁଇଟି ଦିବ୍ୟ-ସୁନ୍ଦର ଚକ୍ଷୁ ଆମକୁ ଚାହିଁ ରହିଛନ୍ତି । ସେହି ଆଖି ଦୁଇଟି ଆମକୁ ପ୍ରତିକୂଳ ପରିସ୍ଥିତିରୁ ବାହାର କରି ଆଣି ଉପରକୁ ଉଠାଇ ନେଉଛନ୍ତି, ବନ୍ଧୁର ପଥରେ ଚାଲିଲା ବେଳେ ହାତ ଧରି ଚଳାଇ ନେଉଛନ୍ତି ଏବଂ ଭାଗ୍ୟ ଓ ମୃତ୍ୟୁଜନିତ ଦୁଃଖକୁ ସହ୍ୟ କରିବା ପାଇଁ ଆମ ସ୍ନାୟୁରେ ଶକ୍ତି ଭରି ଦେଉଛନ୍ତି । ପୁନଶ୍ଚ ସେହି ଦିବ୍ୟକୃପା ବିପ୍ଳବୀ ହାତରେ ତ୍ୟାଗ, ଦୁର୍ବଳଙ୍କୁ ଶକ୍ତି, ଅଜ୍ଞାନକୁ ଜ୍ଞାନ, ମୂକକୁ ବାଚାଳ ଓ ପଙ୍ଗୁକୁ ପର୍ବତାରୋହଣର କ୍ଷମତା ଭରି ଦେଉଛନ୍ତି – ''ମୂକଂ କରୋତି ବାଚାଳଂ, ପଙ୍ଗୁ ଲଙ୍ଘୟତେ ଗିରି'' । ଯେତେବେଳେ ଆମ ମୁଖ ମଣ୍ଡଳରେ ''ଅସମ୍ଭବ''ର ଭାବ ପ୍ରସ୍ଫୁଟିତ ହୋଇଉଠେ, ଆମେ ''କିଂକର୍ତ୍ତବ୍ୟବିମୂଢ଼'' ହୋଇ ଉଠୁ, ଠିକ୍ ତା'ର ପରକ୍ଷଣରେ ସିଏ ଆମ ମଥା ଉପରେ କୋମଳ ହସ୍ତର ସ୍ପର୍ଶ ପ୍ରଦାନ ପୂର୍ବକ ''ଅସମ୍ଭବ''କୁ ''ସମ୍ଭବ'' କରି ଦିଅନ୍ତି । ଆମରି ଦ୍ୱାରା କେତେବେଳେ ସେହି କର୍ମଟି କରାଇ ନିଅନ୍ତି ତାହା ଆମେ ନିଜେ ବି ଜାଣିପାରୁ ନାହିଁ । ଦିବ୍ୟଜନନୀ ଶ୍ରୀମାଙ୍କର ଜୁନ୍ ୧୭, ୧୯୧୩ ପ୍ରାର୍ଥନାଟିରେ ଅଫୁରନ୍ତ ସାହସ ଏବଂ ଚମତ୍କାର ଦିବ୍ୟପ୍ରେମର ଅପୂର୍ବ ଭାଷା ପ୍ରସ୍ଫୁଟିତ ହୋଇ ଉଠିଛି । ତାହା ହେଲା :

"GRANT, O Lord, that I may be like a fire that illumines and gives warmth, like a spring of water that quenches thirst, like a tree that shelters and protects. ... Men are so unhappy and ignorant and have so great a need of help.

My trust in Thee, the certitude within me grow deeper day by day; and day by day too I feel Thy love more ardent within my heart, Thy light more brilliant and yet also more sweet; and more and more am I unable to distinguish Thy Work from my life and my individual being from the entire earth.

O Lord, Lord, Thy Splendour is infinite, marvellous is Thy Truth; and Thy all-powerful Love shall save the world."

(Prayers and Meditations, P. 21)

''ହେ ପ୍ରଭୁ, ମୋର ଏହି ପ୍ରାର୍ଥନା ପୂରଣ କରନ୍ତୁ ଯେପରି ମୁଁ ଅଗ୍ନି ପରି ହୋଇଯାଏ ଏବଂ ସମସ୍ତଙ୍କୁ ଉଷ୍ମତା ପ୍ରଦାନ କରେ ଏବଂ ଆଲୋକିତ କରେ, ଏକ ସୁଶୀତଳ ଜଳପୂର୍ଣ୍ଣ ଝରଣାଟିଏ କରି ଦିଅନ୍ତୁ ଯେପରି ମୁଁ ସମସ୍ତଙ୍କର ତୃଷ୍ଣା ନିବାରଣ କରିପାରେ, ଦ୍ରୁମଟିଏ କରି ଦିଅନ୍ତୁ ଯିଏ କି ତା'ର ଛାୟାତଳେ ସମସ୍ତଙ୍କୁ ଆଶ୍ରୟ ପ୍ରଦାନ କରିପାରିବ ଏବଂ ସୁରକ୍ଷିତ

ରଖିପାରିବ... । ମନୁଷ୍ୟମାନେ ଅତ୍ୟନ୍ତ ଦୁଃଖୀ ଓ ଅଜ୍ଞ ଏବଂ ସେମାନଙ୍କର ଆବଶ୍ୟକତା ହେଉଛି ପ୍ରଭୂତ ସାହାଯ୍ୟ ।

''ଆପଣଙ୍କ ପ୍ରତି ମୋର ବିଶ୍ୱାସ, ଆସ୍ଥା, ମୋ ଅନ୍ତରସ୍ଥ ପ୍ରଶାନ୍ତି ଦିନକୁ ଦିନ ବୃଦ୍ଧି ପ୍ରାପ୍ତ ହେଉଛି; ଦିନକୁ ଦିନ ମୋ ହୃଦୟ ଭିତରେ ଆପଣଙ୍କ ପ୍ରେମର ଦୃଢ଼ତା ଅଧିକରୁ ଅଧିକ ମୁଁ ଅନୁଭବ କରୁଛି, ଅନୁଭବ କରୁଛି ଆପଣଙ୍କ ଆଲୋକର ଅଧିକ ଉଜ୍ଜ୍ୱଳତା ଏବଂ ଅଧିକ ମଧୁରତା; ଏବଂ ଅଧିକରୁ ଅଧିକ ମୁଁ ଆପଣଙ୍କ କାର୍ଯ୍ୟ ଏବଂ ମୋର ଜୀବନ ମଧ୍ୟରେ କୌଣସି ତଫାତ୍ ଦେଖିବାକୁ ସକ୍ଷମ ହେଉ ନାହିଁ ଏବଂ ମୋର ବ୍ୟକ୍ତିସତ୍ତା ସମଗ୍ର ପୃଥିବୀଠାରୁ ଯେ ପୃଥକ୍ ତାହା ମଧ୍ୟ ଅନୁଭବ କରିପାରୁ ନାହିଁ ।

''ହେ ପ୍ରଭୁ, ପ୍ରଭୁ, ଆପଣଙ୍କର ଚମତ୍କାରିତାର ସୀମା ନାହିଁ, ଆପଣଙ୍କର ସତ୍ୟ ଅତୀବ ଆଶ୍ଚର୍ଯ୍ୟାନ୍ୱିତ; ଏବଂ ଆପଣଙ୍କର ସର୍ବଶକ୍ତିମୟୀ ପ୍ରେମ ଏହି ପୃଥିବୀକୁ ନିଶ୍ଚିତ ରକ୍ଷା କରିବ ।''

ସମସ୍ତେ ଆମେ ପ୍ରାର୍ଥନା କରୁ ପ୍ରଭୁଙ୍କ ନିକଟରେ, ମା'ଙ୍କ ନିକଟରେ ଭଲରେ ବଞ୍ଚିବା ପାଇଁ; ଶାରୀରିକ, ମାନସିକ ଓ ପ୍ରାଣିକ ଦୁଃଖ, କଷ୍ଟ ଓ ଯନ୍ତ୍ରଣାର ଉପଶମ ନିମନ୍ତେ, ସମାଜରେ ଜଣେ ହୋଇ ମୁଣ୍ଡ ଟେକି ଚାଲିବା ନିମନ୍ତେ, ପୁଣି କହୁ ହେ ପ୍ରଭୁ, ମୋତେ ଚତୁଃବର୍ଗ ଫଳ ପ୍ରଦାନ କରନ୍ତୁ । ଯାହା ହେଉଛି ଧର୍ମ, ଅର୍ଥ, କାମ, ମୋକ୍ଷ । ହେ ପ୍ରଭୁ ! ତିନିପୁରର ସମ୍ପତ୍ତି ମୋ ଘରେ ଠୁଳ ହେଉ ବୋଲି ମଧ୍ୟ ସାଧାରଣ ବ୍ୟକ୍ତି ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ । କିନ୍ତୁ ଦିବ୍ୟଜନନୀ ଉପରୋକ୍ତ ପ୍ରାର୍ଥନାରେ ପରମପ୍ରଭୁଙ୍କ ନିକଟରେ ବିନତି ଜଣାଇ କହୁଛନ୍ତି, ''ହେ ପ୍ରଭୁ ମୋତେ ଅଗ୍ନିଶିଖାଟିଏ କରି ଦିଅନ୍ତୁ, ମୁଁ ଜଳିବି, ଆଲୋକ ପ୍ରଦାନ କରି ଅନ୍ଧକାର ଦୂର କରିବି ଏବଂ ତତ୍ ସହିତ ଯିଏ ଶୀତରେ ଥରୁ ଥିବ ତାଙ୍କୁ ଉଷ୍ମତା ପ୍ରଦାନ କରି କଷ୍ଟ ଲାଘବ ହେବାରେ ସାହାଯ୍ୟ କରିବି ।''

ପୁନଶ୍ଚ ମା କହୁଛନ୍ତି, ''ହେ ପ୍ରଭୁ, ମୋତେ ଝରଣାଟିଏ କରି ଦିଅନ୍ତୁ, ତୃଷିତମାନେ ମୋ କୂଳକୁ ଆସିବେ, ମୋର ସୁଶୀତଳ ନିର୍ମଳ ଜଳ ପାନ କରିବେ, ତୃଷା ନିବାରଣ କରିବେ, ସେମାନଙ୍କର ଆତ୍ମତୃପ୍ତି ଅବଲୋକନ କରି ମୁଁ ଆନନ୍ଦିତ ହେବି, ଆପଣଙ୍କ ପ୍ରତି କୃତଜ୍ଞତା ଜଣାଇବି । ମୁଁ ଗଛଟିଏ ହେବା ପାଇଁ ଚାହୁଁଛି, ହେ ପ୍ରଭୁ, ମୋତେ ଝଙ୍କାଳିଆ, ଗହଳିଆ ପତ୍ରରେ ସଜ୍ଜିତ ବୃକ୍ଷଟିଏ କରି ଦିଅନ୍ତୁ । ମୋ ଛାୟା ତଳକୁ ସମସ୍ତେ – ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ଆସିବେ; ଶୋଇବେ, କ୍ଳାନ୍ତି ମେଣ୍ଟାଇ ହସି ହସି ଚାଲିଯିବେ । ମୋ ଆନନ୍ଦର ସୀମା ରହିବ ନାହିଁ । ପୁନଶ୍ଚ ମୁଁ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିବି, ଜୀବନ ବଞ୍ଚିବାରେ ସାହାଯ୍ୟ କରିବି । ପରିବେଶକୁ ସୁନ୍ଦର ଓ ରସାଳ କରି ଗଢ଼ି ତୋଳିବି ।'' ଏହି ପ୍ରକାର ପ୍ରାର୍ଥନା ଦିବ୍ୟଜନନୀ, ସୃଷ୍ଟି ସର୍ଜନାକାରିଣୀ, ସମସ୍ତଙ୍କୁ "My dear child, my sweet loving child" ବୋଲି ସମ୍ବୋଧନ ପୂର୍ବକ ସ୍ମିତହାସ୍ୟର ଶୀତଳ ମଧୁର ସ୍ରୋତରେ ଅବଗାହନ କରାଇ ଆଶୀର୍ବାଦ ପ୍ରଦାନ କରୁଥିବା ଶ୍ରୀମାଙ୍କ ବ୍ୟତୀତ ଅନ୍ୟ କାହାର ହୋଇପାରିବ କି ?

ଆଲୋଚ୍ୟ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା କହୁଛନ୍ତି – ପ୍ରଭୁଙ୍କ ପ୍ରତି ତାଙ୍କର ବିଶ୍ୱାସ, ଆସ୍ଥା ସ୍ଥିର ହୋଇ ଗୋଟିଏ ସ୍ତରରେ ରହୁ ନାହିଁ, ଦିନକୁ ଦିନ ଉତ୍ତୋରତ୍ତର ବୃଦ୍ଧି ପାଇବାରେ ଲାଗିଛି ଏବଂ ପ୍ରଭୁଙ୍କ ଭଲପାଇବା ବଢ଼ି ବଢ଼ି ତାଙ୍କ ହୃଦୟକୁ ସମ୍ପୂର୍ଣ୍ଣ ଅଧିକାର କରି ଦେଇଛି । ଆଲୋକ ତ ଉଜ୍ଜ୍ୱଳ ନିଶ୍ଚିତ, କିନ୍ତୁ ଏହା ଯେ ମଧୁର ଏହା ମା ଆମକୁ ପ୍ରଥମ ଥର ନିମନ୍ତେ ସୂଚିତ କରିଛନ୍ତି । ଆଲୋକ ଉଜ୍ଜ୍ୱଳ, ଶୀତଳ ହୋଇପାରେ – ତା' ପୁଣି ମଧୁର କିପରି ? ମା'ଙ୍କ ଆଖିକୁ ଚାହିଁଲେ ସେଥିରୁ ସ୍ଫୁରିତ ଆଲୋକ ରଶ୍ମି ଆସି ଦର୍ଶନ କରୁଥିବା ସାଧକ, ଭକ୍ତ ବା ପରିଦର୍ଶକଙ୍କ ଶରୀରର ବାହାରେ ଓ ଅନ୍ତରରେ ଯେଉଁ ଆନନ୍ଦର ମାଧୁର୍ଯ୍ୟ ଖେଳାଇ ଥାଏ, ତା'ର ପ୍ରଭାବ ଅତ୍ୟନ୍ତ ମଧୁର ଏବଂ ତାହା ସାଧକର ସମଗ୍ର ସତ୍ତାକୁ ଆନନ୍ଦରେ ପ୍ରଭାବିତ କରି ଏକ ମିଠା ମିଠା ଭାବର ଲେପ ବୋଳି ଦେଇଥାଏ; କିଛି କ୍ଷଣ ବା ଦିନ ପାଇଁ ସେମାନେ ନିଜକୁ ନିଜେ ବି ଚିହ୍ନିପାରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ଜନୈକ ଦର୍ଶନାର୍ଥୀ ଭକ୍ତଙ୍କ ଅନୁଭୂତି ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ଏହିପରି –

ଜନୈକ ଭକ୍ତ ୧୯୫୫ ମସିହା ଅଗଷ୍ଟ ୧୫ ଦର୍ଶନ ନିମନ୍ତେ ମା'ଙ୍କର ଅନୁମତି ପ୍ରାପ୍ତ ହୋଇ ଅଗଷ୍ଟ ୧୪ ତାରିଖରେ ପଣ୍ଡିଚେରୀରେ ପହଞ୍ଚିଲେ । ଅଗଷ୍ଟ ୧୫ ତାରିଖରେ ବାଲ୍‌କୋନୀ ଦର୍ଶନ ନିମନ୍ତେ ପ୍ରସ୍ତୁତ ହୋଇ ଯଥା ସମୟରେ ଉପସ୍ଥିତ ଅନ୍ୟମାନଙ୍କ ସହ ଅପେକ୍ଷା କରି ଠିଆ ହୋଇଥା'ନ୍ତି । ମା'ଙ୍କର ଆଗମନର ସମୟ ଆଗତ ହେଲା । ଉତ୍କଣ୍ଠା ବଢ଼ିବାକୁ ଲାଗିଲା । କିଛି ସମୟ ପରେ ଦିବ୍ୟଜନନୀ, ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟର ପ୍ରତିମୂର୍ତ୍ତି ଶ୍ରୀମା ବାଲ୍‌କୋନୀରେ ଉପସ୍ଥିତ ହେଲେ । ଆଗନ୍ତୁକ ଭକ୍ତ ଜଣକ ଦେଖିଲେ ଯେପରି ମା ତାଙ୍କୁହିଁ ଚାହୁଁଛନ୍ତି;

ଯେପରି ସେ ତାଙ୍କୁ ଆଗରୁ ଜାଣିଛନ୍ତି । ତାଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଏହା ପରଠୁ ସେ ଯାହାକୁ ଦେଖିଲେ ସମସ୍ତେ ଆପଣାର ଆପଣାର ଲାଗିଲେ; ଫୁଲ, ଫଳ, ପଶୁ, ପକ୍ଷୀ ସୁନ୍ଦର ଦେଖାଗଲେ । ହୃଦୟରେ ଏକ ମଧୁରତାର ଭାବ ପୂର୍ଣ୍ଣ ହୋଇଗଲା । ସେ ଅବସ୍ଥାନ କରୁଥିବା ଅତିଥିଭବନକୁ ଆସି ପ୍ରସ୍ତୁତ ହୋଇ ପୁନଶ୍ଚ ମା'ଙ୍କୁ ଦର୍ଶନ କରିବା ନିମନ୍ତେ ଆଶ୍ରମ ପ୍ରାଙ୍ଗଣରେ ଆସି ପହଞ୍ଚିଲେ । ଅନ୍ୟମାନଙ୍କ ସହିତ ଧାଡ଼ିରେ ଠିଆ ହେଲେ – ତାଙ୍କ ଓଠରେ, ମୁହଁରେ ଓ ଆଖିରେ ବାଲ୍‌କୋନୀ ଦର୍ଶନର ମାଦକତା ଲାଗି ରହିଥାଏ ।

ସେହି ସମୟରେ ମା ଦର୍ଶନ ନିମନ୍ତେ ଉଦ୍ଦିଷ୍ଟ ଲମ୍ବା ହଲ୍‌କୁ ଲାଗି ଅନ୍ୟ ଏକ ପ୍ରଶସ୍ତ ପ୍ରକୋଷ୍ଠରେ ତାଙ୍କ ଚେୟାରରେ ଉପବେଶନ ପୂର୍ବକ ଦର୍ଶନ ଓ ଆଶୀର୍ବାଦ ପ୍ରଦାନ କରୁଥା'ନ୍ତି । ଭକ୍ତ ଜଣଙ୍କ ଧାଡ଼ିରେ ଠିଆ ହୋଇ, ଉପରକୁ ମୁଣ୍ଡ ଉଠାଇ ମା'ଙ୍କୁ ଦେଖିବାକୁ ଚେଷ୍ଟା କଲେ । ଯାହା ଦେଖିଲେ, ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ – ମା'ଙ୍କର ପ୍ରକୋଷ୍ଠଟି ଏକ ପର୍ବତ ଗୁମ୍ଫା ଏବଂ ସେଠାରେ ମା ଉପସ୍ଥିତ ନାହାନ୍ତି, ଗୁମ୍ଫା ଦ୍ୱାରରେ ଏକ ସୁନ୍ଦର ବିଶାଳକାୟ ସିଂହ ବସି ରହିଛି । ସିଂହର ଚକ୍ଷୁ ଦ୍ୱୟରୁ ସର୍ଚ୍ଚଲାଇଟ୍ ପରି ଉଜ୍ଜ୍ୱଳ ଆଲୋକ ରଶ୍ମି ଦୁଇଟି ଆସି ତାଙ୍କ ମୁଖମଣ୍ଡଳକୁ ଆଲୋକିତ କରୁଛି, ଆଖି ଝଲସାଇ ଦେଉଛି । ସେ କହନ୍ତି, ''ମୁଁ ସେହି ଆଲୋକକୁ ଦେଖି ଡରି ଗଲି ଏବଂ ଧାଡ଼ି ଭିତରୁ ବାହାରି ପଳାଇ ଯିବାକୁ ଚେଷ୍ଟା କଲି, କିନ୍ତୁ ପାରିଲି ନାହିଁ । ଧାଡ଼ିଟି ଏତେ ଅପ୍ରଶସ୍ତ ହୋଇ ଯାଇଥିଲା ଯେ ତାକୁ ଭାଙ୍ଗି ଅନ୍ୟମାନଙ୍କୁ ଅସୁବିଧାରେ ପକାଇବା ପାଇଁ ମଧ ସାହସ କରିପାରିଲି ନାହିଁ । ସ୍ରୋତରେ ଭାସି ଗଲା ପରି ଧାଡ଼ି ସହିତ ଅବଲୀଳା କ୍ରମେ ଅଗ୍ରସର ହେଉଥାଏ । ବର୍ତ୍ତମାନ ମୁଁ ଓ ମା'ଙ୍କ ପ୍ରକୋଷ୍ଠ ମଝିରେ ମାତ୍ର ସାତ ଆଠଜଣ ଲୋକ । ସାହସ ବାନ୍ଧି ଆଗକୁ ଅନାଇଲି; ଆଶ୍ଚର୍ଯ୍ୟ ! ସିଂହଟି ଆଉ ନାହିଁ, ଉଭେଇ ଯାଇଛି ଏବଂ ମୁଁ ସ୍ପଷ୍ଟ ମା'ଙ୍କୁ ଦେଖି ପାରୁଛି । ମୋତେ ଦେଖି ମା ହସୁଛନ୍ତି । ମା'ଙ୍କ ପାଖାପାଖି ହୋଇଗଲି, ମୋର ମନେ ହେଲା ଯେପରି ମା'ଙ୍କ ଆଖିରୁ ଦିବ୍ୟାନନ୍ଦର ଦୁଇ ଧାର ସ୍ରୋତ ଆସି ମୋ ଭିତରେ ପ୍ରବେଶ କରୁଛି । ମୋ ଭିତରେ ଖାଲି ଆନନ୍ଦ ହିଁ ଆନନ୍ଦ... ।''

ଭକ୍ତ ଜଣକ କହି ଚାଲିଛନ୍ତି, ମା'ଙ୍କ ନିକଟତର ହେଲା ପରେ ପ୍ରଣାମ କଲି, ପାଦପଦ୍ମରେ ମୋର ନୈବେଦ୍ୟ ନିବେଦନ କଲି, ମା ସେହି ନିର୍ଦ୍ଦିଷ୍ଟ ଦର୍ଶନ ଦିନ ପାଇଁ ଉଦ୍ଦିଷ୍ଟ ବାଣୀ ଲିଖିତ ଥିବା କାର୍ଡ଼ଟି ମୋ ହାତରେ ଧରାଇ ଦେଲା ବେଳେ ମୋ ଆଙ୍ଗୁଳିକୁ ଟିକିଏ ଚିପି ଦେଲେ । ତା'ପରେ ମୋ ଅବସ୍ଥା..., ମୁଁ ଯେପରି ଆନନ୍ଦର ଅଥଳ ଦରିଆ ଭିତରେ ଉବୁଟୁବୁ ହେଉଛି... । ସାରାଦିନ ଏହି ଅବସ୍ଥା ଅନୁଭବ କଲି । ମୁଁ ଅନୁଭବ କଲି, "She whom I have seen today is not human. Surely she is the Divine. Having seen the Divine how can I return home ?"

ଅର୍ଥାତ୍, ''ଆଜି ଯାହାଙ୍କୁ ମୁଁ ଦର୍ଶନ କଲି, ସିଏ ତ ସାଧାରଣ ମଣିଷ ନୁହଁନ୍ତି । ନିଶ୍ଚିତ ଭାବରେ ସେ ହିଁ ମା ଭଗବତୀ ଦିବ୍ୟଜନନୀ । ଦିବ୍ୟଜନନୀଙ୍କୁ ସ୍ୱଚକ୍ଷୁରେ ଦର୍ଶନ କଲା ପରେ କିପରି ବା ଘରକୁ ଫେରିବି ?''

ଏ ବିଷୟ ତାଙ୍କ ହୃଦୟକୁ ଆନ୍ଦୋଳିତ କରିବାକୁ ଲାଗିଲା । ଶେଷରେ ମା'ଙ୍କ ସେକ୍ରେଟାରୀ ଏମ୍. ପି. ପଣ୍ଡିତଙ୍କ ପାଖକୁ ଯାଇ ସେ ତାଙ୍କ ମନୋଭାବ ପ୍ରକାଶ କଲେ । ମାଧବଜୀଙ୍କ ଉତ୍ତର, "Why not ask the Mother ?" ''ମା'ଙ୍କୁ କାହିଁକି କହୁ ନାହଁ ?'' ମୁଁ ପ୍ଲେ-ଗ୍ରାଉଣ୍ଡକୁ ଗଲି, ମା'ଙ୍କ ଶ୍ରୀହସ୍ତରୁ ପ୍ରସାଦ ଗ୍ରହଣ କଲି, ଏବଂ ଅନୁଭବ କଲି ମା ମୋ ଅନ୍ତର ଭିତରେ କହୁଛନ୍ତି, ''ଏଥରକ ଫେରି ଯାଆ ।'' ମାଧବଜୀ ମୋତେ ମା'ଙ୍କ ପ୍ରକୋଷ୍ଠକୁ ନେଇ ଗଲେ । ମା'ଙ୍କୁ ପ୍ରଣାମ କଲି ଏବଂ କହିଲି, ''ମା ମୁଁ ଯାଉଛି'' । ମା ମୋ ମସ୍ତକ ଉପରେ ହାତ ରଖି ଦିବ୍ୟସ୍ପର୍ଶ ଓ ଆଶୀର୍ବାଦ ପ୍ରଦାନପୂର୍ବକ ଅନୁମତି ସୂଚକ ଅସୀମ କୃପା ଓ ସ୍ମିତହାସ୍ୟ ପ୍ରଦାନ କଲେ ।

ଏହାହିଁ ଦିବ୍ୟାନନ୍ଦର ଜ୍ୟୋତିଃଶିଖା ଏବଂ ସେଥିରୁ ସତତ ନିର୍ଗତ ହୋଇ ଚତୁର୍ଦ୍ଦିଗରେ ବ୍ୟାପି ଯାଉଥିବା ମଧୁରତା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations - The Mother.

(୨) Musing on the Mother's Prayers and Meditations, Volume - I, Shyam Kumari.

(୩) How they came to Sri Aurobindo and the Mother, P. 161

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୭)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ବାସ୍ତବ କ୍ଷେତ୍ରରେ ଏହା ଏକ କ୍ଷୁଦ୍ର ଅଣୁବୀକ୍ଷଣୀୟ କାରଣ ଏତେ ବଡ଼ ଗୋଟାଏ ଭୀଷଣ ବିପର୍ଯ୍ୟୟ ନିମନ୍ତେ, କିନ୍ତୁ ପ୍ରକୃତରେ ଏହା ହେଲା ଅପରିଣତ ଏବଂ ଅବୁଝା ସ୍ପର୍ଶକାତରତାଜନିତ ପ୍ରତିବନ୍ଧକତା ଯାହା ଉଙ୍କି ମାରି ଉଠିଥିଲା ଏଇ ଅତି କ୍ଷୁଦ୍ରାତିକ୍ଷୁଦ୍ର କାରଣ ସକାଶେ । ଏଇ ସ୍ପର୍ଶକାତରତା ଏଠାରେ ଅନେକ ସାଧକଙ୍କର ଏକ ନଛୋଡ଼ବନ୍ଧା ବାଧା ।

ଏହାର ପ୍ରତିକାର ପାଇଁ ଦୁଇଟି ଉପାୟ ଅଛି – ମା'ଙ୍କ ଉପରେ ଚୈତ୍ୟିକ ବିଶ୍ୱାସ ଏବଂ ତା' ସହିତ ଆତ୍ମ-ସମର୍ପଣ, ଅର୍ଥାତ୍ 'ସେ ଯାହା ଚାହାନ୍ତି ତାହାହିଁ ମୋ ସକାଶେ ସବୁଠାରୁ ଭଲ ।' ଏବଂ ଯେଉଁ ବିଶାଳତା ତୁମେ ବର୍ତ୍ତମାନ ଅନୁଭବ କରୁଛ, ତାହା ହେଉଛି ସତ୍ୟସତ୍ତାର ପ୍ରସାରତା, ସତ୍ୟ ମାନସିକ, ପ୍ରାଣିକ ଓ ଶାରୀର ସତ୍ତାର ମଧ୍ୟ – ଯାହାଠାରୁ ଏଇ ଜାତୀୟ ସବୁ ଜିନିଷ ଧୂଳି ପରି ଝରି ପଡ଼େ, କାରଣ ତା' ନିକଟରେ ଆଉ ସେତେବେଳେ ଏଇ ସବୁ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଗୋଟିଏ ଜିନିଷ ବର୍ତ୍ତମାନ କରିବାକୁ ପଡ଼ିବ, ଏଇ ପ୍ରସାରତା, ପ୍ରଶାନ୍ତି ଏବଂ ନୀରବତା ମଧ୍ୟରେ ସ୍ଥାୟୀ ହେବାକୁ ହେବ ଯାହା ମଧ୍ୟରେ ଅହଂ ବିଲୟ ହୋଇଯାଏ ଏବଂ ଆସକ୍ତି ସବୁ ଖସି ପଡ଼ିଯାଏ ।

(୨୮.୦୮.୩୩)

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ଏଇ ହେଉଛି ଉପଯୁକ୍ତ ସମୟ ଯେତେବେଳେ ତୁମକୁ ଲାଗି ରହିବାକୁ ହେବ; ଯେପର୍ଯ୍ୟନ୍ତ ତୁମେ ଆନ୍ତର ସତ୍ତାରେ ସ୍ଥାୟୀଭାବେ ବସବାସ ନ କରିଛ ଏବଂ ବର୍ତ୍ତମାନ ଏହା ଯେ ସମ୍ଭବ ହୋଇଛି ତା'ର ଚିହ୍ନ ହେଉଛି ନୀରବତା ଏବଂ ପ୍ରଶାନ୍ତିର ସ୍ଥାୟିତ୍ୱ । ଯେତେବେଳେ ଏଇ ଧରଣର ନୀରବତା, ପ୍ରଶାନ୍ତି ଏବଂ ପ୍ରସାରତା ଅନୁଭବ କରାଯାଏ ସେତେବେଳେ ତୁମେ ନିଶ୍ଚିତ ହୋଇପାର ଯେ ତାହା ସତ୍ୟ ଆଧାରର, ପ୍ରକୃତ ସତ୍ତାର; ଯାହାକି ପ୍ରବେଶ କରୁଛି ମନ, ପ୍ରାଣ, ହୁଏତ ଶାରୀର ଚେତନା ଭିତରକୁ ମଧ୍ୟ (ଯଦି ତାହା ଯଥାର୍ଥ ଭାବେ ପ୍ରସ୍ତୁତ ହୋଇଥାଏ) ।

ଶରୀରର ଏ ଯେଉଁ ଅସ୍ଥିରତା ତାହା ହୁଏତ ଏଇଥିପାଇଁ ହେଉଛି ଯେ – ପ୍ରଶାନ୍ତି ଏବଂ ନୀରବତା ଶରୀରକୁ ସ୍ପର୍ଶ କରିବା ସତ୍ତ୍ୱେ ମଧ୍ୟ ଜଡ଼ ବା ଦେହଗତ ଚେତନା ମଧ୍ୟକୁ ଏହା ଏତେ ବେଳ ପର୍ଯ୍ୟନ୍ତ ପ୍ରବେଶ କରିନି । ପୁରାତନ ଅସ୍ଥିରତା ଶରୀରରେ ଏବେ ବି ରହିଛି ଏବଂ ରହିବା ପାଇଁ ସାଧମତେ ଚେଷ୍ଟା ବି କରୁଛି; ଯଦିଓ ତାହା ମନକୁ, ପ୍ରାଣକୁ କିଂବା ଏପରିକି ଶାରୀର ଚେତନାରେ ସର୍ବତୋଭାବେ ଆକ୍ରମଣ ଚଳେଇବାକୁ ସାଧାରଣ ଭାବେ ମଧ୍ୟ ସକ୍ଷମ ହୋଇପାରୁ ନାହିଁ । ଯଦି ପ୍ରଶାନ୍ତି ସେଠାରେ ଅବତରଣ କରେ ତେବେ ଏଇ ଅସ୍ଥିରତା ମଧ୍ୟ ଚାଲିଯିବ ।

ଯୌନ ଅନୁଭୂତି ଅବଚେତନାରୁ ଆସୁଛି । ଯେତେବେଳେ ତାହା ଜାଗ୍ରତ୍ ଚେତନାରେ ପ୍ରକାଶ୍ୟ ଭାବରେ ଇନ୍ଦ୍ରିୟଗୋଚର ହେବାକୁ ଅପାରଗ ହୁଏ ସେତେବେଳେ ସେ ଦେଖାଦିଏ ଅବଚେତନାର ନିଦ୍ରା ମଧ୍ୟରେ । ମନ ଯେପରି ଏଥିରେ କୌଣସି ପ୍ରକାରେ ନିଜକୁ ବିଚଳିତ ହେବାକୁ ନଦିଏ – ଏହା ମଧ୍ୟ ଚାଲିଯିବ ଅବଶିଷ୍ଟ ଆଉ ସମସ୍ତଙ୍କ ସହିତ ।

(୨୦.୦୯.୩୪)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଚୈତ୍ୟପୁରୁଷ ଯେତେବେଳେ ସମ୍ମୁଖରେ ଥାଏ ସେତେବେଳେ ସାଧନା ହୁଏ ସ୍ୱାଭାବିକ ଓ ଅନାୟାସରେ ଏବଂ ପ୍ରଶ୍ନ ଥାଏ କେବଳ ସମୟର ଏବଂ ସ୍ୱାଭାବିକ ବିକାଶର । ଯେତେବେଳେ ମନ, ପ୍ରାଣ ବା ଶାରୀର ଚେତନା ଏକେବାରେ ସବୁକିଛିର ଊର୍ଦ୍ଧ୍ୱରେ ଥାଏ; ସେତେବେଳେ ସାଧନା ହୁଏ ତପସ୍ୟା ଏବଂ ସଂଗ୍ରାମ ।

(୧୦.୦୭.୩୪)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ଖୁବ୍ ଭଲ କଥା ଯେ ତୁମେ ସର୍ବଦା ଲକ୍ଷ୍ୟ କରୁଥିଲ ଏବଂ ସମସ୍ତ ଗତିବୃତ୍ତି ଓ ନୂତନ ଚେତନାର ସ୍ୱୟଂକ୍ରିୟ ଏବଂ ବାରଂବାର ହସ୍ତକ୍ଷେପ ଦେଖିବାକୁ ସକ୍ଷମ ହୋଇଥିଲ । କୌଣସି ସନ୍ଦେହ ନାହିଁ ଯେ ଏହାର ପରବର୍ତ୍ତୀ ସ୍ତରରେ ତୁମେ ନିଜ ମନ ଭିତରୁ ହିଁ ନିର୍ଦ୍ଦେଶ ପାଇବ –

ତୁମେ ଯାହା କରିବାକୁ ଚାହଁ ତାହା କିପରି କରିବାକୁ ହେବ । ସ୍ପଷ୍ଟତଃ ତୁମର ମନ ଖୁବ୍ ବେଶୀ ସକ୍ରିୟ ଥିଲା ଏବଂ ଅନ୍ୟ ଯେଉଁମାନେ ଥିଲେ ତାଙ୍କର ମନ ମଧ୍ୟ ସେଇପରି ଥିଲା – ସେଥିପାଇଁ ତୁମେ ତୁମର ଉଦ୍ଦେଶ୍ୟକୁ ଲକ୍ଷ୍ୟ କରିବାକୁ ଅକ୍ଷମ ହୋଇଥିଲ ଅନେକ ଦର୍ଶକଙ୍କର ଭିଡ଼ ସକାଶେ – ସେ ଯାହା ହେଉ ।

(୪.୧୦.୩୪)

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ଏହା ଖୁବ୍ ଉତ୍ସାହଜନକ ଉନ୍ନତି । ତୁମେ ଯଦି ପ୍ରଶାନ୍ତି ଓ ଶାନ୍ତ ଭାବ ରଖିପାର ଯେପରି ତୁମେ ପାରୁଥିଲ ଏବଂ ହୃଦୟରେ ମଧ୍ୟ ମା'ଙ୍କ ପ୍ରତି ଭଲପାଇବା ରଖିପାର, ତା'ହେଲେ ସବୁକିଛି ନିରାପଦ – କାରଣ ତା'ର ଅର୍ଥ ହେଉଛି ଯୋଗର ଦୁଇଟି ଭିତ୍ତି ଲାଭ କରିବା, (the double foundation of the Yoga) । ଶାନ୍ତି, ମୁକ୍ତି ଓ ନିରାପତ୍ତାକୁ ନେଇ ଉର୍ଦ୍ଧ୍ୱଚେତନାର ଅବତରଣ ଏବଂ ଚୈତ୍ୟ ସତ୍ତାର ଉନ୍ମୀଳନ, ଯାହା ସମସ୍ତ ପ୍ରଚେଷ୍ଟାଗତ ବା ସ୍ୱତଃସ୍ଫୂର୍ତ୍ତ ଗତିବୃତ୍ତିକୁ ସତ୍ୟ ଲକ୍ଷ୍ୟ ଦିଗରେ ଅଗ୍ରସର କରାଇନିଏ ।

(୧୦.୧୦.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଘେନ ମୋ ପ୍ରଣାମ

## ଗୋପାଳକୃଷ୍ଣ ପଟ୍ଟନାୟକ



ମୋ ମନ ବଇଁଶୀ ସଦା ଗାଏ ତବ ଗାନ,
ଜୀବନ ଝରଣା ବହେ ତୋଳି କୁଳୁ ତାନ ।

ଆକାଶର ବୁକୁ ଚିରି ଝରେ କୃପା କଣା,
ବିହ୍ୱଳିତ କରେ ମା' ଗୋ ! ତୁମରି କରୁଣା ।

ସେ କରୁଣା-ମଳୟର ମନ୍ଦ ମଧୁ ସ୍ପର୍ଶ,
ଜଗାଏ ଅନ୍ତରେ ମମ ଅମୃତ ଆଶ୍ୱାସ ।

ଚେତନା ପ୍ରଦୀପ ପ୍ରାଣ – କରେ ଜ୍ୟୋତିର୍ମୟ,
ଅପୂର୍ବ ଶିହରଣରେ ଉଚ୍ଛୁଳେ ହୃଦୟ ।

ତୁମରି ପ୍ରେମ ସାଗରେ ହେବାକୁ ବିଲୀନ,
ଆସ୍ପୃହାର ସ୍ରୋତସ୍ୱିନୀ ବହେ ଅନୁକ୍ଷଣ ।

କୃତଜ୍ଞତା ଜଳେ ଫୁଲି ଉଠେ ନେତ୍ର ଦୁଇ,
ଚରଣେ ପ୍ରଣତି ମୋର ଘେନ ମଧୁମୟି !

❑❑❑

# ଭାବନାହିଁ ଭବିଷ୍ୟତ୍

## ସୁଧିରାଜ ରାଉତ

ଗତ ରାତ୍ରିର ସ୍ୱପ୍ନଟି ମୋତେ ଏହା ଲେଖିବାକୁ ପ୍ରେରଣା ଦେଲା । ଷଣ୍ଢଟିଏ ଠିଆ ହୋଇଥିବା ରାସ୍ତାରେ ଯାଉଥିବା ବେଳେ ଭାବିଲି, ଷଣ୍ଢ ମାରିବ କି ! ତତ୍‌କ୍ଷଣାତ୍ ଷଣ୍ଢଟି ମୋତେ ଗୋଡ଼ାଇବାକୁ ଲାଗିଲା । ମୁଁ ଦୌଡ଼ି ଏକ ସୁରକ୍ଷିତ ସ୍ଥାନରେ ଠିଆ ହୋଇ ପୁଣି ଭାବିଲି – ରାସ୍ତାରେ ଝିଅମାନଙ୍କୁ ଯଦି ଏମିତି ହଇରାଣ କରେ, ଏହା ଭାବିବା ମାତ୍ରେ ଦେଖିଲି କିଛି ଝିଅଙ୍କୁ ଷଣ୍ଢଟି ଗୋଡ଼ାଉଛି । ସ୍ୱପ୍ନ-ବିଜ୍ଞାନୀଙ୍କର ବହି ଜ୍ଞାନରୁ ଏ ସ୍ୱପ୍ନକୁ ବିଶ୍ଳେଷଣ କରିବି ନାହିଁ, ସ୍ୱପ୍ନଟିର ସରଳ ଓ ସହଜ ଅର୍ଥ ଆମେ ଯାହା ଭାବୁ ତାହା ଆମ ସହ ଘଟିବାକୁ ଆରମ୍ଭ କରେ ।

ମୁଁ କିଛି ମାସ ପୂର୍ବରୁ ଭାବନାର କ୍ରିୟା ଉପରେ ଛୋଟ ପରୀକ୍ଷାଟିଏ କରିଥିଲି – ଜଣେ ବନ୍ଧୁଙ୍କ ସହ ଗୋଟିଏ ବିଚାରକୁ ନେଇ ମନାନ୍ତର ହେଲା; ଏହା ପରେ କିଛିଦିନ ଧରି ବନ୍ଧୁଟିର ସାମାନ୍ୟ ଉପସ୍ଥିତି ମୋ ପାଇଁ ଅସହ୍ୟ ଲାଗିଲା, ଏପରିକି ଫେସ୍‌ବୁକ୍‌ରେ ବି ବନ୍ଧୁଙ୍କୁ ଦେଖିଲେ ଭିତରୁ କଟୁଭାବ ଆସୁଥିଲା । ଦିନେ ନିଜକୁ ନିଜେ କହିଲି, ଏସବୁ ବହୁତ ହୋଇଗଲା, କାହିଁକି ଏତେ ଈର୍ଷା ? ପରେ ବନ୍ଧୁ ଓ ମୁଁ ପୂର୍ବଭଳି ମିଶିଗଲୁ । ଦିନେ ତାକୁ ପଚାରିଲି ସେହି ମନାନ୍ତର ଘଟଣା ପରେ ମୋ ପ୍ରତି ତୋ ମନୋଭାବ କିଭଳି ଥିଲା ? ଏହା ମୋ ପାଇଁ ଗବେଷଣାର ବିଷୟ । ବନ୍ଧୁ କହିଲା, 'ତୋର ସାମାନ୍ୟ ଉପସ୍ଥିତି ମୋ ପାଇଁ ଅସହ୍ୟ ଥିଲା, ଏମିତି କି ଫେସ୍‌ବୁକ୍‌ରେ ତୋତେ ଦେଖିଲେ ବି ରାଗ ଲାଗୁଥିଲା ।' ମୁଁ ମନେ ମନେ ଭାବୁଥିଲି – ଆମ ଭାବନାଗୁଡ଼ିକ ଆମ ଅଜାଣତରେ କିଭଳି ଆମକୁ ପରିଚାଳିତ କରୁଛି ଏବଂ ଆମ ଜୀବନକୁ ସମ୍ପୂର୍ଣ୍ଣ ପ୍ରଭାବିତ କରୁଛି ।

ଆଜି ଭାବନା ବିଷୟରେ ଲେଖିଲା ବେଳେ ବୁଦ୍ଧଙ୍କର ପଦେ କଥା ମନେ ପଡୁଛି, ''ଆମେ ଆଜି ଯାହା ତାହା ଆମ ଭାବନାର ଫଳ'' । ମୁଁ ଏ ବାକ୍ୟଟିକୁ ବାରଂବାର ପଢ଼ିଛି । ବାକ୍ୟଟିରେ ବୁଝି ନ ପାରିବା ଭଳି କିଛି ଶବ୍ଦ ନାହିଁ ସତ କିନ୍ତୁ ବାକ୍ୟଟି ଯେଉଁ ପରମ ସତ୍ୟକୁ ବହନ କରୁଛି ତାହା ମୋତେ ରୋମାଞ୍ଚିତ କରେ । ମୁଁ ମୋ ଭାବନାକୁ ଅଭିବ୍ୟକ୍ତ କରିବା ପୂର୍ବରୁ ଏ ବାକ୍ୟଟି ସାହାଯ୍ୟରେ ମୋ ଭବିଷ୍ୟତକୁ ଦେଖିପାରେ ।

ଶତାବ୍ଦୀ ପୁରୁଷ ଆଇନ୍‌ଷ୍ଟାଇନ୍‌ଙ୍କ ସହ ଘଟିଥିବା ଘଟଣାଟିଏ ଏଇଭଳି – ଦିନେ କିଛି ବନ୍ଧୁଙ୍କ ସହ ରାସ୍ତାରେ ଯାଉ ଯାଉ ରାସ୍ତା ଉପରକୁ ନଇଁ ଆସିଥିବା ଗଛ ଡାଳଟି ତାଙ୍କ ମୁଣ୍ଡରେ ବାଜି ଟିକେ ରକ୍ତ ବାହାରିଲା । ବନ୍ଧୁମାନେ ବ୍ୟସ୍ତ ହୋଇଗଲେ । କିଛି ବନ୍ଧୁ ସହର କର୍ତ୍ତୃପକ୍ଷଙ୍କୁ ଗାଳି କଲେ ତ ଆଉ କିଛି ଗଛକୁ । ଆଇନ୍‌ଷ୍ଟାଇନ୍ ଚୁପ୍‌ଚାପ୍ ଠିଆ ହୋଇ ଡାଳକୁ ଚାହିଁଥା'ନ୍ତି । ବନ୍ଧୁ ଜଣେ ବିନମ୍ରତାର ସହ କହିଲେ, 'ଏହା ଘଟି ଥିବାରୁ ଆମେ ଦୁଃଖିତ' । ଶତାବ୍ଦୀ ପୁରୁଷଙ୍କ ଉତ୍ତର, 'ମୁଁ ଭାବୁଥିଲି, ମୁଁ ଯଦି ଏତିକି ଉଚ୍ଚା ହୋଇ ନଥା'ନ୍ତି, ଗଛଟି ଏତିକି ଲମ୍ବା ହୋଇ ନଥା'ନ୍ତା, ରାସ୍ତାର ଏହି ଦିଗରେ ଯଦି ମୁଁ ଆସି ନଥା'ନ୍ତି ତେବେ ଏହା ଘଟି ନଥା'ନ୍ତା । ଏହି ସାମାନ୍ୟ ଘଟଣାଟି ପାଇଁ ଯଦି ଏତିକି ପ୍ରସ୍ତୁତି ଏବଂ ସଂଯୋଗର ଆବଶ୍ୟକତା ରହିଛି, ତେବେ ଏ ବିଶ୍ୱ ସୃଷ୍ଟି ପଛରେ କେତେ ପ୍ରସ୍ତୁତି ଏବଂ ସଂଯୋଗର ଆବଶ୍ୟକତା ନଥିବ !' ଯେଉଁ ଭାବୁକ ଜଣଙ୍କର ମୁଣ୍ଡରେ ଡାଳଟିଏ ବାଜି କ୍ଷତାକ୍ତ ହେଲେ – ତାଙ୍କ ଭାବନା ତାଙ୍କୁ ବିଶ୍ୱ-ରହସ୍ୟ ମଧ୍ୟକୁ ନେଇଯାଏ; ସେହି ଭାବନା ତାଙ୍କୁ ଯେ ବିଶ୍ୱ-ରହସ୍ୟର ଶ୍ରେଷ୍ଠ ବିଜ୍ଞାନୀ କରି ଗଢ଼ିଥିବ ଏଥିରେ ଆଶ୍ଚର୍ଯ୍ୟ ବା କ'ଣ ! ଭାବନା ହିଁ ଭବିଷ୍ୟତ୍, ଏହା ଜୀବନର ଏକ ଚିରନ୍ତନ ସତ୍ୟ । ପ୍ରକୃତି ବିଚାର କରେ ନାହିଁ ଭୁଲ୍ ଅବା ଠିକ୍, ବଡ଼ ଅବା ଛୋଟ । ଆପଣ ଯେଉଁ ଭାବନା ସହ ଯୋଡ଼ି ହେବେ, ଆପଣଙ୍କ ଜୀବନରେ ତାହା କାର୍ଯ୍ୟ କରିବା ଆରମ୍ଭ କରିଦେବ । ଆପଣଙ୍କୁ ସେହି ପ୍ରକାର ବ୍ୟକ୍ତିତ୍ୱରେ ଗଢ଼ି ତୋଳିବ ।

ତିନି ବନ୍ଧୁ ଏକ ସୁନ୍ଦର କାର୍‌ରେ ଯାଉଥା'ନ୍ତି । ଚାଳକ ବନ୍ଧୁ କହିଲା, 'ଏହାକୁ ମୋ ଭାଇ ମୋତେ ଜନ୍ମଦିନରେ ଦେଇ ଥିଲେ' । ପାଖରେ ବସିଥିବା ସାଙ୍ଗଟି କହିଲା, 'ମୋତେ କିଏ ଏମିତି କାର୍‌ଟିଏ ଦିଅନ୍ତା କି' । ଚାଳକ ସାଙ୍ଗ ହସି କହିଲା, 'ଆରେ ଏମିତି ନକହି କହ – ମୋର ଏମିତି ଭାଇ ଥା'ନ୍ତା କି !' ପଛରେ ବସିଥିବା ବନ୍ଧୁଟି ନିରବତା ଭାଙ୍ଗି ମତ ଦେଲା, 'ମୁଁ ଏମିତି ଭାଇ ହେବି ।' ତିନୋଟି ଭିନ୍ନ ଭାବନା, ତିନୋଟି ଭିନ୍ନ ଜୀବନ ଗଢ଼ିବାକୁ ପ୍ରସ୍ତୁତ ହେଲେ । ଏଥର ବାଛନ୍ତୁ ଆପଣ କେଉଁ ଭାବନା ସହ ରହିବେ ।

ଅନେକ ସମୟରେ ମୋ ନିଜ ଜୀବନ, ଆତ୍ମୀୟଙ୍କ ଜୀବନ ଅନୁଭବରୁ ବୁଝିଛି – ଜୀବନର ଛୋଟ ଭୁଲ୍ ଓ ଛୋଟ ତ୍ରୁଟିପୂର୍ଣ୍ଣ ଭାବନା ପାଇଁ ବହୁ କଷ୍ଟକର ପରିଣାମ ଭୋଗ କରିବାକୁ ପଡ଼େ । କାହିଁକି ? ଚିନ୍ତାନାୟକ ଇମର୍ସନ୍ କହନ୍ତି, 'ଭାବନା ହେଉଛି କର୍ମର ମଞ୍ଜି' । 'ମଞ୍ଜି' ଏହି ଶବ୍ଦଟି ମୋ ମଧ୍ୟରେ ଭାବାନ୍ତର ସୃଷ୍ଟି କଲା । ମଞ୍ଜିଟିଏ ପ୍ରକୃତିକୁ ଦେଲେ ସେ ହଜାର ଗୁଣ ଫଳ ଆକାରରେ ତାହା ଫେରାଇ ଦିଏ । ଯଦି ଭୁଲ୍ ଭାବନାର ମଞ୍ଜି ପ୍ରକୃତିକୁ ଦେଲି ତେବେ... । ଆମ ପାଖରେ ପ୍ରକୃତିର ଏ ପରିଣାମକୁ ଏଡ଼େଇ ଯିବାର କୌଣସି ସାମର୍ଥ୍ୟ ନାହିଁ । ଆମର କେବଳ ସାମର୍ଥ୍ୟ ଅଛି ପ୍ରକୃତିକୁ ଭୁଲ୍ ଭାବନାର ମଞ୍ଜି ନ ଦେବାକୁ । ପାଓଲୋ କୋଏଲୋଙ୍କ ବିଶ୍ୱବିଖ୍ୟାତ ବହି 'ଆଲକେମିଷ୍ଟ୍'ର ସେହି ଯାଦୁକରୀ ଉକ୍ତି – 'ତୁମେ ଯେତେବେଳେ ଆନ୍ତରିକତାର ସହ କିଛି ଇଚ୍ଛା କର, ସେସବୁର ପ୍ରାପ୍ତି ଦିଗରେ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡ ତୁମର ସହାୟତା କରିବାକୁ ବାହାରି ପଡ଼େ' ।

ଥରେ ଏହି ସତ୍ୟକୁ ପରୀକ୍ଷା କର, ତୁମ ପାଇଁ ତୁମ ଜୀବନ ଏକ ଅର୍ଥପୂର୍ଣ୍ଣ, ଆନନ୍ଦଘନ ଯାତ୍ରା ହୋଇଉଠିବ । କେହି ଜଣେ ଶ୍ରୀମାଙ୍କୁ ଜୀବନରେ ଶାନ୍ତି କିପରି ଆସିବ ବୋଲି ପ୍ରଶ୍ନ କଲେ । ମା ଉତ୍ତରରେ କହିଲେ 'ଭାବନା' ସାହାଯ୍ୟରେ କହିବ – 'ଶାନ୍ତି ଆସ, ପ୍ରକାଶ ହୁଅ' । ଏହି ଉପାୟ ଯେ ଜୀବନରେ ଶାନ୍ତି ଆଣିବ ଏହା ଆମ ବିଶ୍ୱାସର ବାହାରେ । କାରଣ ଆମର ଧାରଣା – ଜୀବନର କୌଣସି ପ୍ରାପ୍ତି ଏତେ ସହଜ ସରଳ ନୁହେଁ । ଶ୍ରୀଅରବିନ୍ଦଙ୍କ ଏକ ଉକ୍ତିର ଭାବାର୍ଥ ଏହିଭଳି, ଆମେ ଜିଦ୍‌ଖୋର ଭାବରେ ଜୀବନଟାକୁ ଜଟିଳ କରି ଦେଇଛୁ ।

ଆପଣଙ୍କୁ ଶାନ୍ତି ଦରକାର, ଉପାୟଟିକୁ ଆରମ୍ଭ କରିବା – ପ୍ରଥମ ଦିନ ଶାନ୍ତିକୁ ଆହ୍ୱାନ କଲ, 'ଶାନ୍ତି ଆସ, ପ୍ରକାଶ ହୁଅ', ଦ୍ୱିତୀୟ ଦିନ ଆହ୍ୱାନ କଲ, 'ଶାନ୍ତି ଆସ, ପ୍ରକାଶ ହୁଅ', ତୃତୀୟ ଦିନ ଏଭଳି ଭାବିଲ, 'ଏ ପରିବାରରେ କେବେ ଶାନ୍ତି ଆସିବ ନାହିଁ', ଚତୁର୍ଥ ଏବଂ ପଞ୍ଚମ ଦିନ ଉପରସ୍ଥ ହାକିମଙ୍କ କଟୁ ଶବ୍ଦରେ କ୍ଷତାକ୍ତ ହୋଇ ଭାବିଲ, 'ଜୀବନରେ ଶାନ୍ତି ଅସମ୍ଭବ' । ଗାଣିତିକ ହିସାବରେ ଏହି ପାଞ୍ଚ ଦିନର ଫଳ : '୧+୧-୧-୧-୧=-୧' ହେବ । ଆଶା କରୁଛି ଆପଣମାନେ ଏହି ସରଳ ଗଣିତଟିକୁ ବୁଝି ପାରିଥିବେ ଏବଂ ଜୀବନର ସରଳ ନିୟମକୁ ମଧ୍ୟ । ତେବେ ପ୍ରୟାସ କରି ସରଳ ହେବା, ଭାବନାକୁ ସଜାଡ଼ି ଚାଲିବା ।

❑❑❑

ବାସ୍ତବ କ୍ଷେତ୍ରରେ କଳ୍ପନା ହେଉଛି ମାନସିକ ଗଠନ ପାଇଁ ଶକ୍ତି ... ଯାହା ହେଲେ ବି ଏପରି କୌଣସି ଗୋଟିଏ ହେଲେ ପଦାର୍ଥ ନାହିଁ ଯାହାର ଗଠନ ଅବାସ୍ତବ ପରି ପ୍ରତୀତ ହୁଏ, କାରଣ ମାନସିକ ସ୍ତରରେ ପ୍ରତ୍ୟେକ ଛବିର ବାସ୍ତବତା ଅଛି ।... ... ଆମ କଳ୍ପନା ଅନୁସାରେ ଜୀବନର ଘଟନାବଳୀ ମୂର୍ତ୍ତିମନ୍ତ ହୁଏ । ପ୍ରତ୍ୟେକ ଥର ଯେତେବେଳେ ଏକ ଅପ୍ରୀତିକର କଳ୍ପନା ମଧ୍ୟରେ ତୁମେ ନିଜକୁ ହଜାଇ ଦିଅ, ସେତେବେଳେ ଏହା ତୁମର ଆଶଙ୍କା, ସମ୍ଭାବିତ ଦୁର୍ଘଟଣା, ଦୁର୍ଭାଗ୍ୟସବୁକୁ ରୂପଦେଇ ତୁମର ଭବିଷ୍ୟତକୁ ଅତଳ ଗର୍ଭକୁ ଟାଣିନିଏ । ଅପର ପକ୍ଷରେ ତୁମର କଳ୍ପନା ଯେତେ ଆଶାବାଦୀ ହେବ, ସେତେ ତୁମେ ତୁମର ଲକ୍ଷ୍ୟକୁ ଉପଲବ୍ଧି କରିବାର ସମ୍ଭାବନା ଲାଭ କରିବ । ମୋନ୍‌ସିଅର କୋ ଏହି ମୌଳିକ ସତ୍ୟକୁ ଧାରଣ କରିଥିଲେ ଓ ସେ ଶହ ଶହ ଲୋକଙ୍କୁ ସେମାନଙ୍କ ଦୁଃଖକଷ୍ଟରୁ ମୁକ୍ତ ହୋଇଛନ୍ତି ବୋଲି କଳ୍ପନା କରିବାକୁ ସହଜ ଭାବରେ ଉପଦେଶ ଦେଇ ଭଲ କରି ପାରୁଥିଲେ । ଥରେ ସେ ଜଣେ ମହିଳାଙ୍କ ସମ୍ପର୍କରେ ଆସିଲେ ଯାହାଙ୍କର ମୁଣ୍ଡର ବାଳଗୁଡ଼ିକ ଉପୁଡ଼ି ଯାଉଥିଲା । ସେ ମହିଳା ଜଣକ ନିଜକୁ ନିଜେ ପ୍ରବର୍ତ୍ତାଇଲେ ଯେ ତାଙ୍କ ମୁଣ୍ଡରେ ପ୍ରତ୍ୟେକ ଦିନ ଅଧିକ ସଂଖ୍ୟକ ବାଳ ସୃଷ୍ଟି ହେଉଛି ଓ ତାଙ୍କର ଅଗ୍ରଗତି ହେଉଛି । ଏହିପରି କଳ୍ପନାରେ ଲାଗି ରହିବା ଫଳରେ ବାସ୍ତବରେ ତାଙ୍କର ବାଳ ବୃଦ୍ଧି ହେବାକୁ ଲାଗିଲା ଏବଂ ନିଜର ପରବର୍ତ୍ତୀ ସ୍ୱ-ପରାମର୍ଶ ପର୍ଯ୍ୟନ୍ତ ଆଶାନୁରୂପ ଦୀର୍ଘ ହେବାକୁ ଲାଗିଲା ।

(CWM : Vol. III, p. 156) – ଶ୍ରୀମା

# ଯୋଗାନନ୍ଦ
## (୧୩)

''ଧ୍ୟାନ ମାଧ୍ୟମରେ ଜଣେ ଅଗ୍ରଗତି କରିପାରେ, କିନ୍ତୁ ଯଥାର୍ଥ ମନୋଭାବ ସହ କରାଯାଉଥିବା କର୍ମ ମାଧ୍ୟମରେ ଜଣେ ତା'ଠାରୁ ଦଶ ଗୁଣ ଅଧିକ ଅଗ୍ରଗତି କରିପାରେ ।
ମୋର ଆଶୀର୍ବାଦ ସହ । – ଶ୍ରୀମା''

ପ୍ରଭାକର(ବାଟ୍ଟୀ)ଙ୍କ ବର୍ଣ୍ଣନାରୁ : ''୧୯୪୫ ମସିହାରେ ମୁଁ ଯୋଗାନନ୍ଦଙ୍କୁ ପ୍ରଥମେ ଦେଖିଲି । ମୋର ଯେତେଦୂର ଧାରଣା ସେତେବେଳେ ତାଙ୍କର ନିର୍ଦ୍ଦିଷ୍ଟ କୌଣସି ନିୟମିତ କର୍ମ ନଥିଲା । କିନ୍ତୁ ମୁଁ ତାଙ୍କୁ ସେତେବେଳେ ଆଶ୍ରମର ପ୍ରଧାନ ଦରଜାରେ ଦ୍ୱାରରକ୍ଷୀ ଥିବାର ଦେଖିଥିଲି । ପ୍ରଥମ ଦର୍ଶନରେ ତାଙ୍କର ଯେଉଁ ଚେହେରା ତା' ଗଭୀର ଭାବରେ ମୋର ଦୃଷ୍ଟି ଆକର୍ଷଣ କରିଥିଲା, ତାହାକୁ ମୁଁ ଏମିତି ବର୍ଣ୍ଣନା କରିପାରେ – ମଧ୍ୟବୟସ୍କ, ସୁନ୍ଦର ଅବୟବ, ଆଣ୍ଠୁ-ଅବଧି ଲମ୍ବା ଢିଲା ଖାକି ପ୍ୟାଣ୍ଟ୍ (ଆଗକାଳର ବରମୁଡ଼ା ଜାତୀୟ ପୋଷାକ), କଟିଦେଶରେ ଆଣ୍ଟକରି ବନ୍ଧା ଚମଡ଼ା କଟିବନ୍ଧ (ବେଲ୍‌ଟ) । ଏହି ବେଲ୍‌ଟଟି ଦରକାର ଥିଲା, କାରଣ ମଧ୍ୟବୟସରେ ସୁସ୍ପଷ୍ଟ ଭାବରେ ଆସନ୍ନ ତାଙ୍କ ସ୍ଥୂଳୋଦର ତା' ଦାବି କରୁଥିଲା, ମଧ୍ୟମ ଉଚ୍ଚତା, ଗହୀରା ବକ୍ଷସ୍ଥଳ, ଉନ୍ନିଦ୍ର ସୈନିକ ସଦୃଶ ଦୃଢ଼ ଭାବରେ ଦଣ୍ଡାୟମାନ । ମୁଖମଣ୍ଡଳଟି ବି ଚମତ୍କାର ଥିଲା – କ୍ଷୁଦ୍ର ନେତ୍ରଯୁଗଳ, ଗଣ୍ଡଦେଶର ଉନ୍ନତ ଅସ୍ଥି ଏବଂ ନାସିକାଟି କିଞ୍ଚିତ୍ ରୋମାନ୍‌ମାନଙ୍କର ନାସିକା ସଦୃଶ, ମସ୍ତକରେ ଆଡ଼ମ୍ବରପୂର୍ଣ୍ଣ ଦୀର୍ଘ କୁଞ୍ଚିତ କେଶଗୁଚ୍ଛ ଏବଂ ବୋଦାର ଦାଢ଼ିଠୁ ଟିକିଏ ଅଧିକ ଆକର୍ଷଣୀୟ ଛୋଟ ଶ୍ମଶ୍ରୁ । ବଗଲରେ ବୃକ୍ଷର ନରମ ତନ୍ତୁରେ ପ୍ରସ୍ତୁତ ବିଲାତି ସିପାହୀ ଟୋପି; ଆଶ୍ରମର କୌଣସି କାମରେ ସାଇକେଲରେ ବାହାରକୁ ଯାଉଥିବା ବେଳେ ଟୋପିଟି ଶିରସ୍ତ୍ରାଣ ରୂପେ ଶୋଭା ପାଉଥିଲା । ଦ୍ୱାରରକ୍ଷୀ ରୂପେ ଦଣ୍ଡାୟମାନ ଥିବାବେଳେ ସେ ବେଶ୍ ସଜାଗ ଓ ସତର୍କ; ପ୍ରତୀୟମାନ ହେଉଥିଲା କୌଣସି କିଛି ଅଘଟଣ ଘଟିବା ମାତ୍ରେ ସେ ତୁରନ୍ତ ଅଗ୍ର-ପଦକ୍ଷେପ ନେବାକୁ ସଦାପ୍ରସ୍ତୁତ । ତାଙ୍କୁ ପ୍ରଥମେ ଦେଖି ମୋର ତରୁଣ ମନରେ ଏହିପରି ଏକ ଗଭୀର ଛାପ ପଡ଼ିଥିଲା, ସତେଅବା ସେ ଜଣେ ଯୁଦ୍ଧରୁ ଅବସରପ୍ରାପ୍ତ ସୈନିକ, ଏବେ ଆସନ୍ନ ଆଉ ଏକ ଖଣ୍ଡଯୁଦ୍ଧ ପ୍ରତି ବେଶ୍ ଉପଯୁକ୍ତ । ପରେ ଜାଣିଲି ଯେ ମୁଖ୍ୟଦ୍ୱାର ନିକଟରେ ତାଙ୍କର କର୍ତ୍ତବ୍ୟ ଶେଷ ହେବା ମାତ୍ରେ ଶ୍ରୀମା'ଙ୍କ ସକାଶେ ପଦ୍ମଫୁଲ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବେ ବୋଲି ସେ ଏପରି ବେଶରେ ଦ୍ୱାରରକ୍ଷୀ ରୂପେ ଦଣ୍ଡାୟମାନ ରହୁଥିଲେ । ଆଉ ପ୍ରଧାନ ଦରଜାର ଅନତି ଦୂରରେ ଛିଡ଼ା ହୋଇଥାଏ ଏକ ପୁରୁଣା, ବହୁ ବ୍ୟବହୃତ ସାଇକେଲଟିଏ – ବହିର୍ଗମନରେ ତାଙ୍କର ବିଶ୍ୱାସୀ ବାହନ । ଏହି ବାହନଟି ବେଶ୍ କେତେ ଦଶନ୍ଧି ଧରି ତାଙ୍କର ସେବାରେ ଆସିଥିଲା – ତାଙ୍କୁ ଅଶୀ ବର୍ଷ ପୂର୍ତ୍ତି ହେବା ପର୍ଯ୍ୟନ୍ତ, ଯେତେବେଳେ ସେ ସାଇକେଲ ଚଢ଼ିବାକୁ ଅକ୍ଷମ ହୋଇ ଉଠିଥିଲେ ।

''ପୁଷ୍ପ-ସଂଗ୍ରହ କରିବା ଯୋଗାନନ୍ଦଙ୍କର ଅନ୍ୟାନ୍ୟ ଆଗ୍ରହୋଦ୍ଦୀପକ କର୍ମ ଭିତରୁ ଅନ୍ୟତମ । ସେ ଏହି କାମଟିକୁ ଅତ୍ୟନ୍ତ ଆନ୍ତରିକତାର ସହ କରୁଥିଲେ (ଏବେ ବି କେତେକ ସାଧକ ସେପରି କରୁଛନ୍ତି) । ସେତେବେଳେ ଶ୍ରୀମା ପ୍ରତ୍ୟହ ତାଙ୍କୁ ଅର୍ପଣ କରାଯାଉଥିବା ପୁଷ୍ପଗୁଡ଼ିକୁ ଗଣି କରି ଦେବା ଉପରେ ଅତ୍ୟନ୍ତ ଗୁରୁତ୍ୱ ଦେଉଥିଲେ । ଆମମାନଙ୍କ ଜନ୍ମଦିନରେ ଆମେ ବିବିଧ ପୁଷ୍ପରୁ କେତୋଟି ଲେଖାଏଁ ସଂଗ୍ରହ କରି ସେସବୁକୁ ଏକ ପାତ୍ରରେ ସଜ୍ଜିତ କରି ଗୋଟିଏ ଛୋଟ କାଗଜରେ ପ୍ରତିଟି ପୁଷ୍ପର ତାଲିକା ଲେଖି ପୁଷ୍ପ-ପାତ୍ରଟି ଉପରେ ରଖି ମା'ଙ୍କୁ ଅର୍ପଣ କରିବାକୁ ହେଉଥିଲା । ଶ୍ରୀମା'ଙ୍କ ପ୍ରଦତ୍ତ ବିଭିନ୍ନ ପୁଷ୍ପ (ସେବା, ବନ୍ଧୁତ୍ୱ, ଆସ୍ପୃହା, ସହିଷ୍ଣୁତା ଇତ୍ୟାଦି ପୁଷ୍ପ)ର ନାମୋଲ୍ଲେଖ କରି କେଉଁ ପୁଷ୍ପରୁ କେତୋଟି ଅର୍ପଣ କରୁଛୁ – ଏ ସମ୍ବନ୍ଧେ ତାଲିକା ପ୍ରସ୍ତୁତ କରି ଦେଉଥିଲୁ । ଯୁଦ୍ଧ ସମୟରେ ଶ୍ରୀମା ଚାହିଁଥିଲେ ଲକ୍ଷେ ରୂପାନ୍ତର (ଆକାଶ ମଲ୍ଲୀ) ପୁଷ୍ପ । କେବଳ ଯୋଗାନନ୍ଦ ହିଁ ଶ୍ରୀମାଙ୍କର ଇଚ୍ଛା ପୂରଣ କରିବାରେ କୃତକାର୍ଯ୍ୟ ହୋଇ ତାଙ୍କୁ ଏକ ଲକ୍ଷ 'ଆକାଶ ମଲ୍ଲୀ' ପୁଷ୍ପ

ଅର୍ପଣ କରିଥିଲେ । ସେତେବେଳେ ଏହି ଫୁଲଗଛ ବେଶୀ ଦେଖିବାକୁ ମିଳୁ ନଥିଲା । ତେଣୁ ଯୋଗାନନ୍ଦ ନିଶ୍ଚିତ ରୂପେ ଚତୁର୍ଦିଗରେ ଥିବା ବହୁ ଅଞ୍ଚଳ ଖୋଜାଖୋଜି କରି ଆବଶ୍ୟକୀୟ ପୁଷ୍ପ ଯୋଗାଡ଼ କରିଥିବେ । ତାଙ୍କ ଜୀବନର ଶେଷ ଅବଧି, ଶଯ୍ୟାଶାୟୀ ହେବା ପର୍ଯ୍ୟନ୍ତ; କର୍ମରେ ତାଙ୍କର ଏହି ପ୍ରକାର ତୀବ୍ର ଆଗ୍ରହ ଅକ୍ଷୁଣ୍ଣ ରହିଥିଲା ।

''ଆଶ୍ରମର ପ୍ରାରମ୍ଭିକ ଅବସ୍ଥାରେ ଆଶ୍ରମିକମାନଙ୍କ ସକାଶେ ସମୁଦ୍ରର ବେଳାଭୂମି ଥିଲା ନିଷିଦ୍ଧ ଅଞ୍ଚଳ । ଏପରିକି ଆମେମାନେ ସମୁଦ୍ରକୂଳ ଢେଉର ପାଣିରେ ପାଦ ବି ଭିଜାଇବା ନିଷିଦ୍ଧ ଥିଲା । ପରେ (ମୋର ଯେତେଦୂର ମନେହୁଏ ବୀରେନ୍-ଦା'ଙ୍କର ପ୍ରୟାସ ଯୋଗୁଁ) ଶ୍ରୀମା ଆମମାନଙ୍କୁ ସମୁଦ୍ର-ସ୍ନାନ ସକାଶେ ଅନୁମତି ଦେଇଥିଲେ, ତା'ପରଠୁ ବେଶ୍ ଅନେକେ ନିତି ସମୁଦ୍ରକୁ ସ୍ନାନ କରିବାକୁ ଯାଉଥିଲେ । କିନ୍ତୁ ସମୁଦ୍ରରେ ଯଦି କେହି ସନ୍ତରଣ କରିବାକୁ ଯାଏ, ତେବେ ନିଶ୍ଚିତ ରୂପେ କୂଳରେ ଜଣେ ପର୍ଯ୍ୟବେକ୍ଷକ ରହିଥିବେ । ଯୋଗାନନ୍ଦ ସ୍ୱତଃପ୍ରବୃତ୍ତ ହୋଇ ଏହି ଦାୟିତ୍ୱପୂର୍ଣ୍ଣ କର୍ମ ହାତକୁ ନେଲେ । ଯେତେବେଳ ପର୍ଯ୍ୟନ୍ତ ଆମମାନଙ୍କ ଭିତରୁ ଜଣେ ବି ସନ୍ତରଣ କରୁଥିବ, କର୍ତ୍ତବ୍ୟ ସମ୍ପାଦନ ପାଇଁ ସିଏ  କୂଳରେ ଦଣ୍ଡାୟମାନ ରହୁଥିଲେ । ମୋଟର କାର୍ ଚକର ଟ୍ୟୁବ୍‌ରେ ଲମ୍ବା ଦଉଡ଼ି ବାନ୍ଧି ସେ ପ୍ରସ୍ତୁତ ରହିଥିବେ, ହାତରେ ହୁଇସିଲ୍ ଏବଂ କାନ୍ଧରେ ଉପବୀତ ରହିଥିବା ସଦୃଶ ଏକ ଚଉଡ଼ା ମୋଟା ପଟି ରହିଥାଏ, ଯେଉଁଥିରେ ବଡ଼ ଅକ୍ଷରରେ 'LIFE GUARD' ମୁଦ୍ରିତ ହୋଇଥିଲା । ତାଙ୍କର କର୍ମ-ତତ୍ପରତା ସମ୍ବନ୍ଧେ ଅବଗତ ହେବା ସକାଶେ ଥରଟିଏ ବି ଜରୁରୀକାଳୀନ ପରିସ୍ଥିତି ଉପୁଜି ନଥିଲା ସତ; କିନ୍ତୁ ତାଙ୍କର ଏହି କର୍ମରେ ଆନ୍ତରିକତା, ସମୟାନୁବର୍ତ୍ତିତା ଏବଂ ତୀବ୍ର ଆଗ୍ରହାଦି ସମ୍ବନ୍ଧେ କାହାରି କିଛି କହିବାର ନଥିଲା । ଏହି ପଦବୀରେ ନିଯୁକ୍ତ ହୋଇଥିବା ପରବର୍ତ୍ତୀ ପ୍ରାର୍ଥୀଗଣ କେହି ବି ତାଙ୍କ ସଦୃଶ ଚାରିତ୍ରିକ ଲକ୍ଷଣରେ ଅନ୍ୟମାନଙ୍କ ଉପରେ ଏତେ ଗଭୀର ପ୍ରଭାବ ପକାଇ ପାରି ନଥିଲେ ।

''ପରିଶେଷରେ ସନ୍ତରଣ କରିବା ସକାଶେ ଆଶ୍ରମର 'ସୁଇମିଙ୍ଗ୍ ପୁଲ୍' ପ୍ରସ୍ତୁତ ହୋଇ ଉଠିଲା । ଶ୍ରୀମା ତାଙ୍କ ଜନ୍ମଦିନ ୨୧ ଫେବ୍ରୁଆରୀରେ ଏହାର ଉଦ୍‌ଘାଟନ କଲେ । ଜେରାର୍ (ଏବେ 'ଅରୋ-ଅର୍ଚାଡ୍'ରେ କର୍ମରତ) ଏବଂ ମୋତେ ଏହାର ରକ୍ଷଣାବେକ୍ଷଣ ସକାଶେ ଦାୟିତ୍ୱ ଦିଆଗଲା । 'ପୁଲ୍'ର ରକ୍ଷଣାବେକ୍ଷଣାଦି କର୍ମ ସମ୍ବନ୍ଧେ ଆମର କିଛି ବି ଜ୍ଞାନ ନଥିଲା । କିଛି ବର୍ଷ ପରେ ଜେରାର୍ ଏହି କାମ ଛାଡ଼ି ଦେଲେ । ହୁଏତ ସ୍ୱତଃପ୍ରବୃତ୍ତ ହୋଇ ବା ନବନିଯୁକ୍ତି ପାଇ – କାରଣ ଯାହା ବି ହୋଇଥାଉ ନା କାହିଁକି, ଜେରାର୍‌ଙ୍କ ସ୍ଥାନରେ ଯୋଗାନନ୍ଦ ଆସିଲେ । ଏଇ ସୂତ୍ରରେ ଆମ ଦୁଇ ଜଣଙ୍କ ମଧ୍ୟରେ ଏକ କୌତୂହଳଜନକ ସ୍ଥାୟୀ ଓ ଫଳପ୍ରଦ ସହଭାଗିତାର ସୂତ୍ରପାତ ହେଲା । ତାଙ୍କୁ ସେତେବେଳେ ୬୫ ବର୍ଷ, ଯେ କି ଜାଗତିକ କ୍ଷେତ୍ରରେ ଅଭିଜ୍ଞ, ଅନୁଭୂତିସମ୍ପନ୍ନ, ବହୁତ କିଛି ଦେଖିଛନ୍ତି, ଜାଣିଛନ୍ତି, ବିଚାରକ୍ଷମ ଏବଂ ଅନେକ ଦୁଃଖକଷ୍ଟ ବି ଭୋଗି ଆସିଛନ୍ତି । ଆଉ ମୁଁ ତାଙ୍କର ଅଧା ବୟସର ତରୁଣଟିଏ, ବାହାର ଦୁନିଆ ସମ୍ପର୍କରେ ଅନଭିଜ୍ଞ; କିଛି ବି ଦେଖିନି, ଜାଣେନି କହିଲେ ଚଳେ । ସେମିତି କିଛି ଦୁଃଖକଷ୍ଟ ବି ଭୋଗିନି – ଯଦିଓ ବାହ୍ୟଦୃଷ୍ଟିରୁ ଆମ ଦୁଇ ଜଣଙ୍କ ମଧ୍ୟରେ ସାମ୍ୟତାର ଅଭାବ ପ୍ରତୀୟମାନ ହେଉଥିଲା, କିନ୍ତୁ ଆମେ ଦୁଇଜଣ ବେଶ୍ ହସଖୁସିରେ କାମ କରି ଚାଲିଥିଲୁ । ସେ କର୍ମକ୍ଷେତ୍ରରୁ ଅବସର ନେଲା ପରେ ବି ତାଙ୍କର ଅନ୍ତିମ ଦିନ ପର୍ଯ୍ୟନ୍ତ ମୋର ତାଙ୍କ ସହିତ ବନ୍ଧୁତ୍ୱ ଅତୁଟ ରହିଥିଲା ।

''ମୋ'ଠୁ ବୟସରେ ଯଥେଷ୍ଟ ବଡ଼ ଥିବାରୁ ସ୍ୱାଭାବିକ ରୂପେ କାମର ଦାୟିତ୍ୱ ସେ ନେଇଥିଲେ, ଅର୍ଥାତ୍ 'ଇନ୍‌ଚାର୍ଜ' ହୋଇଥିଲେ । କିନ୍ତୁ ସେ ଭଲ ଭାବରେ ଜାଣିଥିଲେ ଯେ 'ସୁଇମିଙ୍ଗ୍ ପୁଲ୍' ବିଷୟରେ ତାଙ୍କ ଅପେକ୍ଷା ମୋର ବିଶେଷ ଜ୍ଞାନ ରହିଛି  – ତେଣୁ ଆମ ଦୁଇ ଜଣଙ୍କ ମଧ୍ୟରେ ସଚରାଚର ଯେଉଁଳି ପରିସ୍ଥିତି ଉପୁଜିଥାଏ – ଉଚ୍ଚ-ନୀଚ, ପଦସ୍ଥ-ପଦବୀର ଏକ ବିରକ୍ତିଜନକ ପରିବେଶ କେବେ ବି ନଥିଲା, ବରଂ ରହିଥିଲା ନିତ୍ୟ-ସହଗାମୀର ମଧୁର ସମ୍ପର୍କ । କର୍ମ ସମ୍ବନ୍ଧେ 'ଆଦାନ-ପ୍ରଦାନ' ବା 'ମତ-ବିନିମୟ' ଧରଣର କଥାବାର୍ତ୍ତା ବା ଯୁକ୍ତିତର୍କ କରିବା ତାଙ୍କର ସ୍ୱଭାବବିରୁଦ୍ଧ । କର୍ମକ୍ଷେତ୍ରରେ ତାଙ୍କର ଅତୀବ ସ୍ପୃହଣୀୟ ବିଷୟ ଥିଲା କେତେ ପରିମାଣରେ ତଥା ପୂର୍ଣ୍ଣପ୍ରାଣରେ ନିଜକୁ 'ଦେଇ' ପାରୁଛ, ଉତ୍ସର୍ଗ କରିପାରୁଛ । ସେ ମୋତେ ଘଷି-ମାଜି-ରଗଡ଼ି କର୍ମ-ସମ୍ପାଦନର ନୈତିକ ଉତ୍କର୍ଷତା, ଅନ୍ତର୍ନିହିତ ବୈଶିଷ୍ଟ୍ୟ କ'ଣ – ଏ ସମ୍ବନ୍ଧେ ସଜାଗ କରିଦେବା ସକାଶେ ଅବିରତ ଉଦ୍ୟମ ଚଳାଇ ଥିଲେ ।

''ସେ ପ୍ରାୟତଃ ମୋତେ କହୁଥିଲେ, 'କର୍ମ ହିଁ ଏକ ଶକ୍ତି, କର୍ମ କଲେ ତା' ସହିତ ଶକ୍ତି ବି ଆସେ ।' ଯଦି କୌଣସି ଏକ ବଡ଼ କାମ ହାତକୁ ନେବାକୁ ମୁଁ କିଞ୍ଚିତ୍ ଦ୍ୱିଧାବୋଧ କରୁଥିଲି, ସେ ମୋତେ ଉତ୍ସାହିତ କରି କହୁଥିଲେ, 'ଆରେ, ଆରମ୍ଭ

କରି ଦିଅ, ଏତେ ଭାବୁଛ କାହିଁକି, କିଛି ଚିନ୍ତା କରନା, ଶକ୍ତି ପାଇଯିବ, ଆଉ ସବୁ ବନ୍ଦୋବସ୍ତ ବି ହୋଇଯିବ ।' ମୁଁ ଯେତେଦୂର ଲକ୍ଷ୍ୟ କରିଛି, କର୍ମ ହିଁ ତାଙ୍କୁ ପ୍ରଣୋଦିତ କରୁଥିଲା, ତାଙ୍କ ଭିତରେ ଶକ୍ତି ଓ ନିର୍ଦ୍ଦିଷ୍ଟ ମନୋଭାବ ସଞ୍ଚାର କରୁଥିଲା ।

''ଯଦିଓ ତାଙ୍କୁ ସେତେବେଳେ ସତୁରି ବର୍ଷ, ତଥାପି ଯେକୌଣସି କର୍ମ ସକାଶେ ସେ ସଦାପ୍ରସ୍ତୁତ,— ତାଙ୍କର ସେଇ ପୁରୁଣା ସୈନିକ ପୋଷାକ, ଖାକି ହାଫପ୍ୟାଣ୍ଟ୍, ଧଳା ଜାମା, ବିଲାତି ଟୋପି, ନହେଲେ ଛତା । କି ଖରା କି ବର୍ଷା, କାମର ତଦାରଖ ସକାଶେ କର୍ମକ୍ଷେତ୍ରରେ ସେ ନିଶ୍ଚିତ ରୂପେ ପ୍ରସ୍ତୁତ ରହିଥିବେ । ଯେକୌଣସି ସମୟରେ କାମରେ ଦରକାର ପଡ଼ିଲେ ତାଙ୍କ ଦ୍ୱାରା ଯେତିକି ସମ୍ଭବ ସେ ସମ୍ପାଦନ କରୁଥିଲେ ।

''୧୯୬୮ ମସିହା ପୂର୍ବରୁ ସ୍ପୋର୍ଟସ୍ ଗ୍ରାଉଣ୍ଡର ପୂର୍ବପଟର ସୀମାନ୍ତ ରେଖାକୁ ଲୁହାର ବାଡ଼ ଦେଇ ବେଷ୍ଟନ କରା ଯାଇଥିଲା । ଆମେ ପରେ ଏହିଟିକୁ ସିମେଣ୍ଟ କାଛ-ବାଡ଼ ଦେବାକୁ ଆରମ୍ଭ କଲୁ । ପଡ଼ିଆ ଭିତରେ ପ୍ରାୟ ଶହେ ମିଟର ଦୂରରେ ସିମେଣ୍ଟ, ବାଲି, ଚୂନ, ପାଣି ମିଶାଇ କାଛେଣି ମସଲା ପ୍ରସ୍ତୁତ କରି କାଛ ପାଖକୁ ଆଣୁଥିଲୁ । ଯୋଗାନନ୍ଦ ସେଇ ମିଶ୍ରଣ ହେଉଥିବା ସ୍ଥାନରେ ଛିଡ଼ା ହୋଇ ପ୍ରତ୍ୟେକ ଥର ମିଶ୍ରଣ ଠିକ୍ ଠିକ୍ ପରିମାଣରେ କରାଯାଉଛି କି ନାହିଁ — ଏସବୁକୁ ତଦାରଖ କରି ଉପଯୁକ୍ତ ପରିମାଣରେ ହୁଇଲ୍‌ବୋର୍ (ଗୋଟିଏ ଚକ ଓ ଦୁଇଟି ହାତଧରା ବାଡ଼ି ଥିବା ଛୋଟ ଠେଲାଗାଡ଼ି)ରେ ଲଦି ଗାଡ଼ି ସହିତ ସେହି ଶହେ ମିଟର ଦୂର ଆସୁଥିଲେ । ଏମିତି ପୂରା କାମ ସମୟତକ ସେ ସଜାଗ ରହୁଥିଲେ । ପ୍ରତିବଦଳରେ ସେ ମାତ୍ର ଏତିକି ଆବଶ୍ୟକ କରୁଥିଲେ — କାମ ଭିତରେ ମଧ୍ୟାହ୍ନ ଭୋଜନ ସକାଶେ ଏକ ନିର୍ଦ୍ଦିଷ୍ଟ ସମୟ ଏବଂ ଏପରିକି ଏହାଠୁ ଅଧିକ ନିର୍ଦ୍ଦିଷ୍ଟ ସମୟ ଅପରାହ୍ଣ ଚାରିଟା ବେଳେ ଚା-ପାନ ପାଇଁ ବିରତି । ଏ ଦୁଇଟି କଥା ଥିଲା ଏକେବାରେ ଅଲଘ୍ୟ, ଅପରିହାର୍ଯ୍ୟ ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ଭୌତିକ ପଦାର୍ଥସବୁ ସମ୍ପର୍କରେ ତୁମେ ଯାହା ଅନୁଭବ କରୁଛ ତାହା ସତ୍ୟ — ସେମାନଙ୍କ ମଧ୍ୟରେ ଏକ ଚେତନା ରହିଛି, ରହିଛି ଏକ ଜୀବନ ଯାହାକି ଆମେ ଜାଣିଥିବା ମଣିଷ ଓ ପଶୁମାନଙ୍କ ଜୀବନ ତଥା ଚେତନା ସଦୃଶ ନୁହେଁ, କିନ୍ତୁ ତଥାପି ତାହା ପ୍ରଚ୍ଛନ୍ନ ଓ ବାସ୍ତବଭାବେ ରହିଛି । ସେଥିଯୋଗୁଁ ଭୌତିକ ପଦାର୍ଥ ସକଳ ପ୍ରତି ଆମର ରହିବା ଉଚିତ ଏକ ସମ୍ମାନବୋଧ ଓ ସେସବୁକୁ ଆମେ ଯଥାର୍ଥ ଢଙ୍ଗରେ ବ୍ୟବହାର କରିବା ଉଚିତ । ସେସବୁର ଅପବ୍ୟବହାର ଓ ବିନଷ୍ଟି ଯେପରି ଆମେ ନ ଘଟାଉ, ସେସବୁ ପ୍ରତି ଅସମ୍ମାନ ଯେପରି ପ୍ରଦର୍ଶନ ନ କରୁ କିଂବା ଅଯତ୍ନ ଅମାର୍ଜିତ ଭାବେ ସେସବୁର ବ୍ୟବହାର ଯେପରି ନ କରୁ । ସବୁକିଛି ଚେତନମୟ ଅଥବା ଜୀବନ୍ତ, ଏଇ ବୋଧ ଆସିଥାଏ ଯେତେବେଳେ ଆମର ଭୌତିକ ଚେତନା — କେବଳ ମନ ନୁହେଁ — ତା'ର ଅନ୍ଧକାର ମଧ୍ୟରୁ ଜାଗ୍ରତ୍ ହୋଇଥାଏ ଏବଂ ସକଳବସ୍ତୁରେ ସେହି ଏକ ଅଦ୍ୱିତୀୟଙ୍କ ଉପସ୍ଥିତି ସମ୍ପର୍କରେ ଓ ଭଗବାନଙ୍କର ସର୍ବବ୍ୟାପକତ୍ୱ ସମ୍ପର୍କରେ ସଚେତନ ହୋଇଉଠେ ।

(Letters on Yoga - Part II & III - P- 717) — ଶ୍ରୀଅରବିନ୍ଦ

# ଭଗବାନଙ୍କୁ ଡାକ

## ସୁଶ୍ରୁତ

ଯେତେବେଳେ କୌଣସି ରୋଗର ଯନ୍ତ୍ରଣା ଆମକୁ ଅସହ୍ୟ ଲାଗେ, କୌଣସି ସମସ୍ୟାର ସମାଧାନ ପାଇଁ ଆମକୁ ରାସ୍ତା ମିଳୁ ନ ଥାଏ, କୌଣସି କଠିନ ଓ ଦୁରୂହ କାର୍ଯ୍ୟରେ ଅଗ୍ରସର ହେବାକୁ ଆମର ଶକ୍ତି ପାଉ ନ ଥାଏ, ସେତେବେଳେ ଆମକୁ ଗୁରୁଜନ ବା ବନ୍ଧୁଙ୍କର ଉପଦେଶ ଥାଏ – ‘‘ଭଗବାନଙ୍କୁ ଡାକ’’ । ଆମେ ତତ୍‌କ୍ଷଣାତ୍ ତାଙ୍କୁ ଡାକିବା ଆରମ୍ଭ କରି ଦେଉ । ଘରେ ବା ମନ୍ଦିରରେ ପୂଜା ପାଠ ଚାଲେ । ତା’ ଛଡ଼ା ଯେଉଁମାନେ ଭକ୍ତ ବା ଯୋଗସାଧକ ସେମାନେ ତ ପ୍ରତ୍ୟେକ ମୁହୂର୍ତ୍ତରେ ଭଗବାନଙ୍କୁ ଡାକନ୍ତି । ଏହାର ତାତ୍ପର୍ଯ୍ୟ ବୁଝି ପାରୁ ନ ଥିବା ବସ୍ତୁବାଦୀ ଲୋକମାନେ ଏହାକୁ ଏକ ଦୁର୍ବଳତା ବା ନିର୍ବୋଧତା ବୋଲି ମନ୍ତବ୍ୟ ଦେଇପାରନ୍ତି । କିନ୍ତୁ ଏହାହିଁ ମନୁଷ୍ୟ ପାଇଁ ସବୁଠୁ କଲ୍ୟାଣତମ କାର୍ଯ୍ୟ ଯାହାକି ସମସ୍ତ ବସ୍ତୁ ସହିତ ଭଗବାନଙ୍କର ସ୍ପର୍ଶ ଆଣିଦେଇ ଥାଏ ।

ଏହାର ଅନ୍ୟ ଏକ ଗୁହ୍ୟ ତାତ୍ପର୍ଯ୍ୟ ମଧ୍ୟ ରହିଛି । ଏ ସମଗ୍ର ବିଶ୍ୱ ହେଉଛି ଅସଂଖ୍ୟ ଶକ୍ତିର ଖେଳ । (ଯଦିଓ ମୂଳତଃ ସତ୍ୟ ଓ ମିଥ୍ୟା ଦୁଇଟି ଶକ୍ତି, ତଥାପି ଉଭୟ ଶକ୍ତିର ଅନେକ ଶାଖା-ଉପଶାଖା ରହିଛି ।) ଯେକୌଣସି ସମସ୍ୟାର ପଶ୍ଚାତରେ, ସମସ୍ୟାଟି ଛୋଟ ହେଉ ବା ବଡ଼ ହେଉ, ମୂଳ ରହସ୍ୟଟି ହେଲା ଗୋଟିଏ ଶକ୍ତି ଅନ୍ୟ ଶକ୍ତିକୁ କବଳିତ କରିବାକୁ ଚେଷ୍ଟା ଚଳାଇଛି । ଏ ସମ୍ବନ୍ଧରେ ଗୋଟିଏ ଛୋଟ ଉଦାହରଣ ନେବା–

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀର ଭୋଜନାଳୟରେ ଥରେ ଦୁଇଜଣ ସାଧକଙ୍କ ମଧ୍ୟରେ ସଂଘର୍ଷ ହେଲା । ଜଣେ ଅନ୍ୟ ଜଣକୁ ବିନା କାରଣରେ ରାଗରେ ଅନେକ ବିଧା ଚାପୁଡ଼ା ମାରିଲେ ଓ ଗାଳିଦେଲେ । ଘଟଣାଟି ମା’ଙ୍କୁ ଜଣାଇ ଦିଆଗଲା । ଉତ୍ତରରେ ମା କହିଲେ– ‘‘ମୁଁ ଜାଣିଥିଲି ଆଜି ସେଠାରେ କିଛି ଗୋଟିଏ ଅପ୍ରୀତିକର ଘଟଣା ଘଟିବ । କାରଣ, ଆଜି ସକାଳେ ମୁଁ ଦେଖିଥିଲି ଭୋଜନାଳୟ ଉପରେ ଗୋଟିଏ କଳା ପକ୍ଷୀ ଉଡୁଥିଲା ।’’

ପ୍ରକୃତରେ ଏହି କଳା ପକ୍ଷୀଟିକୁ କେହି ଦେଖି ନ ଥିଲେ । ମା’ଙ୍କର ଏହା ଏକ ସୂକ୍ଷ୍ମଦର୍ଶନ ଥିଲା । ଶକ୍ତିଗୁଡ଼ିକ ସୂକ୍ଷ୍ମରେ ଥାଇ ଯନ୍ତ୍ର ମାଧ୍ୟମରେ କ୍ରିୟା କରନ୍ତି । ଅଧିକାଂଶତଃ ମନୁଷ୍ୟମାନେ ଏହି ଶକ୍ତିର ଯନ୍ତ୍ର ହୁଅନ୍ତି, ବେଳେ ବେଳେ ପ୍ରାଣୀମାନେ ମଧ୍ୟ । ଏଣୁ ଆମର ବ୍ୟକ୍ତିଗତ ଭାବେ ବା ଗୋଷ୍ଠୀଗତ ଭାବେ ପ୍ରତ୍ୟେକ ଭଲମନ୍ଦ ଘଟଣା ହେଉଛି ସେହି ଅଦୃଶ୍ୟ ଶକ୍ତିମାନଙ୍କ ଖେଳ ।

ଆମେ ଯଦି ସବୁବେଳେ ଠିକ୍ ମନୋଭାବରେ ରହୁଥିବୁ ତେବେ କୌଣସି ଶକ୍ତି ଆମ ନିକଟକୁ ଆସିଲେ ଆମେ ଜାଣି ପାରିବୁ । ଏଠାରେ ଅନ୍ୟ ଏକ ଘଟଣାର ଅବତାରଣା କରିବା । ଥରେ ଜଣେ ପ୍ରବାସୀ ଭଦ୍ରବ୍ୟକ୍ତି ନିଜର ନବଜାତ ସନ୍ତାନକୁ ଦେଖିବା ପାଇଁ ଘରକୁ ଆସିଥିଲେ । କିଛିଦିନ ଘରେ ରହି କର୍ମକ୍ଷେତ୍ରକୁ ଫେରିଗଲେ । ପହଞ୍ଚିବାର କିଛିଦିନ ପରେ ଏକାକୀ ବସି କିଛି ଭାବୁଥିବା ବେଳେ ତାଙ୍କୁ କିଏ ଯେପରି କହିଲା, ‘ପିଲାଟି ମରିଯିବ’ । ଏପରି ଅପ୍ରତ୍ୟାଶିତ କଥା ଶୁଣି ତାଙ୍କର ଦେହ ଶୀତେଇ ଉଠିଲା । କାହାକୁ କିଛି ନ କହି ସେ ନିଜ ସନ୍ତାନଟିର କଲ୍ୟାଣ ପାଇଁ ଅନ୍ତରରେ ଭଗବାନଙ୍କୁ ପ୍ରାର୍ଥନା କଲେ ଏବଂ ସେହି ସୂକ୍ଷ୍ମ ସତ୍ତାଟିର କଥାକୁ ପ୍ରତ୍ୟାଖ୍ୟାନ କଲେ । କିନ୍ତୁ ସେ ତାଙ୍କୁ ଛାଡ଼ିଲା ନାହିଁ । ତାଙ୍କ କାନରେ ସେହି କଥାକୁ ସେ ବାରଂବାର କହିବାକୁ ଲାଗିଲା ଯେପରି ସେ ତାଙ୍କଠାରୁ ଏହି କଥାର ସମ୍ମତି ଚାହୁଁଛି ! ସେ କିନ୍ତୁ ଖୁବ୍ ଦୃଢ଼ ମନୋବଳର ସହ ଏହାର ପ୍ରତିରୋଧ କଲେ । ତଥାପି ଦେଖିଲେ ସେ ତା’ର ସମସ୍ତ ଶକ୍ତି ଖଟେଇ ତାଙ୍କୁ କାବୁ କରିବାକୁ ଚାହୁଁଛି । ଏଥର ତାକୁ ଜବାବ ଦେଲେ : ‘ତୁ ମରିଯା’ । ଏହିଭଳି ତାଙ୍କ ନିଜ ଭିତରେ ଏହି ଦୁଇ ଶକ୍ତିଙ୍କ ଭିତରେ ସଂଘର୍ଷ ଲାଗି ରହିଲା । ଦୁଇମାସ ପରେ ସେ ପୁଣି ଘରକୁ ଫେରି ଦେଖନ୍ତି ଶିଶୁଟି ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଛି ଓ ନାନା ପ୍ରକାର ଚିକିତ୍ସା ଚାଲିଛି । ଏଥର ଭଦ୍ରବ୍ୟକ୍ତି ଜାଣିଗଲେ ଘଟଣାଟି କ’ଣ । ଶିଶୁଟିର ଚିକିତ୍ସା ଆହୁରି ଯତ୍ନର ସହ କରାଗଲା ଏବଂ ଅଳ୍ପଦିନ ଭିତରେ ସେ ସତେଜ ହୋଇ ଉଠିଲା ।

ଶକ୍ତିମାନଙ୍କର କାର୍ଯ୍ୟକୁ ବୁଝିବା ପାଇଁ ମଣିଷର ଜ୍ଞାନ ଖୁବ୍ କମ୍ । କେତେବେଳେ କ’ଣ ପାଇଁ କେଉଁ ଶକ୍ତି ଆସି ଆମ ଭିତରେ ସବାର ହେଲାଣି ସେକଥା ଜାଣିବା କଠିନ । ଏଣୁ ସବୁ

ପରିସ୍ଥିତିରେ ପ୍ରାଥମିକ ଓ ସରଳ ପଦକ୍ଷେପ ହେଲା– ଯାହା କରିବା ଭଗବାନଙ୍କୁ ଡାକି ତାଙ୍କୁ ସମର୍ପଣ କରି ସମ୍ପାଦନ କରିବା ।

"Only were safe
who kept God in their hearts :"
(Savitri) – ଶ୍ରୀଅରବିନ୍ଦ

(ଅର୍ଥାତ୍,
ଯେଉଁମାନେ ହୃଦୟରେ ଭଗବାନଙ୍କୁ ଧାରଣ କରିଥିଲେ
ସେହିମାନେ ହିଁ ସୁରକ୍ଷିତ ଥିଲେ ।)

ଏହି ଆବାହନ ଓ ସମର୍ପଣ ଆମେ ମା'ଙ୍କ ଉଦ୍ଦେଶ୍ୟରେ କରିଥାଉ । ସେହିପରି ବିଭିନ୍ନ ମାର୍ଗର ଭକ୍ତ, ସାଧକମାନେ ସେମାନଙ୍କ ନିଜ ନିଜ ଇଷ୍ଟଙ୍କ ଉଦ୍ଦେଶ୍ୟରେ ତାହା କରିଥା'ନ୍ତି । କିନ୍ତୁ ଶକ୍ତି ହେଉଛି ଏକ । ସମସ୍ତେ ସମାନଭାବେ ସାହାଯ୍ୟ ପାଇଥା'ନ୍ତି । ଫଳରେ ଏକ ଉଚ୍ଚତର ଶକ୍ତି ଆସି ନିମ୍ନରେ ଦ୍ୱନ୍ଦ୍ୱ ଓ ସଙ୍କଟ ମଧ୍ୟରେ ହସ୍ତକ୍ଷେପ କରେ, ଘଟଣାର ଦିଗ ବଦଳିଯାଏ, ପରିସ୍ଥିତିର ସମାଧାନ ଭିନ୍ନ ପ୍ରକାରେ ହୁଏ । ସଂକଟଗ୍ରସ୍ତ ବା ସଂଘର୍ଷରତ ବ୍ୟକ୍ତି ବା ଗୋଷ୍ଠୀ ଏହା ଦ୍ୱାରା ଚେତନାରେ ଅଗ୍ରଗତି କରନ୍ତି ଓ ଶାନ୍ତି ଲାଭ କରନ୍ତି ।

ଅଭ୍ୟାସ ନ ଥିଲେ ଏହି ସ୍ମରଣ ଓ ସମର୍ପଣର କଥାଟି ଯଥା ସମୟରେ ମନେ ପଡ଼େ ନାହିଁ । ସେଥିପାଇଁ ଆମର ଦୈନନ୍ଦିନ ଜୀବନର ପ୍ରତ୍ୟେକ କର୍ମର ଆରମ୍ଭ ଓ ଶେଷରେ ମା'ଙ୍କୁ ସ୍ମରଣ ଓ ସମର୍ପଣର ବିଧିଟି ଅତ୍ୟନ୍ତ ଫଳପ୍ରଦ ଉପାୟ । ଭାରତର ପ୍ରତ୍ୟେକ ଆଧ୍ୟାତ୍ମିକ ମାର୍ଗ ଏହି ନୀତିର ନିର୍ଦ୍ଦେଶ ଦେଇଛି । ଭଗବାନଙ୍କୁ ସ୍ମରଣ କରି ଶଯ୍ୟାତ୍ୟାଗ କର, ସ୍ନାନ କର, ଭୋଜନ କର, ଧ୍ୟାନ କର, ଅଧ୍ୟୟନ କର, କଥାବାର୍ତ୍ତା କର, କର୍ମ କର ଏବଂ ବିଶ୍ରାମ କର । ବାଡ଼ି ବଗିଚାରେ ଫଳଟିଏ ପାଚିଲେ, ବଜାରରୁ ନୂଆ ଲୁଗାଟିଏ କିଣିଲେ, ଘରେ ଶିଶୁଟିଏ ଜନ୍ମ ହେଲେ ପ୍ରଥମେ ସବୁକିଛିକୁ ଭଗବାନଙ୍କୁ ସମର୍ପଣ କର । ଏହା ମାଧ୍ୟମରେ ଅତ୍ୟନ୍ତ ମୂଢ଼ ବ୍ୟକ୍ତି ହେଲେ ବି ଭଗବାନଙ୍କ ଦିଗରେ ସଚେତନ ହୋଇ ଉଠିବ । ଫଳରେ ପୃଥିବୀପୃଷ୍ଠରେ ଭଗବତ୍ ଶକ୍ତି ଅଧିକଭାବେ କ୍ରିୟା କରିପାରିବ । କିନ୍ତୁ ଲୋକେ ଏହି ଉଦ୍ଦେଶ୍ୟ ନ ବୁଝି କେବଳ ବିଧିଟିକୁ ପାଳନ କରନ୍ତି, ଲାଭ କ୍ଷତି ବିଚାର କରନ୍ତି, ଫଳରେ ଅସଲ କ୍ରିୟାଟି ହୋଇପାରେ ନାହିଁ ।

❑❑❑

ଯଦି ତୁମେ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବାକୁ ଚାହୁଁଛ, ସେଥିଲାଗି ରହିଛି ଦୁଇଟି ସର୍ତ୍ତ । ପ୍ରଥମେ ତୁମକୁ ଭୟ-ବିରହିତ, ସମ୍ପୂର୍ଣ୍ଣ ଭୟ-ବିରହିତ ହେବାକୁ ପଡ଼ିବ । ଦ୍ୱିତୀୟରେ ଭଗବାନଙ୍କ ସୁରକ୍ଷା ଉପରେ ଥିବ ତୁମର ଏକ ପରିପୂର୍ଣ୍ଣ ବିଶ୍ୱାସ । ଏହି ଦୁଇଟି କଥା ଏକାନ୍ତ ଆବଶ୍ୟକ ।

ଅସୁସ୍ଥତା କ୍ଷେତ୍ରରେ ଆଧୁନିକ ଔଷଧ ଅଣୁଜୀବାଣୁ ସଂକ୍ରମଣ ଉପରେ ବିଶେଷ ଗୁରୁତ୍ୱ ଆରୋପ କରେ ଓ ଏହାର ଅନୁଶାସନୋକ୍ତି ହେଉଛି – ଅଣୁ ଜୀବାଣୁମାନଙ୍କୁ ବିନାଶ କର, ଅସୁସ୍ଥତା ଦୂର ହୋଇଯିବ । ଅଧିକାଂଶ କ୍ଷେତ୍ରରେ ଏହାହିଁ ଘଟିଥାଏ । କିନ୍ତୁ ଆମ ମତରେ ଅସୁସ୍ଥତାର ରହିଛି ଅନ୍ୟ ଗଭୀରତର କାରଣ । ଆମ ମତରେ ଏହା ଏକ ସୂକ୍ଷ୍ମତର ଆନ୍ତର ବିଶୃଙ୍ଖଳାର ବାହ୍ୟ ପରିପ୍ରକାଶ ମାତ୍ର । ଯଦି ତୁମେ ସେହି ବିଶୃଙ୍ଖଳିତ ଅଂଶଟିରେ ପହଞ୍ଚି ତା' ଉପରେ କାର୍ଯ୍ୟ ନ କରିପାର ତେବେ ତୁମେ ଅସୁସ୍ଥତାରୁ ମୁକ୍ତ ହୋଇ ପାରିବ ନାହିଁ କିଂବା ତା'ର ପୁନରାକ୍ରମଣକୁ ରୋକି ପାରିବ ନାହିଁ ।

– ଶ୍ରୀମା

# ଆମ ଶରୀର

## (୨୫)

## ଭୋଳେଶ୍ୱର ଭୂୟାଁ

### ଆମ ଦୃଷ୍ଟିକୋଣ

ଏ ପୃଥିବୀରେ ଯାହାକିଛି ଆମ ଚକ୍ଷୁ ସମ୍ମୁଖରେ ଘଟେ; ସେ ସମ୍ବନ୍ଧରେ ଆମେ ବିଚାର କରି ଜାଣିବାକୁ ଚେଷ୍ଟା କରିଥାଉ – ସେହି ଘଟଣାଗୁଡ଼ିକ ଠିକ୍ କି ଭୁଲ୍ । ଏପରିକି ଯେତେବେଳେ ଦୁଇଦଳ ଲୋକ ବା ଦୁଇଜଣ ଲୋକ ଆମ ସମ୍ମୁଖରେ କଳହ କରିଥାଆନ୍ତି ଆମେ ନିରପେକ୍ଷ ରହିପାରି ନଥାଉ । ଆମ ବିଚାର ଅନୁସାରେ ଯେଉଁ ବ୍ୟକ୍ତି ଆମ ଚିନ୍ତାଧାରାର ଅନୁକୂଳ ତାକୁ ହିଁ ଆମେ ସମର୍ଥନ କରିଥାଉ । ଆମେ ନିରପେକ୍ଷ ରହି କଳହ କରୁଥିବା ଦୁଇ ବ୍ୟକ୍ତିଙ୍କ ଚିନ୍ତାଧାରାର ଊର୍ଦ୍ଧ୍ୱକୁ ଯାଇ ଏହାର ସତ୍ୟତାର ଅନୁସନ୍ଧାନ ପ୍ରାୟ ହିଁ କରି ନଥାଉ । ଏ ହେଉଛି ମଣିଷର ପ୍ରକୃତି, ଅର୍ଥାତ୍ ମନ-ପ୍ରଧାନ ମନୁଷ୍ୟର ପ୍ରକୃତି ।

ଏ ବିଷୟରେ ଥରେ ମା'ଙ୍କୁ ପ୍ରଶ୍ନ କରା ଯାଇଥିଲା :

*ପ୍ରଶ୍ନ : ''ମଧୁମୟି ମା, ସମସ୍ତେ କହନ୍ତି ଯେ, ଯାହା ଭଲ ଓ ଯାହା ସତ୍ୟ, ସର୍ବଦା ତାହାରିହିଁ ବିଜୟ ହୋଇଥାଏ । ମାତ୍ର ଆମେ ଦେଖିବାକୁ ପାଉଛୁ ଯେ ବାସ୍ତବ ଜୀବନରେ ଅଧିକାଂଶ ସମୟରେ ଏହାର ଠିକ୍ ବିପରୀତହିଁ ଘଟିଥାଏ । ଯେଉଁମାନେ ଦୁଷ୍ଟ, ସେହିମାନେହିଁ ଜୟଲାଭ କରନ୍ତି ଏବଂ ସବୁପ୍ରକାର ଦୁଃଖ-ଭୋଗରୁ ସେମାନେ ସୁରକ୍ଷିତ ହୋଇ ରହିଥିବା ପରି ମନେ ହୋଇଥାଏ ।''*

ଶ୍ରୀମା : (ମାଆ ପ୍ରଥମେ ହସିଲେ, ତା'ପରେ ନୀରବ ରହିଲେ) ଲୋକମାନେ ସର୍ବଦା ଦୁଇଟା କଥାକୁ ଗୋଳମାଳିଆ କରି ମିଶାଇ ଦେଇଥା'ନ୍ତି । ବିଶ୍ୱଗତ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ, ଲୋକମାନେ ''ଭଲ'' କହିଲେ ସାଧାରଣତଃ ଯାହା ବୁଝନ୍ତି, ମୋଟେ ତାହା ନୁହେଁ, ମାତ୍ର ଯାହା ମର୍ମତଃ ସତ୍ୟ, ସେହି ପରମ ସତ୍ୟହିଁ ସବୁକିଛିର ଚୂଡ଼ାନ୍ତ ନିଷ୍ପତ୍ତି କରିଥାଏ । ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଅର୍ଥାତ୍, ସର୍ବଶେଷରେ ସେହି ପରମ ଦିବ୍ୟସତ୍ତାଙ୍କର ହିଁ ବିଜୟ ହେବ ।... ମୁଁ କହିବାକୁ ଚାହୁଁଛି ଯେ, ସେହି ସର୍ବୋଚ୍ଚ ଚକ୍ଷୁ ଆପଣାକୁ ସତତ ଉପଲବ୍ଧି କରିବାରେ ଲାଗିଛି, ମାତ୍ର ନାନା ମିଶ୍ରଣ ମଧ୍ୟରେ ରହିଥିବା ଏହି ଜଡ଼ ଜଗତରେ ତାହାର ଏହି ଉପଲବ୍ଧିଟି ଅଜ୍ଞାନାଚ୍ଛନ୍ନ ମନୁଷ୍ୟ ଚକ୍ଷୁ ଲାଗି ଶୁଭ ଓ ଭଲର ବିଜୟ ବୋଲି ଆଦୌ ପ୍ରତୀତ ହେଉ ନାହିଁ; ମନୁଷ୍ୟମାନେ ଯାହାକୁ ଶୁଭ ବୋଲି କହନ୍ତି, ତାହାର ବିଜୟ ବୋଲି ଆଦୌ ପ୍ରତୀତ ହେଉ ନାହିଁ । ମାତ୍ର (କଥାଟିକୁ କିଞ୍ଚିତ୍ କୌତୁକମୟ କରି କହିଲେ) ଏଥିରେ ପରମ ପ୍ରଭୁଙ୍କର ଆଦୌ କୌଣସି ଭୁଲ୍ ନାହିଁ,– ଏହାକୁ କେବଳ ମନୁଷ୍ୟମାନଙ୍କର ଭୁଲ୍ ବୋଲିହିଁ କୁହାଯିବ ! ଅର୍ଥାତ୍, ପରମପ୍ରଭୁ ଯାହାକିଛି କରୁଛନ୍ତି, ସେ କଥା ସିଏ ଅବଶ୍ୟ ଜାଣିଛନ୍ତି; ଏବଂ ମନୁଷ୍ୟମାନେ ତାହାକୁ ଆଦୌ ବୁଝି ପାରୁ ନାହାନ୍ତି ।

(MCW, Vol. - 11, p. 75)

ଏ ଦୃଶ୍ୟମାନ ଜଗତ୍ ସର୍ବଦା ବଦଳି ଯାଉଛି । କିଛି ବି ସ୍ଥାୟୀ ହୋଇ ରହୁ ନାହିଁ । ଏପରିକି ତୁମ ମନୋଭାବ, ତୁମ ବିଚାର, ତୁମ ଅନୁଭୂତି ସବୁକିଛି ବଦଳି ଯାଉଛି । ଆଜି ଯାହାକୁ ସତ୍ୟ ବୋଲି ମନେ କରୁଛ ତାହା ପାଞ୍ଚ ବର୍ଷ ପରେ ଅସତ୍ୟ ମନେ ହେବ । ସେହିପରି ସାମୂହିକ ଜୀବନରେ ମଧ୍ୟ ସବୁକିଛି ବଦଳି ଯାଉଛି – ଆମ ଶିକ୍ଷା, ଆମ ନୀତି-ନିୟମ, ଆଚାର-ବ୍ୟବହାର, ରାଜନୀତି, ସମାଜ ନୀତି ମଧ୍ୟ ଏକା ଭଳି ରହେ ନାହିଁ । ଆଜିର ଏହି ବିବର୍ତ୍ତନର ସଙ୍କଟ ସମୟରେ ଏହି ପରିବର୍ତ୍ତନର ଗତି ଅତ୍ୟନ୍ତ ପ୍ରଖର ହୋଇଯାଏ । ଆଜିର ଏହି ଯୁଗ ପରିବର୍ତ୍ତନ ସମୟରେ ଆମେ ଯେଉଁ ବିକୃତି ଦେଖୁଛୁ, ଯେଉଁ ପ୍ରଳୟର ଝଞ୍ଜା ବହି ଚାଲିଛି ତାହା ହେଲା ମହାମନ୍ଥନର ପ୍ରଭାବ । ଏହି ମନ୍ଥନର ପ୍ରଭାବରେ ମଣିଷର ଅବଚେତନା ତଥା ନିଶ୍ଚେତନାରେ ଯୁଗ ଯୁଗ ଧରି ଲୁକ୍କାୟିତ ଥିବା ବିକୃତି ଆଜି ବାହ୍ୟ ଜୀବନରେ ପ୍ରକାଶ ପାଉଛି । ବାହ୍ୟ ଦୃଷ୍ଟିରେ ଏହାକୁ ଆମେ ଅମଙ୍ଗଳକାରୀ, ଧ୍ୱଂସକାରୀ ତାଣ୍ଡବ ଲୀଳା ମନେ କରିଥାଉ । ଏହି ଦୃଷ୍ଟିକୋଣ ହେଲା କ୍ଷୁଦ୍ର ମାନୁଷୀ ଦୃଷ୍ଟିକୋଣ । ଏ ବିଷୟରେ ଶ୍ରୀମା କହୁଛନ୍ତି :

''ଆମେ ବାରବାର ଏହି ସିଦ୍ଧାନ୍ତରେ ଆସି ପହଞ୍ଚୁବା ଯେ, ମନୁଷ୍ୟର ବିଚାର ଓ ନିର୍ଣ୍ଣୟରେ ହିଁ ଭୁଲ୍ ରହିଛି,– ଏହି ଭୁଲ୍ ରହିଛି, କାରଣ ସିଏ ବସ୍ତୁଗୁଡ଼ିକୁ ଭୁଲ୍ ଭାବରେ ଦେଖୁଛି, ଅପୂର୍ଣ୍ଣ ଭାବରେ ଦେଖୁଛି; ଏବଂ ତେଣୁ କାର୍ଯ୍ୟତଃ ତାହାର ଏହି ନିର୍ଣ୍ଣୟଟିର ବି ପରିଣାମଗୁଡ଼ିକ ଭୁଲ୍ ହେଉଛି ।

''ଜଗତ ସତତ ପରିବର୍ତ୍ତିତ ହେବାରେ ଲାଗିଛି, ଏହା ସତତ ପରିବର୍ତ୍ତିତ ହେଉଛି । ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ତାହା ସେହି ଗୋଟିଏ ପ୍ରକାରର ହୋଇ ରହୁ ନାହିଁ; ଏବଂ ତାହାର ସାଧାରଣ ସମଞ୍ଜସତାଟି ମଧ୍ୟ କ୍ରମଶଃ ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ ହେବାରେ ଲାଗିଛି । ତେଣୁ, ଏପରି କୌଣସି ବସ୍ତୁ ନାହିଁ ଯାହାକି ଠିକ୍ ଯେମିତି ଅଛି, ସେହିପରି ହୋଇ ରହି ପାରୁଛି; ଏବଂ, ବାହାରକୁ ଏହାର ଠିକ୍ ଓଲଟା ପରି ପ୍ରତୀତ ହେଉଥିଲେ ମଧ୍ୟ, **ସମଗ୍ର** ଦୃଶ୍ୟଟି ସତତ ସର୍ବଦା ଅଗ୍ରଗତି କରିବାରେ ଲାଗିଛି । ସମଞ୍ଜସତାଟି ଅଧିକରୁ ଅଧିକ ସମଞ୍ଜସତା ଅର୍ଜନ କରୁଛି, ପରମ ଅଭିବ୍ୟକ୍ତିର କ୍ଷେତ୍ରରେ ସତ୍ୟ ମଧ୍ୟ ଅଧିକ ସତ୍ୟମୟ ହେବାରେ ଲାଗିଛି । ମାତ୍ର, ସେହି କଥାଟିକୁ ପ୍ରତ୍ୟକ୍ଷ କରିବାକୁ ହେଲେ ଆମକୁ ସମଗ୍ରଭାବେ ଦେଖି ପାରିବାକୁ ହେବ; ମାତ୍ର ମନୁଷ୍ୟ ତ କେବଳ... ସିଏ ମନୁଷ୍ୟର ଜଗତଟିକୁହିଁ ଦେଖୁ ନାହିଁ, କେବଳ ତା'ର ବ୍ୟକ୍ତିଗତ ଜଗତଟିକୁହିଁ ସିଏ ଦେଖୁଛି । ସିଏ କେବଳ ସେହି ଅତ୍ୟନ୍ତ, ଅତ୍ୟନ୍ତ କ୍ଷୁଦ୍ର ଏଡ଼େ ଟିକେ ଜଗତଟାକୁ ଦେଖୁଛି । ସିଏ କିଛି ବୁଝି ପାରୁ ନାହିଁ ।''

– (MCW: Vol. 11, p. 76)

କେବଳ ଏତିକି ନୁହେଁ । ଆମ ଶରୀର ପରିଚାଳନା-ଧାରା ମଧ୍ୟ ବଦଳି ଯାଉଛି । ଶରୀର ପରିଚାଳନା ପ୍ରକୃତି ଦ୍ୱାରା ହୋଇଥାଏ । କିନ୍ତୁ ମଣିଷ ଆଜି ଏତେ ଅପ୍ରାକୃତିକ ହୋଇ ଯାଇଛି ଯେ ମଣିଷର ମନ ଓ ପ୍ରାଣର କବଳରୁ ପ୍ରକୃତି ତାକୁ ଆଉ ବଞ୍ଚାଇ ପାରିବ ନାହିଁ । ଯାହାକିଛି ପ୍ରକୃତି ବିରୋଧରେ ଯାଏ ପ୍ରକୃତି ତାକୁ ଧ୍ୱଂସ କରିଥାଏ ବା ତାକୁ ହଟାଇ ତା' ସ୍ଥାନରେ ଅନ୍ୟ ବସ୍ତୁ ଆଣିଥାଏ । ଆଜି ମଣିଷର ବିକୃତ ମନ-ପ୍ରାଣ ତାକୁ ନର୍କ ଭିତରକୁ ଟାଣି ନେବା ପାଇଁ ଚେଷ୍ଟା କରୁଛି । କିନ୍ତୁ ପ୍ରକୃତି ତାକୁ ଆଉ ରକ୍ଷା କରି ପାରୁ ନାହିଁ । କାରଣ ପ୍ରକୃତି ହେଲା ଏକ ଅଜ୍ଞାନ ଶକ୍ତି । ତେଣୁ ମଣିଷକୁ ଏହି ଯୁଗ ପରିବର୍ତ୍ତନର ସଙ୍କଟରୁ ବଞ୍ଚାଇବା ପାଇଁ ସ୍ୱୟଂ ଭଗବାନ୍ ହିଁ ଏଥିରେ ହସ୍ତକ୍ଷେପ କରୁଛନ୍ତି । ଆମ ଶରୀର ପରିଚାଳନାର ଭାର ମନ ଓ ପ୍ରାଣକୁ ଦେବାକୁ ସେ ଆଉ ଚାହୁଁ ନାହାନ୍ତି । ତା' ସ୍ଥାନରେ ଏକ ମହାନ୍ ଶକ୍ତିଶାଳୀ, ସତ୍ୟଚେତନା ଯୁକ୍ତ, ଜ୍ଞାନଯୁକ୍ତ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି । ଏହି ନୂତନ ଅତିମାନସ ଶକ୍ତି ଶରୀର ପରିଚାଳନାର ଭାର ଗ୍ରହଣ କଲେ ମଣିଷର ସମସ୍ତ ବାଧାବିପତ୍ତି, ଦୁଃଖ, କଷ୍ଟ ଦୂର ହୋଇ ସେ ସାମଞ୍ଜସ୍ୟତାର ସହିତ ଅଗ୍ରଗତି କରିବ ।

ଏ ବିଷୟରେ ଶ୍ରୀମା କହୁଛନ୍ତି :

''ଅଳ୍ପଦିନ ପୂର୍ବରୁ ଅତି ସ୍ୱଷ୍ଟ ରୂପେ ଦେଖାଯାଇଛି, ଯେତେବେଳେ ଏହି ଜ୍ଞାନଯୁକ୍ତ ଚେତନା ରହିଛି, ଯେତେବେଳେ ଏହି ବ୍ୟକ୍ତ ଜଗତ୍ ଯଥେଷ୍ଟ ଭାବେ ଅବଚେତନାର ଗର୍ଭରୁ ଉଠିଆସେ; ଯଦ୍ୱାରା ଯେତେସବୁ ଦରକାର ହେଉଥିବା ପ୍ରଚେଷ୍ଟାର ସଂଘର୍ଷ ନିଶ୍ଚେତନାର ଉପସ୍ଥିତି ପାଇଁ, ସେସବୁ (ପ୍ରଚେଷ୍ଟା) ଆସ୍ତେ ଆସ୍ତେ ଅଧିକରୁ ଅଧିକ ଅନାବଶ୍ୟକ ହୋଇଥାଏ । ସ୍ୱାଭାବିକ ଭାବେ ଏହା ବିଲୁପ୍ତ ହେବ ଏବଂ ଅଗ୍ରଗତି ପାଇଁ ଯେଉଁ ପ୍ରଚେଷ୍ଟା ସଂଘର୍ଷ ଦ୍ୱାରା କରାଯାଇଥିଲା ତାହା ସାମଞ୍ଜସ୍ୟର ସହିତ କରା ହେବ । ମାନୁଷୀ ଚେତନା ଏହାକୁ ପୃଥିବୀପୃଷ୍ଠରେ ଭଗବତ୍ ସୃଷ୍ଟି ବୋଲି ଦେଖି ପାରିଥାଏ – ଏହା କେବଳ ମାତ୍ର ଏକ ପାଦ ଅଗ୍ରଗତି ହୋଇଥାଏ । କିନ୍ତୁ ବର୍ତ୍ତମାନର ଏହି ପଦକ୍ଷେପ, ଯାହାକି ଏକ ସାମଞ୍ଜସ୍ୟର ସହିତ ମିଳିଥାଏ ତାହା ସମୂହଭାବେ ସାରା ପୃଥିବୀର ଅଗ୍ରଗତି ଆଣିଥାଏ (ଯାହା ଅନବରତ ହୋଇଥାଏ) । ଏହି ଅଗ୍ରଗତି ସଂଘର୍ଷ ଓ ଯନ୍ତ୍ରଣା ମାଧ୍ୟମରେ ନ ହୋଇ ଆନନ୍ଦ ଓ ସମଞ୍ଜସତାର ମାଧ୍ୟମରେ ହୋଇଥାଏ ।...''

(MCW, Vol - 11, P. 76, 77)

ମା'ଙ୍କ କହିବାର ତାତ୍ପର୍ଯ୍ୟ ହେଲା ଯେତେବେଳେ ଅତିମାନସ ଶକ୍ତି ଆମ ଶରୀର ପରିଚାଳନାର ଭାର ନିଅନ୍ତି, ସେତେବେଳେ ଆମ ଅଗ୍ରଗତି ପାଇଁ ଆମକୁ ଆଉ ଅଜ୍ଞାନପୂର୍ଣ୍ଣ ପ୍ରଚେଷ୍ଟା କରିବାକୁ ହୋଇ ନଥାଏ । ଅଗ୍ରଗତି ପାଇଁ ଆମକୁ ସଂଘର୍ଷ କରିବାକୁ ପଡ଼ି ନଥାଏ । ସେ ପୁଣି କହୁଛନ୍ତି, ଏପରି ଅଗ୍ରଗତି ଦ୍ୱାରା ଏହାର ପ୍ରଭାବ ସମୂହରେ ପଡ଼ିଥାଏ । ଅର୍ଥାତ୍ ଜଣେ ବ୍ୟକ୍ତିର ସାଧନାର ଫଳ ଅନ୍ୟମାନେ ମଧ୍ୟ ପାଇଥାଆନ୍ତି । ଏହାହିଁ ହେଲା ସମୂହର ଯୋଗ । ଅଧ୍ୟାତ୍ମ ଜଗତରେ ଏପରି ଯୋଗ କେବେହେଲେ ହୋଇ ନଥିଲା । ଜଣେ ବ୍ୟକ୍ତିର ଶରୀର ରୂପାନ୍ତର ହେଲେ ଅନ୍ୟମାନଙ୍କର ମଧ୍ୟ ଏହା ସ୍ୱାଭାବିକ ରୂପେ ହେବ । ଏ ବିଷୟରେ ଶ୍ରୀମା କହୁଛନ୍ତି :

"But since it is happening in one body, it can happen in all bodies !"

(MCW, Vol. -11, p. 93)

ଅର୍ଥାତ୍, ଜଣେ ସଂସାର ପାଇଁ ସାଧନା କରି ଦେଇପାରେ । ତୁମର ଅଗ୍ରଗତି ହେଲେ ଅନ୍ୟମାନଙ୍କର ମଧ ଅଗ୍ରଗତି ହେବ । ଏହାର ଏକମାତ୍ର ସର୍ତ୍ତ ହେଲା ଏଥିପାଇଁ ତୁମର ଅହଂକାରକୁ ବର୍ଜନ କରିବା ଉଚିତ । ଏହାହିଁ ହେଲା ପୂର୍ଣ୍ଣଯୋଗ । ଏହା ଆମର ଯୋଗ ନୁହେଁ – ସ୍ୱୟଂ ଭଗବାନଙ୍କର ଯୋଗ । ପୁରାତନ ଧାରାରେ ନୁହେଁ – ଏକ ନୂତନ ଧାରାରେ ଏହା କରିବାକୁ ହେବ । ଏଥିପାଇଁ ପୁରାତନ ସମସ୍ତ ଧାରାକୁ ନିଜ ଭିତରେ ସମାହିତ କରିବାକୁ ହେବ । ସବୁକିଛି ତୁମେ ହୋଇଗଲେ ହିଁ ଆଉ ବିରୋଧତା ରହିବ ନାହିଁ । ତେବେ ଯାଇ ଏହି ପୂର୍ଣ୍ଣଯୋଗର ଏକ ଭଗବତ୍ ଯନ୍ତ୍ର ହୋଇପାରିବ । କେବଳ ଏକ ଯୋଗୀ ହେଲେ ଚଳିବ ନାହିଁ – ଏକ ବୀର ଯୋଦ୍ଧା ହେବାକୁ ପଡ଼ିବ, ଏକ ପ୍ରକୃତ ମାତୃସନ୍ତାନ ହେବାକୁ ପଡ଼ିବ । ଏ ବିଷୟରେ ବାବାଜି ଶ୍ରୀ ରାମକୃଷ୍ଣ ଦାସ କହୁଛନ୍ତି :

''ସାଧନା ଦ୍ୱାରା ମନ, ପ୍ରାଣ ଶୁଦ୍ଧ ହୋଇ ଜ୍ଞାନ, ଭକ୍ତି ପ୍ରାପ୍ତ ହେଲେ ମନୁଷ୍ୟ ଉପଲବ୍ଧି କରେ ଯେ ସବୁକିଛି ଭଗବାନ୍ କରାଉଛନ୍ତି । ସେହି ସମୟରେ ତାହାର ବ୍ୟକ୍ତିଗତ ଅହଂ ଅଥବା 'ମୁଁ' ସ୍ଥାନରେ ଆସନ୍ତି 'ଭଗବାନ୍' । ତାହାର ସମସ୍ତ କର୍ମ ହୁଏ ଭଗବାନଙ୍କ ପରିଚାଳନାରେ । ସେ ହୁଏ ଭଗବାନଙ୍କ ଯନ୍ତ୍ର । ତା'ର ଯଦି ଲକ୍ଷ୍ୟ ଥାଏ ଭଗବାନଙ୍କ ଚେତନା ସଙ୍ଗେ ନିଜ ମନ, ପ୍ରାଣ ଓ ଶରୀର ଚେତନା ପୂର୍ଣ୍ଣ ରୂପେ ଏକ କରିବାକୁ, ତେବେ ଦିବ୍ୟ-ଭଗବତ୍ ଶକ୍ତି ଦ୍ୱାରା,– ମନ, ପ୍ରାଣ, ଶରୀର ପୂର୍ଣ୍ଣ ରୂପେ ରୂପାନ୍ତରିତ ହୋଇ ଭଗବତ୍-ସାଧର୍ମ୍ୟ ଅର୍ଥାତ୍ ଦିବ୍ୟ ମାନବତ୍ୱକୁ ପ୍ରାପ୍ତ ହୁଏ । 'ଭଗବାନ୍' ସବୁ କରାଉଛନ୍ତି । ଏ ଅନୁଭବ ଯେପର୍ଯ୍ୟନ୍ତ ନଆସିଛି, ସେପର୍ଯ୍ୟନ୍ତ ପ୍ରଯତ୍ନ ଦ୍ୱାରା ସାଧନା କରିବାକୁ ହେବ । ଭଗବାନ୍ ସବୁ କରାଉଛନ୍ତି, ଏହା କେବଳ କଥାରେ କହିଲେ ଚଳିବ ନାହିଁ । ଏହାକୁ ଚେତନାରେ ଉତାରି ଆଣିବାକୁ ହେବ । ଅର୍ଥାତ୍ ଉପଲବ୍ଧି କରିବାକୁ ହେବ ।''

(ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃଷ୍ଠା. ୫୬୨-୫୬୩)

ଆମ ଦୃଷ୍ଟିକୋଣକୁ ଏପରି ବିଶାଳ କରାଯିବ, ଆମ ଚେତନାକୁ ଏପରି ବିସ୍ତୃତ କରାଯିବ ଯେପରି ସେଥିରେ ସବୁକିଛି ସମାହିତ ହୋଇ ପାରିବ । ସାରା ପୃଥିବୀ, ଏ ପୃଥିବୀର ସମସ୍ତ ଜୀବଜନ୍ତୁ, ସମସ୍ତ ଜଡ଼ପଦାର୍ଥ ଏପରିକି ପ୍ରତ୍ୟେକ ଅଣୁ ପରମାଣୁ ପର୍ଯ୍ୟନ୍ତ ଏଥିରେ ଅନ୍ତର୍ନିହିତ ହୋଇ ରହିବ । ଏପରିକି ସମସ୍ତ ସୂକ୍ଷ୍ମ ଜଗତ୍, ସମସ୍ତ କାଳ, ସମସ୍ତ ଦେବ-ଦେବୀ, ସମସ୍ତ ପାପୀ-ତାପୀ, ସତ୍ୟ-ମିଥ୍ୟା, ସମସ୍ତ ଜ୍ଞାନ-ଅଜ୍ଞାନତା ମଧ ଏହା ଭିତରେ ସ୍ଥାନ ପାଇବ । ଏପରି ହେଲେ ତୁମ ଭିତରେ ବିଭେଦତା ରହିବ ନାହିଁ ଏବଂ କଳହ, ଦ୍ୱନ୍ଦ୍ୱ ଆଦି ମଧ ରହିପାରିବ ନାହିଁ । ସେତେବେଳେ ତୁମେ କାହାରିକୁ ସମାଲୋଚନା କରିପାରିବ ନାହିଁ, କାହାରି ପ୍ରତି ବିରୋଧାଚରଣ କରି ପାରିବ ନାହିଁ । ଏହା ହିଁ ହେଲା ସମତାର ଚରମ ପରିଣତି । ଏସବୁ କଥା ଆମେ ଶ୍ରୀମା'ଶ୍ରୀଅରବିନ୍ଦଙ୍କ ଆଚରଣରୁ ହିଁ ଶିକ୍ଷା କରିଥାଉ – କେବଳ ତାଙ୍କ ପୁସ୍ତକ ପଢ଼ି ନୁହେଁ । ଶ୍ରୀମା'ଶ୍ରୀଅରବିନ୍ଦ ସର୍ବଦା ପରମ ଶିକ୍ଷକ ରୂପେ, ପରମ ପରିଚାଳକ ରୂପେ ଆମ ଭିତରେ ପ୍ରତିଷ୍ଠିତ ହୋଇଛନ୍ତି । ସେମାନେ ହିଁ ଆମକୁ ଶରୀର ରୂପାନ୍ତରର ଅଜଣା ପଥରେ ଆମ ହାତ ଧରି ନେଇ ଯାଉଛନ୍ତି । ତୁମେ ଆଉ ଭୟ କର ନାହିଁ, ପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରତାର ସହିତ ତାଙ୍କ ଚରଣରେ ନିଜକୁ ଦେଇଦେଲେ, ସେ ଆମକୁ ଆମ ଲକ୍ଷ୍ୟ ପଥରେ ପହଞ୍ଚାଇ ଦେବେ ।

ପୁରାତନ ହିଁ ଆମର ବନ୍ଧନ । ପୁରାତନ ହିଁ ଆମ ଗୋଡ଼ରେ କଡ଼ି ଲଗାଇ ବାନ୍ଧି ରଖିଛି । ଏଥିରୁ ମୁକ୍ତ ନହେଲେ ଆମେ ସେହି ଦୁଃଖ, କଷ୍ଟ, ରୋଗ ଯନ୍ତ୍ରଣାରେ ଆମ ଭାଗ୍ୟ ଆଦରି ପଡ଼ି ରହିଥିବୁ । ସ୍ୱୟଂ ଭଗବାନ୍ ହିଁ ଆମକୁ ବାନ୍ଧିଛନ୍ତି, ସେ ହିଁ ଆମକୁ ମୁକ୍ତ କରିବେ । ନିଜେ ଯେତେ ଚେଷ୍ଟା କଲେ ମଧ, ଯେତେ ବଳ ପ୍ରୟୋଗ କଲେ ମଧ ଆମେ ଏଥିରୁ ମୁକ୍ତ ହୋଇ ପାରିବୁ ନାହିଁ । କେବଳ ତାଙ୍କର ଶରଣାଗତି ଓ ତାଙ୍କ କରୁଣା ଆମକୁ ପୁରାତନର ବନ୍ଧନରୁ ମୁକ୍ତ କରି ଅତିମାନସର ସତ୍ୟ, ସମଞ୍ଜସତାପୂର୍ଣ୍ଣ ଦିବ୍ୟ ଜଗତରେ ପହଞ୍ଚାଇ ଦେବେ ଏଥିରେ ସନ୍ଦେହ ନାହିଁ ।

(କ୍ରମଶଃ) ❑

ଅତିମାନସ ଏକ ସତ୍ୟ ଏବଂ ବସ୍ତୁସକଳର ସ୍ୱଭାବ ଦୃଷ୍ଟିରୁ ଏହାର ଆଗମନୀ ଏକାନ୍ତ ଅପରିହାର୍ଯ୍ୟ ।

– ଶ୍ରୀଅରବିନ୍ଦ

# ତୋତ୍ତୋ-ଚାନ୍

## (୨୦)

## ତେତ୍ସୁକୋ କୁରୋୟାନାଗି

[ବିଗତ ଊଣେଇଶିଟି ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରି ଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏସବୁ ଭିତରେ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । ତୋତ୍ତୋ-ଚାନ୍‌ର ଥିଲା ନିରୋଳା ଆନ୍ତରିକ ଭଲପାଇବା; ସେ ତା'ର ସହପାଠୀଟିଏ ପାଇଁ ହେଉ ଅଥବା ତା'ର ପ୍ରିୟ ପ୍ରଧାନ ଶିକ୍ଷକ କିଂବା ଶିକ୍ଷାନୁଷ୍ଠାନ ପାଇଁ ହେଉ । ଥରେ ପ୍ରଧାନ ଶିକ୍ଷକଙ୍କ ସହ ଏକ ଅନ୍ତରଙ୍ଗ ଆଲୋଚନା ସମୟରେ ତୋତ୍ତୋ-ଚାନ୍ ଶପଥ କରି ଦେଇଥିଲା ଯେ ସେ ବଡ଼ ହେଲେ 'ତୋମୋଏ' ସ୍କୁଲରେ ଶିକ୍ଷୟିତ୍ରୀ ହେବ । ସବୁ କାର୍ଯ୍ୟକ୍ରମ ଭିତରେ ଏକାଧିକ ବାର ପ୍ରଧାନ ଶିକ୍ଷକ ଶ୍ରୀ କୋବାୟାଶିଙ୍କର ତୋତ୍ତୋ-ଚାନ୍‌କୁ ସେଇ ଓଜନିଆ କଥା ପଦକ ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ନୂତନ ମାର୍ଗ ସଂଧାନରେ ତା'ର ପାଥେୟ ହୋଇ ରହିଯାଇଥିଲା ।

ଏଥି ମଧ୍ୟରେ ଆରମ୍ଭ ହୋଇଯାଇଛି ଦ୍ୱିତୀୟ ମହାଯୁଦ୍ଧ । ସମସ୍ତ ଦେଶ ଉପରେ ଘୋଟି ଯାଇଛି ଆଶଙ୍କାର କଳାମେଘ । ଯୁଦ୍ଧକାଳୀନ ପରିସ୍ଥିତିରେ ଖାଦ୍ୟ ତଥା ଆବଶ୍ୟକୀୟ ଜିନିଷର ଅଭାବ ସହ ସ୍ୱାଭାବିକ ଆନନ୍ଦର ଅଭାବ ମଧ୍ୟ ଅନୁଭୂତ ହେବାକୁ ଆରମ୍ଭ କରି ଦେଇଥାଏ । ବେହେଲା ବାଦକ ହିସାବରେ ଖ୍ୟାତି ଅର୍ଜନ କରିଥିବା ତୋତ୍ତୋ-ଚାନ୍‌ର ବାପା କିନ୍ତୁ ଅର୍ଥ ଉପାର୍ଜନ ପାଇଁ ବେହେଲା ବାଦନର ଦୁରୁପଯୋଗ କରିବାକୁ ଚାହୁଁ ନଥିଲେ । ସ୍ୱାଚ୍ଛନ୍ଦ୍ୟ ଜୀବନ ଅପେକ୍ଷା ସଂଭ୍ରାନ୍ତ ଜୀବନ ପ୍ରତି ତାଙ୍କର ଥିଲା ଅଧିକ ଅନୁରାଗ ।

ତୋତ୍ତୋ-ଚାନ୍‌ର ପ୍ରିୟ ବନ୍ଧୁ ୟାସୁଆକି-ଚାନ୍‌ର ମୃତ୍ୟୁର ଦୁଃଖଭିଜା ଅନୁଭୂତି ତା' ଭିତରୁ ସମ୍ପୂର୍ଣ୍ଣ ଲିଭିଯିବା ପୂର୍ବରୁ ତା'ର ଅତି ପ୍ରିୟ କୁକୁର ରକି ବି ସବୁଦିନ ପାଇଁ ହଜିଗଲା । ମାଆ କହିବାକୁ କୁଣ୍ଠା ଅନୁଭବ କରୁଥିଲେ ବି ସେ ବୁଝୁଥିଲା ରକି ଆଉ ଫେରି ଆସିବନି ।

ଏବେ ଆମେ କାହାଣୀର ଶେଷ ପର୍ଯ୍ୟାୟରେ । ବେଶ୍ ଦୁଃଖଦ ଅନୁଭୂତି ଭିତରେ ତା'ର ପରିସମାପ୍ତି । 'ତୋମୋଏ' ସ୍କୁଲର ପିଲାମାନଙ୍କୁ ଦିନେ ପରସ୍ପରଠାରୁ ବିଦାୟ ନେବାର ସମୟ ଆସିଗଲା । ଆମେରିକାର ଯୁଦ୍ଧ ବିମାନର ବୋମାମାଡ଼ରେ 'ତୋମାଏ' ସ୍କୁଲ ଜଳିବାକୁ ଲାଗିଲା । ମାତ୍ର ଲେଖିକାଙ୍କ ଭାଷାରେ ପିଲାଙ୍କ ପାଇଁ ଶ୍ରୀ କୋବାୟାଶିଙ୍କର ଶ୍ରଦ୍ଧା ଓ ପାଠ ପଢ଼ାଇବା ପାଇଁ ଆଗ୍ରହ ସ୍କୁଲକୁ ଘେରିଥିବା ନିଆଁଠାରୁ ବି ଟାଣୁଆ ଥିଲା । ନିଜର ସ୍ୱପ୍ନ ଓ ଶ୍ରଦ୍ଧାରେ ଗଢ଼ି ତୋଳିଥିବା ଅନୁଷ୍ଠାନଟି ଜଳି ଯାଉଥିବାର ଦେଖି ବି ସେ ନିର୍ବିକାର ଭାବରେ ତାଙ୍କ ପୁଅକୁ ପଚାରୁ ଥିଲେ, ''ଆଗକୁ ଆମେ କିଭଳି ସ୍କୁଲ ଗଢ଼ିବା ?'' ବାସ୍ତବିକ୍, ଗୋଟାଏ ଉଦ୍ଦୀପ୍ତ ସୃଜନୀ ପ୍ରତିଭା କ'ଣ କେବେ ନିଜର ସ୍ୱପ୍ନକୁ ଛାଡ଼ି ବଞ୍ଚି ପାରିବ !! ]

## ଚା' ଭୋଜି

ତୋମୋଏର ମାଳୀ ରୟୋ-ଚାନ୍ ସବୁ ପିଲାଙ୍କର ପ୍ରିୟ ଥିଲେ । ତାଙ୍କୁ ବେଶ୍ ବୟସ ହୋଇଥିଲା, କିନ୍ତୁ ପିଲାମାନେ ତାଙ୍କର ପିଲାଳିଆ ଡାକ ନାଁରେ ଡାକୁଥିଲେ । ସେ ସମସ୍ତଙ୍କର ରକ୍ଷାକର୍ତ୍ତା ଭଳି ଥିଲେ, କାରଣ କାହାର କିଛି ବି ଅସୁବିଧା ହେଲେ ସେ ସାହାଯ୍ୟ କରୁଥିଲେ । ତାଙ୍କୁ ସବୁ କାମ ଜଣାଥିଲା । ସେ ବେଶୀ କଥା କହୁ ନଥିଲେ, କେବଳ ହସୁଥିଲେ ଓ କାମଟି ଠିକ୍‌ରେ ସାରି ଦେଉଥିଲେ । ଯେବେ ତୋତ୍ତୋ-ଚାନ୍ ମଇଳା ଖାତରେ ଗଳି ପଡ଼ିଥିଲା ସେହି ରୟୋ-ଚାନ୍‌ହିଁ ତାକୁ ଉଠାଇ ଆଣିଥିଲେ, ଆଉ ଟିକିଏ ବି ଗୁଁ ଗାଁ ନ ହୋଇ ସଫା କରିଥିଲେ ।

ଯୁଦ୍ଧକୁ ଯିବା ପାଇଁ ଦିନେ ତାଙ୍କୁ ଆଦେଶ ମିଳିଲା । ''ଚାଲ ଆମେ ଗୋଟିଏ ବଡ଼ିଆ ଚା' ଭୋଜି କରି ତାଙ୍କୁ ବିଦାୟ ଦେବା'', ପ୍ରଧାନ ଶିକ୍ଷକ କହିଲେ ।

ଦିନ ଭିତରେ ଜାପାନରେ ଅନେକ ଥର ଶାଗୁଆ ଚା' ଖିଆଯାଏ । କିନ୍ତୁ ଭୋଜି ପାଇଁ ସ୍ୱତନ୍ତ୍ର ଗୁଣ୍ଡ ଚା' କାମରେ ଲାଗେ । ତୋମୋଏ ପାଇଁ 'ଚା' ଭୋଜି' ଗୋଟିଏ ନୂଆ କଥା ହେବ । ପିଲାମାନଙ୍କ ମନକୁ କିନ୍ତୁ କଥାଟା ପାଇଲା । ନୂଆ ଜିନିଷ କରିବା ପାଇଁ ତାଙ୍କୁ ଖୁବ୍ ଭଲ ଲାଗେ । ପିଲାମାନେ ଅବଶ୍ୟ ଜାଣି ନଥିଲେ ଯେ ପ୍ରଧାନ ଶିକ୍ଷକ 'ବିଦାୟ ଭୋଜି' (ସୁବେତ୍‌ସୁକାଇ) ବଦଳରେ 'ଚା' ଭୋଜି' (ସାୱାକାଇ) ଶବ୍ଦଟି ଜାଣିଶୁଣି ବାଛିଥିଲେ । ବିଦାୟ ଭୋଜି ଖୁବ୍ ଦୁଃଖଦାୟକ ଶୁଣାଯିବ । ବଡ଼ ପିଲାମାନେ ବୁଝିପାରିବେ ଯେ ଯଦି ରୟୋ-ଚାନ୍ ଯୁଦ୍ଧରେ ମରି ଯାଆନ୍ତି ତେବେ ଏହା ସତ ବିଦାୟ ହେବ, ଆଗରୁ କେହି ଚା' ଭୋଜିକୁ ଯାଇ ନଥା'ନ୍ତି, ତେଣୁ ସମସ୍ତେ ଖୁବ୍ ଉତ୍ସାହ ଦେଖାଉଥା'ନ୍ତି ।

ସ୍କୁଲ ଛୁଟି ପରେ ପିଲାମାନେ ତାଙ୍କ ଡେସ୍କଗୁଡ଼ିକୁ ଗୋଲ କରି ସଭାଘରେ ପକାଇଲେ – ଠିକ୍ ଖାଇବା ବେଳ ପରି । ସମସ୍ତେ ବସିଗଲା ପରେ ଶ୍ରୀ କୋବାୟାଶି ଶାଗୁଆ ଚା' ସାଙ୍ଗରେ ଖଣ୍ଡେ ଲେଖାଏଁ ପତଳା ସ୍କିଡ୍ (ସମୁଦ୍ର ଜୀବ) ଭଜା ଦେଇଗଲେ । ସେ ସମୟରେ ଏତିକି ବି ପାଇବା କଷ୍ଟ ଥିଲା । ଶେଷରେ ସେ ରୟୋ-ଚାନ୍ ପାଖରେ ବସିଗଲେ ଓ ଛୋଟ ଗିଲାସରେ କିଛି 'ସାକେ' (ଏକ ପ୍ରକାରର ମଦ) ଆଗରେ ରଖିଲେ । ସେତେବେଳେ ଏହି ସାକେ କେବଳ ଯୁଦ୍ଧକୁ ଯାଉଥିବା ଲୋକଙ୍କୁ ମିଳୁଥିଲା ।

''ତୋମୋଏରେ ଏହା ପ୍ରଥମ ଚା' ଭୋଜି'', ପ୍ରଧାନ ଶିକ୍ଷକ ଆରମ୍ଭ କଲେ, ''ଆସ, ସମସ୍ତେ ମିଶି ଖୁବ୍ ମଜା କରିବା । ତୁମେ ଯଦି ରୟୋ-ଚାନ୍‌ଙ୍କୁ କିଛି କହିବ, ତେବେ କୁହ । କେବଳ ରୟୋ-ଚାନ୍‌ଙ୍କୁ ନୁହେଁ, ନିଜ ନିଜକୁ ମଧ୍ୟ କହି ପାରିବ, ତେବେ ଜଣ ଜଣ କରି ମଝିରେ ଛିଡ଼ା ହୋଇ ।''

ପ୍ରଥମ ଥର ପାଇଁ ତୋମୋଏରେ ସେମାନେ ସ୍କିଡ୍ ଖାଇଲେ । ପ୍ରଥମ ଥର ପାଇଁ ରୟୋ-ଚାନ୍ ସେମାନଙ୍କ ସହିତ ବସିଲେ ଏବଂ ପ୍ରଥମ ଥର ପାଇଁ ସେମାନେ ରୟୋ-ଚାନ୍‌ଙ୍କୁ ସାକେ ପିଇବାର ଦେଖିଲେ ।

ପିଲାମାନେ ରୟୋ-ଚାନ୍‌ଙ୍କୁ ସାମନା କରି ଛିଡ଼ା ହେଲେ ଓ କିଛି କିଛି କହି ଚାଲିଲେ । ପ୍ରଥମ କେତେ ଜଣ ତାଙ୍କୁ କେବଳ ନିଜର ଯତ୍ନ ନେବାକୁ କହିଲେ, ଯେପରି ସେ ଅସୁସ୍ଥ ନ ହୁଅନ୍ତି । ତୋତ୍ତୋ-ଚାନ୍ ଶ୍ରେଣୀର ମିଗିତା କହିଲା, ''ଆସନ୍ତା ଥର ମୁଁ ଗାଁକୁ ଗଲେ ସମସ୍ତଙ୍କ ପାଇଁ ଶବସକ୍କାର ଜଳଖିଆ ଆଣିବି ।''

ସମସ୍ତେ ହସିଲେ, କାରଣ ବର୍ଷକରୁ ବେଶୀ ଦିନ ତଳେ ମିଗିତା ତାଙ୍କୁ ଏହି ସୁଆଦିଆ ଶବସକ୍କାର ଜଳଖିଆ ଖାଇଥିବା କଥା କହିଥିଲା । ସାଙ୍ଗମାନଙ୍କ ପାଇଁ ଏଥିରୁ କିଛି ଆଣିବ ବୋଲି ସେ ଅନେକ ଥର କହିଥିଲା, କିନ୍ତୁ କେବେ ଆଣି ନଥିଲା ।

ଶବସକ୍କାର ଜଳଖିଆ କଥା ଶୁଣି ପ୍ରଧାନ ଶିକ୍ଷକ ଖୁବ୍ ଚମକି ପଡ଼ିଲେ । କାରଣ ବିଦାୟ ସମୟରେ ଶବସକ୍କାର ଜଳଖିଆ କଥା କହିବାଟା ଅଶୁଭ ବୋଲି ସାଧାରଣ ଭାବେ ଧରାଯାଏ । କିନ୍ତୁ ମିଗିତା ଏହା ପୂରା ନିରୀହ ମନରେ କହିଥିଲା; ତେଣୁ ପ୍ରଧାନ ଶିକ୍ଷକ ମଧ୍ୟ ହସିଲେ । ଏହା ଆଣିବ ବୋଲି ମିଗିତା ତାଙ୍କୁ ମଧ୍ୟ ଅନେକ ଥର କହିଥିଲା ।

ଓଏ ଉଠିଲା ଓ ରୟୋ-ଚାନ୍‌ଙ୍କୁ କଥା ଦେଲା ଯେ ସେ ଜାପାନର ସବୁଠାରୁ ଭଲ ଫଳଚାଷୀ ହେବ । ତୋଦୋରୋକିଠାରେ ବାପାଙ୍କର ଏକ ବିରାଟ ଚାରା ବଗିଚା ଥିଲା । କାଇକୋ ଆଓକି ଛିଡ଼ା ହେଲା କିନ୍ତୁ କିଛି କହିଲା ନାହିଁ । ସବୁବେଳ ଭଳି ଲାଜରା ହସ ହସି ସେ ମୁଣ୍ଡ ନୁଆଁଇଲା ଓ ତା' ଜାଗାକୁ ଫେରିଗଲା । ଏହା ଦେଖି ତୋତ୍ତୋ-ଚାନ୍ ଆଗକୁ ଦଉଡ଼ି ଗଲା, ଆଉ ତା' ପାଇଁ କହିଲା, ''କାଇକୋ-ଚାନ୍‌ର କୁକୁଡ଼ାମାନେ ଉଡ଼ିପାରନ୍ତି ! ମୁଁ ଅଳ୍ପ ଦିନ ତଳେ ଦେଖିଛି !''

ଏହାପରେ ଆମାଦେରା କହିଲା, ''କେହି କୌଣସି ଖଣ୍ଡିଆ ଖାବରା ବିଲେଇ ବା କୁକୁର ମୋ ପାଖକୁ ଆଣିଲେ ମୁଁ ଭଲ କରି ଦେବି ।''

ତାକାହାଶି ଏତେ ଛୋଟ ଥିଲା ଯେ ସେ ଟେବୁଲ ତଳେ ଗଳି ଖୁବ୍ ଜଲଦି ମଝିକୁ ଚାଲି ଆସିଲା । ହସଖୁସିଆ ସ୍ୱରରେ କହିଲା, ''ରୟୋ-ଚାନ୍ ତୁମକୁ ଧନ୍ୟବାଦ । ସବୁକିଛି ପାଇଁ ଓ ସବୁ ପ୍ରକାରର କାମ ପାଇଁ ଧନ୍ୟବାଦ ।''

ଆଇକୋ ସାଇଶୋ ତା' ପାଳିରେ ଛିଡ଼ା ହେଲା ଓ କହିଲା —''ରୟୋ-ଚାନ୍, ମୁଁ ପଡ଼ି ଯାଇଥିଲା ବେଳେ ତୁମେ ମୋ ଖଣ୍ଡିଆରେ ପଟି ବାନ୍ଧି ଦେଇଥିଲ । ମୁଁ କେବେ ଏହାକୁ ଭୁଲିବି ନାହିଁ । ସେଥିପାଇଁ ତୁମକୁ ଧନ୍ୟବାଦ ।

ଆଇକୋ ସାଇଶୋର ଜେଜେ ଥିଲେ ରୁଷ୍-ଜାପାନ ଯୁଦ୍ଧର ବିଖ୍ୟାତ ସେନାପତି ତୋଗୋ । ତା'ର ଆଉ ଜଣେ ସମ୍ପର୍କୀୟ, ଅତ୍‌ଶୁକୋ ସାଇଶୋ, ସମ୍ରାଟ ମାଇଜୀଙ୍କ ଦରବାରରେ ଜଣେ ଖ୍ୟାତନାମା କବି ଥିଲେ । କିନ୍ତୁ ଆଇକୋ ଏମାନଙ୍କ କଥା କେବେ କହୁ ନଥିଲା ।

ପ୍ରଧାନ ଶିକ୍ଷକଙ୍କ ଝିଅ ମିୟୋ-ଚାନ୍ ରୟୋ-ଚାନ୍‌କୁ ସବୁଠାରୁ ଭଲ କରି ଜାଣିଥିଲା । ତା'ର ଆଖିରେ ଲୁହ ଭରି ଯାଇଥିଲା । ସେ କହିଲା, ''ନିଜର ଯତ୍ନ ନେବ ନିଶ୍ଚୟ, ଆମେ ଚିଠି ଲେଖିବା ।''

କହିବା ପାଇଁ ତୋତ୍ତୋ-ଚାନ୍‌ର ଏତେ କଥା ଥିଲା ଯେ ସେ କେଉଁଠୁ ଆରମ୍ଭ କରିବ ଜାଣିପାରୁ ନଥିଲା । ତେଣୁ ସେ ଖାଲି କହିଲା, ''ରୟୋ-ଚାନ୍, ତୁମେ ଚାଲି ଗଲେ ବି ଆମେ ସବୁଦିନ ଚା' ଭୋଜି କରିବୁ ।''

ପ୍ରଧାନ ଶିକ୍ଷକ ଓ ରୟୋ-ଚାନ୍ ହସିଲେ । ସବୁ ପିଲା ବି ହସିଲେ, ତୋତ୍ତୋ-ଚାନ୍ ମଧ୍ୟ ହସି ପକାଇଲା ।

କିନ୍ତୁ ତା' ପରଦିନଠାରୁ ହିଁ ତୋତ୍ତୋ-ଚାନ୍‌ର କଥା ସତ ହେଲା । ସମୟ ପାଇଲା ମାତ୍ରେ ପିଲାମାନେ ଗୋଟିଏ ନୂଆ ଖେଳରେ ଲାଗି ଗଲେ । ଦଳଟିଏ ହୋଇ ସେମାନେ ''ଚା' ଭୋଜି'' ଖେଳ ଖେଳିଲେ, ସ୍କ୍ୱିଡ୍ ଭଜା ବଦଳରେ ସେମାନେ କାଠି ବା ଛେଲି ଚୁଚୁମିବେ, ଚା' ବଦଳରେ ପାଣି ପିଇବେ । ବେଳେ ବେଳେ ପାଣିକୁ ସାକେ ବୋଲି କହିବେ । କିଏ କହି ପକାଇବ, ''ମୁଁ ଶବସଜ୍ଜାର ଜଳଖିଆ ଆଣିବି'', ଆଉ ସମସ୍ତେ ହସିବେ । ତା'ପରେ ସେମାନେ ନିଜ ନିଜର ମନ କଥା କହିବେ । କିଛି ଖାଇବାକୁ ନଥିଲେ ବି ଏହି ''ଚା' ଭୋଜି''ରେ ଖୁବ୍ ମଜା ହେଉଥିଲା ।

କହିବାକୁ ଗଲେ ''ଚା' ଭୋଜି'' ଖେଳଟି ରୟୋ-ଚାନ୍‌ର ଅତି ଚମତ୍କାର ବିଦାୟ ଉପହାର ଥିଲା । ପିଲାମାନଙ୍କର କିନ୍ତୁ ଟିକିଏ ବି ଧାରଣା ନଥିଲା ଯେ ନିଜ ନିଜଠାରୁ ଅଲଗା ହୋଇଯିବା ଆଗରୁ ତୋମୋଏରେ ଏହା ତାଙ୍କର ଶେଷ ଖେଳ ଥିଲା ।

ଟୋକିଓ ରେଳଗାଡ଼ିରେ ରୟୋ-ଚାନ୍ ଚଢ଼ିଲା ବେଳକୁ ଆମେରିକାର ଯୁଦ୍ଧ ବିମାନ ଆସି ପହଞ୍ଚୁଥାଏ । ଏହା ପରେ ପରେ ବିମାନଗୁଡ଼ିକ ଟୋକିଓ ଉପରେ ଉଡ଼ି ପ୍ରତ୍ୟେକ ଦିନ ବୋମା ପକାଇବା ଆରମ୍ଭ କରି ଦେଇଥା'ନ୍ତି ।

### ବିଦାୟ

ତୋମୋଏ ଜଳିଗଲା, ଦିନେ ରାତିରେ ଏହା ଘଟିଲା । ମିୟୋ-ଚାନ୍, ତା' ଭଉଣୀ ମିଶା-ଚାନ୍ ଓ ତାଙ୍କ ମା ସ୍କୁଲକୁ ଲାଗିଥିବା ଘରଟିରେ ରହୁଥିଲେ । ସେମାନେ କୁହୋନ୍‌ବୁତ୍‌ସୁ ମନ୍ଦିରର ପୋଖରୀ ପାଖରେ ଥିବା ତୋମୋଏର ବଗିଚାକୁ ଚାଲିଗଲେ ଓ ବଞ୍ଚିଗଲେ ।

B29 ଯୁଦ୍ଧ ବିମାନରୁ ପଡୁଥିବା ନିଆଁଲଗା ବୋମାରୁ ଅନେକ ରେଳଡବାର ଶ୍ରେଣୀ ଘରଗୁଡ଼ିକ ଉପରେ ପଡ଼ିଲା ।

ପ୍ରଧାନ ଶିକ୍ଷକଙ୍କର ସ୍ୱପ୍ନର ସ୍କୁଲଟି ନିଆଁର ଶିଖାରେ ଲୁଚିଗଲା । ତାଙ୍କର ଅତି ପ୍ରିୟ ପିଲାଙ୍କର ହସ-ଖେଳର ଶବ୍ଦ ବଦଳରେ ସ୍କୁଲ ଭାଙ୍ଗି ପଡ଼ିବାର ଭୟଙ୍କର ଶବ୍ଦ ଆସିଲା । ଏହି ନିଆଁକୁ ଲିଭାଇବା ଅସମ୍ଭବ ଥିଲା । ପୂରା ସ୍କୁଲଟି ଏଥିରେ ଜଳି ମୂଳପୋଛ ହୋଇଗଲା । ଜିଉଗାଓକା ସାରା ନିଆଁ ଜଳୁଥାଏ ।

ଏସବୁର ମଝିରେ ପ୍ରଧାନ ଶିକ୍ଷକ ରାସ୍ତାରେ ଛିଡ଼ା ହୋଇ ତୋମୋଏକୁ ଜଳିବାର ଦେଖୁଥା'ନ୍ତି । ସବୁଦିନ ଭଳି ସେ ତାଙ୍କର କଳା ରଙ୍ଗର ମଇଳା କୋଟ୍ ପିନ୍ଧିଥା'ନ୍ତି ଓ ପକେଟରେ ଦୁଇ ହାତ ପୂରାଇ ଛିଡ଼ା ହୋଇଥା'ନ୍ତି ।

ବିଶ୍ୱବିଦ୍ୟାଳୟରେ ପଢୁଥିବା ତାଙ୍କର ବଡ଼ ପୁଅ ତୋମୋଏ ପାଖରେ ଛିଡ଼ା ହୋଇଥାଏ । ସେ ତାକୁ ପଚାରିଲେ, ''ଆଗକୁ ଆମେ କି ଭଳି ସ୍କୁଲ ଗଢ଼ିବା ?'' ସେ କାବା ହୋଇ ତାଙ୍କ କଥା ଶୁଣୁଥାଏ ।

ପିଲାଙ୍କ ପାଇଁ ଶ୍ରୀ କୋବାୟାଶିଙ୍କର ଶ୍ରଦ୍ଧା ଓ ପାଠ ପଢ଼ାଇବା ପାଇଁ ଆଗ୍ରହ ସ୍କୁଲକୁ ଘେରିଥିବା ନିଆଁଠାରୁ ଟାଣୁଆ ଥିଲା । ପ୍ରଧାନ ଶିକ୍ଷକଙ୍କର ମନ ଖୁସିଥାଏ ।

ଉତ୍ତର-ପୂର୍ବରେ ଥିବା ନିରାପଦ ଅଞ୍ଚଳକୁ ଯାଉଥିବା ରେଳଗାଡ଼ିରେ ଲୋକ ଖୁନ୍ଦାଖୁନ୍ଦି ହୋଇ ଥାଆନ୍ତି । ବଡ଼ମାନଙ୍କ ଭିତରେ ତୋତ୍ତୋ-ଚାନ୍ ଚିପି ହୋଇ ପଡ଼ିଥାଏ । ଝରକା ବାହାରର କିଟିମିଟି ଅନ୍ଧାରକୁ ଚାହିଁ ସେ ପ୍ରଧାନ ଶିକ୍ଷକଙ୍କ ବିଦାୟ ବେଳର କଥା ମନେ ପକାଉଥାଏ, ''ଆମେ ପୁଣି ଭେଟିବା, ନିଶ୍ଚୟ !'' ଆଉ ତା' ପାଇଁ ତାଙ୍କର ସବୁବେଳର କଥା, ''ତୁମେ ସତରେ ଗୋଟିଏ ସୁନା ଝିଅ, ଜାଣିଛ ନା ।'' ଏହି ଶବ୍ଦଗୁଡ଼ିକୁ ସେ କେବେ ଭୁଲିବାକୁ ଚାହୁଁ ନଥିଲା । ପୁଣି ଶୀଘ୍ର ଶ୍ରୀ କୋବାୟାଶିଙ୍କୁ ଭେଟିବାର ଆଶାରେ ସେ ନିଜକୁ ନିରାପଦ ମଣିଲା ଓ ଶୋଇପଡ଼ିଲା ।

ଉଦ୍‌ଗ୍ରୀବ ଯାତ୍ରୀରେ ଭରା ରେଳଗାଡ଼ିଟି ଅନ୍ଧାର ଭିତରେ ମାଡ଼ି ଚାଲିଲା ।

(ସମାପ୍ତ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

## ନୋବେଲ ପୁରସ୍କାର ବିଜେତା

ପର୍ତ୍ତୁଗାଲର ଏକ ଅନାମଧେୟ ଗାଁ ଆଜିନ୍‌ହାଗାରେ ରହୁଥା'ନ୍ତି ବୃଦ୍ଧ ଦମ୍ପତି । ଜେରୋନିମୋ ଆଉ ଯୋସେଫା । ସେମାନଙ୍କର ଥାଆନ୍ତି ଘୁଷୁରି ପଲେ । ସେମାନଙ୍କ ଜୀବନ କହିଲେ ହାଡ଼ଭଙ୍ଗା ପରିଶ୍ରମ ଓ ଘୋର ଦାରିଦ୍ର୍ୟର ଜୀବନ । ସେଇ ଦୁଇଜଣଙ୍କ ସହିତ ବାଳକଟିଏ ଆସି ରହେ । ବାଳକଟି ସେମାନଙ୍କ ନାତି । ସେଠାରେ ରହିଥିଲା ବେଳେ ସେଇ ବାଳକ ଅଜା ଓ ଆଈଙ୍କ ଅଭାବଗ୍ରସ୍ତ ଜୀବନର ଅଂଶୀଦାର ହୁଏ । କଠିନ ପରିଶ୍ରମ ଆଉ ଦାରିଦ୍ର୍ୟର ଜୀବନରୁ ମୁକ୍ତି ପାଇବା ଲାଗି ବେଳେ ବେଳେ ଆସି ଜୁଟୁଥାଏ ସୁନ୍ଦର ସୁଯୋଗ । ସେଇ ବୃଦ୍ଧ କେବେ କେବେ ରାତିରେ ଖୋଲା ଆକାଶ ତଳେ ଗୋଟିଏ ପ୍ରାଚୀନ 'ଫିଗ୍' ଗଛ ମୂଳରେ ଶୋଇବାକୁ ବାହାରି ଯାଆନ୍ତି ଓ ସାଙ୍ଗରେ ଡାକି ନିଅନ୍ତି ନାତିକୁ । ମେଘମୁକ୍ତ ପର୍ତ୍ତୁଗାଲ ଆକାଶ ତଳେ ଅଜା ଆଉ ନାତି ଚିତ୍ ହୋଇ ଶୋଇ ପତ୍ର ଉହାଡ଼ରୁ ତାରାଟିଏ ବା ଶୁଭ୍ରଧବଳ ଛାୟାପଥ ଦେଖୁଥା'ନ୍ତି, ସେତେବେଳେ ବୃଦ୍ଧ ଆରମ୍ଭ କରନ୍ତି ଐନ୍ଦ୍ରଜାଲିକ କାହାଣୀମାଳା । ପିଢ଼ି ପରେ ପିଢ଼ି ମନଗହନରେ ସାଇତା ଚମତ୍କାର ଲୋକକଥାରୁ ଆରମ୍ଭ କରି କିଂବଦନ୍ତୀ, ଭୌତିକ କାହାଣୀ, ପ୍ରେମ, ବିଶ୍ୱାସଘାତକତା ଆଉ ପ୍ରତିଶୋଧର କଥା । ଏମିତି ଗପ ମଝିରେ ପିଲାଟି ଶୋଇପଡ଼େ ଓ ଶୁଣିଥିବା କାହାଣୀ ଅବଲମ୍ବନରେ ସ୍ୱପ୍ନ ଦେଖେ । ବାଳକଟି ବଡ଼ ହୁଏ । ଦାରିଦ୍ର୍ୟ ଯୋଗୁଁ ଲିସ୍‌ବନ୍‌ର ଏକ ଛୋଟିଆ ସ୍କୁଲରେ କିଛି ବୈଷୟିକ ତାଲିମ ନେଇ କାମ କରିବା ଆରମ୍ଭ କରେ । ମେକାନିକ୍, ପ୍ରୁଫ୍ ରିଡ଼ର୍, ଅନୁବାଦକ, ସାମ୍ବାଦିକ ଏଇମିତି ଅନେକ ପ୍ରକାରର ଜୀବିକାର ଗୋଲକଧନ୍ଦା ଭିତରେ ସେ ଛନ୍ଦି ହୋଇପଡ଼େ । କିନ୍ତୁ ସେତେବେଳକୁ ଜେରୋନିମୋ ଏବଂ ଯୋସେଫାଙ୍କ ସହିତ ବିତିଥିବା ତା'ର ବାଲ୍ୟକାଳ ତା' ଭିତରେ ଏକ ଗାଳ୍ପିକର ମୂଳଦୁଆ ପକାଇ ସାରିଥାଏ । ସେ ଆଉ କେହି ନୁହେଁ; ନୋବେଲ ପୁରସ୍କାର ବିଜେତା ଲେଖକ ଜୋସ୍ ସାରାମାଗୋ । ନୋବେଲ ପୁରସ୍କାର ନେଲା ବେଳେ ସାରାମାଗୋ ତାଙ୍କ ଦିବଂଗତ ଅଜାଆଈଙ୍କୁ ଗଭୀର କୃତଜ୍ଞତା ଜଣାନ୍ତି । ସାରା ବିଶ୍ୱ ଜାଣେ ଏଇ ଐନ୍ଦ୍ରଜାଲିକ କଥାକାରର ସୃଷ୍ଟି ହେଲା କେମିତି ।

(ସଂଗୃହୀତ) ❑

# ଗୋଲାପ ବଗିଚାର ମାଳୀ

## ଦୌଲତ ପାଣ୍ଡେ

କୋଇଲି ଓ ହଳଦୀବସନ୍ତ ଆଦି ପକ୍ଷୀମାନଙ୍କ ମଧୁର କାକଳିରେ ପ୍ରତିଧ୍ୱନିତ ହାସ୍ୟମୁଖର ଏକ ଉପତ୍ୟକାର ସବୁଜ ଛାତି ଉପରେ ଏକଦା 'ପରୀ କନ୍ଦର' ନାମରେ ଛୋଟ କୁଡ଼ିଆଟିଏ ଥିଲା । ଗୋଲାପ ଚାଷ କରୁଥିବା ମାଳୀଟିଏ ସେହି କୁଡ଼ିଆରେ ରହୁଥିଲା । ଆପଣ ଯଦି ପଚାରନ୍ତି ଲୋକଟିର ନାମ କ'ଣ ଓ ସେ କେଉଁଠାରୁ ଆସିଥିଲା, ତେବେ ହୁଏତ ମୁଁ ତାହା କହି ପାରିବି ନାହିଁ । କାରଣ ମୁଁ ଯେତେବେଳେ ଛୋଟ ପିଲା ଥିଲି ସେତେବେଳେ ତାକୁ ଭେଟୁଥିଲି । ପିଲାମାନେ ସାଧାରଣତଃ କୌଣସି ଲୋକ ବା ସ୍ଥାନର ନାମ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେତେବେଳେ ସେହି ଲୋକ ଏବଂ ତାହାର କାର୍ଯ୍ୟକଳାପ ହିଁ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା । ସେ ଯାହା କରୁଥିଲା ସତରେ ତାହା ଥିଲା ବିସ୍ମୟକର । କାରଣ ଦୁନିଆରେ ଏପରି କୌଣସି ଗୋଲାପ ନାହିଁ ଯାହା ସେ ଉପୁଜାଇ ପାରୁ ନଥିଲା । ତା'ର ସେହି କୁଡ଼ିଆ ଚାରିପାଖରେ ଏଡ଼େ ସୁନ୍ଦର ବଗିଚାଟିଏ ବନେଇ ଥିଲା ଯେ ସେପରି ବଗିଚା ଆଉ କେଉଁଠି ଦେଖିବାକୁ ମିଳୁ ନଥିଲା । ଲୋକେ କହୁଥିଲେ, ସେଠାରେ କୁଆଡ଼େ ସରଗର ପରୀମାନେ ବି ରହୁଥିଲେ ।

ଅବଶ୍ୟ ସେହି ଉର୍ବର ସବୁଜ ଉପତ୍ୟକାରେ ଅନେକ ବଗିଚା ଥିଲା, ଯେଉଁଠାରେ ନାନା ପ୍ରକାର ସୁନ୍ଦର ଫୁଲସବୁ ଫୁଟୁଥିଲା । ହେଲେ ଫୁଲମାନଙ୍କର ରାଣୀ ଭାବେ ବିବେଚିତ ଏତେ ପ୍ରକାର ଏବଂ ଏଡ଼େ ସୁନ୍ଦର ଗୋଲାପ ଫୁଲ ଆପଣ ଅନ୍ୟ କେଉଁଠି ଦେଖିବାକୁ ପାଇବେ ନାହିଁ । ପ୍ରତ୍ୟେକ ଜାତି ଗୋଲାପର ଏକ ସ୍ୱତନ୍ତ୍ର ନାମ ଥିଲା । ମାତ୍ର ଫୁଲ ତାଲିକାରେ ଥିବା 'ପଲ୍ ନିରନ୍' ବା 'ବ୍ଲାକ୍ ପ୍ରିନ୍ସ୍' ଅଥବା 'ବ୍ରାଇଡ୍' ଭଳି ନାମରେ କୌଣସି ଫୁଲ ସେଠାରେ ନଥିଲା । ପ୍ରତ୍ୟେକ ଫୁଲର ଗୁଣ ଏବଂ ସ୍ୱତନ୍ତ୍ର ବିଶେଷତ୍ୱକୁ ଗଭୀର ଭାବେ ଅନୁଧ୍ୟାନ କରି ତାହାର ନାମକରଣ କରାଯାଇଥିଲା । ଉଦାହରଣସ୍ୱରୂପ ବଗିଚାର ଫାଟକ ପାଖରେ ଯେଉଁ ଗୋଲାପଟି ଲଗା ଯାଇଥିଲା ତାହାର ନାମ ଥିଲା 'ମଧୁର ସ୍ୱପ୍ନ' । ସତରେ ଅସ୍ତରାଗରେ ରଞ୍ଜିତ ଏବଂ ମଧୁର ଗନ୍ଧଭରା ପାଖୁଡ଼ାରେ ଶୋଭିତ ସେହି ଗୋଲାପଟିକୁ ଦେଖିଲେ, ତାହା ଯେ କଳ୍ପନାର ମଧୁରତମ ସ୍ୱପ୍ନ ସୃଷ୍ଟି ନ କରିବ, ଏହା କିଏ ବା ସନ୍ଦେହ କରିବ ! ଯେଉଁ ଗୋଲାପଟି କୁଡ଼ିଆର କୁନି ଝରକାକୁ ବସ୍ତୁତଃ ଆଚ୍ଛାଦିତ କରି ରଖିଥିଲା, ତାହାର ନାମ ଥିଲା 'ସୂର୍ଯ୍ୟଆଭା' । ସେହି ଫୁଲର ରଙ୍ଗର ଉଷ୍ଣତା ଏପରି ପ୍ରଭାବଶାଳୀ ଯେ ଆପଣ ତାହାର ପ୍ରଭାବ ସ୍ପର୍ଶରେ ମଧ ଅନୁଭବ କରି ପାରିବେ । 'ହାସ୍ୟ' ନାମକ ଫୁଟନ୍ତା ଗୋଲାପର ତୁଷାରଶୁଭ୍ର ପାଖୁଡ଼ାଗୁଡ଼ିକ ମୃଦୁ ମଳୟରେ ଦୋହଲି ସମଗ୍ର ବାତାବରଣରେ ଆନନ୍ଦର ଏକ ମଧୁର ତରଙ୍ଗ ସୃଷ୍ଟି କରୁଥିଲା ।

'ଆନନ୍ଦ' ନାମକ ଗୋଲାପର ଏଭଳି ମୋହିନୀଶକ୍ତି ଥିଲା ଯେ ତାହା ହୃଦୟର ସମସ୍ତ ଦୁଃଖ-ଯନ୍ତ୍ରଣା ଦୂର କରି ପାରୁଥିଲା ବୋଲି ମୁଁ ଦୃଢ଼ ଭାବେ କହିବି । ପ୍ରଭାତର ଦୀପ୍ତିରେ ତାରାମାନେ ଯେପରି ଫିକା ହୋଇ ଅଦୃଶ୍ୟ ହୋଇଯା'ନ୍ତି, ସେହିପରି ସ୍ୱର୍ଣ୍ଣାଭ ପାଟଳ ବର୍ଣ୍ଣର ଏହି ଫୁଲ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଏହାର ଚମତ୍କାରିତାରେ ବଗିଚାକୁ ବୁଲି ଆସୁଥିବା ପ୍ରତ୍ୟେକ ବ୍ୟକ୍ତିର ହୃଦୟରୁ ଦୁଃଖ-ଯନ୍ତ୍ରଣା ଅପସରି ଯାଉଥିଲା । ସେହିଭଳି ଅନ୍ୟ ଅନେକ ସୁନ୍ଦର ଓ ଚମତ୍କାର ଫୁଲ ବଗିଚାରେ ଫୁଟିଥିଲା । ଶିଶୁଟିଏ ଥିବାବେଳେ ଯେ ମୁଁ ଏପରି ଭାବୁଥିଲି ତାହା ନୁହେଁ । ଏବେ ବି ମୋର ମନେ ହେଉଛି ପରୀ-ରାଇଜ ମଧ ସେହି ଛୋଟ ବଗିଚା ଅପେକ୍ଷା ଅଧିକ ମନୋମୁଗ୍ଧକର ହୋଇ ନଥିବ । ବଗିଚାଟିକୁ ଯଥାର୍ଥରେ 'ଫେୟାରୀ ଡେଲ୍' ବା 'ପରୀ କନ୍ଦର' ବୋଲି କୁହାଯାଉଥିଲା । ନନ୍ଦନକାନନର ସୁବାସ ତାହା ଅପେକ୍ଷା ଅଧିକ ହୋଇ ନଥିବ ।

ପ୍ରତିବର୍ଷ ଯେଉଁ ସମୟରେ ଗୋଲାପଗୁଡ଼ିକ ଫୁଟେ, ପବିତ୍ର ତୀର୍ଥ ଦର୍ଶନକୁ ଆସିବା ଭଳି ଲୋକମାନେ ଦୂର ଅଦୂରରୁ ଏହାର ଶୋଭା ଉପଭୋଗ କରିବା ପାଇଁ ଏଠାକୁ ଆସନ୍ତି । ମାଳୀଠାରୁ ଗୋଟିଏ ଗୋଟିଏ ଉପହାର ନେଇ ଫେରିଯାଆନ୍ତି । ଯଦିଓ ମାଳୀ ବିନା ମୂଲ୍ୟରେ ଉପହାରଟିକୁ ଦେଉଥିଲା, ତାହା ଥିଲା ଅମୂଲ୍ୟ । କାରଣ ଯେତେ ମୂଲ୍ୟ ଦେଲେ ବି ଅନ୍ୟ କେଉଁଠି ତାହା ମିଳିବ ନାହିଁ । ପ୍ରତିବର୍ଷ ଛୁଟି ହେଲେ ଆମେ ବି ସେହି ଉପତ୍ୟକାକୁ ଯାଉଥିଲୁ ଏବଂ ସେହି ମାଳୀ ବୁଢ଼ାଟିକୁ ଦେଖୁଥିଲୁ । ତା'ର ଛୋଟିଆ ବଗିଚାରେ ସେ ଆମକୁ ସ୍ୱାଗତ

କରୁଥିଲା ଓ ତା'ର ନୂଆ ନୂଆ ସୃଷ୍ଟି ସମ୍ଭାରକୁ ଆମକୁ ଦେଖାଉଥିଲା । ଆମେ ଚାହିଁଲେ ଯେ କୌଣସି ଫୁଲକୁ ଚୁମିବା ପାଇଁ ଆମକୁ ସେ ବାରଣ କରୁ ନଥିଲା । ମାତ୍ର ଫୁଲଟି ତୋଳିବା କଥା ଉଠିଲେ ସେ ଅତି ସତର୍କ ହୋଇ ଯାଉଥିଲା । ମଉଳା ଫୁଲଟିଏ ମଧ୍ୟ ସେ କାହାକୁ ତୋଳିବାକୁ ଦେଉ ନଥିଲା । ବୁଦାର ଅନ୍ୟ ଅନେକ ଫୁଲ ଭିତରୁ କେବଳ ଗୋଟିଏ ମାତ୍ର ଫୁଲ ସେ ନିଜେ ତୋଳି ଆଣୁଥିଲା । ତୋଳିବା ବେଳେ ଫୁଲଟିକୁ ଯେଉଁ କଷ୍ଟ ହେବ ସେଥିପାଇଁ ସେ ତୋଳିବା ଆଗରୁ ତା' ନିକଟରେ ଅନେକ କ୍ଷମାଭିକ୍ଷା କରୁଥିଲା । ତାକୁ ସାନ୍ତ୍ୱନା ଦେଉଥିଲା । ବୁଦାଟିରେ ଯେତେ ବେଶୀ ଫୁଲ ଫୁଟିଥାଉ ନା କାହିଁକି, ଏକା ଥରକେ ବୁଦାରୁ ଗୋଟିଏରୁ ଅଧିକ ଫୁଲ ସେ କେବେ ବି ତୋଳୁ ନଥିଲା । ସେ କହୁଥିଲା – ମା ଠାରୁ ଛୁଆକୁ ଅଲଗା କରିବା ଯାହା ବୁଦାରୁ ଫୁଲଟିଏ ତୋଳିବା ଠିକ୍ ସେଇଆ । ଯେତେ ଛୁଆ ଥିଲେ ବି କେଉଁ ମା କ'ଣ ତା'ର ଛୋଟ ଛୁଆକୁ ଖୁସିରେ ଅନ୍ୟକୁ ଦେବା ପାଇଁ ରାଜି ହେବ ? ଫୁଲଗୁଡ଼ିକର ଅନ୍ତରକୁ ସେ କିଭଳି ଭାବେ ବୁଝିପାରୁଥିଲା ଏବଂ ସେମାନଙ୍କୁ କେତେ ଭଲ ପାଉଥିଲା, ତାହା ଆପଣ ଏଇଥିରୁ ବେଶ୍ ବୁଝି ପାରିବେ ।

ଦିନେ ଆମେ ଏକ କଠୋର ଧକ୍କାର ସମ୍ମୁଖୀନ ହେଲୁ । ମାଳୀ ବୁଢ଼ାର ମୃତ୍ୟୁ ଆମ ପାଇଁ ଉଦ୍‌ବେଗର ଯଥେଷ୍ଟ କାରଣ ହୋଇଥା'ନ୍ତା । ମାତ୍ର ସେହି ଧକ୍କା ବୁଢ଼ାର ମୃତ୍ୟୁ ଜନିତ ନୁହେଁ । ବୁଢ଼ାକୁ ଆଉ ବଗିଚାରେ ଦେଖିବାକୁ ପାଇଲୁ ନାହିଁ । ତା' ବଦଳରେ ଜଣେ ଚଷମାପିନ୍ଧା ରୁକ୍ଷ ଯୁବକର ଉପସ୍ଥିତି ଆମ ପାଇଁ ଅଧିକ କଠୋର ଏବଂ ଉଦ୍‌ବେଗଜନକ ଥିଲା । ଦୀପାବଳି ଛୁଟିରେ ଚିରାଚରିତ ଭାବେ ଆମ ବନ୍ଧୁଙ୍କୁ ଭେଟିବା ପାଇଁ ଏବଂ ସୁନ୍ଦର ଛୋଟ ବଗିଚାଟିରେ କିଛି ସମୟ ଖେଳିବା ପାଇଁ ଆମେ ସେଠାକୁ ଯାଇଥିଲୁ । ଆମକୁ ଦେଖିବା ମାତ୍ରେ ବୁଢ଼ା ମାଳୀ ମୁଣ୍ଡରେ ନଡ଼ା ତିଆରି ପୁରୁଣା ଟୋପି ପିନ୍ଧି ଦୌଡ଼ି ଆସି ଫାଟକ ଖୋଲି ଆମକୁ ସ୍ୱାଗତ ଜଣାଇ କହିଥା'ନ୍ତା – 'ଆସ ରେ ପିଲେ ! ତୁମେମାନେ କିପରି ଅଛ ? ତା'ପରେ ମୋ ସମ୍ପର୍କୀୟ ଭାଇ ଆଡ଼କୁ ଅନାଇ ସେମିତି ପୁରୁଣା ଢଙ୍ଗରେ କହିଥା'ନ୍ତା – 'ବାପାରେ ! ତୁ କେଡ଼େଟିଏ ହେଲୁଣି ? ତୁ ତ ଆମ ବଗିଚାର ସବୁଠାରୁ ଡେଙ୍ଗା ଗୋଲାପ ଗଛଠାରୁ ବି ଅଧିକ ଡେଙ୍ଗା ହେଲୁଣି ।' ମାତ୍ର ସେ ଦିନ ବୁଢ଼ାର ମଧୁର ସ୍ୱାଗତ ବଦଳରେ ବଗିଚାରେ ଥିବା ତାଗଡ଼ା ଡେଙ୍ଗା ଲୋକଟା ରୁକ୍ଷ ଭାବରେ ଆମ ଆଡ଼କୁ ମାଡ଼ି ଆସିଲା ଏବଂ ଆମକୁ ଘଉଡ଼ାଇ ଦେଇ କହିଲା, ''ଏଠାରୁ ପଳାଅ, ଆଉ କେବେ ଆସିବାକୁ ସାହସ କରିବ ନାହିଁ'' ।

ବନ୍ଧୁ ନାଦିର୍ ଆମ ଭିତରେ ଅଧିକ ସାହସୀ ଥିଲା । ସେ ଦମ୍ଭ ଧରି ଛିଡ଼ା ହୋଇ ରହିଲା ଏବଂ କହିଲା, ''ଆମେ ତୁମକୁ ଦେଖିବା ପାଇଁ ଏଠାକୁ ଆସି ନାହୁଁ । ଏ ବଗିଚାରେ ରହୁଥିବା ଆମ ବନ୍ଧୁ ମାଳୀକୁ ଦେଖିବାକୁ ଆସିଛୁ ।'' ଉତ୍ତରରେ ରୁକ୍ଷ ଲୋକଟା କହିଲା, ''ଆଚ୍ଛା ! ସେ ତାହା ହେଲେ ତୁମର ବନ୍ଧୁ ! ତେବେ ଯାଅ ଅନ୍ୟ କେଉଁଠି ଖୋଜିବ । ସେ ଆଉ ଏଠାରେ ରହୁ ନାହିଁ ।'' ପୁରୁଣା ବନ୍ଧୁଙ୍କୁ ନ ଭେଟି ସେଠାରୁ ଚାଲିଯିବା କଥାଟାକୁ ମୋ ଭାଇ ପସନ୍ଦ ନକରି କହିଲା, ''ଆଗ ଭଳି ଆମେ ଏହି ବଗିଚାରେ ଖେଳି ପାରିବୁ କି ?'' ତତ୍‌କ୍ଷଣାତ୍ ସେହି କଦର୍ଯ୍ୟ ଟୋକାଟା ଚିତ୍କାର କରି କହିଲା, ''କ'ଣ କହିଲ ? ଏଠାରେ ଖେଳିବ ? ତୁମମାନଙ୍କ ମୁଣ୍ଡ ଖରାପ ହୋଇ ନାହିଁ ତ ? ତୁମମାନଙ୍କ ଭଳି ଦୁଇଟା ଅଭଦ୍ର ପିଲା ମୁହୂର୍ତ୍ତକରେ ବଗିଚାଟାକୁ ଧ୍ୱଂସ କରି ଦେବେ । ତୁରନ୍ତ ଏଠାରୁ ପଳାଅ, ନଚେତ୍ ବାଡ଼ି ଆଣି ତୁମକୁ ବାଡ଼େଇ ଏଠାରୁ ବିଦା କରି ଦେବି ।''

ଲୋକଟାର ବ୍ୟବହାର ଆମକୁ ଏପରି ବାଧିଲା ଯେ କୌଣସି ଉତ୍ତର ଦେଇ ନପାରି ଆମେ ଅଧାମଲା ମଉଳା ଫୁଲଗୁଡ଼ିକୁ କିଛିକ୍ଷଣ ଅନାଇ ରହିଲୁ । ସତରେ ଫୁଲଗୁଡ଼ିକର ଅବସ୍ଥା ଆମର ସେ ବେଳର ଦୟନୀୟ ଅବସ୍ଥା ଭଳି ଅତ୍ୟନ୍ତ ବେଦନାଦାୟକ ଥିଲା । ତହୁଁ ନାଦିର୍ ମୋ କାନ ପାଖରେ ଫୁସ୍ ଫୁସ୍ କରି କହିଲା, ''ସାଙ୍ଗ ! ବୁଢ଼ାର କ'ଣ ହୋଇଛି ମୁଁ ଏବେ ଜାଣି ସାରିଲିଣି । ଲୋକଟା ନିଶ୍ଚୟ ବୁଢ଼ାକୁ କୁଡ଼ିଆ ଭିତରେ ବନ୍ଦୀ କରି ରଖିଛି ଏବଂ ବଗିଚାକୁ ନିଜ ଦଖଲକୁ ନେଇ ଯାଇଛି । ଲୋକଟା ନିଶ୍ଚୟ ଏକ ଡକାୟତ । ଦେଖୁ ନାହୁଁ, ମୁଣ୍ଡରେ ସେ ଏକ ଲାଲ ରୁମାଲ ବାନ୍ଧିଛି ।''

ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି, ''କ'ଣ କହିଲୁ ? ଡକାୟତ ? ମାନେ, ଗୁଣ୍ଡା ଶ୍ରେଣୀର ଜଣେ ଅସାମାଜିକ ଲୋକ, ଯେଉଁମାନେ ମୁଣ୍ଡରେ ରୁମାଲ ବାନ୍ଧିଥା'ନ୍ତି ଏବଂ ଯେଉଁମାନଙ୍କ ପଛରେ ଦଳେ ଡକାୟତ ଥାଆନ୍ତି ।''

ଏଭଳି ଅପ୍ରୀତିକର ପରିସ୍ଥିତିରେ ମୋ ଭାଇ ସେତେବେଳକୁ ଛାନିଆ ହୋଇ ଯାଇଥାଏ । ସେ କହିଲା, ''ଥାଉ ଥାଉ, ଆଉ ପାଟି କର ନାହିଁ । ଏଠାରେ ଠିଆ ହୋଇ ତା' ସାଙ୍ଗରେ ଯୁକ୍ତି କର ନାହିଁ । ଏ ଦୁର୍ଦ୍ଦାନ୍ତ ଲୋକଟା

ଯେକୌଣସି ମୁହୂର୍ତ୍ତରେ ତା' ଦଳର ଡକାୟତମାନଙ୍କୁ ଡାକି ଆମକୁ କେଉଁ ଏକ ଗୁମ୍ଫା ଅଥବା ଅନ୍ଧାର ଘରକୁ ନେଇ ବନ୍ଦୀ କରି ରଖିବ । ଚାଲ ଶୀଘ୍ର ଏଠାରୁ ପଳାଇବା ଏବଂ ପୋଲିସକୁ ଖବର ଦେବା । ତା'ପରେ 'ପୋଲିସ' 'ପୋଲିସ' ଚିତ୍କାର କରି ଛାନିଆରେ ଆମେ ଏଆଡ଼େ ସେଆଡ଼େ ଦୌଡ଼ିବାରେ ଲାଗିଲୁ । ମାତ୍ର କୌଣସି ପୋଲିସବାଲା ଆମକୁ ସାହାଯ୍ୟ କରିବାକୁ ଆସିଲେ ନାହିଁ ।

କିଛି ବାଟ ଗଲା ପରେ ଜଣେ ଡାକବାଲା ଚିଠି ବାଣ୍ଟିବାକୁ ଯାଉଥିବାର ଦେଖିଲୁ । ତାକୁ ଦେଖିବା ମାତ୍ରେ ଆମ ମନରେ ଦମ୍ଭ ଆସିଲା । ଧଇଁ ସଇଁ ବନ୍ଦ ହେବା ପରେ ତାକୁ ସବୁ କଥା ଜଣାଇଲୁ । ଆମ କଥା ଶୁଣି ଡାକବାଲା ଜୋର୍‌ରେ ହସିବାକୁ ଲାଗିଲା । ସେ କହିଲା, ''ପିଲାଏ ! ମନେ ହେଉଛି ତୁମେମାନେ ଏ ବିଷୟରେ କିଛି ଜାଣି ନାହଁ । ତୁମକୁ ଯଦି ଏବେ ସବୁକଥା କହି ବସେ ତେବେ ମୋର ଚିଠି ବାଣ୍ଟିବା ଡେରି ହୋଇଯିବ । ସେଇ ଯେଉଁ ଛୋଟିଆ ଘରଟି ଦେଖୁଛ, ସେଠାକୁ ଯାଅ । ସେ ଘରେ ଗୋଟିଏ ସ୍ନେହୀ ବୁଢ଼ୀ ଅଛି । ସେ ତୁମମାନଙ୍କୁ ସ୍ୱାଗତ କରିବ ଏବଂ ସବୁ କଥା ଖୁସିରେ କହିବ ।''

ମୁହୂର୍ତ୍ତେ ଅପେକ୍ଷା ନକରି ଡାକବାଲା ଯେଉଁ ଘର ଆମକୁ ଦେଖାଇ ଦେଲା ସେଠାକୁ ଦୌଡ଼ିଲୁ ଏବଂ ତା' ଦୁଆର ବାଡ଼େଇଲୁ । ଡାକବାଲା କହିବା ଅନୁସାରେ ବାଙ୍ଗିରୀ ବୁଢ଼ୀଟିଏ ସେ ଘରୁ ବାହାରିଲା । ରୂପା ପରି ଝଟକୁଥିବା ଧୋବ ଫରଫର ପାଚିଲା ଚୁଟିସବୁକୁ ଏକାଠି କରି ମୁଣ୍ଡ ପଛ ପଟେ ଛୋଟ ଖୋଷାଟିଏ ବାନ୍ଧିଥାଏ । ତା'ର ହସ ହସ ମୁହଁ ଓ ମଧୁର ବ୍ୟବହାର ଦେଖି ଆମେ ସବୁ କଷ୍ଟ ଭୁଲିଗଲୁ । ବୁଢ଼ୀ ବାଡ଼ିଟିଏ ଆଶ୍ରା କରି ଆମ ଆଡ଼କୁ ଆସି ମିଟିମିଟି କରି ଆମକୁ ନିରେଖି କହିଲା, ''ଆଛା, ମୁଁ ଦେଖେ ତୁମେମାନେ ସତରେ ପିଲା ନା ସରଗର ପରୀ ।'' ଆମେ ଏକ ସ୍ୱରରେ କହି ଉଠିଲୁ ''ଆମ୍ଭେମାନେ ପିଲା ।'' ଆମେ ସରଗର ପରୀ ବୋଲି ତା' ମନରେ ଭୁଲ୍ ଧାରଣା ଜନ୍ମିଥିବାରୁ ଆମକୁ ଭାରି ଖୁସି ଲାଗିଲା । ହୁଏତ ଆମେ ପରୀ ଭଳି ଦେଖା ଯାଉଥିଲୁ ଅଥବା ଜାଗାଟା ଏତେ ଚିତ୍ତାକର୍ଷକ ଯେ ପରୀମାନେ ବରାବର ସେଠାକୁ ଆସୁଥିଲେ । ପରୀ ବୋଲି ବିଚାରିବାରୁ ଆମକୁ ଖୁବ୍ ଖୁସି ଲାଗିଲା ।

ବୁଢ଼ୀ ଫାଟକ ଖୋଲି ଦେଲା । ଆମେ ଦଳଟାଯାକ ପିଲା ତା' ପଛେ ପଛେ ବଗିଚାରେ ପଶିଗଲୁ । ବସିବା ପାଇଁ ସେ ବାରଣ୍ଡାରେ ଆମ ପାଇଁ ମସିଣା ପାରିଦେଲା । ବଗିଚାରେ ନିଜେ ଫଳାଇଥିବା କିଛି ଷ୍ଟ୍ରବେରୀ ଫଳ ଭିତରୁ ଆଣି ଆମକୁ ଖାଇବାକୁ ଦେଲା । ବହୁତ ବାଟ ଦୌଡ଼ି ଦୌଡ଼ି ଆସିଥିବାରୁ ଆମକୁ ଏତେ ଭୋକ କରୁଥିଲା ଯେ ସାଙ୍ଗେ ସାଙ୍ଗେ ଫଳଗୁଡ଼ିକ ଖାଇ ଶେଷ କରିଦେଲୁ । ଏପରିକି ଆମେ କାହିଁକି ସେଠାକୁ ଯାଇଥିଲୁ ତାହା ବି ଭୁଲିଗଲୁ । ମୁଁ ଡରି ଡରି ତାକୁ ପଚାରିଲି, ''ପରୀମାନେ କ'ଣ ସତରେ ଏଠାକୁ ଆସନ୍ତି ?'' ଉତ୍ତରରେ ବୁଢ଼ୀ କହିଲା, ''ହଁ ରେ ପୁଅ । ସେମାନେ କେବଳ ଏଠାକୁ ଆସନ୍ତି ନାହିଁ, ଏଠାରେ ବରାବର ରହନ୍ତି ।'' ସେମାନେ କେଉଁଠି ରହନ୍ତି ବୋଲି ଆମେ ଏକ ସ୍ୱରରେ ପଚାରିଲୁଁ । ଉତ୍ତରରେ ବୁଢ଼ୀ ବଗିଚାର ସବୁ ଦିଗକୁ ଅନାଇ ଆମକୁ କହିଲା, ''ସେମାନେ ଏ ବଗିଚାର ସବୁଆଡ଼େ ରହନ୍ତି, ଯେଉଁଦିନଠାରୁ ସେହି କଦର୍ଯ୍ୟ ଟୋକାଟା 'ପରୀ କନ୍ଦର'କୁ ଦଖଲ କରି ନେଲା ସେହି ଦିନରୁ ପଳାଇ ଆସି ସେମାନେ ମୋ ବଗିଚାରେ ରହୁଛନ୍ତି ।'' ମୁଁ କହିଲି, ''ଓଃ ! ଏବେ ମୋର ମନେ ପଡ଼ିଲା ଆମେ ତ ସେହି 'ପରୀ କନ୍ଦର' କଥା ପଚାରିବାକୁ ଏଠାକୁ ଆସିଛୁ । ଯେଉଁ ବୁଢ଼ାଟି ବଗିଚାର ଯତ୍ନ ନେଉଥିଲା ସେ ଏବେ କେଉଁଠି ଅଛି ? ତୁମେ ଆମକୁ ତା' ବିଷୟରେ କହିବ ବୋଲି ଡାକବାଲା ଆମକୁ କହିଥିଲା ।''

ମୋ କଥା ଶୁଣି ବୁଢ଼ୀ କିଛି କ୍ଷଣ ଖୁବ୍ ଗମ୍ଭୀର ହୋଇଗଲା । ତା'ପରେ କହିଲା, ''ଆରେ ମୋ ଶଙ୍ଖାଳିମାନେ ! ସେକଥା ଏପରି ଦୁଃଖଦାୟକ ଯେ ସବୁ କହି ତୁମମାନଙ୍କ କୁନି କୁନି ମୁଣ୍ଡକୁ ମୁଁ ଖରାପ କରିବି ନାହିଁ । ତେବେ ଯେତେବେଳେ ଜାଣିବାକୁ ଚାହୁଁଛ, କଥାଟା ସଂକ୍ଷେପରେ ଏହିପରି – 'ପରୀ କନ୍ଦର'ର ମାଲିକ ଥିଲେ ଜଣେ ବୟସ୍କ ଭଦ୍ରବ୍ୟକ୍ତି । ସେ କ୍ୱଚିତ ବଗିଚା ପରିଦର୍ଶନରେ ଆସୁଥିଲେ । କିଛି ମାସ ତଳେ ତାଙ୍କର ମୃତ୍ୟୁ ହେଲା ଏବଂ ସେ ତାଙ୍କର ସମସ୍ତ ସମ୍ପତ୍ତି ତାଙ୍କର ଜଣେ ପୁତୁରାକୁ ଦେଇ ଚାଲିଗଲେ । ନୂଆ ମାଲିକ ଯୁବକ ଜଣକ ଆଦୌ ବିଳମ୍ବ ନକରି ବଗିଚା ଦେଖିବାକୁ ଆସିଲେ । ବଗିଚାରେ ସୁନ୍ଦର ଗୋଲାପ ଫୁଟିଥିବାର ଦେଖି ସେଥିରୁ ଶଗଡ଼େ ହେବ ଫୁଲ ତୋଳି ନେଇଗଲେ । ଅତି ଆଦରର ଫୁଲଗୁଡ଼ିକ ପ୍ରତି ମାଲିକର ଏପରି ନିର୍ଦ୍ଦୟ ବ୍ୟବହାରରେ ବୁଢ଼ା ମାଳୀର ଆଖିରୁ ଲୁହ ଝରି ପଡ଼ିଲା । ସେ ବା କ'ଣ କରି ପାରିଥା'ନ୍ତା ! ତା'ର ସମସ୍ତ ବାରଣ ବୃଥା ହେଲା । ସେତିକିରେ ସନ୍ତୁଷ୍ଟ ନ ହୋଇ କିଛି ଦିନ ପରେ ବଗିଚା ଛାଡ଼ି ଚାଲିଯିବାକୁ ମାଲିକ ତାକୁ

ନୋଟିସ ଦେଲେ । ଯେଉଁ ରୁକ୍ଷ ଟୋକାଟା କଥା ତୁମେ କହୁଛ ବୁଢ଼ା ମାଳୀ ବଦଳରେ ତାକୁ ବଗିଚାର ଦାୟିତ୍ୱ ଦିଆଗଲା । ଟୋକାଟା ଅତି ଚତୁର । ଗୋଲାପ ଚାଷରେ ସେ କୁଆଡ଼େ ଡିଗ୍ରୀ ହାସଲ କରିଛି । ମାତ୍ର ଦେଖିବା ଭଳି ଗୋଟିଏ ହେଲେ ଫୁଲ ସେ ନିଜେ ଫୁଟାଇ ପାରି ନାହିଁ ।''

ବୁଢ଼ୀଠାରୁ କଥାଟା ଶୁଣି ଆମେ ଏକ ପ୍ରକାର ଆଶ୍ୱସ୍ତ ହେଲୁ । କାରଣ ଆମ ପୁରୁଣା ବନ୍ଧୁକୁ କୁଡ଼ିଆ ଭିତରେ ବନ୍ଦୀ ଭାବେ ରଖାଯାଇଥିବାର ଯେଉଁ ଆଶଙ୍କା ନାଦିର୍ କରୁଥିଲା, ଅନ୍ତତଃ ତାହା ସତ୍ୟ ନୁହେଁ । ହୁଏତ କେବେ ଦିନେ ତା' ସହିତ ଦେଖା ହୋଇପାରେ । ବୁଢ଼ା ମାଳୀ ବିଷୟରେ ସବୁ କଥା ଶୁଣିଲା ପରେ ମୋ ଭାଇ କହିଲା, ''ସେ ବଦମାସ ଲୋକଟା ଉଚିତ ଶିକ୍ଷା ପାଉ । ଗୋଲାପ ଚାରା ପାଖକୁ ଯିବାମାତ୍ରେ ସବୁଯାକ କଣ୍ଟା ତା' ଦେହରେ ଫୋଡ଼ି ହୋଇଯାଉ ।''

ମୁଁ ବୁଢ଼ୀକୁ ପଚାରିଲି, ''ହେଲେ ବୁଢ଼ା ମାଳୀର କ'ଣ ହେଲା ? ଆମ ସାଙ୍ଗ ଭାବିଥିଲା ବୋଧହୁଏ ନୂଆ ଲୋକଟା ତାକୁ କୁଡ଼ିଆ ଭିତରେ ବନ୍ଦୀ କରି ରଖିଥିବ ।'' ବୁଢ଼ୀ ଅଳ୍ପ ହସି କହିଲା, ''ନାହିଁରେ ପିଲେ ! ଅତି ଦୁଃଖରେ ବୁଢ଼ା ବଗିଚା ଛାଡ଼ିଲା । ଆମ ଭିତରୁ ଅନେକେ ତାକୁ ଏଠାରେ ରହିଯିବାକୁ ଅନୁରୋଧ କରିଥିଲୁ । ସେ କିନ୍ତୁ ମାନିଲା ନାହିଁ । କହିଲା, 'ଯେଉଁଠି ନିଜ ପିଲା ଭଳି ପାଳିଥିବା ଗୋଲାପଗୁଡ଼ିକୁ ଏପରି ହତାଦର କରାଯାଉଛି ସେଠାରେ ରହିବାରେ ଲାଭ ନାହିଁ ।' ଗୋଲାପ ପାଖୁଡ଼ାଗୁଡ଼ିକ ଉପରେ ଅଜସ୍ର ଲୁହ ଢାଳି ଦିନେ ରାତିରେ ବୁଢ଼ା ସେମାନଙ୍କଠାରୁ ବିଦାୟ ନେଇ ଚାଲିଗଲା । କୁଆଡ଼େ ଗଲା କେହି ଜାଣି ନାହାନ୍ତି । ଗୋଲାପ ବୁଦାଗୁଡ଼ିକରେ ରହିଥିବା ପରୀମାନେ ମଧ୍ୟ ସେହି ରାତିରେ ବଗିଚା ଛାଡ଼ି ପଳାଇଲେ । ତୁମେମାନେ ତ ଦେଖିଥିବ, ବିଚରା ଗୋଲାପଗୁଡ଼ିକ କିପରି ଧୀରେ ଧୀରେ ମଉଳି ଯାଉଛନ୍ତି । କାରଣ କେବଳ ସାର, ପାଣି ବା ଭଲ ପାଗରେ ନୁହେଁ, ସେହି ବୁଢ଼ା ଭଳି ମାଳୀର ଆଦର ତଥା କୋମଳ ଯତ୍ନରେ ସେମାନେ ବଢ଼ିଥା'ନ୍ତି ।''

ବୁଢ଼ୀର କଥା ସରିବା ବେଳକୁ ଆମ ଆଖିରୁ ଧାର ଧାର ଲୁହ ବହିବାରେ ଲାଗିଥାଏ । ବହୁ କଷ୍ଟରେ ଆମ୍ଭେମାନେ ଧୈର୍ଯ୍ୟ ଧରି ନିଜକୁ ସମ୍ଭାଳି ନେଲୁ । ବୁଢ଼ୀ ମଧ୍ୟ ଆଖିରୁ ଲୁହ ପୋଛିଲା । କାରଣ କେବଳ ଜଣେ ଦରଦୀ ବନ୍ଧୁଙ୍କୁ ହରାଇ ଆମେ ବ୍ୟଥିତ ହୋଇ ନ ଥିଲୁ; ଅପାର ସୌନ୍ଦର୍ଯ୍ୟଭରା ସେଭଳି ବଗିଚାଟିଏ ଆଉ କେବେ ଦେଖିବାକୁ ମିଳିବ ନାହିଁ, ତାହା ଅତ୍ୟନ୍ତ ଦୁଃଖଦାୟକ ।

ମୋ ଭାଇ କହି ଉଠିଲା, ''ବଡ଼ ହେଲେ ମୁଁ ଜଣେ ମାଳୀ ହେବି ଏବଂ ସେହି ବୁଢ଼ା ଭଳି ଗୋଲାପ ଉପୁଜାଇବି ।'' ବୁଢ଼ୀ କହିଲା, ''ଭଲ କଥାଟିଏ କହିଲୁ ପୁଅ ! ମୁଁ ତୋର ସଫଳତା କାମନା କରୁଛି । ମୁଁ ଯଦି ବଞ୍ଚିଥାଏଁ ତେବେ ନିଶ୍ଚୟ ଆସି ଫୁଲଗୁଡ଼ିକୁ ଦେଖିଯିବି ।''

ସେହିଦିନଠାରୁ ଆମ୍ଭେମାନେ କେବେ ବି 'ପରୀକନ୍ଦର' ଆଡ଼କୁ ଯାଇନାହୁଁ । ବରଂ ଅନେକ ସମୟରେ 'ଭାଗ୍ୟଶାଳୀ କୁଡ଼ିଆ'କୁ ଆସି ସୁନ୍ଦର ଉଡ଼ନ୍ତା ପ୍ରଜାପତିଗୁଡ଼ିକୁ ଧରିବା ପାଇଁ ସେମାନଙ୍କ ପଛରେ ଗୋଡ଼ାଇ ଥାଉଁ । ପ୍ରଜାପତିଗୁଡ଼ିକ ପରୀ ବୋଲି ମିଛି ମିଛିକା ବିଶ୍ୱାସ କରିଥାଉଁ । ଯଦିଓ ବୁଢ଼ୀ ବରାବର କହି ଚାଲିଥାଏ ପରୀଟିଏ ବଗିଚା ଭିତରେ କେଉଁଠି ରହିଛି, ଆମେ କେବେ ବି ସତ ପରୀଟିଏ ଦେଖି ନାହୁଁ ।

ଯେବେ ବି ଆମେ ସେହି ଉପତ୍ୟକାକୁ ବୁଲିଯାଉ ଆମର ପରମ ବନ୍ଧୁ ବୁଢ଼ା ମାଳୀକୁ ଦେଖିବାକୁ ଆଶା କରିଥାଉଁ । କିନ୍ତୁ ସେ କେବେ ହେଲେ ତାହାର ସେହି ପୁରୁଣା ସ୍ଥାନକୁ ଫେରି ନାହିଁ । ଗୋଲାପ କିପରି ଉପୁଜାଯାଏ ଏବଂ ତାକୁ କିପରି ଆଦର ଯତ୍ନ କରାଯାଏ, ତାହା କେବଳ ସେହି ଲୋକଟି ଜାଣିଥିଲା । ତାହାର ସ୍ମୃତି ଆମ ହୃଦୟରେ ସବୁ ଦିନ ପାଇଁ ସାଇତା ହୋଇ ରହିବ ।

(ଅନୁବାଦ : ସନାତନ ମହାନ୍ତି)

❑❑❑

ବ୍ୟକ୍ତି ନିଜ ଅନ୍ତରସ୍ଥ ପ୍ରେମର ଅନୁରୂପ ପ୍ରେମ ଜଗତରେ ଲାଭ କରିଥାଏ ।

– ଶ୍ରୀମା

# ସର୍ବରୂପମୟୀ ଦେବୀ

## (୩)

## କୁମାର ଚନ୍ଦ୍ର ମିଶ୍ର

ଗ୍ରୀକ୍, ରୋମ୍, ମେସୋପୋଟେମିଆ (ଇଜିପ୍ଟ), ସ୍କାଣ୍ଡିନେଭିଆ, ଆରବ, ନୋର୍ସ (Norse) ସେଲଟିକ୍ (Celetic), ସ୍ଲାଭ୍ (Slav) ଇତ୍ୟାଦି ଅଞ୍ଚଳର ସଭ୍ୟତା, ପରମ୍ପରା, ଇତିହାସ ଓ କିଂବଦନ୍ତୀମାନଙ୍କରେ ଦେବୀ-ଉପାସନାର ବହୁଳ ପ୍ରଚଳନ ପରିଲକ୍ଷିତ ହୁଏ । ଏ ସମ୍ପର୍କରେ ଅବଗତ ହେଲେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ନିମ୍ନୋକ୍ତ ଉକ୍ତିର ତାତ୍ପର୍ଯ୍ୟ ସ୍ପଷ୍ଟତର ହୋଇଉଠେ ।

"The One whom we adore as the Mother is the divine Conscious Force that dominates all existence, one and yet so many-sided that to follow her movement is impossible even for the quickest mind and for the freest and most vast intelligence.... The Mother is the consciousness and force of the Supreme and far above all she creates."

(The Mother, p. 27)

''ଯେଉଁ ଅଦ୍ୱିତୀୟାଙ୍କୁ ମା ବୋଲି ଆମ୍ଭେମାନେ ପୂଜା କରୁ, ସେ ହେଲେ ବିଶ୍ୱସତ୍ତାର ଅଧିଷ୍ଠାତ୍ରୀ, ଭାଗବତୀ ଚିତ୍‌ଶକ୍ତି । ସେ ଏକ ଅଥଚ ଏପରି ବହୁରୂପୀ ଯେ, ତାଙ୍କର ଗତି ଅନୁସରଣ କରିବା ଅତି କ୍ଷିପ୍ରମନ ବା ସର୍ବତୋଭାବେ ମୁକ୍ତ ଚରମ ବ୍ୟାପକ ବୁଦ୍ଧିପକ୍ଷେ ବି ଅସମ୍ଭବ ।... ବିଶେଷ ବିଗ୍ରହସବୁର ମଧ୍ୟଦେଇ ଏବଂ ସେ ଯେଉଁ ନାନା ଦେବୀମୂର୍ତ୍ତି ଧରି ସୃଷ୍ଟ ଜୀବର କଲ୍ୟାଣ ନିମିତ୍ତ କୃପା କରି ନିଜକୁ ସେମାନଙ୍କ ପାଖରେ ପ୍ରକାଶ କରିଛନ୍ତି, ସେ ସକଳ ମଧ୍ୟଦେଇ ତାଙ୍କର ଗତିବିଧି ଆମ୍ଭେମାନେ କିଛି ଦେଖିପାରୁ ଓ ଅନୁଭବ କରିପାରୁ, କାରଣ ଏହିସବୁ ଅପେକ୍ଷାକୃତ ସହଜଗ୍ରାହ୍ୟ – ଏହି ସବୁର ଗୁଣ ଓ କ୍ରିୟା ଅଧିକତର ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ ।''

('ମା', ପୃ. ୨୮)

ଆଦ୍ୟା ପରାଶକ୍ତି ହେଲେ ଏକ, ତେବେ ତାଙ୍କର ରହିଛି ବିଭିନ୍ନ ନାମ, ବିଭିନ୍ନ ରୂପ ଓ ବିଭିନ୍ନ ଭୂମିକା – ଯାହା ମଣିଷ ଦ୍ୱାରା କଳ୍ପିତ ଓ ଅନୁଭୂତ । ବିଶ୍ୱର ପ୍ରତ୍ୟେକ ସଭ୍ୟତାରେ ଅଗଣନ ଦେବୀମାନଙ୍କର ପରିକଳ୍ପନା କରାଯାଇଛି । ଏହି ଦେବୀମାନଙ୍କ ସହ ଅନେକ ଗଳ୍ପ, କିଂବଦନ୍ତୀ, ଲୋକକଥା, ଯାନିଯାତ୍ରା, ଉତ୍ସବ, ବ୍ରତ (rituals) ଜଡ଼ିତ ହୋଇ ରହିଛି । ବିଶ୍ୱରେ ଏପରି କୌଣସି ବିଷୟ ନାହିଁ ଯାହା ସହିତ କାହାର ନା କାହାର ସମ୍ପର୍କ ରହି ନାହିଁ । ନିମ୍ନୋକ୍ତ ଦେବୀମାନଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବାକୁ ହେଲେ ଲକ୍ଷ୍ମୀପୁରାଣ ବା ଦେବୀପୁରାଣ ପରି ଗୋଟିଏ ଗୋଟିଏ ପୁସ୍ତକ ପ୍ରତ୍ୟେକଙ୍କ ନିମିତ୍ତ ପ୍ରଣୟନ କରାଯାଇପାରେ, ଯାହା ଏହି ସୀମିତ ପରିସର ମଧ୍ୟରେ ସମ୍ଭବ ନୁହେଁ । ତେଣୁ କେତେକ ନିର୍ବାଚିତ ଦେବୀଙ୍କ ସମ୍ପର୍କରେ ଅତି ସଂକ୍ଷିପ୍ତ ବିବରଣୀ ସହ ଅନ୍ୟ କେତେକ ଦେବୀଙ୍କ କ୍ଷେତ୍ରରେ କେବଳ ଗୋଟିଏ ବାକ୍ୟରେ ସେମାନଙ୍କ ପରିଚୟ ପ୍ରଦାନ କରିବା ଲାଗି ପ୍ରୟାସ କରାଯାଇଛି ।

### ଗ୍ରୀକ୍ ସଭ୍ୟତାରେ ଉପାସିତା ଦେବୀଗଣ :

୧. **ଏଥେନା** (Athena) : ଇଏ ହେଉଛନ୍ତି ଯୁଦ୍ଧ ସହ ସଂପୃକ୍ତ ଜଣେ ଅତି ଶକ୍ତିସମ୍ପନ୍ନା ଦେବୀ । ବିଜ୍ଞତା, ଧୀଶକ୍ତି, ଯୁକ୍ତି, ଯୁଦ୍ଧକ୍ଷେତ୍ରରେ ତାଙ୍କର ପ୍ରଚଣ୍ଡ ଉଗ୍ରତା ପାଇଁ ସେ ଉଭୟ ଦେବତା ଓ ମର୍ତ୍ତ୍ୟବାସୀଙ୍କ ଦ୍ୱାରା ପ୍ରଶଂସିତ । ହେସ୍‌ଟିଆ, ଆରଟିମିସ୍ ଓ ଏଥେନା – ଏ ତିନିହେଁ କୁମାରୀ ଦେବୀରୂପେ ବିଖ୍ୟାତ । ଏଥେନା ଗ୍ରୀସ୍ ଦେଶର ସୁରକ୍ଷାକର୍ତ୍ତ୍ରୀ ଓ ତାଙ୍କର ନାମାନୁସାରେହିଁ ଗ୍ରୀସ୍‌ର ରାଜଧାନୀକୁ 'ଏଥେନ୍ସ୍' କୁହାଯାଏ । କିମ୍ବଦନ୍ତୀ କହେ ଯେ ତାଙ୍କର ପିତା ଜିଉସ୍ (Zeuse) ସେ ଜନ୍ମ ହେବା ପୂର୍ବରୁ ଆକାଶବାଣୀ ଶୁଣିଥିଲେ ଯେ ଆଗତ କନ୍ୟାଟି ଅତିଶୟ ଶକ୍ତିଶାଳୀ ହୋଇ ତାଙ୍କର ରାଜତ୍ୱକୁ ଅଧିକାର କରି ନେବ । ଏପରି ଭବିଷ୍ୟ କଥନରେ ବିଶ୍ୱାସ କରି ଜିଉସ୍ କନ୍ୟାସନ୍ତାନଟି ଜନ୍ମହେବା ପୂର୍ବରୁ ହିଁ ତାକୁ ଗିଳି ପକାଇଥିଲେ । ପରବର୍ତ୍ତୀ କାଳରେ ସେ ମସ୍ତକରେ ଭୀଷଣ ଯନ୍ତ୍ରଣା ଅନୁଭବ

କରିଥିଲେ । ଏପରି ଅସହ୍ୟ ଯନ୍ତ୍ରଣାରୁ ମୁକ୍ତ ହେବା ଲାଗି ଆପଣା ଅନୁରୋଧକ୍ରମେ ଭୋଲ୍‌କାନୋ (Volcano) ନାମକ ଜଣେ ଦେବତା ତାଙ୍କ ମସ୍ତକକୁ ବିଦୀର୍ଣ୍ଣ କରି ଦେଇଥିଲେ ଓ ମସ୍ତକରୁ ମୁକ୍ତ ହୋଇ ଏଥେନା ଜନ୍ମରୁ ହିଁ ଯୋଦ୍ଧାର ପୋଷାକ ପରିଧାନ କରି ଉଭା ହେଲେ । ପରେ ନିଜ ପିତାଙ୍କର ଜଣେ ଆଦରଣୀୟା କନ୍ୟାରୂପେ ଜିଉସ୍‌ଙ୍କ ବଜ୍ରକୁ ଆୟୁଧ ରୂପେ ବ୍ୟବହାର କରିବା ଲାଗି ସେ ଅନୁମତି ପାଇଥିଲେ ।

୨. **ଡିମିଟେର୍** (Demeter) : କ୍ରୋନସ୍ ଓ ହ୍ରିୟା ନାମକ (Cronos and Rhrea) ରାକ୍ଷସ ଦମ୍ପତ୍ତିଙ୍କ କନ୍ୟା ଡିମିଟର୍ ଫସଲ ଉତ୍ପାଦନ କରିବା ଲାଗି ଉପଯୁକ୍ତ ଋତୁର ସର୍ଜନା କରିଥା'ନ୍ତି । ଡିମିଟର୍‌ଙ୍କୁ ସମର୍ପିତ ''ନୂଆଖାଇ'' ପରି ଫସଲ ଅମଳର ଏକ ଉତ୍ସବରେ (Thesmophoria) କେବଳ ନାରୀମାନେହିଁ ଅଂଶ ଗ୍ରହଣ କରିଥା'ନ୍ତି । କିଂବଦନ୍ତୀ ଅନୁଯାୟୀ ପାତାଳପୁରର ଦେବତା ହେଡ଼ସ୍ (Hades) ଯେତେବେଳେ ଡିମିଟର୍‌ଙ୍କ ଆଦରଣୀୟା କନ୍ୟା ପେରସିଫୋନ (Persephone)ଙ୍କୁ ଅପହରଣ କରି ନିମ୍ନଜଗତକୁ ନେଇଯା'ନ୍ତି, ଡିମିଟର୍ ଗଭୀର ବିଷାଦଗ୍ରସ୍ତ ହୋଇଯିବା ଦ୍ୱାରା ଉଦ୍ଭିଦ ଜଗତସବୁ ମଉଳିଯାଇ ଜୀବନୀଶକ୍ତି ହରାଇ ବସନ୍ତି । ପେରସିଫୋନ ମୁକ୍ତ ହୋଇ ମାତୃକୋଳକୁ ଫେରିଆସିଲା ପରେ ମର୍ତ୍ତ୍ୟଲୋକରେ ବସନ୍ତ ଋତୁ ଆରମ୍ଭ ହୋଇଯାଏ ଓ ଚତୁର୍ଦ୍ଦିଗ ସବୁଜିମାରେ ଭରିଯାଏ ।

୩. **ହ୍ରିୟା** (Rhrea) : ରାକ୍ଷସମାନଙ୍କର ସେ ଜଣେ ଲୋକପ୍ରିୟା ଦେବୀ ଯିଏ ତାଙ୍କର ପିତା ୟୁରେନାସ୍ (Urenus)ଙ୍କୁ ଗାଦିଚ୍ୟୁତ କରି ଶାସନଭାର ଗ୍ରହଣ କରିଥିଲେ । ଓଲିମ୍ପିୟନ୍‌ମାନଙ୍କ ମଧ୍ୟରୁ ପ୍ରଥମ ପିଢ଼ିର ସେ ଥିଲେ ଜନନୀ; ଅଦିତିଙ୍କ ପରି ସେ ଦେବମାତା ରୂପେ ପରିଚିତା । ହେସ୍‌ଟିଆ, ହେଡ଼ସ୍, ପୋସେଇଡ଼ନ୍, ହେରା, ଜିଉସ୍ ଇତ୍ୟାଦି ଦେବଦେବୀଗଣ ତାଙ୍କରି ସନ୍ତାନ ।

୪. **ଲେଟୋ** (Leto) : ଜଣେ ଶାଳୀନ, ସଂଯତ, ଶିଷ୍ଟ, ସଲ୍ଲଜ, ସମ୍ମାନିତ ମାତୃସୁଲଭ ଦେବୀରୂପେ ପରିଚିତା । ଜିଉସ୍‌ଙ୍କ ଔରସରୁ ସେ ଆପୋଲନ୍ (Apollan) ଓ ଆରଟିମିସ୍ (Artemis) ନାମକ ଦୁଇଜଣ ଶକ୍ତିଶାଳୀ ଯୁଗ୍ମଜାତ (Twins) ଦେବତାଙ୍କର ଜନନୀ ହୋଇଥିଲେ । କିଂବଦନ୍ତୀ ଅନୁଯାୟୀ ସେ ଯେତେବେଳେ ଗର୍ଭବତୀ ଥିଲେ ତାଙ୍କର ସପତ୍ନୀ 'ହେରା' ଗର୍ଭନଷ୍ଟ କରିଦେବା ଲାଗି ତାଙ୍କ ପଛରେ ଗୋଡ଼ାଇ ଥିଲେ, ଯେପରି ସେ କୌଣସି ସ୍ଥାନରେ ବିଶ୍ରାମ ନେଇ ସନ୍ତାନପ୍ରସବ କରି ନ ପାରନ୍ତି । ପରିଶେଷରେ ଡେଲୋ (Delo) ନାମକ ଏକ ଭାସମାନ ଦ୍ୱୀପ ତାଙ୍କୁ ସୁରକ୍ଷା ଓ ଆଶ୍ରୟ ପ୍ରଦାନ କରିଥିଲା, ଯଦ୍ୱାରା ସେ ଯମଜ ସନ୍ତାନ ଦ୍ୱୟଙ୍କୁ ନିରାପଦରେ ଜନ୍ମଦେଇ ପାରିଥିଲେ ।

ଦେବୀ ଲେଟୋ ଶିଶୁସନ୍ତାନମାନଙ୍କ ରକ୍ଷକ ରୂପେ ମଧ୍ୟ ପରିଚିତା ।

୫. **ହେରା** (Hera) : ହେରା ଦେବତାମାନଙ୍କର ରାଣୀ (Regina) ଓ ଜିଉସ୍‌ଙ୍କ ପତ୍ନୀ ତଥା ସହଯୋଗୀ (Consort) ଅଟନ୍ତି । ଓଲିମ୍ପସ୍ ପର୍ବତମାଳା ହେଲା ତାଙ୍କର ନିବାସସ୍ଥଳୀ । ସେ ବିବାହ ଓ ସନ୍ତାନ ପ୍ରସବକୁ ପ୍ରଭାବିତ ବା ନିୟନ୍ତ୍ରଣ କରିଥା'ନ୍ତି । ଅର୍ଥାତ୍ ସେ ବିବାହକୁ ଶୁଭଙ୍କର କିଂବା ଅଶୁଭଙ୍କର କରି ଦେଇପାରନ୍ତି ଓ ନାରୀମାନଙ୍କର ପ୍ରସବ ବେଦନାକୁ ଉପଶମ କରିପାରନ୍ତି । ଅତିଶୟ ଶକ୍ତିସମ୍ପନ୍ନା ଏହି ଦେବୀ ଯାବତୀୟ ପ୍ରଚଣ୍ଡ ଆଘାତକୁ ପ୍ରତିହତ କରି ଦେଇପାରନ୍ତି । ମୟୂରମାନେ ତାଙ୍କ ରଥକୁ ଟାଣନ୍ତି । ରୋମାନ୍ ଦେବୀ ଜୁନୋ(Juno)ଙ୍କର ସେ ସମକକ୍ଷା ବା ପ୍ରତିରୂପ ।

୬. **ହେସ୍‌ଟିଆ** (Hestia) : ଗୃହ, ପରିବାର ତଥା ପାରିବାରିକ ଜୀବନ ଓ ରାଷ୍ଟ୍ରରେ ଶୃଙ୍ଖଳା ପ୍ରତିଷ୍ଠା କରିବା ହେଲା ତାଙ୍କରି ଭୂମିକା ।

୭. **ହିବି** (Hebe) : ଶାଶ୍ୱତ ଯୌବନ, ମୋହିନୀ ଶକ୍ତି, ରୁଚିପୂର୍ଣ୍ଣ ମାଧୁର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ; ସେ ଜରା, ବୃଦ୍ଧତ୍ୱ ଦୂର କରି ପୁନଃ ଯୌବନ ପ୍ରଦାନ କରିପାରନ୍ତି ।

୮. **ନେମେସିସ୍** (Nemesis) : ଦିବ୍ୟ ପ୍ରାୟଶ୍ଚିତ ଓ ପ୍ରତିଶୋଧର ଦେବୀ ରୂପେ ସେ କୁକର୍ମୀ ଓ ଭଗବତ୍ ବିରୋଧୀ, ଉଦ୍ଧତ ବ୍ୟକ୍ତିମାନଙ୍କର ଦଣ୍ଡବିଧାନ କରିଥା'ନ୍ତି ।

୯. **ଏଫ୍ରୋଡ଼ାଇଟ୍** (Aphrodite) : ଗ୍ରୀକ୍ ଓ ଓଲିମ୍ପିଅନ୍ ଦେବୀମାନଙ୍କ ମଧ୍ୟରେ ସବୁଠୁ ସୁନ୍ଦରୀ ଏହି ଦେବୀ ହିନ୍ଦୁ ପରମ୍ପରାର ରତିଦେବୀଙ୍କ ତୁଲ୍ୟ ଦେବଦେବୀ, ନରନାରୀ, ପଶୁପକ୍ଷୀମାନଙ୍କ ମଧ୍ୟରେ କାମନା ଓ ସ୍ନେହ ଜାଗ୍ରତ୍ କରି ସକଳ ଜୀବ ଜଗତକୁ ପରସ୍ପର ମଧ୍ୟରେ ଆବଦ୍ଧ କରି ରଖିଥା'ନ୍ତି ।

୧୦. **ଆରଟିମିସ୍** (Artemis) : ଜନପ୍ରିୟ ଓ ବିଖ୍ୟାତ ଏହି ଦେବୀ ପାରିଧି ବା ମୃଗୟା ସମ୍ପର୍କିତ ଓ ଶିକାରୀମାନଙ୍କ ପୃଷ୍ଠପୋଷକ ତଥା ବଣ୍ୟଜନ୍ତୁମାନଙ୍କ ରକ୍ଷକ ଅଟନ୍ତି ।

୧୧. **ସୋଫିଆ** (Sophia) : ପ୍ରାଚୀନ ଗ୍ରୀସ୍ ଦେଶରେ ପ୍ରଜ୍ଞାର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ପୂଜିତା ଏହି ଦେବୀଙ୍କ ନାମାନୁସାରେ ଦାର୍ଶନିକ ପ୍ଲେଟୋଙ୍କ ଦ୍ୱାରା 'ଫିଲୋସୋଫି' (Philosophy) ପଦଟି ସଂରଚିତ; ଯାହାର ଅର୍ଥ ହେଲା 'ପ୍ରଜ୍ଞା ପ୍ରତି ଶ୍ରଦ୍ଧା' (Love for Wisdom) ।

## ରୋମ୍ ଦେଶରେ ପୂଜିତ ମୁଖ୍ୟ ଦେବୀଗଣ :

୧. **ଜୁନୋ** (Juno) : ସେ ଜୁପିଟର୍ (Jupiter)ଙ୍କ ପତ୍ନୀ ଓ ଦେବତାମାନଙ୍କ ରାଣୀ ଅଟନ୍ତି । ସେ ଶନିଦେବଙ୍କ କନ୍ୟା ଓ ଅଗ୍ନିଦେବଙ୍କ ଜନନୀ ରୂପେ ପରିଚିତା । ସେ ଯୁଦ୍ଧ, ବିବାହ ଓ ମାତୃତ୍ୱ ସମ୍ପର୍କିତ ଜଣେ ଦେବୀ ଅଟନ୍ତି ଯିଏ ପ୍ରାଣ-ପ୍ରାଚୁର୍ଯ୍ୟ ଓ ଚିର ଯୌବନ ପ୍ରଦାନ କରିପାରନ୍ତି । ଇଂରାଜୀ ଜୁନ୍ (June) ମାସଟି ତାଙ୍କରି ନାମାନୁସାରେ ନାମିତ । ମୟୂର ତାଙ୍କର ବାହନ । ସେ ଗ୍ରୀକ୍ ଦେବୀ ହେରାଙ୍କ ପ୍ରତିରୂପ ବା ସମପର୍ଯ୍ୟାୟର ।

୨. **ମୀନେର୍ଭା** (Menerva) : ରୋମ୍‌ରେ ମୀନେର୍ଭା ମୁଖ୍ୟତଃ ପ୍ରଜ୍ଞାର ଦେବୀ ରୂପେ ପରିଚିତା । ତେବେ ବାଣିଜ୍ୟ, କାବ୍ୟ-କବିତା, ହସ୍ତଶିଳ୍ପ, ଯୁଦ୍ଧକୌଶଳାଦିର ଅଧିଷ୍ଠାତ୍ରୀ ଦେବୀ ରୂପେ ମଧ୍ୟ ସେ ପୂଜିତା । ରୋମାନ୍ କବି ଓଭିଡ୍ (Ovid) ମୀନେର୍ଭାଙ୍କୁ ''ସହସ୍ର କର୍ମର ଦେବୀ'' (Goddess of thousand works) ବୋଲି ତାଙ୍କ ରଚିତ କାବ୍ୟ-କବିତାମାନଙ୍କରେ ରୂପାୟିତ କରିଛନ୍ତି । ମସ୍ତକରେ ଶିରସ୍ତ୍ରାଣ, ହାତରେ ବର୍ଚ୍ଛା ଓ ଢାଲ ଧାରଣ କରି ସେ ଆବିର୍ଭୂତା ହୁଅନ୍ତି । କେବେ କେବେ ସେ ଗୋଟିଏ ହସ୍ତରେ ପେଚକ ଓ ଅନ୍ୟ ହସ୍ତରେ ଅଲିଭ୍ ବୃକ୍ଷର ଡାଳଟିଏ ଧରି ଉଭା ହୁଅନ୍ତି । ଭେଷଜବିଦ୍‌ମାନଙ୍କ ପୃଷ୍ଠପୋଷକ ଭାବେ ସେ ମୀନେର୍ଭା ମେଡ଼ିକା (Minerva Medica) ନାମରେ ପରିଚିତା ।

୩. **ଭେନସ୍** (Venus) : ପ୍ରେମ, କାମ ଓ ଐଶ୍ୱର୍ଯ୍ୟର ଦେବୀ ରୂପେ ପରିଚିତା ଦେବୀ ଭେନସ୍ ମୋହିନୀ ଶକ୍ତି, ରମଣୀୟତା ଓ ଆକର୍ଷଣର ଏକ ମନୋଲୋଭା ପ୍ରତୀକ । ରୋମ୍‌ର କିଂବଦନ୍ତୀମାନଙ୍କରେ ସେ ବହୁଳ ଭାବେ ଆଲୋଚିତ ଓ ତାଙ୍କରି ଅନୁଗାମୀଗଣ ବର୍ଷସାରା ତାଙ୍କରି ଉଦ୍ଦେଶ୍ୟରେ ଅନେକ ଉତ୍ସବ ପାଳନ କରିଥା'ନ୍ତି । ସୌଭାଗ୍ୟ ଲାଗି ଓ ଉତ୍ତମ ଫସଲ ଉତ୍ପାଦନ ଲାଗି ପ୍ରତି ବର୍ଷ ଏପ୍ରିଲ ୧ ତାରିଖରେ ଭେନେରେଲିଆ (Veneralia) ନାମକ ଏକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ । ଗ୍ରୀକ୍ ପରମ୍ପରାରେ ପୂଜିତା ଏଫ୍ରୋଡ଼ାଇଟ୍‌ଙ୍କର ସେ ପ୍ରତିରୂପ ଓ ସମକକ୍ଷ ।

୪. **ସାଲାସିଆ** (Salacia) : ଲବଣାକ୍ତ ସାଗରମାନଙ୍କରେ ଶାସନ କରୁଥିବା ଏହି ଦିବ୍ୟ ନାରୀସତ୍ତା ସାଗରର ଦେବତା Neptune (ନେପଚ୍ୟୁନ୍)ଙ୍କର ସହଧର୍ମିଣୀ ଅଟନ୍ତି । କଥିତ ଅଛି ଯେ ନେପଚ୍ୟୁନ୍ ଯେତେବେଳେ ସାଲାସିଆଙ୍କୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଥିଲେ ସେତେବେଳେ ସାଲାସିଆ ଆଟଲାଣ୍ଟିକ୍ ମହାସାଗରରେ ଯାଇ ଆତ୍ମଗୋପନ କରିଥିଲେ; କାରଣ ସେ ନିଜର କୁମାରୀତ୍ୱକୁ ସୁରକ୍ଷିତ ରଖିବା ଲାଗି ଆଗ୍ରହୀ ଥିଲେ । ସାଗର ଦେବତା ନେପଚ୍ୟୁନ୍ ନିଜର ଜଣେ ବିଶ୍ୱସ୍ତ ଡଲ୍‌ଫିନ୍‌କୁ ମଧ୍ୟସ୍ଥତା କରି ସାଲେସିଆଙ୍କୁ ମନେଇବା ଲାଗି ପ୍ରେରଣ କରିଥିଲେ । ପରିଶେଷରେ ସାଲେସିଆ ନିଜର ସ୍ୱୀକୃତି ପ୍ରଦାନ କରି ବିବାହ କରିଥିଲେ । ଏତତ୍ ଦ୍ୱାରା ନେପଚ୍ୟୁନ୍ ଏତେ ଖୁସି ହୋଇ ଯାଇଥିଲେ ଯେ ସେ ଡଲଫିନ୍ ନିମିତ୍ତ ସ୍ୱର୍ଗରେ ଏକ ବିଶେଷ ସ୍ଥାନର ବ୍ୟବସ୍ଥା କରି ଦେଇଥିଲେ । ବର୍ତ୍ତମାନ ସେଠାକାର ଆକାଶରେ ଡଲ୍‌ଫିନାସ୍ ତାରକାପୁଞ୍ଜ ଶୋଭା ପାଉଛନ୍ତି । ଦେବୀ ସାଲାସିଆ ସାମୁଦ୍ରିକ ଉଦ୍ଭିଦ ନିର୍ମିତ ଏକ ମୁକୁଟ ମସ୍ତକରେ ଧାରଣ କରିଥିବା ଜଣେ ଅତି ସୁନ୍ଦରୀ ଜଳପରୀ ଓ ପ୍ରଶାନ୍ତିର ଏକ ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି । ସାମୁଦ୍ରିକ ଅଶ୍ୱ ଓ ଡଲଫିନ୍‌ମାନଙ୍କ ଦ୍ୱାରା ଟଣା ଯାଉଥିବା ସାମୁଦ୍ରିକ ଶାମୁକା ଦ୍ୱାରା ନିର୍ମିତ ରଥରେ ସେ ଭ୍ରମଣ କରନ୍ତି ।

୫. **ଫରଚୁନା** (Fortuna) : ଅଦୃଷ୍ଟ, ଦୈବିକ ଘଟଣା, ଭାଗ୍ୟ, ନିୟତିର ଅଧିଷ୍ଠାତ୍ରୀ ଦେବୀ ଫରଚୁନା ରୋମରେ ବହୁଳଭାବେ ଅର୍ଚ୍ଚିତ । ଏହି ନାରୀଶକ୍ତି ମଣିଷକୁ ସୌଭାଗ୍ୟ କିଂବା ଦୁର୍ଭାଗ୍ୟ ଦ୍ୱାରା କବଳିତ କରି ଦିଅନ୍ତି । ଆପଣାର ପିତା ଜୁପିଟରଙ୍କ ପରି ଫରଚୁନା ଦେବୀ ଅକୃପଣ ତଥା ଦାନଶୀଳା ଅଟନ୍ତି । ନ୍ୟାୟ ଓ ନିୟତିକୁ ନିୟନ୍ତ୍ରଣ କରୁଥିବା ଏହି ଦେବୀ ଅନ୍ଧପୁଟୁଳି ବାନ୍ଧି ପରଦା ଅନ୍ତରାଳରେ ରହିଥା'ନ୍ତି । ସେ ଗୋଟିଏ ହସ୍ତରେ ପ୍ରାଚୁର୍ଯ୍ୟର ପ୍ରତୀକ ଫଳ, ପୁଷ୍ପ ଓ ଶସ୍ୟ ଭରା ଗୋଟିଏ ଶିଙ୍ଗ (horn), ଅନ୍ୟ ହସ୍ତରେ ଏକ ଜଳପୋତର ନିୟନ୍ତ୍ରଣ ଚକ୍ର (rudder) ଧାରଣ କରିଥା'ନ୍ତି । ଏକ ହସ୍ତରୁ ଉତ୍ସାରିତ ଶୁଭପ୍ରଦ ବିଷୟଗୁଡ଼ିକୁ ତାଙ୍କରି ଅନୁଗାମୀମାନଙ୍କୁ ବିତରଣ କରୁଥିବା ବେଳେ ଅନ୍ୟ ହସ୍ତରେ

ଧାରଣ କରିଥିବା ନିୟନ୍ତ୍ରଣ ଚକ୍ର ଦ୍ୱାରା ଉତ୍ଥାନ ପତନ ଦେଇ ଜୀବନକୁ ପରିଚାଳିତ କରୁଥା'ନ୍ତି ।

ଗୋଟିଏ ବାକ୍ୟରେ ରୋମ ଦେଶରେ ପୂଜିତ ଆଉ ପାଞ୍ଚଜଣ ଦେବୀଙ୍କ ପରିଚୟ ନିମ୍ନରେ ବ୍ୟକ୍ତ କରାଯାଇଛି ।

୬. **ଫ୍ଲୋରା** (Flora) : ପ୍ରକୃତି ଓ ପୁଷ୍ପ ସମ୍ଭାରରେ ସୌନ୍ଦର୍ଯ୍ୟକୁ ଅଭିବ୍ୟକ୍ତ କରୁଥିବା ଦେବୀ ଫ୍ଲୋରା ବସନ୍ତ ଋତୁକୁ ନିୟନ୍ତ୍ରଣ କରି ଯୌବନକୁ ପୁନଃ ଉଦ୍ଧାର କରିପାରନ୍ତି ।

୭. **ଭେଷ୍ଟା** (Vesta) : ଜ୍ୟେଷ୍ଠ ଅକ୍ଷତ କନ୍ୟା ରୂପେ ପରିଚିତା ଭେଷ୍ଟା ଦେବୀ ପରିବାର, ବାସଗୃହ, ଅଗ୍ନ୍ୟାଧାନ (ଚୁଲି), ଗୃହ ନିର୍ମାଣ ବିଦ୍ୟା ବା ବାସ୍ତୁଶାସ୍ତ୍ର ସମ୍ପର୍କିତ ଜଣେ ଦିବ୍ୟସତ୍ତା ଅଟନ୍ତି ।

୮. **ସିରିସ୍** (Ceres) : ଜୁପିଟରଙ୍କ ପତ୍ନୀ ଓ ସହଯୋଗୀ, କୃଷି ଓ ନାରୀତ୍ୱ, କୌମାରୀତ୍ୱ ତଥା ମାତୃତ୍ୱକୁ ସୁରକ୍ଷା ପ୍ରଦାନ କରୁଥିବା ଦେବୀ ସିରିସ୍ ନିୟମ ପ୍ରଣୟନ କରି ସମାଜରେ ଶୃଙ୍ଖଳା ପ୍ରତିଷ୍ଠା କରିବା ଭୂମିକାରେ ମଧ ଅବତୀର୍ଣ୍ଣା ହୋଇଥା'ନ୍ତି ।

୯. **ଡାଏନା** (Diana) : ପଶୁପକ୍ଷୀମାନଙ୍କ ଭାଷା ବୁଝିପାରୁଥିବା ଚିରକୁମାରୀ ଦେବୀ ଡାଏନାଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଓ ହସ୍ତରେ ଧନୁଶର ଶୋଭା ପାଉଥାଏ । ସିଏ ଶିକାରୀମାନଙ୍କର ପୂଜ୍ୟା ଅଟନ୍ତି ।

୧୦. **ଲୁନା** (Luna) : ଚନ୍ଦ୍ରମାଙ୍କ ସାକାର ରୂପ ଓ ସୂର୍ଯ୍ୟଙ୍କର ନାରୀ ପ୍ରତିରୂପ ଦେବୀ ଲୁନାଙ୍କୁ ରୋମ୍‌ର ଗୁପ୍ତ ରକ୍ଷକ ବୋଲି ଅଭିହିତ କରାଯାଏ ।

(କ୍ରମଶଃ) ❑

# ଚମତ୍କାର

ଫ୍ରିଜର ପ୍ଲାଣ୍ଟରେ କାମ କରୁଥିବା ଜଣେ ବ୍ୟକ୍ତିର କାହାଣୀ । ସନ୍ଧ୍ୟା ହୋଇ ଆସୁଥିଲା । ସମସ୍ତେ ଘରକୁ ଯିବାକୁ ପ୍ରସ୍ତୁତ ହେଉଥିଲେ । ଏହି ସମୟରେ ପ୍ଲାଣ୍ଟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଲା । ବ୍ୟକ୍ତି ଜଣକ ତାକୁ ସମାଧାନ କରିବାରେ ଲାଗିପଡ଼ିଲେ । କାମ ଶେଷ ହେବାବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା । ଲାଇଟ୍ ବନ୍ଦ କରିଦିଆଗଲା, କବାଟ ବନ୍ଦ ହୋଇଗଲା । ବ୍ୟକ୍ତି ପ୍ଲାଣ୍ଟ୍ ଭିତରେ ବନ୍ଦ ହୋଇଗଲେ । ପବନ ଓ ଆଲୋକ ବିନା ରାତି ସାରା ଆଇସ୍ ପ୍ଲାଣ୍ଟରେ ରହିବାଟା ତାଙ୍କ ଜୀବନର ଶେଷ ଦିନ ବୋଲି ସେ ଭାବି ନେଇଥିଲେ । ପ୍ରାୟ ଅଧ ଘଣ୍ଟା ପରେ କେହି ଜଣେ କବାଟ ଖୋଲିବାର ସେ ଜାଣିପାରିଲେ । ଏହା କରୁଣାର ଚମତ୍କାରିତା ବୋଲି ସେ ଭାବିଲେ । ଦେଖିଲେ, ସାମନାରେ ସିକ୍ୟୁରିଟି ଗାର୍ଡ଼ ଟର୍ଚ୍ଚ ଧରି ଠିଆହୋଇଛି । ବାହାରକୁ ଆସି ବ୍ୟକ୍ତି ଜଣକ ସିକ୍ୟୁରିଟି ଗାର୍ଡ଼କୁ ପଚାରିଲେ, ''ଆପଣ କେମିତି ଜାଣିଲେ ମୁଁ ଭିତରେ ଅଛି ?'' ଗାର୍ଡ଼ ଉତ୍ତର ଦେଲା, ''ସାର୍, ଏ ପ୍ଲାଣ୍ଟରେ ପଚାଶ ଜଣ କାମ କରନ୍ତି । କିନ୍ତୁ କେବଳ ଆପଣହିଁ ମୋତେ ସକାଳେ ଆସିଲେ 'ହାଲୋ' ଓ ସନ୍ଧ୍ୟାରେ ଯିବା ସମୟରେ 'ବାଏ' କହନ୍ତି । ଆଜି ସକାଳେ ଆପଣ ଡ୍ୟୁଟିରେ ଆସିଥିଲେ କିନ୍ତୁ ସନ୍ଧ୍ୟାରେ ବାହାରକୁ ଗଲେ ନାହିଁ । ମୋର ସନ୍ଦେହ ହେବାରୁ ମୁଁ ଦେଖିବାକୁ ଆସିଲି ।'' ବ୍ୟକ୍ତି ଜଣକ ଜାଣି ନଥିଲେ ଯେ ତାଙ୍କର ଏଇ ଛୋଟିଆ ସୌଜନ୍ୟତା ଦିନେ ତାଙ୍କ ଜୀବନ ବଞ୍ଚାଇ ଦେବ । କହିବାର ଅର୍ଥ, କେବେ କୌଣସି ବ୍ୟକ୍ତିଙ୍କୁ ଭେଟିଲେ ଖୁସି ଓ ସ୍ନେହର ସହ ଅଭିବାଦନ ଜଣାନ୍ତୁ ଓ ସମ୍ମାନ ଦିଅନ୍ତୁ । ଏହା ଆପଣଙ୍କ ଜୀବନରେ 'ଚମତ୍କାର' ବି ଘଟାଇ ପାରେ ।

(ସଂଗ୍ରହ : ଇଣ୍ଟରନେଟ୍) ❑

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ :** *ମନ-ପ୍ରାଣ-ଶରୀର ବ୍ରହ୍ମକୁ ଅଭିବ୍ୟକ୍ତ କରିବାର ଅର୍ଥ କ'ଣ ? ମନ, ପ୍ରାଣ ଓ ଶରୀରର ରୂପାନ୍ତର ହେଲେ ତାହାର ଧର୍ମ ହେବ କିପରି ?*

**ଉତ୍ତର :** ମନୁଷ୍ୟର ମନ ସୀମିତ, ଅଜ୍ଞାନ ଏବଂ ଅଧିକାଂଶ ସମୟରେ ପ୍ରାଣ ଦ୍ୱାରା ଶାସିତ । ମନ ରୂପାନ୍ତରିତ ହେଲେ ମନ ସ୍ଥାନକୁ ଅଧିକାର କରିବ ଅତିମାନସ । ଅତିମାନସରେ ସର୍ବଶକ୍ତି, ସର୍ବଆନନ୍ଦ ଓ ସର୍ବଜ୍ଞାନ ବିଦ୍ୟମାନ ଥାଏ । ଅତିମାନସ ପୂର୍ଣ୍ଣତଃ ଅଜ୍ଞାନରୁ ମୁକ୍ତ, ପୂର୍ଣ୍ଣ ଜ୍ଞାନରେ ଭଗବାନଙ୍କ ସଙ୍ଗେ ଯୁକ୍ତ ଏବଂ ଭଗବାନଙ୍କ ସଂକଳ୍ପରେ ପରିଚାଳିତ ହୁଏ । ଭଗବାନଙ୍କ ସଙ୍ଗେ ଯୁକ୍ତ ଅବସ୍ଥା ମନ ଦ୍ୱାରା ଅବର୍ଣ୍ଣନୀୟ । କେବଳ ଅତିମାନସ ଦ୍ୱାରା ବ୍ୟକ୍ତ ହୁଏ ।

ବର୍ତ୍ତମାନ ଅଶୁଦ୍ଧ ପ୍ରାଣଶକ୍ତି ନିମ୍ନଗାମୀ । ତାହା ଦୁଇ ଭାଗରେ ବିଭକ୍ତ – ଉଚ୍ଚତର ପ୍ରାଣ (Higher vital), ନିମ୍ନତର ପ୍ରାଣ (Lower vital) । ଉଚ୍ଚତର ପ୍ରାଣର ଧର୍ମ ହେଉଛି ମହଦାକାଂକ୍ଷା, ମାନ, ଯଶଃ, ଅନ୍ୟ ଉପରେ ପ୍ରଭୁତ୍ୱ-ସ୍ଥାପନ ସକାଶେ ସର୍ବସ୍ୱ ତ୍ୟାଗ । ଏପରିକି ନିଜ ସୁଖ, ଭୋଗ ବିଳାସକୁ ଅବାଧରେ ଜଳାଞ୍ଜଳି ଦେଇ ନାମ ଯଶଃ ସକାଶେ ଭିନ୍ନ ଭିନ୍ନ ଭୂମିକାରେ ଭିନ୍ନ ଭିନ୍ନ ରୂପ ନିଏ । ସୁବିଧା ଦେଖି ସର୍ବସ୍ୱ ତ୍ୟାଗ କରି ଦୀନହୀନ ସେବକ ହୋଇ ନିଜ ଅଭିମତ ପୂରଣ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ । ସମୟ ପାଇ ଧର୍ମ ଓ ଲୋକସେବାରେ ବି ନିଜ ଲକ୍ଷ୍ୟ ହାସଲ କରିନିଏ । ଏପରି ଭାବରେ ଧର୍ମ ଆଉ ସେବାର ଆଶ୍ରୟ ନିଏ, ଯାହାକୁ ଅନ୍ୟ କେହି ତ ବୁଝିପାରନ୍ତି ନାହିଁ, ନିଜ ମନ ମଧ୍ୟ ବୁଝିବାକୁ ସମର୍ଥ ହୁଏ ନାହିଁ । ନିମ୍ନପ୍ରାଣର ଧର୍ମ ହେଲା – ଈର୍ଷା-ଦ୍ୱେଷ, ମଦ-ମତ୍ସର, ଭୋଗ-ବିଳାସ, କାମ-କ୍ରୋଧ, ଲୋଭ-ମୋହର ଦାସତ୍ୱ । ଯେତେ ପ୍ରକାର କୁପ୍ରବୃତ୍ତି ଅଛି, ତାହା ଏହି ନିମ୍ନ-ପ୍ରାଣଶକ୍ତିର ପ୍ରକାଶ । ଏହାର ଧର୍ମକୁ ପ୍ରାୟ ସମସ୍ତେ ଜାଣନ୍ତି । କିନ୍ତୁ ଉଚ୍ଚତର ପ୍ରାଣଶକ୍ତିର କ୍ରିୟା ମଧ୍ୟରେ ଅହଂକାର ଏପରି ସୂକ୍ଷ୍ମ ଆଉ ଅଦୃଶ୍ୟଭାବେ ଲୁକ୍କାୟିତ ଥାଏ ଯେ ତାହାକୁ ବୁଝିବା ଅଧିକାଂଶ ଲୋକଙ୍କ ପକ୍ଷେ ଦୁରୂହ ହୋଇ ପଡ଼େ ।

ପ୍ରାଣଶକ୍ତି ତାହାର ମୂଳ ସ୍ୱରୂପରେ ଦିବ୍ୟ; ଚିତ୍ ଶକ୍ତିର ବିକୃତ ରୂପ । କେବଳ ପ୍ରାଣଶକ୍ତିହିଁ ସବୁକିଛି କରିବାକୁ ସମର୍ଥ । ପ୍ରାଣଶକ୍ତି ଛଡ଼ା ସବୁକିଛି ଜଡ଼; ନିର୍ଜୀବ ଓ ତାମସ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରାଣଶକ୍ତିକୁ ତ୍ୟାଗ କରିବାକୁ ହୁଏ ନାହିଁ, ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ତାକୁ ରୂପାନ୍ତର କରିବାକୁ ହୁଏ । ରୂପାନ୍ତରିତ ପ୍ରାଣଶକ୍ତିର ଅଦମ୍ୟ କ୍ରିୟାଶୀଳତା ଥିବା ସତ୍ତ୍ୱେ କୌଣସି ବିକୃତି ନ ଥାଏ । କାରଣ ସେ ପୂର୍ଣ୍ଣରୂପେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଥାଏ । ଅହଂକାର ସ୍ୱୟଂ ରୂପାନ୍ତରିତ ହୋଇଯାଇ ଥାଏ, ତେବେ କର୍ମକୁ ବିକୃତ କରିବ କିଏ ? ଛୋଟ ବଡ଼ ସମସ୍ତ କର୍ମରେ ସେ ଦେଖେ ଓ ଅନୁଭବ କରେ ପରମ ଆନନ୍ଦମୟଙ୍କୁ । ସମସ୍ତ କ୍ରିୟାରେ ସେ ଉପଲବ୍ଧି କରେ ଭଗବାନଙ୍କୁ ଓ ଚାଳିତ ହୁଏ ତାଙ୍କରି ସଂକଳ୍ପରେ । ରୂପାନ୍ତରିତ ପ୍ରାଣଶକ୍ତି ଦ୍ୱାରା ଭାଗବତ କର୍ମ ସମ୍ପାଦିତ ହୁଏ । ଏଠାରେ କର୍ମବନ୍ଧନର ପ୍ରଶ୍ନ ଉଠେ ନାହିଁ । କର୍ତ୍ତା ଓ କର୍ମ ଉଭୟେ ହୋଇଯାଆନ୍ତି ସଚ୍ଚିଦାନନ୍ଦ ସ୍ୱରୂପ । ଶ୍ରୀଅରବିନ୍ଦଙ୍କ ଯୋଗରେ ନୂତନତ୍ୱ ଏହି : ପ୍ରାଣଶକ୍ତି ଆଉ କର୍ମକୁ ତ୍ୟାଗ କରିବାକୁ ହୁଏ ନାହିଁ, ତାକୁ ନୂତନ ଦିବ୍ୟରୂପ ଦେବାକୁ ହୁଏ ।

ବର୍ତ୍ତମାନ ଶରୀର ଜଡ଼, ଏକେବାରେ ପଥରତୁଲ୍ୟ । ତା'ର ନିଜ ଉପରେ ଲେଶମାତ୍ର ଅଧିକାର ନାହିଁ । ସେ ମନ-ପ୍ରାଣ ଓ ପ୍ରକୃତିର ଦାସ । ତାହା ଉପରେ ମନ-ପ୍ରାଣ ଇଚ୍ଛାନୁସାରେ ଅତ୍ୟାଚାର କରିଥା'ନ୍ତି । ତା' ଛଡ଼ା ଶରୀର ଉପରେ ପ୍ରକୃତିର ଅଲଗା ପ୍ରଭୁତ୍ୱ, ସେ ରୋଗ ଓ ଜରାର କ୍ରୀତଦାସ । ଆଜି ଯେ ବାଳକ କାଲି ଯୁବକ, କିଛି ଦିନ ପରେ ବୃଦ୍ଧ, ଜରା-ଜର୍ଜରିତ, ଶକ୍ତିହୀନ, ଚାଲିବାରେ ଅସମର୍ଥ । ପୁରାତନ ଯୋଗରେ ସାଧକ ଶରୀର ପ୍ରତି ଆଦୌ ଦୃଷ୍ଟି ଦିଏ ନାହିଁ, ଯେହେତୁ ଶରୀର ତ୍ୟାଗ କରି ଲକ୍ଷ୍ୟରେ ପହଞ୍ଚିବା ପୁରାତନ ଯୋଗୀର ଉଦ୍ଦେଶ୍ୟ । ଶରୀରକୁ କେବଳ ଅବହେଳା କରିବାର ବ୍ରତ ଗ୍ରହଣ କରି ସେତିକି ମାତ୍ର ପଡ଼ି ରହିବାକୁ ଦିଅନ୍ତି, ଯେଉଁଥିରେ ତାକୁ ଆଶ୍ରୟ କରି ମନର ଊର୍ଦ୍ଧ୍ୱରେ ନିର୍ବିଶେଷ ବ୍ରହ୍ମଙ୍କୁ ବା ଭଗବାନଙ୍କୁ ଉପଲବ୍ଧି କରିପାରିବେ; କାରଣ ଶରୀର ବିନା ଭଗବତ୍ ପ୍ରାପ୍ତି ହୁଏ ନାହିଁ ।

ଶରୀରର ମୂଳତତ୍ତ୍ୱ ଜଡ଼ ନୁହେଁ, ସତ୍, ନିତ୍ୟ; ତାହା ମୂଳ ତତ୍ତ୍ୱର ବିକୃତ ରୂପ । ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରକୁ ଅବହେଳା ବା ତ୍ୟାଗ କରାହୁଏ ନାହିଁ; ରୂପାନ୍ତର କରିବାକୁ

ହୁଏ ତା'ର ମୂଳ ତତ୍ତ୍ୱରେ । ରୂପାନ୍ତରିତ ଶରୀର ହେବ ପୂର୍ଣ୍ଣ ଚୈତନ୍ୟ । ସେ ଏପରି ସମର୍ଥ ହେବ ଯାହା ଫଳରେ ମନ-ପ୍ରାଣର ବିନା ହସ୍ତକ୍ଷେପରେ ସ୍ୱୟଂ ସବୁକିଛି କରିପାରିବ । ସେ ରୋଗ, ଜରା, ମୃତ୍ୟୁର ଅଧୀନରୁ ହେବ ମୁକ୍ତ । ପ୍ରତି ଅଣୁ-ପରମାଣୁରେ ଅବିକୃତଭାବେ ଉପଲବ୍ଧି କରିପାରିବ ବ୍ରହ୍ମଙ୍କୁ ।

**ପ୍ରଶ୍ନ** : *ବ୍ରହ୍ମଙ୍କୁ ପୂର୍ଣ୍ଣରୂପେ ସଂସାରରେ ପ୍ରକଟ କରିବାର ଅର୍ଥ କ'ଣ ?*

**ଉତ୍ତର** : ମନ-ପ୍ରାଣ-ଶରୀର ପୂର୍ଣ୍ଣ ରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିବେ ଏବଂ ଏକେବାରେ ଶୁଦ୍ଧଭାବେ ଭଗବାନଙ୍କ ସଂକଳ୍ପ(Will)ରେ ପରିଚାଳିତ ହେବେ । ଭଗବାନ୍ ହେବେ କେନ୍ଦ୍ର (Centre) ଓ ଏସବୁ ହେବେ ତାହାର ଶାଖା । ଭଗବାନଙ୍କ ସଂକଳ୍ପ ହେବା ମାତ୍ରେ ମନ-ପ୍ରାଣ-ଶରୀର ସ୍ୱତଃସ୍ଫୂର୍ତ୍ତଭାବେ କ୍ରିୟାଶୀଳ ହେବେ, ଯେପରି ସହରର ବିଜୁଳି ବତିର କେନ୍ଦ୍ରରେ ଗୋଟିଏ ସୁଇଚ୍ ଟିପିଦେଲେ ସମଗ୍ର ସହରରେ ଆଲୁଅ ଜଳିଉଠେ ।

**ପ୍ରଶ୍ନ** : *ପୁରାତନ ଯୋଗରେ କ'ଣ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରି ଭଗବାନଙ୍କ ଇଚ୍ଛାନୁସାରେ ସାଧକମାନେ ଚାଳିତ ହେଉ ନ ଥିଲେ ?*

**ଉତ୍ତର** : ପୁରାତନ ଯୋଗସାଧକମାନେ ମନ-ପ୍ରାଣ-ଶରୀରକୁ ବାଦ୍ ଦେଇ କେବଳ ଅନ୍ତରାତ୍ମାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରୁଥିଲେ ଏବଂ ଅଂଶତଃ ଭଗବାନଙ୍କ ନିର୍ଦ୍ଦେଶ ପାଉଥିଲେ ଏବଂ ଅନୁଭବ କରୁଥିଲେ ମନର ଊର୍ଦ୍ଧ୍ୱରେ; କିନ୍ତୁ ସ୍ଥୂଳ ମନ-ପ୍ରାଣରେ ଆଉ ଶରୀରରେ ନୁହେଁ । ଭଗବାନ୍ ପୂର୍ଣ୍ଣରୂପେ ଆବରଣ ଦୂର କରି ନିଜ ଶୁଦ୍ଧ ରୂପରେ ଏପର୍ଯ୍ୟନ୍ତ ପ୍ରକଟ ହୋଇ ନାହାନ୍ତି । କାରଣ ମନ-ପ୍ରାଣ-ଶରୀର ପୂର୍ଣ୍ଣରୂପେ ଅର୍ଥାତ୍ ତାହାର ମୂଳ ଦିବ୍ୟତତ୍ତ୍ୱରେ ଯେପର୍ଯ୍ୟନ୍ତ ରୂପାନ୍ତରିତ ନ ହୁଏ ସେପର୍ଯ୍ୟନ୍ତ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତି କରାଯାଇ ପାରେ ନାହିଁ । ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି ଅତିମାନସ ଦ୍ୱାରା ହେଲେ ତାହା କେବଳ ଜଣକ ସକାଶେ ହୋଇ ଲୁପ୍ତ ହୋଇଯାଏ ନାହିଁ । ତାହା ଏହି ପୃଥିବୀରେ ସ୍ଥାପିତ ହୁଏ ଏବଂ କ୍ରମଶଃ ବୃଦ୍ଧି ହୋଇ ଗୋଟିଏ ଜାତିରେ ପରିଣତ ହୁଏ । ଯେପରିକି ଆଜି ମନଯୁକ୍ତ ମଣିଷ ଜାତିକୁ ଆମେ ପୃଥିବୀ ପୃଷ୍ଠରେ ଦେଖିବାକୁ ପାଉଛୁ ।

**ପ୍ରଶ୍ନ** : *ସାକେତ, ଗୋଲୋକ ଓ ବୈକୁଣ୍ଠ ଏହି ମୃତ୍ୟୁପୁରୀକୁ ଓହରି ଆସିବ – ଏହାର ଅର୍ଥ କ'ଣ ?*

**ଉତ୍ତର** : ସାକେତ, ଗୋଲୋକ ଓ ବୈକୁଣ୍ଠରେ ଅଜ୍ଞାନାନ୍ଧକାର, ଦୁଃଖ-କଷ୍ଟ, ଜରା-ମୃତ୍ୟୁ ଆଦି ନ ଥାଏ । ମୁକ୍ତ ଆତ୍ମାମାନେ ଦିବ୍ୟଜ୍ଞାନ, ଦିବ୍ୟାନନ୍ଦରେ ବାସ କରନ୍ତି । ସେମାନେ ପ୍ରତ୍ୟେକ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଥାଆନ୍ତି; ଆଉ ମଧ୍ୟ ଭଗବାନଙ୍କ ସଂକଳ୍ପ (Will) ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହୁଏ । ସେହି ଦିବ୍ୟଲୋକରେ ବୃକ୍ଷଲତା, ପଶୁପକ୍ଷୀ ସମସ୍ତ ଦୃଶ୍ୟମାନ ବସ୍ତୁରେ ଭଗବାନଙ୍କର ପ୍ରକାଶ ଥାଏ । ଅର୍ଥାତ୍ ସେହି ଏକ ଭଗବାନ୍ ଭିନ୍ନ ଭିନ୍ନ ରୂପେ ପ୍ରକାଶିତ ହୋଇଥିବାର ସ୍ପଷ୍ଟ ପ୍ରତୀୟମାନ ହୁଏ । ସେହି କାରଣରୁ ସେହି ଦିବ୍ୟଲୋକମାନଙ୍କରେ ଈର୍ଷା, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାରାଦି କୁ-ପ୍ରବୃତ୍ତିର ଖେଳ ନ ଥାଏ । ଏହି ମୃତ୍ୟୁପୁରୀ ଠିକ୍ ତାହାର ବିପରୀତ, ଅଜ୍ଞାନାନ୍ଧକାରରେ ପୂର୍ଣ୍ଣ । ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ, ସେହିସବୁ ଦିବ୍ୟଲୋକର ଅବସ୍ଥା ଏହି ମୃତ୍ୟୁପୁରୀରେ ପ୍ରତିଷ୍ଠିତ ହେବ । ଏହାର ଅର୍ଥ ସେହିସବୁ ଦିବ୍ୟଲୋକ ଏହି ମୃତ୍ୟୁପୁରୀକୁ ଓହରି ଆସିବ । ପରେ ଉତ୍ତମ କାର୍ଯ୍ୟ ଅସାଧ୍ୟ ଓ ଅସମ୍ଭବ ହୋଇ ରହିବ ନାହିଁ । ସାଧନା ମଧ୍ୟ ସହଜ ହୋଇଯିବ । ଏହିପରି ଅତିମାନବ ବୃଦ୍ଧି ହୋଇ ଗୋଟିଏ ଜାତିରେ ପରିଣତ ହେବ । ସାଧାରଣ ମନୁଷ୍ୟରୁ ଅତିମାନବ ଜାତି ମଧ୍ୟରେ କ୍ରମଶଃ ବହୁ ସ୍ତର ସୃଷ୍ଟି ହେବ ଏବଂ ସେହି ସ୍ତର ସମୂହ ଦ୍ୱାରା ଅତିମାନବ ଓ ସାଧାରଣ ମାନବ ମଧ୍ୟରେ ଗୋଟାଏ ସ୍ଥାୟୀ ସମ୍ବନ୍ଧ ସ୍ଥାପିତ ହେବ, ଯେଉଁଥିରେ ମଣିଷ ସାଧନା କରି ମଧ୍ୟବର୍ତ୍ତୀ ସ୍ତରସମୂହକୁ ଅତିକ୍ରମ କରି ଅତିମାନବ ଅବସ୍ଥାରେ ପହଞ୍ଚି ପାରିବ । ଏହି ପଥ ଚିରଦିନ ସକାଶେ ନିର୍ମାଣ ହେବ । ଏହା ହେବ ସାଧକମାନଙ୍କ ସକାଶେ । ସାଧାରଣ ସଂସାରରେ ହିଂସା, ଦ୍ୱେଷ, ଛଳ, କପଟ, ଯୁଦ୍ଧ-ବିଗ୍ରହ ଆଉ ରହିବ ନାହିଁ; କ୍ରମଶଃ ପ୍ରତ୍ୟେକ ବ୍ୟକ୍ତିର ଉନ୍ନତି ହେବ । ଏଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି;– ''ଏହି ଯୋଗ ଆମ୍ଭମାନଙ୍କ ସକାଶେ ନୁହେଁ, ଭଗବାନଙ୍କ ସକାଶେ'' ।

**ପ୍ରଶ୍ନ** : *ପୁରାତନ ଯୋଗୀମାନେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱର ସନ୍ଧାନ ପାଇଥିଲେ, ତାହାକୁ ହିଁ ଶ୍ରୀଅରବିନ୍ଦଙ୍କ ଯୋଗରେ ଅଭିବ୍ୟକ୍ତ କରାହୁଏ । କିନ୍ତୁ ମନ-ପ୍ରାଣ-ଶରୀରର ରୂପାନ୍ତର ସମ୍ବନ୍ଧେ କୌଣସି ପୁରାତନ ଯୋଗରେ ନିର୍ଦ୍ଦେଶ ନାହିଁ । ଏହା କ'ଣ ସମ୍ପୂର୍ଣ୍ଣ ନୂତନ ନୁହେଁ ?*

**ଉତ୍ତର** : ଏହା ନୂତନ ହେଲେ ମଧ୍ୟ ଆଶ୍ଚର୍ଯ୍ୟଜନକ

ନୁହେଁ । କାରଣ ଅତିମାନସ ଶକ୍ତିରେହିଁ ପୂର୍ଣ୍ଣବ୍ରହ୍ମ ଚତୁଷ୍ପାଦ ବିଭୂତି ସହିତ ପ୍ରକଟ ହୁଅନ୍ତି । କିନ୍ତୁ ଅତିମାନସରେ ପ୍ରବେଶ କରିବା ମାତ୍ରେ ରୂପାନ୍ତରର ସମସ୍ତ ରହସ୍ୟ ମିଳେ । ଶ୍ରୀମା-ଶ୍ରୀଅରବିନ୍ଦ ଅତିମାନସରେ ପହଞ୍ଚି ତା'ର ରହସ୍ୟ ପାଇ ସେହି ଶକ୍ତିକୁ ପୃଥିବୀ ଉପରେ ଉତାରି ଆଣି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ନୂତନ ହେଲେ ମଧ୍ୟ ପୁରାତନ ସମ୍ବନ୍ଧରୁ ବିଚ୍ଛିନ୍ନ ନୁହେଁ । ପୁରାତନ ଯୋଗୀ ଏହା କରି ନ ଥିଲେ, କାରଣ ତା'ର ସମୟ ଆସି ନ ଥିଲା । ଏହା ସତ୍ୟଯୁଗର ଅଭିବ୍ୟକ୍ତିର ବସ୍ତୁ, ଏହା କେବଳ ସତ୍ୟଯୁଗର ପ୍ରାରମ୍ଭରେ ପ୍ରକାଶ ହେବାର କଥା, ପୂର୍ବରୁ ହେବାର ଆବଶ୍ୟକତା ନ ଥିଲା । ଶହେ ବର୍ଷ ପୂର୍ବେ ଅଣୁ-ପରମାଣୁର ଶକ୍ତି ସମ୍ବନ୍ଧେ କୌଣସି ସନ୍ଧାନ ମିଳି ନ ଥିବା ସତ୍ତ୍ୱେ ଆଜି ତାହାର ଶକ୍ତି ଦୃଷ୍ଟିଗୋଚର ହେଉଛି । ପୂର୍ବେ ଯାହା ନ ଥିଲା ତାହା ଆଜି ହେବା ଅସମ୍ଭବ ନୁହେଁ ।

**ପ୍ରଶ୍ନ :** *ଦିବ୍ୟ ରୂପାନ୍ତର ଓ ଅତିମାନବ ଜାତି ପୃଥିବୀରେ ସ୍ଥାପନା ହେବା କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ସଂସାରରେ ଅନ୍ଧକାର ଓ ଅଜ୍ଞାନର ରାଜ୍ୟ; ଲୋକମାନେ ପୂର୍ଣ୍ଣରୂପେ ସ୍ୱାର୍ଥପର । ସଂସାରରେ ଆଜି ଆମେ ଯେଉଁମାନଙ୍କୁ ଶ୍ରେଷ୍ଠ ବୋଲି ମାନୁଛୁ, ଯାହାଙ୍କଠାରୁ ଆଦର୍ଶ ଆଶା କରୁଛୁ; ସେମାନେ ଯାହା କହୁଛନ୍ତି, କରୁଛନ୍ତି ତାହାର ଠିକ୍ ବିପରୀତ । ମୁଖରେ ବ୍ୟକ୍ତ କରୁଛନ୍ତି ଯାହା ଅନ୍ତରରେ ଭାବୁଛନ୍ତି ତା'ର ଓଲଟା । ବର୍ତ୍ତମାନ ଜଗତର ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ କେବଳ ଅନ୍ଧ, ଅଜ୍ଞାନ, ଅଦିବ୍ୟ ଶକ୍ତିଙ୍କର ରାଜତ୍ୱ । ଏପରି ଅବସ୍ଥାରେ ଏତେ ବଡ଼ ଅତିମାନବ ଜାତିର ଆଶା କିପରି କରାଯିବ ?*

**ଉତ୍ତର :** ପୁରାତନ ଜିନିଷ ଯେତେବେଳେ କାର୍ଯ୍ୟର ଅଯୋଗ୍ୟ ହୁଏ, ସେତେବେଳେ ତାହା ପରିବର୍ତ୍ତେ ଅଣାହୁଏ ଏକ ସୁନ୍ଦର ନୂତନ ଜିନିଷ । କୃଷ୍ଣପକ୍ଷ ଏକାଦଶୀରେ ଶୁକ୍ଲପକ୍ଷ ଚନ୍ଦ୍ରମାର ଉଦୟ ହୁଏ ନାହିଁ, ହୁଏ ଅମାବାସ୍ୟାର ପୂର୍ଣ୍ଣ ଅନ୍ଧକାର ପରେ । ତ୍ରେତୟା ଓ ଦ୍ୱାପର ଯୁଗ ପରେ ସତ୍ୟଯୁଗ ଆସେ ନାହିଁ, ଆସେ କଳିଯୁଗ ପରେ; ଅର୍ଥାତ୍ ଘୋର ଅନ୍ୟାୟ ପରେ । ଯେତେବେଳେ ଅଜ୍ଞାନାନ୍ଧକାର ପ୍ରବଳ ବେଗରେ ପୃଥିବୀକୁ ଘେରିଯାଏ ସେତେବେଳେ ଭଗବାନ୍ ଅବତାର ନିଅନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ । ମାନବଜାତି ବର୍ତ୍ତମାନ ଏପରି ଏକ ସୀମାରେ ପହଞ୍ଚିଛି ଯେ ସେ ସେଠାରେ ଆଉ ରହିପାରିବ ନାହିଁ । ଊର୍ଦ୍ଧ୍ୱକୁ ଯିବ କିଂବା ଅଧଃପତିତ ହେବ । କିନ୍ତୁ ଭଗବାନ୍ ଚାହାନ୍ତି ନାହିଁ ଅଧଃପତନ ହେବାକୁ । ତାହାର ପ୍ରମାଣ ସ୍ୱରୂପ ଅତିମାନସ ଶକ୍ତି ଏହି ପୃଥିବୀ ଉପରକୁ ଉତରି ଆସି କାର୍ଯ୍ୟ କରୁଅଛି । ସେଥିପାଇଁ ମନୁଷ୍ୟ ଜାତିର ଊର୍ଦ୍ଧ୍ୱଗମନ ଅବଶ୍ୟମ୍ଭାବୀ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ଦିବ୍ୟଶକ୍ତିର କ୍ରିୟାକୁ ବ୍ୟର୍ଥ କରିବା ପାଇଁ ଅଜ୍ଞାନ ଶକ୍ତି ଆପ୍ରାଣ ଚେଷ୍ଟା କରୁଅଛି । ଏହା ହେଉଛି ଦିବ୍ୟଶକ୍ତି ସହିତ ଅଦିବ୍ୟ ଶକ୍ତିର ଶେଷ ଯୁଦ୍ଧ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା *୬୫-୬୭*)

❑❑❑

ଭଗବାନ୍ ସବୁକିଛି କରିଦେଇ ପାରିବେ, – ହୃଦୟ ଓ ପ୍ରକୃତି ପରିଶୁଦ୍ଧ ହୋଇପାରେ, ଆନ୍ତର ଚେତନା ଜାଗ୍ରତ୍ ହୋଇପାରେ, ଅବଗୁଣ୍ଠନ ଅପସାରିତ ହୋଇପାରେ – ଯଦି ଆସ୍ଥା ଓ ନିର୍ଭରତାର ସହ ତୁମେ ଭଗବାନଙ୍କୁ ନିଜକୁ ଅର୍ପଣ କରିଦିଅ । ଏହା ଯଦି ଅବିଳମ୍ବେ ପୂର୍ଣ୍ଣଭାବେ କରିବା ସମ୍ଭବ ନ ହୁଏ, ତେବେ ଯେତେ ଅଧିକ ଏହା କରାଯାଏ ସେତେ ଅଧିକ ଆନ୍ତର ସାହାଯ୍ୟ ଓ ପରିଚାଳନା ଆସେ ଓ ଭିତରେ ଭାଗବତ ଅନୁଭୂତି ବୃଦ୍ଧିପାଏ । ତର୍କଶୀଳ ମନ ଯଦି କମ୍ ସକ୍ରିୟ ହୁଏ ଏବଂ ବିନମ୍ରତା ଓ ସମର୍ପଣର ସଂକଳ୍ପ ବୃଦ୍ଧି ପାଏ, ତାହେଲେ ଏହି କାର୍ଯ୍ୟଟି ପୂର୍ଣ୍ଣରୂପେ ସମ୍ଭବ ହୁଏ । କେବଳ ଏତିକି ଛଡ଼ା ଆଉ କୌଣସି ସାମର୍ଥ୍ୟ ଓ ତପସ୍ୟାର ଆବଶ୍ୟକତା ପଡ଼େ ନାହିଁ ।

– ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଯେଉଁ ପନ୍ଥା ଯନ୍ତ୍ରଣାରୁ ମୁକ୍ତି ଦିଏନା, ବରଣ କରେ ଅଧିକ ଯନ୍ତ୍ରଣା

ଗତ କୋଡ଼ିଏ ବର୍ଷ ଭିତରେ ଭାରତବର୍ଷରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠାନର ସଂଖ୍ୟା ବିଶେଷ ଭାବରେ ବୃଦ୍ଧି ଲାଭ କରିଛି । ପ୍ରାୟତଃ ସେସବୁ ସଙ୍ଗଠନରେ ଯୁବଗୋଷ୍ଠୀ ସମ୍ପୃକ୍ତ । ସାମାଜିକ ସମସ୍ୟା, ଜୀବନ ସଂଗ୍ରାମ ଯୁଗେ ଯୁଗେ ଥିଲା ଏବଂ ଭିନ୍ନ ଭିନ୍ନ ରୂପରେ ଆଜି ମଧ୍ୟ ରହିଛି । କିନ୍ତୁ ଯୁବକମାନଙ୍କର ସୃଜନଶୀଳତା, ସେମାନଙ୍କ ପ୍ରାଣଶକ୍ତି ଓ କଳ୍ପନା ପ୍ରବଣତାର ବିକାଶ ନିମନ୍ତେ ଆଜି ଯେତେ ସୁଯୋଗ ରହିଛି, ଅତୀତରେ ତାହା ନଥିଲା ।

କିନ୍ତୁ ବିମର୍ଷକର କଥା ହେଲା, ସମ୍ପ୍ରତି ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବିବରଣୀ ଅନୁସାରେ ପୃଥିବୀରେ ଭାରତବର୍ଷ ହେଲା ଅନ୍ୟତମ ଦେଶ ଯେଉଁଠାରେ ସର୍ବାଧିକ ସଂଖ୍ୟକ ଯୁବକ ଆତ୍ମହତ୍ୟା କରୁଛନ୍ତି । ଦକ୍ଷିଣ-ପୂର୍ବ ଏସିଆରେ ଏ ଦୁର୍ଭାଗ୍ୟଜନକ ହିସାବରେ ଆମ ଦେଶର ସ୍ଥାନ ପ୍ରଥମ । ସମ୍ବାଦପତ୍ରରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ପରିବେଷିତ ହିସାବ ଅନୁସାରେ ''ପ୍ରତି ଘଣ୍ଟାରେ ଭାରତବର୍ଷରେ ଜଣେ ଛାତ୍ର ଆତ୍ମହତ୍ୟା କରୁଛି ।''

ଚିନ୍ତାବିତ୍‌ମାନେ ଏହାର ବହୁ କାରଣ ନିର୍ଣ୍ଣୟ କରୁଛନ୍ତି; ଯଥା : ଏକ ନିର୍ଦ୍ଦିଷ୍ଟ ଧାରାର ସୋସିଆଲ୍ ମିଡ଼ିଆର ଭୟଙ୍କର କୁପ୍ରଭାବ, ଆଜିର ଜୀବନଶୈଳୀ ସକାଶେ 'ଆବଶ୍ୟକ' (?) ଯେଉଁ ପରିମାଣ ଅର୍ଥ ତାହାର ଅଭାବ, ପାରିବାରିକ ଜୀବନରେ ଅସଂହତି, ପ୍ରତିଯୋଗିତାମୂଳକ ପରୀକ୍ଷା ସକାଶେ ମାନସିକ ଚାପ ଇତ୍ୟାଦି । ଜଣେ ସମୀକ୍ଷକ ଜଣାଇଛନ୍ତି ଆଜି ବେପାରୀ ମିଡ଼ିଆ ସବୁରେ ଏଭଳି ଭୁଲ୍ ପ୍ରେମମୂଳକ ଚିତ୍ରମାନ ପ୍ରଦର୍ଶିତ ହେଉଛି, ଅଳୀକ ପ୍ରେମରେ ବାତୁଳ ହୋଇ ଏବଂ ସେଥିରେ ବ୍ୟର୍ଥ ହୋଇ କେତେକ ସେଭଳି ଉଦ୍‌ଭ୍ରାନ୍ତ ପଦକ୍ଷେପ ନେଉଛନ୍ତି ।

ଏ ସମସ୍ତ ସିଦ୍ଧାନ୍ତରେ ସତ୍ୟତା ରହିଛି । କିନ୍ତୁ ପ୍ରଥମ ସତ୍ୟ ହେଲା, ଜୀବନର ଆଭିମୁଖ୍ୟ ସମ୍ପର୍କରେ ଧାରଣାର ଏକାନ୍ତ ଅଭାବ । ଜୀବନର ଲକ୍ଷ୍ୟହିଁ ଯେପରି ଅଧିକରୁ ଅଧିକ ଉପାର୍ଜନ ଓ ବୃତ୍ତିଗତ, ବ୍ୟାବସାୟିକ ବା ରାଜନୈତିକ ପ୍ରତିଯୋଗିତାରେ ସଫଳତା ଅଥବା ନିଜ ଅହଂ-ପ୍ରସୂତ ଦାବିର ପୂରଣ ।

ପ୍ରାଥମିକ ସ୍ତରରେ ହିଁ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ସଚେତ କରାଇଦେବା ଆବଶ୍ୟକ ଯେ ଜୀବନର ଲକ୍ଷ୍ୟ ନିଜକୁ ଜାଣିବା ଏବଂ ସ୍ରଷ୍ଟାଙ୍କୁ ଜାଣିବା । ସେହି ଜାଣିବାରେ ଯେଉଁ ତୃପ୍ତି ମିଳିବ, ବିତ୍ତ ବା ପଦ ବା କ୍ଷମତା ତାହା ଦେଇପାରିବ ନାହିଁ । ଆମର ଏକ ଆନ୍ତର ସତ୍ତା ରହିଛି । ନିରବତା, ଧ୍ୟାନ ଓ ପ୍ରାର୍ଥନା, ଉତ୍ତମ କର୍ମରେ ଅଂଶଗ୍ରହଣ – ଏସବୁ ପନ୍ଥାରେ ସେ ସତ୍ତାକୁ ଜାଣିବା ନିଶ୍ଚିତ ଭାବେ ସମ୍ଭବପର । ଥରେ ସେ ସତ୍ତା ଆମକୁ ପ୍ରଭାବିତ କଲେ ଆମେ ସାମାଜିକ କ୍ଷେତ୍ରରେ ସଫଳତା ଅସଫଳତାରେ ପ୍ରଭାବିତ ହେବା ନାହିଁ । ଦୃଷ୍ଟାନ୍ତ ଓ କାହାଣୀ ମାଧ୍ୟମରେ ଏ ଶିକ୍ଷା ଦିଆଯାଇ ପାରେ, ସେଥିପାଇଁ ଗତାନୁଗତିକ ପାଠ୍ୟପୁସ୍ତକ ଉପରେ ନିର୍ଭର କଲେ ଚଳିବ ନାହିଁ ।

ପ୍ରାଥମିକ ପର୍ଯ୍ୟାୟ ଅତିକ୍ରାନ୍ତ ହେବା ପରେ ଶିକ୍ଷକମାନେ ପ୍ରସଙ୍ଗକ୍ରମେ ଅନ୍ୟାନ୍ୟ ବିଷୟ ଭିତରେ ଆତ୍ମହତ୍ୟାର ବିଷମ ପରିଣତି ସମ୍ପର୍କରେ ମଧ୍ୟ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଇବା ବାଞ୍ଛନୀୟ । ପୂର୍ବରୁ ଏହି ସ୍ତମ୍ଭରେ ଏ ସମ୍ପର୍କରେ ଲେଖା ଯାଇଛି । ସମସ୍ୟାର ସାମ୍ପ୍ରତିକ ଗୁରୁତ୍ୱ ଦୃଷ୍ଟିରୁ ଏ ଲେଖକ ନିକଟ ଅତୀତରେ 'ସମାଜ'ର ଜଣେ ପାଠକଙ୍କ ପ୍ରଶ୍ନର ଉତ୍ତରରେ ଯାହା ଲେଖିଥିଲା, ତାହା ଉଦ୍ଧାର କରୁଛି :

*ପ୍ରଶ୍ନ : ଇଚ୍ଛା ମୃତ୍ୟୁ, ଅର୍ଥାତ୍ ଆତ୍ମହତ୍ୟା କ'ଣ ନିଷିଦ୍ଧ କର୍ମ ? ପରଜନ୍ମ ଉପରେ ଏହାର କି ପ୍ରକାର ପ୍ରଭାବ ପଡ଼ିବାର ସମ୍ଭାବନା ଥାଇପାରେ ?*

ଉତ୍ତର : ''ଇଚ୍ଛାମୃତ୍ୟୁ'' ଓ ''ଆତ୍ମହତ୍ୟା'' ଦୁଇ ଶବ୍ଦର ଆକ୍ଷରିକ ଅର୍ଥ ଏକ ହୋଇଥିଲେ ମଧ୍ୟ ଏ ଦୁଇଟି ପରସ୍ପର ପ୍ରତିଶବ୍ଦ ନୁହନ୍ତି । ଦୁଇର ବ୍ୟବହାରଗତ ତାତ୍ପର୍ଯ୍ୟ ଭିନ୍ନ । ପ୍ରଥମେ ଆତ୍ମହତ୍ୟା ଉପରେ ଆଲୋକପାତ କରାଯାଉ ।

ଆତ୍ମହତ୍ୟା ବର୍ଜନୀୟ ବୋଲି ଧର୍ମ, ପରମ୍ପରା ଏବଂ

କାନୁନ ବହୁ କାଳ ଧରି ମତ ବ୍ୟକ୍ତ କରିବା କଥା ଏବଂ ନିକଟ ଅତୀତ ପର୍ଯ୍ୟନ୍ତ ଆଇନ ଦୃଷ୍ଟିରୁ ତାହା ଦଣ୍ଡନୀୟ ରୂପେ ବିବେଚିତ ହେବା କଥା ପ୍ରାୟ ସମସ୍ତଙ୍କୁ ଜଣାଥିବ । ପରିବାର ସକାଶେ ତ ନିଶ୍ଚୟ, କିନ୍ତୁ ସମାଜ ଉପରେ ମଧ୍ୟ ଯେ କୌଣସି ଆତ୍ମହତ୍ୟାର ପ୍ରଭାବ ବିଷାଦମୟ ହୋଇଥାଏ । କିନ୍ତୁ ଆତ୍ମହତ୍ୟାକାରୀ ସ୍ୱୟଂ ଯଦି ସେ କର୍ମଟି କରି ସୁଖୀ ହେଉଥା'ନ୍ତା, ତେବେ ଏସବୁ ପ୍ରତିକ୍ରିୟା ସହ୍ୟ କରାଯାଇ ପାରନ୍ତା । କିନ୍ତୁ ବାସ୍ତବତା କ'ଣ ? ଆତ୍ମହତ୍ୟା ପରେ ବ୍ୟକ୍ତିଟିର, ଅର୍ଥାତ୍ ତା'ର ଚେତନାର ଅବସ୍ଥା କ'ଣ ହୁଏ ? ଏ ପ୍ରଶ୍ନର ନିର୍ଭରଯୋଗ୍ୟ ଉତ୍ତର କେବଳ ମାତ୍ର ନିର୍ଭରଯୋଗ୍ୟ ଆଧ୍ୟାତ୍ମିକ ପ୍ରାଜ୍ଞମାନଙ୍କଠାରୁ ଆଶା କରାଯାଇ ପାରେ । ସେଭଳି ଉତ୍ତର ଉପସ୍ଥାପନ କରିବା ପୂର୍ବରୁ ଆମେ ଏ ଦିଗରେ ସମ୍ପ୍ରତି ଦୀର୍ଘ ତଥା ପ୍ରଶଂସାଯୋଗ୍ୟ ମନୋବୈଜ୍ଞାନିକ ଗବେଷଣା କରିଥିବା ଜଣେ ଧୀମାନ୍‌ଙ୍କ ସିଦ୍ଧାନ୍ତ ଉପରେ ଧ୍ୟାନ ଦେବା । ଧୀମାନ୍‌ଙ୍କ ନାମ ବର୍ତ୍ତମାନ ଜିଜ୍ଞାସୁ ଜଗତରେ ମୋଟାମୋଟି ସୁପରିଚିତ; ଡାକ୍ତର ରେମଣ୍ଡ୍ ମୁଡ଼ି (Raymond Moody); ତାଙ୍କ ବହୁ ପ୍ରସାରିତ ବହିଟିର ନାମ ''ଜୀବନ ପରବର୍ତ୍ତୀ ଜୀବନ'' (Life after life) ।

ସେ ତାଙ୍କ ଗବେଷଣା ନିମନ୍ତେ ବାଛିଥିଲେ ଗୋଟିଏ ଅଭିନବ ବିଷୟ; କେବେ କେବେ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ମୃତ (clinically dead) ବିବେଚିତ ବ୍ୟକ୍ତିଟିଏ ଅଚାନକେ ଚେଇଁ ଉଠେ । ଉପରୋକ୍ତ ଧୀମାନ୍ ସେହିମାନଙ୍କୁ ଭେଟି ମୃତ୍ୟୁ ଏବଂ ସେ ପର୍ଯ୍ୟାୟରୁ ଅପ୍ରତ୍ୟାଶିତ ଭାବେ କଳେବର ଭିତରକୁ ପ୍ରତ୍ୟାବର୍ତ୍ତନର ମଧ୍ୟବର୍ତ୍ତୀ ସମୟ ଭିତରେ ସେମାନଙ୍କର ଯେଉଁ ଅଭିଜ୍ଞତା ହୋଇଛି, ତାହା ଲିପିବଦ୍ଧ କରିଛନ୍ତି । କେବଳ ଗୋଟାଏ ଶ୍ରେଣୀର ପ୍ରତ୍ୟାଗତଙ୍କୁ ଛାଡ଼ି ଆଉ ସମସ୍ତଙ୍କ ଅଭିଜ୍ଞତା ଚମତ୍କାର । ଯେଉଁ ଶ୍ରେଣୀର ପ୍ରତ୍ୟାଗତମାନଙ୍କ ଅଭିଜ୍ଞତା ବିଭୀଷିକାପୂର୍ଣ୍ଣ, ସେମାନେ ଆତ୍ମହତ୍ୟା କରିଥିଲେ – ଅର୍ଥାତ୍ ସେ ଉଦ୍ୟମରେ ସଫଳ ହୋଇ ମଧ୍ୟ କୌଣସି ଅଜ୍ଞାତ କାରଣରୁ ଦେହ ଭିତରେ ପୁନଃପ୍ରବିଷ୍ଟ ହୋଇଥିଲେ । ତେଣୁ ଆତ୍ମହତ୍ୟା ଖାଲି ସାମାଜିକ ବା ଆଧ୍ୟାତ୍ମିକ ଦୃଷ୍ଟିରୁ ବର୍ଜନୀୟ ନୁହେଁ, ଆତ୍ମହତ୍ୟା ପାଇଁ ପ୍ରବେଗର ଶିକାର ବନିଥିବା ବ୍ୟକ୍ତି ଆପଣା ସ୍ୱାର୍ଥ ଦୃଷ୍ଟିରୁ ସେଭଳି କର୍ମରୁ ନିବୃତ୍ତ ରହିବା ନିମନ୍ତେ ଏହା ଏକ ଚେତାବନୀ ।

ଯେଉଁମାନେ ସ୍ୱାଭାବିକ କାରଣରୁ ମୃତ୍ୟୁବରଣ କରି ପୁଣି ଜୀବନ୍ୟାସ ପାଇଥିଲେ, ସେମାନଙ୍କ ଅଭିଜ୍ଞତା ତାତ୍ପର୍ଯ୍ୟପୂର୍ଣ୍ଣ । ଏପରିକି ମୃତ ବୋଲି ଘୋଷିତ ଜଣେ ଡାକ୍ତର ପୁନଃଜୀବିତ ହେବା ମାତ୍ରେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ବନ୍ଧୁ ଡାକ୍ତର ଜଣକ ଉପରେ ଭାରି ଖପା ହେଲେ, କାରଣ ମୃତ୍ୟୁ ଅନ୍ତେ ସେ ଯେଉଁ ପ୍ରଶାନ୍ତ ଅବସ୍ଥାରେ ଥିଲେ, ସେଥିରୁ ବଞ୍ଚିତ ହୋଇ ସେ ବଡ଼ ମ୍ରିୟମାଣ ! ତାଙ୍କ ଅପ୍ରତ୍ୟାଶିତ ଜୀବନ୍ୟାସ ଯେ ବନ୍ଧୁ ଡାକ୍ତରଙ୍କ କୃତିତ୍ୱ ନୁହେଁ; ବନ୍ଧୁ ଡାକ୍ତର ନିଜେ ହତବାକ୍, ଏକଥା ବୁଝିବାକୁ ତାଙ୍କୁ ସମୟ ଲାଗିଲା । ଏ ପ୍ରସଙ୍ଗ ଆମେ ପଢ଼ିବାକୁ ପାଉ ଡାକ୍ତର ମୁଡ଼ିଙ୍କର ଦ୍ୱିତୀୟ ବହି ''ପାରାନ୍ତରର ଆଲୋକ'' (The Light Beyond) ବହିରେ ।

ବର୍ତ୍ତମାନ ଆଧ୍ୟାତ୍ମିକ ପ୍ରଜ୍ଞାର ଆଲୋକରେ ଆତ୍ମହତ୍ୟାର ପରିଣତି ଉପରେ ଦୃଷ୍ଟିପାତ କରିବା ।

କେହି ଜଣେ ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିବା କଥା ଜଣେ ପତ୍ରପ୍ରେରକ ଶ୍ରୀଅରବିନ୍ଦଙ୍କୁ ଜଣାନ୍ତେ ସେ ଉତ୍ତରରେ ଲେଖିଥିଲେ :

''ଆତ୍ମହତ୍ୟା ଗୋଟାଏ ଉଦ୍ଭଟ ସମାଧାନ : ତାହା ଦ୍ୱାରା ତାକୁ ଶାନ୍ତି ମିଳିବ ବୋଲି ତା'ର ଯେଉଁ ଧାରଣା, ତାହା ସମ୍ପୂର୍ଣ୍ଣ ଭୁଲ୍ । ଯେ ନିଜ ସହ ନିଜ ସମସ୍ୟାସବୁକୁ ପରପାରିର ଆହୁରି ଅଧିକ ଦୟନୀୟ ପରିସ୍ଥିତି ଭିତରକୁ ନେଇଯିବ ଏବଂ ପୃଥିବୀରେ ନିଜର ପରବର୍ତ୍ତୀ ଜୀବନ ଭିତରକୁ ସେସବୁ ସମସ୍ୟାକୁ ଫେରାଇ ଆଣିବା ହିଁ ସାର ହେବ । ଏଭଳି ବିକୃତ ଚିନ୍ତାକୁ ଝାଡ଼ି ଫୋପାଡ଼ି ଦେଇ ଶାନ୍ତ ଓ ସକ୍ରିୟ ସାହସ ସହକାରେ କୌଣସି ନିର୍ଦ୍ଦିଷ୍ଟ କର୍ମ ସାଧନକୁ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କରି ଜୀବନକୁ ସାମନା କରିବା ହିଁ ଏକମାତ୍ର ସମାଧାନ ।''

ଅନ୍ୟ ଏକ ପତ୍ରରେ ଶ୍ରୀଅରବିନ୍ଦ ଲେଖି ଯାଇଛନ୍ତି, ''ଜଣେ ଯଦି ଇଚ୍ଛା କରି ଦେହକୁ ଫୋପାଡ଼ି ଦିଏ, ସେ ଅନ୍ୟ ଜଗତରେ ବହୁତ କଷ୍ଟ ପାଏ ଏବଂ ଯେତେବେଳେ ସେ ପୁନର୍ବାର ଜନ୍ମ ନିଏ ସେତେବେଳେ ସେ ନିଏ ଆହୁରି ଖରାପ ପରିସ୍ଥିତିରେ, ଭଲ ପରିସ୍ଥିତିରେ ନୁହେଁ ।''

ଏକାଧିକ ପ୍ରଶ୍ନର ଉତ୍ତରରେ ଶ୍ରୀମା ମଧ୍ୟ ବୁଝାଇଛନ୍ତି ଯେ ଆମ ଚୈତ୍ୟସତ୍ତା (ଆତ୍ମା ବୋଲି ବୁଝନ୍ତୁ) ଏ ଜୀବନରେ କେତେକ ଅଭିଜ୍ଞତା ଅର୍ଜନର ଲକ୍ଷ୍ୟ ନେଇ ମୂର୍ତ୍ତ ହୋଇଥାଏ – ଏ କଳେବର ଗ୍ରହଣ କରିଥାଏ । ''ସେତକ ସମାଧା ହେବା ପୂର୍ବରୁ ଯଦି ତୁମେ ଚାଲିଯାଅ ତେବେ ତୁମକୁ ପ୍ରତ୍ୟାବର୍ତ୍ତନ କରି ସେତକ ସମାଧା କରିବାକୁ ହିଁ ପଡ଼ିବ – ବହୁ ଅଧିକ ଅସୁବିଧାଜନକ ପରିସ୍ଥିତି ଭିତରେ । ଅର୍ଥାତ୍ ଗୋଟାଏ

ଜୀବନରେ ତୁମେ ଯେତେ ଯାହା ଏଡ଼ାଇ ଯାଉଛ, ସେସବୁ ତୁମେ ସାମନା କରିବ ପର ଜୀବନରେ; ସେସବୁ ହେବ ଆହୁରି କଷ୍ଟସାଧ ।

ବର୍ତ୍ତମାନ ଇଚ୍ଛାମୃତ୍ୟୁ ପ୍ରସଙ୍ଗକୁ ଆସିବା । ଯଥାସମ୍ଭବ ସଂକ୍ଷେପରେ : ଜଣେ ଯୋଗୀ ବା ଋଷି ବା ଆଧ୍ୟାତ୍ମିକତା-ସମର୍ପିତ ଜଣେ ସାଧକଙ୍କ ଉପରୁ ପ୍ରକୃତି ତା'ର ଆଧିପତ୍ୟ ପ୍ରତ୍ୟାହାର କରି ନେଇଥାଏ; ଅର୍ଥାତ୍ ମାମୁଲି ଜୀବନଯାପନ କରିଥିଲେ ପ୍ରକୃତିର ବିଧାନ ଅନୁସାରେ ତାଙ୍କ ମୃତ୍ୟୁ ଯେବେ ଅବଧାରିତ ହୋଇଥାଏ, ତାଙ୍କ ତପସ୍ୟା ବା ସାଧନା ବଳରେ ନିଜ ମାମୁଲି କର୍ମଫଳ ବଳେ ବଳେ ଅପ୍ରାସଙ୍ଗିକ ହୋଇଯିବା ଫଳରେ ସେ ଭବିତବ୍ୟ ବାତିଲ ହୋଇଯାଇ ଥାଏ । ତାହା ବୋଲି ସେ ଅବଶ୍ୟ ଅମର ହୋଇଯିବେ ନାହିଁ— ଏ ସ୍ଥୂଳ କଳେବରର ଦିବ୍ୟ-ରୂପାନ୍ତର ନହେବା ପର୍ଯ୍ୟନ୍ତ ଅମରତା ସମ୍ଭବପର ନୁହେଁ— କିନ୍ତୁ ନିଜ ମହାପ୍ରସ୍ଥାନ ମୁହୂର୍ତ୍ତ ନିର୍ଣ୍ଣୟ କରିବାର ଅଧିକାର ବଳେ ବଳେ ତାଙ୍କୁ ମିଳିଥାଏ । ସେ ସ୍ୱୟଂ ମୁହୂର୍ତ୍ତ ନିରୂପଣ କରି ପ୍ରାୟତଃ ଧ୍ୟାନସ୍ଥ ଅବସ୍ଥାରେ ଦେହତ୍ୟାଗ କରନ୍ତି । କେହି କେହି ପ୍ରସ୍ତୁତି ଭାବରେ ଆହାର ତ୍ୟାଗ କରନ୍ତି । ସେ ଶୃଙ୍ଖଳାକୁ ପ୍ରାୟୋପବେଶନ କୁହାଯାଏ ।

— **ମନୋଜ ଦାସ**

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Monthly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Madhusudan Mishra |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2020* *Signature of Publisher*

**Vol. LI, No. 3** **R.N.I. No. 18163/70.**
Navaprakash (Monthly), March, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

## ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**